ମାଟିର ନନ୍ଦିନୀ

ଆଶିଷ ରଂଜନ ମହାପାତ୍ର

Digitized by PPRACHIN, SOA

ମାଟିର ନନ୍ଦିନୀ

ଆଶିଷ ରଂଜନ ମହାପାତ୍ର

ପ୍ରେଷ୍ଟିଜ୍ ପବ୍ଲିଶର୍ସ
ପୁସ୍ତକ ପ୍ରକାଶକ ଓ ବିକ୍ରେତା
ବିନୋଦବିହାରୀ, କଟକ-୨

Digitized by PPRACHIN, SOA

ମାଟିର ନନ୍ଦିନୀ – ଲେଖକ : ଆଶିଷ ରଂଜନ ମହାପାତ୍ର, ପ୍ରକାଶକ : ସହଦେବ ପ୍ରଧାନ, ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ-୭୫୩୦୦୨, ପ୍ରଚ୍ଛଦପଟ : ଅସିତ ମୁଖାର୍ଜୀ, ଡି.ଟି.ପି.: ଅରୋଶ୍ରୀ, ଭୁବନେଶ୍ୱର, ମୁଦ୍ରଣ : ରୟାଲ ହାଫ୍‌ଟୋନ୍ କୋ., କଟକ ।

MATIRA NANDINI – Author : Ashis Ranjan Mohapatra, Publisher : Sahadev Pradhan, Friends' Publishers, Binodbehari, Cuttack-753002, Orissa (India), Cover Design : Asit Mukherjee, D.T.P. by : Auro-shree, Bhubaneswar, Printer : Royal Halftone Co., Cuttack.

First Edition : 1999

Price : **Rs. 55**

ISBN 81-7401-282-6

Digitized by PPRACHIN, SOA

ଶ୍ରଦ୍ଧେୟା ରୁଚ଼ିନା ଓ ପୂଜା,

ତୁମରି ପରି ଓଡ଼ିଶାର ଅଗଣିତ କୁନି କୁନି ଝିଅମାନଙ୍କ ହାତରେ ଟେକି ଦେଉଛି ମୋ' ଦୀର୍ଘ ସାଧନାର କେଇପଦ ଛାପା କଥାକୁ । ପ୍ରତିଭାର ଏହି ସାମାନ୍ୟ ପରିଚୟ ତୁମମାନଙ୍କ ଚରିତ୍ର ଗଠନରେ ଚରମ ସଫଳତା ଆଣିଦେଉ । ସମୟର ଉତ୍ତରକୁ ଅପେକ୍ଷା କରି ରହିଲି ।

..... *ବାପା*

Digitized by PPRACHIN, SOA

ମାଟିର ନନ୍ଦିନୀ

ମାଟିର ନନ୍ଦିନୀ

Digitized by PPRACHIN, SOA

ପଦେ.......

ଜଣେ ବ୍ୟକ୍ତିର ସାମଗ୍ରିକ ଜୀବନକୁ ଅଧ୍ୟୟନ କରି ପୁସ୍ତକଟିଏ ଲେଖିବା ଯେ କି କଷ୍ଟସାଧ ବ୍ୟାପାର ତାହା ସ୍ୱୟଂ ଲେଖକ ହିଁ ଅନୁଭବ କରିପାରିବ । ଏଥିରେ କେବଳ ବହୁମୂଲ୍ୟ ସମୟ ନଷ୍ଟହୁଏ ନାହିଁ, ଅର୍ଥ ବ୍ୟୟ ଓ ଶାରୀରିକ ପରିଶ୍ରମ ପରି ଅନେକ କ୍ଷେତ୍ର ପ୍ରତି ମଧ୍ୟ ସମାନ ଦୃଷ୍ଟି ଦିଆଯାଇଥାଏ । ନ ହେଲେ କାର୍ଯ୍ୟଟି ସୁଚାରୁ ରୂପେ ସଂପାଦିତ ହୋଇପାରେ ନାହିଁ । ଏ ସବୁ ଦୃଷ୍ଟିରୁ ଚିନ୍ତାକଲେ ନନ୍ଦିନୀ ଦେବୀଙ୍କ ଜୀବନ ଉପରେ ପୁସ୍ତକଟିଏ ଲେଖିବା ମୋ' ପରି ଜଣେ ଅର୍ବାଚୀନ ଲେଖକ ପାଇଁ ନିଶ୍ଚୟ ଏକ କଠିନ ଏବଂ ଦୂରୁହ କାର୍ଯ୍ୟଥିଲା । ତାଙ୍କ ସହ ମୋର ଦୀର୍ଘଦିନର ସମ୍ପର୍କ ଥିବାରୁ ଅନେକ ସମୟରେ ମୋର ବହୁ ବଂଧୁ ଏବଂ ଶୁଭେଚ୍ଛୁ ମୋତେ ଅନୁରୋଧ କରିଥିଲେ ତାଙ୍କ ଜୀବନକୁ ନେଇ ପୁସ୍ତକଟିଏ ଲେଖିବା ପାଇଁ । ତା'ଛଡ଼ା ନନ୍ଦିନୀ ଦେବୀଙ୍କ ପରି ଜଣେ ବହୁଗୁଣ ସମ୍ପନ୍ନା ବ୍ୟକ୍ତିଙ୍କ ଜୀବନର ଅନେକ ଘଟଣା ବିଷୟରେ ଓଡ଼ିଶାର ଜନସାଧାରଣ ଆଜିଯାଏ ଜାଣିବାର ଅବକାଶ ପାଇନାହାନ୍ତି । ତେଣୁ ଓଡ଼ିଶାର ଜନସାଧାରଣ, ବିଶେଷ କରି ନାରୀ ସମାଜ ଏବଂ ଆଗାମୀ ପୀଢ଼ିର କୁନି କୁନି ଝିଅମାନଙ୍କୁ ଏହିପରି ଏକ ପୁସ୍ତକ ଭବିଷ୍ୟତରେ ଯେ ଉପଯୁକ୍ତ ଭାବେ ଗଢ଼ି ତୋଳିବା ପାଇଁ ବହୁ ପ୍ରେରଣା ଯୋଗାଇବ, ଏ କଥାଟିର ଗୁରୁତ୍ୱ ମୁଁ ଉପଲବ୍ଧି କରିପାରିଥିଲି । ବନ୍ଧୁମାନଙ୍କ ଅନୁରୋଧ ଏବଂ ମୋ' ଅନ୍ତରର ଉପଲବଧିକୁ ମୁଁ ସହଜରେ ଏଡ଼ାଇ ଦେଇ ପାରିନଥିଲି, କିନ୍ତୁ ନନ୍ଦିନୀ ଦେବୀଙ୍କ ପରି ଜଣେ ବହୁଚର୍ଚ୍ଚିତା ବ୍ୟକ୍ତି ଯାହାଙ୍କୁ କି ଲୋକମାନେ ଓଡ଼ିଶାର ଆଇରନ୍ ଲେଡ଼ି ବୋଲି କହନ୍ତି ସେଭଳି ଜଣେ ବ୍ୟକ୍ତିଙ୍କ ଜୀବନୀ ଲେଖିବା ପାଇଁ ନିଜ ଭିତରେ ଯେତିକି ମନୋବଳ ଓ ଉତ୍ସାହ ରହିବା କଥା, ତାହା ସେତେବେଳେ ମୋ' ନିକଟରେ ହୁଏତ ନଥିଲା । କାଳକ୍ରମେ ମୁଁ ମୋ' ଭିତରେ ସେହି ଶକ୍ତି ଟିକକ ସଂଚୟ କରି ତାଙ୍କ ସହିତ ବିଭିନ୍ନ ସମୟରେ ଆଲୋଚନା ମାଧ୍ୟମରେ ତଥା ଅନ୍ୟାନ୍ୟ ସୂତ୍ରରୁ ଆବଶ୍ୟକୀୟ ତଥ୍ୟ ସଂଗ୍ରହ କଲାପରେ ଏ ଗୁରୁଦାୟିତ୍ୱ ତୁଲାଇବା ପାଇଁ ଅନ୍ତତଃ ସାମାନ୍ୟ ମାତ୍ର ସାହସ କରିଛି । ମୁଁ ଜାଣେ ସ୍ଥାନ, କାଳ, ପାତ୍ରର ବର୍ଣ୍ଣନା ସମୟରେ ମୋ' ଲେଖନୀ ହୁଏତ ଅନେକ ସ୍ଥାନରେ ମୋ' ଚେତନାର ପଘାରେ ରହିନଥିବ । ସେଥିପାଇଁ ଏ ପୁସ୍ତକର ପାଠକ ପାଠିକା ମାନେ ସେମାନଙ୍କ ଗୁଣରେ ମୋତେ କ୍ଷମା କରିବେ ବୋଲି ମୋର ଆଶା ଓ ବିଶ୍ୱାସ । ଯଦି କେଉଁଠି କିଛି ତଥ୍ୟଗତ ତ୍ରୁଟି ରହିଯାଇଥିବ, ତେବେ ପାଠକେ ଦୃଷ୍ଟିଆକର୍ଷଣ କଲେ ତାହାକୁ ପରବର୍ତ୍ତୀ ସଂସ୍କରଣରେ ଯଥା ସମ୍ଭବ ସଂଶୋଧନ ନିମନ୍ତେ ଯତ୍‌ପରୋନାସ୍ତି ଚେଷ୍ଟାକରିବି । ନନ୍ଦିନୀ ଦେବୀଙ୍କ ସାମଗ୍ରିକ ଜୀବନର ମୂଲ୍ୟାୟନ ସୀମିତ ପୃଷ୍ଠା ମଧ୍ୟରେ କରିବା ସତରେ ଅସମ୍ଭବ । ଏକ ମହାସମୁଦ୍ରରୁ ଅଣୁଟିଏ ଯାହା କେବଳ ମୁଁ ସଂଗ୍ରହ କରିପାରିଛି । ଏଣୁ ଏହାକୁ ପାଠକେ ଆରମ୍ଭ ବୋଲି ଧରିବେ । ଏହା ପରେ ତାଙ୍କ ଜୀବନ ଓ ବ୍ୟକ୍ତିତ୍ୱର ଅନ୍ୟାନ୍ୟ ଦିଗ ସଂପର୍କରେ ଆହୁରି ଅଧିକ ଲେଖିବା ପାଇଁ ମୁଁ ପ୍ରତିଶ୍ରୁତିବଦ୍ଧ ।

Digitized by PPRACHIN, SOA

ଏହି ଜୀବନୀକୁ ଲେଖିବା ସମୟରେ ଅନ୍ୟ ଏକ ଛୋଟିଆ ଅଭିଜ୍ଞତାକୁ ମୁଁ ପାଶୋରି ଯାଇ ପାରୁନାହିଁ । ଯେଉଁଦିନ ଅତ୍ୟଧିକ କ୍ଳାନ୍ତ ଅନୁଭବ କରି ମୁଁ ଶୋଇଯାଏ, ମୋର ଅଢ଼େଇବର୍ଷର କୁନିଝିଅ ପୂଜା ଗଭୀର ରାତ୍ରିରେ ଉଠିପଡ଼ି ମୁଁ ଶୋଇଥିବା ଦେଖି ସମସ୍ତଙ୍କ ଅଲକ୍ଷ୍ୟରେ ଟେବୁଲ ଉପରୁ ଏକ ନିର୍ଦ୍ଦିଷ୍ଟ ଡାଏରୀ ଏବଂ କଲମଟିଏ ଆଣି ମୋତେ ନିଦରୁ ଉଠେଇ ମୋ' ହାତରେ ଧରାଇ ଦିଏ । ତାର ଜିଦ୍ ପାଖରେ ହାର ମାନି ମୁଁ ଆଉକିଛି ଲେଖିବାକୁ ବାଧ ହୁଏ । ମୋ' ଲେଖିବା ଟେବୁଲ୍ ପାଖେ ବସି ବସି ସେ କେତେବେଳେ ଶୋଇପଡ଼େ । ସାନ ପିଲାଟିଏ ହେଲେ ବି ତା'ଠାରୁ ଯେଉଁ ପରୋକ୍ଷ ପ୍ରେରଣା ପାଇଛି, ତାହା ମୁଁ କଦାପି ଭୁଲିପାରିବି ନାହିଁ । କିନ୍ତୁ ବହିଟି ଛପାଇବା ପାଇଁ ଫ୍ରେଣ୍ଡସ୍ ପବ୍ଲିଶର୍ସର ସ୍ୱତ୍ୱାଧିକାରୀ ଶ୍ରୀଯୁକ୍ତ ସହଦେବ ପ୍ରଧାନ ଅନୁମତି ଦେବାପରେ ମୁଁ ଯେଉଁ ଖୁସି ଅନୁଭବ କରିଥିଲି, ତା' ତୁଳନାରେ ମୋର ସମସ୍ତ କଷ୍ଟ ଭୁଲିଯାଇଥିଲି ।

ଏ ପୁସ୍ତକଟିକୁ ସାକାର ରୂପ ଦେବା କ୍ଷେତ୍ରରେ ଯେଉଁମାନେ ମୋତେ ସର୍ବାଦୌ ସାହାଯ୍ୟ ଓ ପ୍ରେରଣା ଦେଇଛନ୍ତି, ସେମାନଙ୍କ ମଧ୍ୟରୁ ବଡ଼ଭାଇସମ ଶ୍ରୀଯୁକ୍ତ ନିଶୀଥ ବୋଷ, ବୈକୁଣ୍ଠବାବୁ, ବନ୍ଧୁ ଶ୍ରୀକୁମାର, ଜୟରାମ ସାହୁ ଏବଂ ଅମୁଲ୍ୟ ବାବୁ ଅନ୍ୟତମ । ମୁଁ ସେମାନଙ୍କ ନିକଟରେ ଚିରଋଣୀ । ଆଉ ଯାହାଙ୍କ କଥା ନ କହିଲେ କିଛି ଭୁଲ ହେଇଯିବାପରି ଲାଗିବ, ସେ ହେଉଛନ୍ତି ମୋର ସ୍ତ୍ରୀ ସୁପ୍ରଭା । ତାଙ୍କର ପ୍ରେରଣା ଏବଂ ପ୍ରତ୍ୟକ୍ଷ ସହଯୋଗ ପାଇଁ ମୁଁ ଚିରକୃତଜ୍ଞ ।

ଶେଷରେ କଟକର ଫ୍ରେଣ୍ଡସ୍ ପବ୍ଲିଶର୍ସ ଏତେ କମ୍ ସମୟ ମଧ୍ୟରେ ଏହି ପୁସ୍ତକଟି ପ୍ରକାଶ କରିବା ନିମନ୍ତେ ଆଗ୍ରହ ପ୍ରକାଶ କରି ଦାୟିତ୍ୱ ନେଇଥିବାରୁ ତାଙ୍କୁ କୃତଜ୍ଞତା ନଜଣାଇ ରହିପାରୁ ନାହିଁ ।

ଆଶିଷ ରଂଜନ ମହାପାତ୍ର

ସା : ମଧୁସୂଦନପୁର ଶାସନ
ପୋ : ତେନ୍ତୁଳିଗୁଆଁ
ଭାୟା : ବ୍ରହ୍ମକୁଣ୍ଡି, ଜି : ପୁରୀ
ପିନ୍ - ୭୫୨ ୧୧୩

Digitized by PPRACHIN, SOA

କେନ୍ଦ୍ର ମନ୍ତ୍ରୀ ସମୟରେ ନନ୍ଦିନୀ ଦେବୀ ।

Digitized by PPRACHIN, SOA

ମହାବଳ ବାଘ ଖଇରୀ ରାଣୀ ସହ ଏକ ଅନ୍ତରଙ୍ଗ ମୁହୂର୍ତ୍ତରେ ନନ୍ଦିନୀ ଦେବୀ ।

Digitized by PPRACHIN, SOA

ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ସହିତ
ମିନିଷ୍ଟର ଆଟାଚ୍ ଟୁ ପ୍ରାଇମ୍ ମିନିଷ୍ଟର ଭାବେ ଶ୍ରୀମତୀ ନନ୍ଦିନୀ ଶତପଥୀ
ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ସମ୍ପର୍କରେ ଆଲୋଚନାରତ ।

ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହରୁଙ୍କ ସହିତ ରାଜ୍ୟସଭା
ସଦସ୍ୟା ଶ୍ରୀମତୀ ନନ୍ଦିନୀ ଶତପଥୀ, ସାନପୁଅ ତଥାଗତ, ବଡ଼ପୁଅ ନଚିକେତା ଏବଂ
ସ୍ୱାମୀ ଦେବେନ୍ଦ୍ର ଶତପଥୀ ତିନିମୂର୍ତ୍ତୀ ଭବନରେ ।

Digitized by PPRACHIN, SOA

ଭାରତର ତତ୍କାଳୀନ ରାଷ୍ଟ୍ରପତି ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ ଏବଂ
ନିଲମ ସଞ୍ଜିବ ରେଡିଙ୍କ ସହିତ ନନ୍ଦିନୀ ଦେବୀ ।

ତତ୍କାଳୀନ ରାଷ୍ଟ୍ରପତି ଭି.ଭି. ଗିରି ଏବଂ ତାଙ୍କ ପତ୍ନୀ ଶ୍ରୀମତୀ ଗିରିଙ୍କ ସହିତ ନନ୍ଦିନୀ ଶତପଥୀ

Digitized by PPRACHIN, SOA

ଶ୍ରୀମାଙ୍କ ସହିତ ନନ୍ଦିନୀ ଦେବୀ ।

ଶ୍ରୀମାଙ୍କ ସହିତ କେନ୍ଦ୍ରମନ୍ତ୍ରୀ ନନ୍ଦିନୀ ଶତପଥୀ
ଏବଂ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ।

Digitized by PPRACHIN, SOA

ଓଡ଼ିଶାର ରାଜ୍ୟପାଳ ଶ୍ରୀଯୁକ୍ତ ବି.ଡି. ଜତି (ଡାହାଣ) ନନ୍ଦିନୀ ଦେବୀ (ବାମ)ଙ୍କୁ
୧୯୭୪ ମସିହା ମାର୍ଚ୍ଚ ମାସ ୬ ତାରିଖ ଦିନ ଦ୍ୱିତୀୟଥର ପାଇଁ
ଓଡ଼ିଶାର ମୁଖ୍ୟମନ୍ତ୍ରୀ ରୂପେ ଶପଥପାଠ କରାଉଛନ୍ତି ।

ମୁଖ୍ୟମନ୍ତ୍ରୀ ହେବାପରେ ଓଡ଼ିଶା ଜନସାଧାରଣଙ୍କ
ଦ୍ୱାରା ପୁଷ୍ପମୁକୁଟରେ ବିଭୂଷିତା ନନ୍ଦିନୀ ଦେବୀ ।

Digitized by PPRACHIN, SOA

'ସ୍ୱପ୍ନପୁରୀ' ଏହି ଘରେ ନନ୍ଦିନୀ ଦେବୀ ତାଙ୍କ ପିଲାଦିନ
ଏବଂ ସଂଗ୍ରାମୀ ଦିନ ଅତିବାହିତ କରିଛନ୍ତି ।

ବାମରୁ ଦ୍ୱିତୀୟ ପିତା କାଳିନ୍ଦୀ ଚରଣ ପାଣିଗ୍ରାହୀ ମାତା ରତ୍ନମଣି ଦେବୀଙ୍କ ସହିତ ନନ୍ଦିନୀ ଦେବୀ । ଡାହାଣ ପଟେ ବସିଛନ୍ତି ଭାଇ ତୁଷାର ପାଣିଗ୍ରାହୀ । ନନ୍ଦିନୀ ଦେବୀଙ୍କ ବଡ଼ପୁଅ ନଚିକେତା ଶତପଥୀ ଏବଂ ତାଙ୍କର ପତ୍ନୀ ପଛରେ ଛିଡ଼ା ହୋଇଛନ୍ତି ।

Digitized by PPRACHIN, SOA

ଭାରତର ତତ୍କାଳୀନ ରାଷ୍ଟ୍ରପତି ଶ୍ରୀଯୁକ୍ତ ଭି.ଭି. ଗିରି (ଡାହାଣ)ଙ୍କୁ କେନ୍ଦ୍ରମନ୍ତ୍ରୀ
ନନ୍ଦିନୀ ଦେବୀ ପିଲାମାନଙ୍କ ପାଇଁ ନେହରୁଙ୍କ ଉପରେ ପ୍ରସ୍ତୁତ ଏକ ଫଟୋ ସମ୍ବଳିତ
ଜୀବନୀ ପୁସ୍ତକର ପ୍ରଥମ ଖଣ୍ଡକୁ ରାଷ୍ଟ୍ରପତି ଭବନରେ ଅର୍ପଣ କରୁଛନ୍ତି ।

ଭାରତର ତତ୍କାଳୀନ ରାଷ୍ଟ୍ରପତି ଜାକିର ହୁସେନ୍‌ଙ୍କୁ ନନ୍ଦିନୀ ଦେବୀ
ଏକ ପୁସ୍ତକ ଉପହାର ପ୍ରଦାନ କରୁଛନ୍ତି ।

Digitized by PPRACHIN, SOA

ଜ୍ଞାନପୀଠ ପୁରସ୍କାର ଏବଂ ମାଗାସେସ ପୁରସ୍କାର ବିଜୟିନୀ ବଙ୍ଗଳାର ପ୍ରଖ୍ୟାତ
ସାହିତ୍ୟିକା ମହାଶ୍ୱେତା ଦେବୀଙ୍କ ସହିତ ଏକ ଅନ୍ତରଙ୍ଗ ମୁହୂର୍ତ୍ତରେ ନନ୍ଦିନୀ ଦେବୀ ।

ବଙ୍ଗଳାର ବିଶିଷ୍ଟ ସାହିତ୍ୟିକ ତଥା ବାପାଙ୍କର ବନ୍ଧୁ ଅନ୍ନଦା ଶଙ୍କର ରାୟଙ୍କ ସହିତ
ନନ୍ଦିନୀ ଶତପଥୀଙ୍କ ଅନ୍ତରଙ୍ଗ ଆଳାପ ।

Digitized by PPRACHIN, SOA

ଚିନ୍ତାମଗ୍ନ ଇନ୍ଦିରା ଗାନ୍ଧୀଙ୍କୁ ନନ୍ଦିନୀ ଦେବୀଙ୍କ ପରାମର୍ଶ ।

ଉମାଶଙ୍କର ଦିକ୍ଷୀତଙ୍କ ସହିତ ନନ୍ଦିନୀ ଦେବୀ ।

Digitized by PPRACHIN, SOA

ଏକ ସର୍ବସାଧାରଣ ସଭାରେ
ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଭାଷଣ ପ୍ରଦାନ ।

କେ.କେ. ସାହା (ଡାହାଣ) ଏବଂ ମୋରାର୍ଜୀ ଦେଶାଇ ବସିଥିବା
ଏକ ସଭାରେ ନନ୍ଦିନୀ ଶତପଥୀ ଭାଷଣ ଦେଉଛନ୍ତି ।

Digitized by PPRACHIN, SOA

୧୯୬୭ ମସିହାରେ ନନ୍ଦିନୀ ଦେବୀ
ମୋରାଜୀ ଦେଶାଇଙ୍କ ସହିତ ବିମାନବନ୍ଦରରେ ।

ବିଶିଷ୍ଟ ଫିଲ୍ମ ନିର୍ଦ୍ଦେଶକ ରାମାନନ୍ଦ ସାଗରଙ୍କ ସହିତ ନନ୍ଦିନୀ ଶତପଥୀ ।

Digitized by PPRACHIN, SOA

ଈଶ୍ୱରଙ୍କ ଅନନ୍ୟ ଆଶୀର୍ବାଦ : ନନ୍ଦିନୀ

ପୁରୀ ଜିଲ୍ଲାର ବ୍ରହ୍ମଗିରି ଅଞ୍ଚଳରେ ପାଣ୍ଡବ ପାଞ୍ଚଭାଇଙ୍କ ନାମରେ ନାମିତ ପାଞ୍ଚୋଟି ଭିନ୍ନ ଭିନ୍ନ ମନ୍ଦିର ବିଦ୍ୟମାନ । ସେଥିମଧ୍ୟରୁ ଭୀମେଶ୍ୱର ମହାଦେବଙ୍କ ମନ୍ଦିର ଅନ୍ୟତମ । ଏହି ମନ୍ଦିରର ସାମ୍ନାରେ ଏକ ପୁଷ୍କରିଣୀ ଏବଂ ଚତୁର୍ଦ୍ଦିଗରେ ବିସ୍ତୀର୍ଣ୍ଣ ପ୍ରାନ୍ତର । ସେହି ପୁଷ୍କରିଣୀରେ ମହାଦେବଙ୍କର ଚାପ ଖେଳ ହୁଏ । ତାଛଡ଼ା ଭକ୍ତମାନଙ୍କର ବିଶ୍ୱାସ ଯେ, ଏହି ଚାପ ପୋଖରୀରେ ସ୍ନାନ କରି ମହାଦେବଙ୍କୁ ଦର୍ଶନ କଲେ ନିଜର ବାଞ୍ଛିତ ଫଳ ପ୍ରାପ୍ତହୁଏ ।

୧୯୨୯ ମସିହାର ଏକ ଶୀତୁଆ ସକାଳରେ ହଠାତ୍ ଦେଖାଗଲା, ସେହି ପୁଷ୍କରିଣୀର ଶାନ୍ତ ସ୍ନିଗ୍ଧ ନୀଳ ଜଳରାଶି ଉପରେ ଶୁଭ୍ରବର୍ଣ୍ଣର ଅଜଣା ନାରୀ ମୂର୍ତ୍ତିଟିଏ ଅଣ୍ଟାଏ ପାଣିଭିତରେ ଦଣ୍ଡାୟମାନା । ଚକ୍ଷୁ ନିମୀଳିତ ଏବଂ ଯୋଡ଼ହସ୍ତରେ ଗଭୀର ଧ୍ୟାନମଗ୍ନ ଥାଆନ୍ତି ମହିଳା ଜଣକ । ଅନ୍ୟାନ୍ୟ ଭକ୍ତମାନେ ପୁଷ୍କରିଣୀରେ ବୁଡ଼ ପକାଇ, ମହାଦେବଙ୍କୁ ଦର୍ଶନ କରି, ଭୋଗରାଗ ସାରି ଯିଏ ଯେଝା ବାଟରେ ଚାଲିଯାଉଥାନ୍ତି । ଅବଶ୍ୟ ସେମାନଙ୍କ ମନରେ ଅନେକ ପ୍ରଶ୍ନବାଚୀ ଉଙ୍କିମାରୁଥାଏ ଯେ, କିଏ ଏହି ନାରୀ, କେଉଁଠୁ ଆସିଛନ୍ତି, କ'ଣ ବା ଉଦ୍ଦେଶ୍ୟ, ଏତେ ବଡ଼ ହାଡ଼ଭଙ୍ଗା ଶୀତରେ ସୂର୍ଯ୍ୟୋଦୟ ପୂର୍ବରୁ ସୂର୍ଯ୍ୟାସ୍ତ ଯାଏଁ କିପରି ଅଣ୍ଟାଏ ପାଣିରେ ଠିଆ ହୋଇ ରହିଛନ୍ତି ? ଏମିତି ଅନେକ କିଛି । କିନ୍ତୁ ଏହି ମହିଳା ଜଣକ ସକାଳ ପହରୁ ସନ୍ଧ୍ୟା ପର୍ଯ୍ୟନ୍ତ ସେମିତି ଏକଗୋଡ଼ିଆ ଠିଆ ହୋଇ ରହିଥାନ୍ତି । ତାଙ୍କର ଅନ୍ୟ କେଉଁ ଦିଗ ପ୍ରତି ନଜର ନଥାଏ । ଏହି ସମୟ ଭିତରେ ତାଙ୍କୁ ଅନ୍ୟମାନେ ଦେଖିପାରୁଥିଲେ ମଧ୍ୟ ସେ କାହାରିକୁ ଦେଖିପାରୁନଥିଲେ । ବୋଧହୁଏ ଏକାଗ୍ରଚିତ୍ତରେ ସେଇ ପରମ ପୁରୁଷଙ୍କ ଦର୍ଶନ ପାଇଁ ସେ କୃଚ୍ଛ୍ରସାଧନା କରିଚାଲିଥିଲେ, ଯିଏ କି ତାଙ୍କ ନାରୀମନର ବେଦନାଭରା ଯନ୍ତ୍ରଣାକୁ ଲାଘବ କରିପାରିବ ।

ଦିନେଁ ନୁହେଁ, ଦୁଇଦିନ ନୁହେଁ, ଏମିତି ସାତଦିନ ପର୍ଯ୍ୟନ୍ତ ମହିଳା ଜଣକ ସକାଳୁ ଆସି ଅଣ୍ଟାଏ ପାଣିରେ ଧ୍ୟାନମଗ୍ନ ରୁହନ୍ତି ଏବଂ ସନ୍ଧ୍ୟାହେଲେ ସେହି ମନ୍ଦିର ବେଢ଼ାଭିତରେ ରାତ୍ରିଯାପନ କରନ୍ତି । ଏହିପ୍ରକାରେ ସାତଦିନ ପୂରଣ ହୋଇଯିବାପରେ ତହିଁପରଦିନ ଆଉ କେହି ସେ ପୁଷ୍କରିଣୀରେ ସେହି ଅଜଣା ନାରୀମୂର୍ତ୍ତିଟିକୁ ଦେଖିବାକୁ ପାଇନଥିଲେ ।

Digitized by PPRACHIN, SOA

ମହିଳା ଜଣକ ଭୀମେଶ୍ୱରଙ୍କ ଠାରୁ କି ସଙ୍କେତ ପାଇଲେ କେଜାଣି, ଖୁସିମନରେ ଭୋଗରାଗ କରି ସେଦିନ ଘରକୁ ଫେରିଆସିଥିଲେ ।

ଏହାର ଠିକ୍ ବର୍ଷେ ଦେଢ଼ବର୍ଷ ପରର ଘଟଣା । ସେଦିନ ଥାଏ ୧୯୩୧ ମସିହା ଜୁନ୍ ମାସର ନଅତାରିଖ । ସନ୍ଧ୍ୟା ନଇଁଆସୁଥାଏ । ବିହଙ୍ଗମାନେ ଦିନଟାଯାକର କ୍ଳାନ୍ତି ମେଣ୍ଟାଇବା ପାଇଁ କଳରବ କରି ଫେରିଆସୁଥାନ୍ତି ନିଜନିଜ ସୁରକ୍ଷାର ନୀଡ଼କୁ । ସନ୍ଧ୍ୟା ଆଳତି ସମୟର ଶୁଭଘଣ୍ଟି ଭାସିଆସୁଥାଏ ଦେବାଳୟମାନଙ୍କରୁ । ଆଉ ଏଥିସହିତ କଟକର ବକ୍ସିବଜାର ନିକଟସ୍ଥ ଯାଚକଲେନ୍‌ରେ ଗୋଟିଏ କ୍ଷୁଦ୍ର ଖ୍ରୀଷ୍ଟିଆନ୍ ସାହି ସତେ ଯେମିତି ଅପେକ୍ଷାକରି ରହିଥାଏ, ଏଂକ ନିଷ୍ପ୍ରଭ ହୋଇଆସୁଥିବା ସୂର୍ଯ୍ୟଦେବ ପୁଣି ଉଇଁଉଠି ତାଙ୍କର ଉଜ୍ଜ୍ୱଳରଶ୍ମିଗୁଡ଼ାକ ଛିଞ୍ଚି ପକେଇବେ ତା'ଉପରେ । ସବୁଦିନ ପାଇଁ ଅନ୍ଧାର ଦୂରୀଭୂତ ହେଇଯିବ । ଠିକ୍ ଏତିକିବେଳେ ଯାଚକଲେନ୍‌ଟି କୁଆଁ କୁଆଁ ରାବରେ ପ୍ରକମ୍ପିତ ହୋଇଉଠିଲା । ସଦା ଚଳଚଞ୍ଚଳ କଟକ ସହରଟି କ୍ଷଣକ ପାଇଁ ସ୍ତବ୍ଧ ହେଇଗଲା କି !! ଆଉ ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରି ପୂର୍ବାକାଶରେ ରକ୍ତିମଆଭା ପ୍ରକଟିତ କରି ଉଇଁଆସିଲେ ପୂର୍ଣ୍ଣଚାନ୍ଦ । ଜହ୍ନ ଆଲୁଅର ଉଜ୍ଜ୍ୱଳ ଜ୍ୟୋସ୍ନା ସାଙ୍ଗକୁ ନବଜାତକର କୁଆଁରାବ ସେହି ଛୋଟିଆ ସାହିଟିକୁ ଆହୁରି ମୁଖରିତ କରିପକାଇଥିଲା ।

ଏହି ଆଶୀର୍ବାଦ ଥିଲା ବାସ୍ତବରେ ସେଇ ଭୀମେଶ୍ୱର ମହାଦେବଙ୍କର । ଆଉ ଏହାର ଏକାନ୍ତ ଅଧିକାରିଣୀ ଥିଲେ ଯେଉଁ ସୌଭାଗ୍ୟବତୀ ନାରୀ ଜଣକ ସେ ଅନ୍ୟ କେହିନୁହେଁ, ସେ ହେଉଛନ୍ତି ଓଡ଼ିଶାର ସ୍ୱନାମଧନ୍ୟ ଲେଖକ ପଦ୍ମଭୂଷଣ ଡକ୍ଟର କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ଧର୍ମପତ୍ନୀ ରତ୍ନମଣି ଦେବୀ । ସେଦିନ ତାଙ୍କ କୋଳମଣ୍ଡନ କରି ଯେଉଁ କନ୍ୟାରତ୍ନଟି ଆସିଲା, ସେ ହେଉଛନ୍ତି ଓଡ଼ିଶାର ଗର୍ବ ଆଉ ଗୌରବର ପ୍ରତୀକ ନନ୍ଦିନୀ ପାଣିଗ୍ରାହୀ । ଯେ କି ପରବର୍ତ୍ତୀ କାଳରେ ଶତପଥୀ ସାଙ୍ଗିଆ ଥିବା ପରିବାରରେ ବିବାହ କରି ପାଣିଗ୍ରାହୀ ପରିବର୍ତ୍ତେ ନନ୍ଦିନୀ ଶତପଥୀ ନାମରେ ପରିଚିତା ହେଲେ ।

ଏହାପୂର୍ବରୁ ରତ୍ନମଣି ଦେବୀଙ୍କ ଗର୍ଭରୁ ଗୋଟିଏ ପୁଅ ଏବଂ ଗୋଟିଏ ଝିଅ ଜନ୍ମ ନେଇ ମରିଯାଇଥିଲେ । ଯାହା ଫଳରେ କାଳିନ୍ଦୀ ପାଣିଗ୍ରାହୀ ଏବଂ ପତ୍ନୀ ରତ୍ନମଣି ଦେବୀ ଖୁବ୍ ବ୍ୟଥିତ ହୋଇପଡ଼ିଥିଲେ । ଛୁଆଟିଏ କୋଳରେ ଦେଖିବାକୁ ଉଦବିଗ୍ନ ହୋଇଉଠିଥିଲେ ପତି-ପତ୍ନୀ । ଅନେକ ଓଷା ବ୍ରତ କରିଥିଲେ । ଶେଷରେ ସେଇ ଭୀମେଶ୍ୱରଙ୍କଠାରେ ଶରଣ ପଶିଲେ । ସାତଦିନ କାଳ ଶୀତ ଖରା ସହି ଈଶ୍ୱରଙ୍କୁ ଜଣାଇଥିଲେ ମନର ବେଦନା । ତାଙ୍କ ସାଙ୍ଗରେ ଥାଆନ୍ତି ତାଙ୍କ ଶାଶୁ ସରସ୍ୱତୀ ଦେବୀ ଏବଂ ସ୍ୱାମୀ କାଳିନ୍ଦୀଚରଣ ।

Digitized by PPRACHIN, SOA

ସେଦିନ ସେହି ସଦ୍ୟଜାତ ଶିଶୁଟିର ଯତ୍ନ କରିବାକୁ ଆଗେଇ ଆସିଥିଲେ ଶ୍ରୀଯୁକ୍ତ ଲାଲମୋହନ ପଟ୍ଟନାୟକ ଏବଂ ତାଙ୍କର ପରିବାରବର୍ଗ । କାଳିନ୍ଦୀଚରଣ ସେଇ ଖ୍ରୀଷ୍ଟିଆନ୍ ସାହିର ଯେଉଁ ଘରଟିରେ ଭଡ଼ାରେ ରହୁଥିଲେ ସେହି ଘରର ଅଧାଭାଗରେ ରହୁଥାନ୍ତି ସ୍ୱନାମଧନ୍ୟ କବି ବୈକୁଣ୍ଠନାଥ ପଟ୍ଟନାୟକ । ଆଉ ତାଙ୍କ ଘରର ଠିକ୍ ସାମ୍ନାରେ ରହୁଥାନ୍ତି ଲାଲମୋହନ ପଟ୍ଟନାୟକ । ଲାଲମୋହନ ବାବୁଙ୍କର ଚାରୋଟି ଝିଅ ଏବଂ ଦୁଇଟି ପୁଅ ଥାନ୍ତି । ସେ ଥିଲେ ଗଞ୍ଜାମ ଜିଲ୍ଲାର ବାସିନ୍ଦା । ତାଙ୍କ ଜ୍ଞାତିକୁଟୁମ୍ବ ସମସ୍ତେ କରଣ ଥିଲେ ମଧ୍ୟ ତାଙ୍କ ପରିବାରଟି ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କରିନେଇଥିଲେ । ପରବର୍ତ୍ତୀ ସମୟରେ ଲାଲମୋହନବାବୁ ଓଡ଼ିଶା ବିଧାନସଭାର ବାଚସ୍ପତି ମଧ୍ୟ ହୋଇଥିଲେ । ସେଇ ଲାଲମୋହନବାବୁଙ୍କ ସ୍ତ୍ରୀ ଏବଂ ଝିଅମାନେ ଆସି ପ୍ରତ୍ୟହ ଶିଶୁଟିର ଦେଖାଶୁଣା କରୁଥିଲେ । ଶିଶୁଟିର ଜନ୍ମ ପରେ ପରେ ସାରା ସାହିଟିରେ ଖେଳିଯାଇଥିଲା ଆନନ୍ଦର ଲହରୀ । ଲାଲମୋହନବାବୁଙ୍କ ସ୍ତ୍ରୀ ସଙ୍ଗେ ସଙ୍ଗେ ନର୍ସ ଡାକିଆଣିଥିଲେ ଏବଂ ପିଲାଟିକୁ କିପରି ରଖିବାକୁ ହେବ, ଗାଧୋଇ ଦେବାକୁ ହେବ, ଅନ୍ୟାନ୍ୟ ସେବାଯତ୍ନ କରିବାକୁ ହେବ, ଟିକିନିଖି କରି ସବୁ ରତ୍ନମଣି ଦେବୀଙ୍କୁ ବୁଝାଇ ଦେଇଥିଲେ । ସେ ଯେଉଁ ଢଙ୍ଗରେ ସବୁ କରିବାକୁ କହୁଥିଲେ ରତ୍ନମଣି ଦେବୀ ଏବଂ ତାଙ୍କ ଶାଶୁ ସରସ୍ୱତୀ ଦେବୀ ସେଇ ଅନୁସାରେ କାମ କରୁଥିଲେ ।

ଶିଶୁଟି ବିଛା ରାଶିରେ ଜନ୍ମ ହୋଇଥିବାରୁ ଜାତକରେ ନାମ ଦିଆଯାଇଥିଲା 'ନର୍ମଦା', କାଳିନ୍ଦୀ ଚରଣ କିନ୍ତୁ ନାଁ ରଖିଥିଲେ ନନ୍ଦିନୀ । ଶ୍ରଦ୍ଧାରେ ତାଙ୍କୁ କୁନି ବୋଲି ସମସ୍ତେ ଡାକୁଥିଲେ । ପରବର୍ତ୍ତୀ ଅବସ୍ଥାରେ ଯେଉଁ କୁନି ସାରା ଭାରତବର୍ଷରେ ତଥା ଓଡ଼ିଶାର ପୁରପଲ୍ଲୀରେ ନନ୍ଦିନୀ ଶତପଥୀ ନାମରେ ଖ୍ୟାତି ଲାଭ କରିଥିଲେ । ଯଥାର୍ଥରେ ଏଇ ନନ୍ଦିନୀ ଥିଲେ ଈଶ୍ୱରଙ୍କର ଏକ ଅନନ୍ୟ ଆଶୀର୍ବାଦ ।

Digitized by PPRACHIN, SOA

ନିଚ୍ଛକ ସାହିତ୍ୟିକଙ୍କ ଦାୟାଦ

'ମଣିଷ ଚେଷ୍ଟାକଲେ ସବୁକିଛି ହୋଇପାରିବ, କିନ୍ତୁ ଏକ ନିଚ୍ଛକ ସାହିତ୍ୟିକଟିଏ ହେବା ଅସମ୍ଭବ ।' ଏଥିପାଇଁ ଯଥେଷ୍ଟ ପାରିପାର୍ଶ୍ୱିକ ପ୍ରେରଣା, ଅନୁଭୂତି, ସ୍ଥିରଚିତ୍ତ ଏବଂ ଅଭିଜ୍ଞତା ଲୋଡ଼ା । ଏହାଛଡ଼ା ଯେଉଁ ବ୍ୟକ୍ତିମାନେ କାଳଜୟୀ ସାହିତ୍ୟ ସୃଷ୍ଟି କରିଯାଇଛନ୍ତି, ଏବଂ ଏକ ନବଯୁଗ ପ୍ରତିଷ୍ଠା କରପାରିଛନ୍ତି, ଲେଖନୀ ଚାଳନା କରି ଜୀବନକୁ ବଦଳେଇ ଦେଇପାରିଛନ୍ତି, ଯନ୍ତ୍ରଣାକୁ ଲାଘବ କରିପାରିଛନ୍ତି, ସେମାନଙ୍କ ମଧ୍ୟରେ ପଦ୍ମଭୂଷଣ ଡକ୍ଟର କାଳିନ୍ଦୀ ଚରଣ ପାଣିଗ୍ରାହୀ ଅନ୍ୟତମ । କାଳିନ୍ଦୀ ଚରଣ ପାଣିଗ୍ରାହୀ ଥିଲେ ଏକ ପ୍ରଚଣ୍ଡ ପ୍ରତିଭାର ଅଧିକାରୀ । ସେ ଥିଲେ ସବୁଜ ଯୁଗର ସ୍ରଷ୍ଟା, କୋଟି ଜନତାର ହୃଦୟରେ ଉଦ୍‌ବେଳନ ସୃଷ୍ଟି କରିଥିବା 'ମାଟିର ମଣିଷ' ଉପନ୍ୟାସର ଜନକ, ତଥା ଭାରତର ସ୍ୱାଧୀନତା ଆନ୍ଦୋଳନକୁ ନିଜର ବଳିଷ୍ଠ ଲେଖା ମାଧ୍ୟମରେ ଇନ୍ଧନ ଯୋଗାଇଥିବା ଜଣେ ନିଚ୍ଛକ ଦେଶଭକ୍ତ । ଆଉ ଏହି କାଳଜୟୀ ସାହିତ୍ୟ ସାଧକଙ୍କ ଜ୍ୟେଷ୍ଠା କନ୍ୟା ଥିଲେ ନନ୍ଦିନୀ ପାଣିଗ୍ରାହୀ । ସବୁରି ପ୍ରିୟ 'କୁନି' ।

'ଜନ୍ମ ଆମର ମଣିଷ କୁଳରେ ନାହିଁ ଇଜ୍ଜତ୍ ମାନ,
ଆମ ଝିଅ ବୋହୂ ସବୁରି ଶାଳୀ ହେ ଆମେ ଶଳା ସଇତାନ୍ ।'

ଯେଉଁ ସମୟରେ ବ୍ରିଟିଶ୍ ଶାସକଙ୍କ ବିନା ଆଦେଶରେ ସାରା ଭାରତ ବର୍ଷରେ ସୂର୍ଯ୍ୟ ଚନ୍ଦ୍ର ଆତଯାତ ହେବାକୁ ଭୟ କରୁଥିଲେ ଓ ସେଇ ଗୋରା ଶାସକଙ୍କ ଛତ୍ରଛାୟା ତଳେ ରହି ରାଜା ଜମିଦାରଙ୍କ ଅତ୍ୟାଚାରରେ ସାଧାରଣ ଜନତା ଯେତେବେଳେ ଜର୍ଜରିତ, ଠିକ୍ ସେହି ସମୟରେ ସବୁଜ ସାରଥି କାଳିନ୍ଦୀ ଚରଣ ପାଣିଗ୍ରାହୀ ଏଇଭଳି କବିତା ସବୁ ରଚନା କରି ସବୁରି ଅନ୍ତରରେ ବିଜୁଳିର ଚମକ ସୃଷ୍ଟି କରିଥିଲେ । 'କାଳିନ୍ଦୀ ଚରଣ ପାଣିଗ୍ରାହୀ ବାସ୍ତବରେ ଥିଲେ ଜଣେ ସଫଳ ସାହିତ୍ୟ ସ୍ରଷ୍ଟା ।' ଆଉ ନନ୍ଦିନୀ ଦେବୀ ଏହିପରି ଜଣେ ମହାନ୍ ବ୍ୟକ୍ତିଙ୍କୁ ପିତା ରୂପରେ ପାଇ ନିଜକୁ ଖୁବ୍ ଗର୍ବ ଅନୁଭବ କରୁଥିଲେ ।

ପରିବାରର ଅନ୍ୟଜଣେ ସଫଳ ବ୍ୟକ୍ତିତ୍ୱ ହେଲେ ନନ୍ଦିନୀ ଦେବୀଙ୍କ କକେଇ ତଥା କାଳିନ୍ଦୀ ଚରଣଙ୍କ ସାନଭାଇ ଭଗବତୀ ଚରଣ ପାଣିଗ୍ରାହୀ; ଯାହାଙ୍କର କାର୍ଯ୍ୟଧାରା ନନ୍ଦିନୀ ଦେବୀଙ୍କୁ ଅନେକ ମାତ୍ରାରେ ପ୍ରଭାବିତ କରିଥିଲା । ଭଗବତୀ ପାଣିଗ୍ରାହୀ କେବଳ ଯେ ଓଡ଼ିଶାରେ ମାର୍କସବାଦୀ କମ୍ୟୁନିଷ୍ଟର ଜନକ ଥିଲେ ତା ନୁହେଁ, ସେ ଥିଲେ ଜଣେ ସ୍ୱାଭିମାନୀ ଲେଖକ, ପ୍ରଚଣ୍ଡ ଦେଶଭକ୍ତ,ନିଷ୍ପେଷିତ-ଶୋଷିତ-ଅତ୍ୟାଚାରିତମାନଙ୍କର

Digitized by PPRACHIN, SOA

ଜଣେ ପରମ ବଂଧୁ, ଏବଂ ସର୍ବୋପରି ଭାରତୀୟ ସ୍ୱାଧୀନତା ସଂଗ୍ରାମର ଜଣେ ଅନ୍ୟତମ ଅଗ୍ରଦୂତ । ତାଙ୍କ ସାହିତ୍ୟରେ କଳ୍ପନା ବିଳାସର ଲେଶ ମାତ୍ର ସ୍ପର୍ଶ ନଥିଲା, ଥିଲା ନିଷ୍ପେଷିତ ଜନତାର ଆର୍ତ୍ତନାଦ । ଖୁବ୍ କମ୍ ବୟସରେ ସେ ଇହଲୀଳା ସମ୍ବରଣ କରିଥିଲେ । ଯିଏ ଯେତେବେଳେ ଓଡ଼ିଶାର ଇତିହାସ ରଚନା କରିବ ସେ କେବେ ଭଗବତୀ ଚରଣ ପାଣିଗ୍ରାହୀଙ୍କ ନାମଟା କଦାପି ବାଦ୍ ଦେଇ ଲେଖିବା ସମ୍ଭବ ହେବ ନାହିଁ । ସାହିତ୍ୟ କହ, ସମାଜସେବା କହ, କି ରାଜନୀତି କହ ଅବା ସଂଗ୍ରାମ କହ, ଯେଉଁ ବିଷୟରେ ଆଲୋଚନା କରାଯିବ ସେଥିରେ ଭଗବତୀ ଚରଣଙ୍କ ନାମ ନିଶ୍ଚୟ ଆସିବ ହିଁ ଆସିବ । ଆଜିକାଲିକା ପଙ୍କିଳ ରାଜନୀତିର ଧାର ବି ସେ ଧାରିନଥିଲେ । ପିଲାଟି ଦିନରୁ ସେ ସାମ୍ୟବାଦୀ ଚିନ୍ତାଧାରାରେ ଉଦ୍‌ବୁଦ୍ଧ ହୋଇଥିଲେ । ସେଥିପାଇଁ ଓଡ଼ିଶାରେ କମ୍ୟୁନିଷ୍ଟ ପାର୍ଟି ପ୍ରତିଷ୍ଠା କରି ଅତ୍ୟାଚାରୀ ଇଂରେଜ ଶାସକଙ୍କ ବିରୁଦ୍ଧରେ ସେ ଲଢ଼େଇ କରିଯାଇଥିଲେ । ସାହିତ୍ୟ କ୍ଷେତ୍ରରେ ସେ ସେଭଳି ଆଖିଦୃଶିଆ କାର୍ଯ୍ୟ କରିବା ପାଇଁ ସମୟ ପାଇନଥିଲେ । ଯେତିକି ବି କ୍ଷୁଦ୍ରଗଳ୍ପ, କବିତା, ପ୍ରବନ୍ଧ ସେ ଲେଖିଯାଇଛନ୍ତି ତାହା ଅତ୍ୟନ୍ତ ହୃଦୟସ୍ପର୍ଶୀ । ସେ ସମୟରେ ପ୍ରକାଶିତ 'ଯୁଗବୀଣା' ସାହିତ୍ୟ ପତ୍ରିକାରେ ତାଙ୍କର ଅନେକ ଲେଖା ପ୍ରକାଶିତ ହୋଇଅଛି । ତାଙ୍କର ଏକ କ୍ଷୁଦ୍ରଗଳ୍ପ 'ଶିକାର' ଯାହାକି ଏକ ସରଳ ଆଦିବାସୀ ଲୋକର ଚରିତ୍ର ଉପରେ ପର୍ଯ୍ୟବସିତ, ପରବର୍ତ୍ତୀ ସମୟରେ ଏହାର ବିଷୟବସ୍ତୁକୁ ନେଇ ବିଶିଷ୍ଟ ଫିଲ୍ମ ନିର୍ଦ୍ଦେଶକ ମୃଣାଳ ସେନ୍ 'ମୃଗୟା' ନାମରେ ଏକ ବଙ୍ଗଳା ଫିଲ୍ମ ନିର୍ମାଣ କରିଥିଲେ । ଏହି ଫିଲ୍ମରେ ଆଜିର ଅନ୍ୟତମ ଶ୍ରେଷ୍ଠ ଅଭିନେତା ମିଥୁନ ଚକ୍ରବର୍ତ୍ତୀ ପ୍ରଥମ କରି ତାଙ୍କର ଅଭିନୟ ଜୀବନ ଆରମ୍ଭ କରିଥିଲେ ।

ଏହି ଦୁଇ ସଫଳ ବ୍ୟକ୍ତିତ୍ୱର ଉପଯୁକ୍ତ ଦାୟାଦ ଥିଲେ ନନ୍ଦିନୀ ପାଣିଗ୍ରାହୀ । ଯାହାଙ୍କର ଉଜ୍ଜ୍ୱଳ ଆଲୋକ ରଶ୍ମି ହିଁ ନନ୍ଦିନୀ ଦେବୀଙ୍କ ଜୀବନକୁ ଆଲୋକିତ କରି ଉଦ୍‌ଭାସିତ କରିଛି । ବାସ୍ତବ ଦୃଷ୍ଟିକୋଣରୁ ଦେଖିଲେ ନନ୍ଦିନୀ ଦେବୀ ହିଁ ଏ ଦୁହିଙ୍କର ପ୍ରକୃତ ଉତ୍ତରାଧିକାରିଣୀ । ଏହି କଥାଟିକୁ ଗୋଟିଏ ବାକ୍ୟରେ କହିବାକୁ ଯାଇ 'କ୍ରାନ୍ତିଧାରା'ର 'ଆମ ସାମ୍ନାରେ' ରୂପକ ଏକ ଶୀର୍ଷକରେ ସଂଜୟ ଦାସ ବର୍ମା ଲେଖିଛନ୍ତି, ''ଯାହାଙ୍କର ବାପା କାଳିନ୍ଦୀ ପାଣିଗ୍ରାହୀ, କକେଇ ଭଗବତୀ ପାଣିଗ୍ରାହୀ ସେ ନନ୍ଦିନୀ ଶତପଥୀ ହେବାକୁ ବାଧ୍ୟ ।'' ଆହୁରି ମଧ୍ୟ ଲେଖିଛନ୍ତି, ''ଯେଉଁଠି ପଡ଼ିଛି ନନ୍ଦିନୀଙ୍କ ପାଦ, ତାହା ପାଲଟିଛି ତାଙ୍କର ସାମ୍ରାଜ୍ୟ । ସୃଜନର ଅମୃତ ଫସଲ ଠାରୁ ରାଜନୀତିର ନିଆଁଖେଳ; ସ୍ୱାଧୀନତା ସଂଗ୍ରାମର ଚର୍ଚ୍ଚିତ କ୍ଷେତ୍ରଠୁ ସେବାର ବୃହତ୍ତର ବୃତ୍ତ ; ଜନଜାଗରଣର ମନ୍ତ୍ରୋଚ୍ଚାରଣଠୁ ସାଫଲ୍ୟର ଶୀର୍ଷାରୋହଣ; ସବୁଠି ନନ୍ଦିନୀଙ୍କ ଉଜ୍ଜ୍ୱଳ ଚିହ୍ନ । 'ମାଟିର ମଣିଷ' କାଳିନ୍ଦୀ ପାଣିଗ୍ରାହୀଙ୍କ ଶ୍ରେଷ୍ଠତମ କୃତି : ନନ୍ଦିନୀ ଶତପଥୀ ।''

Digitized by PPRACHIN, SOA

ପରିବାର ନୁହେଁ : ଶିକ୍ଷାଶାଳା

ପିଲାଟିଏ ଜନ୍ମ ହେବା ପରେ ପରେ ପରିବାରରୁ ହିଁ ସେ ତାର ପ୍ରାଥମିକଶିକ୍ଷା ଆହରଣ କରିଥାଏ । ପରିବାରର ପାରିପାର୍ଶ୍ୱିକ ଅବସ୍ଥା,ଶିକ୍ଷା,ସଂସ୍କୃତି,ସ୍ୱାଧୀନତା ଇତ୍ୟାଦି ପିଲାଟିକୁ କ୍ରମଶଃ ପ୍ରଭାବିତ କରିଥାଏ । ତେଣୁ ପରିବାରକୁ ଏକ ଉନ୍ନତ ଶିକ୍ଷାଶାଳା ରୂପେ ବିବେଚନା କରାଯାଏ । ସେହିପରି ନନ୍ଦିନୀ ଦେବୀ ଯେଉଁ ପରିବାରରେ ଜନ୍ମଗ୍ରହଣ କରିଥିଲେ, ସେଭଳି ଏକ ପରିବାର ଖୁବ୍ କ୍ୱଚିତ୍ ଲୋକଙ୍କ ଭାଗ୍ୟରେ ଜୁଟିଥାଏ । ବାପା କାଳିନ୍ଦୀ ଚରଣ ପାଣିଗ୍ରାହୀ, ଯିଏ କି ଥିଲେ ଜଣେ ଉଚ୍ଚକୋଟୀର ସାହିତ୍ୟ ସାଧକ । ଖୁବ୍ ରୁଚିସମ୍ପନ୍ନ, ମାର୍ଜିତ ଏବଂ ଅମାୟିକ ବ୍ୟବହାରରେ ସେ ସାରା ଜନମାନସକୁ ନିଜ ଆଡ଼କୁ ଆକର୍ଷିତ କରିପାରିଥିଲେ । ଭାରତର ସ୍ୱାଧୀନତା ପାଇଁ ସେ ଯେପରି ବ୍ୟଗ୍ର ହୋଇଉଠିଥିଲେ ତାହା ତାଙ୍କର ଲେଖାଗୁଡ଼ିକରେ ପ୍ରସ୍ଫୁଟିତ । ଅତ୍ୟାଚାରୀ ରାଜା, ଜମିଦାର ଓ ଇଂରେଜମାନଙ୍କ ବିରୁଦ୍ଧରେ ଲେଖନୀ ଚଳାଇ ସେ ସଫଳ ହୋଇଥିଲେ । ନନ୍ଦିନୀ ଦେବୀଙ୍କ କକେଇ ଭଗବତୀ ପାଣିଗ୍ରାହୀ ମଧ୍ୟ କୌଣସି ଗୁଣରେ ଊଣା ନଥିଲେ । ଖୁବ୍ କମ୍ ବୟସରୁ ସେ ଭାରତର ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ । ଓଡ଼ିଶାରେ କମ୍ୟୁନିଷ୍ଟ ପାର୍ଟିର ଜନକ ଥିଲେ ଭଗବତୀ ବାବୁ । ସେ ମଧ୍ୟ ଜଣେ ସୁଲେଖକ ଥିଲେ । ନନ୍ଦିନୀ ଦେବୀଙ୍କ ଜେଜେବାପା ସ୍ୱପ୍ନେଶ୍ୱର ପାଣିଗ୍ରାହୀ ମଧ୍ୟ ଲେଖାଲେଖି କରୁଥିଲେ । ନନ୍ଦିନୀ ଦେବୀ କହନ୍ତି, "ମୋ ବୋଉ ରତ୍ନମଣି ଦେବୀ ମୋ ବିଭାଘରର ପତ୍ରିକା ଲେଖିଥିଲେ ।"

ଏ ସବୁ ଦୃଷ୍ଟିରୁ ବିଚାର କଲେ ତାଙ୍କ ପରିବାରର ପ୍ରତ୍ୟେକ ବ୍ୟକ୍ତିଙ୍କର ଚିନ୍ତାଧାରା ଥିଲା ଖୁବ୍ ଉନ୍ନତ ତଥା ରୁଚିଶୀଳ । ସେଠାରେ ସୃଜନ ଓ ସଂଗ୍ରାମର ଏକ ସୁନ୍ଦର ସ୍ରୋତସ୍ୱିନୀ ପ୍ରବାହିତ ହେଉଥିଲା, ଯେଉଁ ସ୍ରୋତରେ କି ନନ୍ଦିନୀ ଦେବୀ ପିଲାଟି ଦିନରୁ ନିଜକୁ ସାମିଲ କରିଦେଇଥିଲେ । ପ୍ରତ୍ୟହ ସକାଳେ ଏବଂ ସନ୍ଧ୍ୟାରେ ଘରେ ଜମୁଥିଲା ସାହିତ୍ୟର ଆସର । ରାଜ୍ୟର ତଥା ରାଜ୍ୟ ବାହାରର ବହୁ ବିଶିଷ୍ଟ ବ୍ୟକ୍ତିମାନଙ୍କର ସେଠାରେ ଥିଲା ଅବାଧ ପ୍ରବେଶ । ସେମାନଙ୍କ ଭିତରେ ଅନ୍ନଦା ଶଙ୍କର ରାୟ, ମୃଣାଳ ସେନ୍, ମୁଲ୍‌କରାଜ ଆନନ୍ଦ, ତାରା ଶଙ୍କର ବନ୍ଦୋପାଧ୍ୟାୟ, ଶମ୍ଭୁ ମିତ୍ର, ତୃପ୍ତି ମିତ୍ର ପ୍ରମୁଖ ଥିଲେ ରାଜ୍ୟ ବାହାରର ବ୍ୟକ୍ତି । ଏମାନେ ଆସିଲେ ତାଙ୍କ ଘରେ ଦିନେ ଦୁଇଦିନ ବି ରହିଯାଉଥିଲେ । ଏମାନଙ୍କ ବ୍ୟତୀତ ଆମ ରାଜ୍ୟରୁ ଅନେକ ବ୍ୟକ୍ତି ମଧ୍ୟ ଆସନ୍ତି । ତାଙ୍କ ଭିତରେ ମାୟାଧର ମାନସିଂ, ସଚ୍ଚି ରାଉତରାୟ, ଗୋପୀନାଥ

Digitized by PPRACHIN, SOA

ମହାନ୍ତି, କାହ୍ନୁଚରଣ ମହାନ୍ତି ପ୍ରମୁଖ ଅନ୍ୟତମ । ଏମାନଙ୍କ ଭିତରେ ଅନେକ ବିଷୟରେ ଆଲୋଚନା ସମାଲୋଚନା ଚାଲେ । ନନ୍ଦିନୀ ଦେବୀ ଏସବୁ ଆଲୋଚନାକୁ ଖୁବ୍ ଧ୍ୟାନର ସହ ଶୁଣୁଥିଲେ । ଏହି ଆଲୋଚନା ଶୁଣି ଶୁଣି ତାଙ୍କର ଉତ୍ସାହ ଶତଗୁଣ ବଢ଼ିଯାଉଥିଲା । କାଳିନ୍ଦୀ ବାବୁ ନିଜ ପିତା ସ୍ୱପ୍ନେଶ୍ୱର ପାଣିଗ୍ରାହୀଙ୍କ ନାମରେ ଘରଟିର ନାମ ଦେଇଥିଲେ ସ୍ୱପ୍ନପୁରୀ । ସତେ ଯେପରି ଦେଶଟାଯାକର ସ୍ୱପ୍ନ ସେହି ଘର ଭିତରେ ଜମାଟ ବାନ୍ଧି ରହିଥିଲା ! ଘର ସାରା ପ୍ରବାହିତ ହେଉଥିଲା ଏକ ସଂଗ୍ରାମର ଆବହାଓ୍ୱା ।

କ୍ରମେ ନନ୍ଦିନୀ ଦେବୀଙ୍କର ଏ ଦୁଇଟି ଦିଗପ୍ରତି ଆଗ୍ରହ ବଢ଼ିବାରେ ଲାଗିଲା । ସେ ବାପାଙ୍କୁ ଲେଖାଲେଖିରେ ସାହାଯ୍ୟ କରନ୍ତି, ଆଉ ବେଳେବେଳେ କାଳିନ୍ଦୀ ବାବୁ ତାଙ୍କୁ ଡିକ୍‌ଟେସନ୍ ଦିଅନ୍ତି ଓ ସେ ଲେଖନ୍ତି । କକେଇ ଭଗବତୀ ବାବୁ ମଧ୍ୟ କମ୍ୟୁନିଷ୍ଟମାନଙ୍କ ପାଇଁ ସୋଭିଏଟ୍ ରୁଷ୍‌ରୁ ବହି ମଗାଇ ତାକୁ ଅନୁବାଦ କରାନ୍ତି ନନ୍ଦିନୀ ଦେବୀଙ୍କ ଦ୍ୱାରା । ଏହିଭଳି ଏକ ପରିବେଶରେ ଖୁବ୍ କମ୍ ବୟସରୁ ନନ୍ଦିନୀ ଦେବୀ ବଡ଼ମାନଙ୍କ କାର୍ଯ୍ୟଶୈଳୀରେ ନିଜକୁ ଗଢ଼ିବାର ସୁଯୋଗ ଲାଭ କରିଥିଲେ ।

କଥାରେ ଅଛି, ଯେଉଁ ଘରର ସଂସ୍କୃତି ଯେତିକି ଉନ୍ନତ ସେ ଘରର ପିଲାମାନେ ସେତିକି ଯୋଗ୍ୟ । ଖୁବ୍ ପିଲାବେଳୁ ତାଙ୍କ ମୁଣ୍ଡରେ ଯାହା ପଶିଯାଇଥାଏ ବୟସ ବଢ଼ିବା ସଂଗେ ସଂଗେ ତାହା ତାଙ୍କୁ ପ୍ରଭାବିତ କରିଥାଏ । ଏହାହିଁ ଘଟିଥିଲା ନନ୍ଦିନୀ ଦେବୀଙ୍କ ଜୀବନରେ । ସେ ଏବେ ବି ମନେ ପକାଇ କହନ୍ତି, ''ଅତି ପିଲାଦିନେ ବାପା ମୋତେ ହଠାତ୍ କହିବେ ମୁଁ ଗୋଟେ ସ୍ୱପ୍ନ ଦେଖିଲି ଯେ, ତୁ ମିଲିଟାରୀ ଡ୍ରେସ୍ ପିନ୍ଧି ବାହାରିଛୁ । ଗୋଟେ ଦୀପ ହାତରେ ଧରି ଫ୍ରାନସ ଲଢେଇରେ 'ଫ୍ଲୋରେନ୍ସ ନାଇଟ୍‌ଙ୍ଗଲ' ଭଳି ଯେତେ ପୀଡ଼ିତ ଲୋକ ସବୁ ଅଛନ୍ତି, ତୁ ସମସ୍ତଙ୍କର ସେବା କରିଚାଲିଛୁ । କିନ୍ତୁ ପ୍ରକୃତରେ ମୋର ସେତେବେଳେ ଏ ବିଷୟରେ କିଛି ଧାରଣା ହିଁ ନଥାଏ । ଅବଶ୍ୟ ପରେ ବାପା ମୋତେ ଏହି ଗପ ସବୁ କହିଲେ । ଏହାର କିଛିଦିନ ପରେ ପୁଣି ହଠାତ୍ ଥରେ ଡ଼ାକି କହିଲେ, ମୁଁ ଆଜି ଆଉ ଏକ ସ୍ୱପ୍ନ ଦେଖିଲି । ତୁ 'ଯୋଆନ୍ ଅଫ ଆର୍କ' ଭଳି ଲଢେଇ କରିଯାଉଛୁ । ଗୋଟେ ପଟେ ଫ୍ଲୋରେନ୍ସ ନାଇଟ୍‌ଙ୍ଗଲ ଏବଂ ଆର ପଟେ ଯୋଆନ୍ ଅଫ ଆର୍କ । ପ୍ରକୃତରେ ପିଲାଦିନରୁ ହିଁ ଏଇ କଥାଟା ମୋ ମୁଣ୍ଡ ଭିତରେ ପଶିଗଲା । ପିଲାଦିନେ ମୁଁ ଯେଉଁ କାମ ଯେତେବେଳେ କରିବାକୁ ଚାହିଁଛି ତା କରିଛି । ବାପାଙ୍କର ମୋ ଉପରେ ଗୋଟେ ଅଗାଧ ବିଶ୍ୱାସ ଥିଲା । ସେ କହନ୍ତି, କୁନି ଆମର ଯାହା ବି କାମ କରିବ ଠିକ୍ କାମ କରିବ । କିଛି ଭୁଲ କାମ କରିବନି । ସେ ମୋତେ ସଂପୂର୍ଣ୍ଣ ସ୍ୱାଧୀନତା ଦେଇଥିଲେ । ସ୍ୱାଧୀନତା ମାନେ ନୁହେଁ ଯଥେଚ୍ଛାଚାର, ମତେ ବି

Digitized by PPRACHIN, SOA

ଭୁଲ କାମରେ ସେ ଆକଟ କରୁଥିଲେ । ମୋଟାମୋଟି ମୋ କାମରେ କେବେ ବି ସେ ବାଧା ସୃଷ୍ଟି କରିନାହାନ୍ତି । ମା କେବଳ ଖାଇବାକୁ ତାଗିଦ୍ କରୁଥିବେ । ମୁଁ ପେଟପୂରା ଖାଇଦେଲେ ସେ ଖୁସି ହେଇଯାନ୍ତି । ସେ ବହୁତ ସ୍ନେହୀ ଲୋକ ଥିଲେ । ଥରକର ଘଟଣା, ମୁଁ ଯେତେବେଳେ ମାଟ୍ରିକ୍ ପରୀକ୍ଷାରେ First Division ପାଇଲି,ଏକଥା ବାପାଙ୍କୁ ଆସି ଜଣେଇଲି । ବାପା ସଙ୍ଗେ ସଙ୍ଗେ କହିଲେ- ହଁ, ତୁ ଗଧ ପିଲାଙ୍କ ଉପରେ ଫାଷ୍ଟ ହୋଇଥିବୁ । ସେଥିପାଇଁ ମୋ ମନ ବି ଟିକେ ଊଣା ହେଇଥିଲା । ଏତିକିବେଳେ ବୋଉ ଆସି କହିଲେ, କୁନିକି ବାହା କରିଦେବା । ବାପା କିନ୍ତୁ କହିଲେ 'ନାଇଁ ସେ ପଢୁଛି ତ ପଢୁଥାଉ ।' ସେତେବେଳକୁ ମୋ ଦଦେଇ ଦିବ୍ୟସିଂହ ପାଣିଗ୍ରାହୀଙ୍କ ବଡ଼ଝିଅ ଇନ୍ଦୁମତୀ ପତି ଦଶ ବର୍ଷ ବୟସରୁ ବାହାହୋଇ ଏଗାର ବର୍ଷରେ ତାଙ୍କର ପୁଅଟିଏ ହେଇସାରିଥାଏ । ବୋଉ ତାକୁ ଦେଖି ବ୍ୟସ୍ତ ହେଲେ ମତେ ବାହା କରିଦେବାକୁ । କହିଲେ 'ନାଇଁ ସେ ବହୁତ ପଢ଼ିଲାଣି । ବ୍ରାହ୍ମଣ ଘର ଝିଅ, ଆଉ କେବେ ବାହା ହେବ ? ଏଣିକି ଘରେ ରହୁ, ଘର କାମ କରୁ, ସବୁ କାମ ଶିଖୁ ।' ମୁଁ କଲେଜରେ ପଢ଼େ ବୋଲି ବୋଉଙ୍କର ଏକଦମ୍ ଅରାଜି,ମୋର କିନ୍ତୁ କଲେଜରେ ପଢ଼ିବା ପାଇଁ ଖୁବ୍ ଇଚ୍ଛା । ବାପା କ'ଣ କଲେ ନା, ମୋତେ ଚୁପ୍ କରି ଡାକିନେଇ କହିଲେ 'ତୁ କଲେଜ ଯା,ନାଁ ଲେଖା ।' ବାପାଙ୍କୁ ତ ବୋଉ ଖୁବ୍ ମାନୁଥିଲେ । ମୁଁ ତାପରେ ଏକା ଏକା ରେଭେନ୍ସା କଲେଜ ଯାଇ ଫର୍ମ ଆଣି ପକାଇଲି । ଆଉ ଅନ୍ୟ କଲେଜରେ ମଧ ଫର୍ମ ପକାଇଥିଲି । କିନ୍ତୁ ରେଭେନ୍ସା କଲେଜରୁ ଆଗ ଇଣ୍ଟିମେସନ ଆସିଲାରୁ ମୁଁ ସେଇଠି ଆଡ଼ମିଶନ କରିଦେଲି । ବୋଉ ବି ଚୁପ୍ ପଡ଼ିଗଲେ । ତେଣୁ ପ୍ରକୃତରେ ବାପାଙ୍କର ଯଦି ସପୋର୍ଟ ପାଇନଥାନ୍ତି, ମୁଁ ଜୀବନରେ କିଛି କରିପାରି ନଥାନ୍ତି ।''

ସତରେ ଏବେ ବି ଭାବିଲେ ଖୁବ୍ ଆଶ୍ଚର୍ଯ୍ୟ ଲାଗେ ଯେ, ସେ ସମୟରେ, ବ୍ରାହ୍ମଣ କୁଳରେ ଝିଅ ଜନ୍ମ ପାଇ ଏତେ ଦୃଢ଼ମନା ହେବା ସହଜ କଥା ନଥିଲା । ତା'ଛଡ଼ା ପିଲାର ସାମୂହିକ ଉନ୍ନତି ନିମନ୍ତେ ଏକ ଶୃଙ୍ଖଳିତ ପରିବେଶ ମଧ ଏକାନ୍ତ ଆବଶ୍ୟକ । ତେଣୁ ନନ୍ଦିନୀ ଦେବୀଙ୍କ ପରିବାରଟି ଏହି ଦୃଷ୍ଟିରୁ ତାଙ୍କ ପାଇଁ ଯେ ଏକ ଉପଯୁକ୍ତ ଶିକ୍ଷାଶାଳା ଥିଲା, ଏହା ନିଃସନ୍ଦେହ ।

Digitized by PPRACHIN, SOA

ସ୍ୱାଭିମାନୀ ପିତାଙ୍କର ସ୍ୱାଭିମାନୀ କନ୍ୟା

ପିତା କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ପରି ବହୁଗୁଣର ଅଧିକାରିଣୀ ଥିଲେ ତାଙ୍କର ଅଲିଅଳ କନ୍ୟା ନନ୍ଦିନୀ ପାଣିଗ୍ରାହୀ । ସତେ ଯେପରି ବାପାଙ୍କର ସମସ୍ତ କଳାକୁ ସେ ଅପହରଣ କରି ଆଣି ନିଜ ଭିତରେ ସାଇତି ପାରିଥିଲେ । କାଳିନ୍ଦୀ ପାଣିଗ୍ରାହୀଙ୍କର ଥିଲା ପ୍ରଚଣ୍ଡ ଆତ୍ମାଭିମାନ । କାଳିନ୍ଦୀ ଚରଣଙ୍କର ପ୍ରତ୍ୟେକ ଲେଖାରେ ତାଙ୍କ ସ୍ୱାଭିମାନର ଚିତ୍ର ଫୁଟିଉଠିଥିଲା । ଦିନକର ଘଟଣା । ତାଙ୍କ ସାନଭାଇ ଭଗବତୀ ଚରଣ ପାଣିଗ୍ରାହୀ ଢେଙ୍କାନାଳ ଗଡ଼ଜାତ ଆନ୍ଦୋଳନରେ ଭାଗନେଇ ବାରମ୍ବାର ସେଠାକୁ ଯାଉଥିଲେ । ତେଣୁ ତାଙ୍କ ନାମଟା ସେଠାରେ ଖୁବ୍ ଜଣାଶୁଣା ଥିଲା । ସେହି ସମୟରେ କାଳିନ୍ଦୀ ବାବୁ ଥାନ୍ତି Estern States Publicity Officer । ସେଇ କାମରେ ସେ ରାଜ୍ୟର ସବୁ ଗଡ଼ଜାତ ଅଞ୍ଚଳ ଗୁଡ଼ିକ ବୁଲୁଥିଲେ । ସେ ଯେତେବେଳେ ଢେଙ୍କାନାଳ ଯାଇଥିଲେ, ସେଠାକାର ରାଜା ଶଙ୍କର ପ୍ରତାପ ସିଂଦେଓ ତାଙ୍କୁ ପଚାରିଲେ, 'ଆପଣ କ'ଣ ଭଗବତୀ ପାଣିଗ୍ରାହୀଙ୍କର ଭାଇ ?' କାଳିନ୍ଦୀ ବାବୁ ସଙ୍ଗେ ସଙ୍ଗେ ତାଙ୍କୁ ହସି ହସି କହିଲେ, 'ନାଇଁ ଆଜ୍ଞା, ଭଗବତୀ ମୋ ସାନଭାଇ ।' ଏଥିରୁ ଜଣାପଡ଼େ କାଳିନ୍ଦୀ ପାଣିଗ୍ରାହୀଙ୍କର କେତେ ସ୍ୱାଭିମାନ ଥିଲା । ସେ ଜଣାଇ ଦେବାକୁ ଚାହୁଁଥିଲେ ଯେ ମୋର କିଛି ନିଜସ୍ୱ ପରିଚୟ ଅଛି । ତା'ଛଡ଼ା ସାନଭାଇର ପରିଚୟରେ ବଡ଼ଭାଇ ପରିଚିତ ହେବା ଉଚିତ୍ ନୁହେଁ ।

ଏହାର କିଛି ବର୍ଷପରେ ଅନୁରୂପ ଅନ୍ୟ ଏକ ଘଟଣା ଘଟିଥିଲା । ସେ ବିଷୟରେ ନନ୍ଦିନୀ ଦେବୀ ଯାହା କହନ୍ତି ତାହା ହେଲା, "୧୯୬୨ ମସିହାର କଥା । କେନ୍ଦ୍ର ସାହିତ୍ୟ ଏକାଡ଼େମୀରେ ବାପା ଥାନ୍ତି ଓଡ଼ିଶାରୁ ପ୍ରଥମ ଓଡ଼ିଆ ଫେଲୋ । ସେତେବେଳେ ସାହିତ୍ୟ ଏକାଡ଼େମୀର ସଭାପତି ଥାନ୍ତି ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ । ଏକାଡ଼େମୀର ଏକ ମିଟିଂ ଡକାହୋଇଥାଏ ଦିଲ୍ଲୀରେ । ବାପା ବି ସେ ମିଟିଂକୁ ଯାଇଥାନ୍ତି । ମିଟିଂ ସାରି ଘରକୁ ଫେରିବା ଉଦ୍ଦେଶ୍ୟରେ ବାପା ଆସି ବାହାରେ ଠିଆହୋଇଥାନ୍ତି । ଇନ୍ଦିରା ଗାନ୍ଧୀ ମଧ୍ୟ ସେ ମିଟିଂକୁ ଯାଇଥାନ୍ତି । ଏତିକିବେଳେ ଇନ୍ଦିରା ଗାନ୍ଧୀ ସେହି ବାଟ ଦେଇ ଫେରିଲା ବେଳେ ବାପାଙ୍କୁ ବାହାରେ ଠିଆ ହୋଇଥିବାର ଦେଖି ପଚାରିଲେ, Shall I drop you some where ?' ବାପା ସମ୍ମତି ଜଣାଇ ମୋ ଠିକଣା ବତେଇ ଦେଲେ ଏବଂ କହିଲେ, 'ମୋ ଝିଅ ଏମ.ପି. ଅଛି, ମୁଁ ତାରି କ୍ୱାର୍ଟରରେ ରହୁଛି ।' ଏହାଶୁଣି ଇନ୍ଦିରା ଗାନ୍ଧୀ ପଚାରିଲେ, 'ଆପଣ ନନ୍ଦିନୀର ବାପା, ନା ? ଆପଣଙ୍କ ମୁହଁ ସାଙ୍ଗରେ ତାର ଭାରି ସାମଞ୍ଜସ୍ୟ ଅଛି ।' ବାପା ହସି ହସି କହିଲେ, 'ନାଇଁ, ନନ୍ଦିନୀ

Digitized by PPRACHIN, SOA

ପାଣିଗ୍ରାହୀ ମୋ ଝିଅ ।' ଏହା ଶୁଣି ଇନ୍ଦିରା ଗାନ୍ଧୀ ଖୁବ୍ ହସିଲେ ଏବଂ ତାଙ୍କୁ ଆଣି ମୁଁ ରହୁଥିବା ୧୦୬, ନର୍ଥ ଆଭେନ୍ୟୁର କ୍ୱାର୍ଟରରେ ଛାଡ଼ିଦେଇଗଲେ ।''

ଏହାଥିଲା କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କର ସ୍ୱାଭିମାନ । ଜଣେ ଦରଦୀ ଲେଖକର ସ୍ୱାଭିମାନ । ସ୍ୱାଭିମାନ ନଥିଲେ କୌଣସି ବ୍ୟକ୍ତି ଉପରକୁ ଉଠିବା ନିଶ୍ଚିତ ଭାବେ ଅସମ୍ଭବ । ଯେଉଁ ସ୍ୱାଭିମାନ ଯୋଗୁ ନନ୍ଦିନୀ ଦେବୀ ତାଙ୍କ ଜୀବନରେ ଅନେକ ଉଚ୍ଚ ପଦ ପଦବୀ ହାତଛଡ଼ା କରିବା ସଙ୍ଗେ ସଙ୍ଗେ ଅନେକ ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ଖୁବ୍ ଅପ୍ରୀତିକର ପରିସ୍ଥିତିରେ ପକାଇ ଦେଇଥିଲେ ।

ତାଙ୍କର ଖୁବ୍ ସାନ ପିଲା ବେଳର କଥା । ସମବାୟ ଚାକିରି ଛାଡ଼ି ତାଙ୍କ ବାପା କାଳିନ୍ଦୀ ଚରଣ ପାଣିଗ୍ରାହୀ ମୟୂରଭଞ୍ଜରୁ ପ୍ରକାଶିତ 'ଭଞ୍ଜପ୍ରଦୀପ' ପତ୍ରିକାର ସଂପାଦକ ରୂପେ ଯୋଗ ଦେଇଥାନ୍ତି । ପରେ ପରେ ସେ ନିଜର ପରିବାରକୁ ମଧ୍ୟ ସେଠାକୁ ନେଇଯାଇଥାନ୍ତି । ନନ୍ଦିନୀ ଦେବୀ ସେତେବେଳକୁ ମାତ୍ର ତିନି ବର୍ଷର ଶିଶୁ । ବର୍ଷେ ଦୁଇ ବର୍ଷ ସେଠାରେ ରହିବାପରେ କାଳିନ୍ଦୀ ବାବୁ ସେଠାକାର ଏକ ପ୍ରାଇମେରୀ ସ୍କୁଲରେ ଝିଅର ନାମ ଲେଖାଇଦେଲେ । ନନ୍ଦିନୀ ଦେବୀ ମୋଟେ ସାତ ଆଠ ଦିନ ସ୍କୁଲକୁ ଯାଇଛନ୍ତି କି ନାହିଁ, ଦିନେ ବାପାଙ୍କୁ ଆସି କହିଲେ, ମତେ ଏ ସ୍କୁଲ ଭଲ ଲାଗୁନି । ମୁଁ କଟକରେ ରହି ପଢ଼ିବି । କାଳିନ୍ଦୀ ବାବୁ ଟିକେ ବ୍ୟସ୍ତ ହୋଇ ପଡ଼ିଲେ । ଏଡ଼ିକି ଛୋଟ ପିଲା, କଟକରେ ହଷ୍ଟେଲରେ ରହି କେମିତି ପଢ଼ିବ ? ସେ ଝିଅକୁ ଡାକି ପଚାରିଲେ, ଏଠା ସ୍କୁଲରେ କ'ଣ ଅସୁବିଧା ହେଉଛି ତୋର ? ନନ୍ଦିନୀ ଦେବୀ ଏହାର ଯେଉଁ ଉତ୍ତର ଦେଲେ ତାହା ଶୁଣି ବାପା ତାଙ୍କର ସ୍ତମ୍ଭୀଭୂତ ହୋଇଗଲେ ।

ସେ ସମୟରେ ସେଠାକାର ସ୍କୁଲରେ ରାଜାଙ୍କ ସ୍ତୁତି ଗାନକରାଯାଇ ପ୍ରାର୍ଥନା ସବୁ ବୋଲାଯାଉଥିଲା । ନନ୍ଦିନୀ ଦେବୀଙ୍କର ଯେଉଁ ସ୍କୁଲରେ ନାମ ଲେଖାଯାଇଥିଲା ସେଠାରେ ମଧ୍ୟ ସେଇଭଳି ପ୍ରାର୍ଥନା ବୋଲାଯାଉଥିଲା ।

'ଏହି ମୋର ଭଞ୍ଜ ଭୂମି ଏହି ମହାରାଜା
ଜନ୍ମେ ଜନ୍ମେ କରୁଥିବି ମୁଁ ଏ ଦୁହିଁଙ୍କୁ ପୂଜା ।'

ତାଙ୍କୁ ଏହି ପ୍ରାର୍ଥନାଟି ଖୁବ୍ ଖରାପ ଲାଗିଥିଲା । ସେ ତ ଅତି ସାନ ବେଳରୁ ନାନୀ, ଭାଇନାଙ୍କ ସଙ୍ଗେ ବସି ଭଗବାନଙ୍କ ପ୍ରାର୍ଥନା ବୋଲୁଥିଲେ । ବାପାବୋଉ ବି ତାଙ୍କୁ ଅନେକ ପ୍ରାର୍ଥନା ଶିଖାଇ ଦେଇଥିଲେ । ତେଣୁ ଏ ରାଜାଙ୍କୁ ପୂଜା କରିବା ପ୍ରାର୍ଥନାଟି ତାଙ୍କୁ ଖୁବ୍ ବିରକ୍ତ କରିଥିଲା । ବାପା କାଳିନ୍ଦୀ ବାବୁ ମଧ୍ୟ ନିଜ ଝିଅର ସ୍ୱାଭିମାନ

Digitized by PPRACHIN, SOA

ଦେଖି ଖୁବ୍ ଖୁସି ହୋଇଯାଇଥିଲେ । କାରଣ ସେ ବି ତ ଲେଖୁଥିଲେ :-

' ଜନ୍ମ ଆମର ମଣିଷ କୁଳରେ ନାହିଁ ଇଜ୍ଜତ ମାନ,
ଆମ ଝିଅ ବୋହୂ ସବୁରି ଶାଳୀ ହେ ଆମେ ଶଳା ସଇତାନ ।'

ଏପରି ସ୍ୱାଭିମାନ ଲେଖକର ଝିଅ ହୋଇ ରାଜାଙ୍କ ସ୍ତୁତି ଗାନକରିବା ନନ୍ଦିନୀ ଦେବୀଙ୍କ ପକ୍ଷରେ କିପରି ବା ସମ୍ଭବ ହୋଇଥାନ୍ତା ? ସେତେବେଳକୁ ତାଙ୍କ ଦଦେଇଙ୍କ ଝିଅ ଭେଜିନାନୀ କଟକର ଗାର୍ଲ ସ୍କୁଲରେ ହଷ୍ଟେଲରେ ରହି ପଢୁଥାନ୍ତି । ଦିବ୍ୟସିଂହ ପାଣିଗ୍ରାହୀ କିନ୍ତୁ ବାରିପଦାରେ ରହୁଥାନ୍ତି । ସେ ସେଠାରେ ଷ୍ଟେଟ ପ୍ଲିଡ଼ର (ଏହି କ୍ଷଣି ଯାହାକୁ କହୁଛନ୍ତି ଆଡ଼ଭୋକେଟ ଜେନେରାଲ) ଭାବେ କାର୍ଯ୍ୟ କରୁଥାନ୍ତି । ଏହି ଘଟଣା ପରେ ଦିବ୍ୟସିଂହ ବାବୁ ନନ୍ଦିନୀ ଦେବୀଙ୍କୁ ଆଣି କଟକର ସେହି ଗାର୍ଲ ସ୍କୁଲରେ ନାମ ଲେଖାଇ ଦେଇଥିଲେ ।

ଏଥିରୁ ଅନୁମାନ କରିହୁଏ ନନ୍ଦିନୀ ଦେବୀ ପିଲାଦିନୁ କେତେ ସ୍ୱାଭିମାନୀ ଥିଲେ । ପାଞ୍ଚବର୍ଷ ବୟସରେ ନିଜର ସ୍ୱାଭିମାନ ଲାଗି ଯିଏ ସାମାନ୍ୟ ଗୋଟିଏ ବିଦ୍ୟାଳୟ ପରିତ୍ୟାଗ କରିଦେଇଥିଲେ, ସିଏ ଯେତେବେଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଆସନରେ ବସିଲେ ଏହି ସ୍ୱାଭିମାନ ଯୋଗୁଁ ସେ ମୁଖ୍ୟମନ୍ତ୍ରୀ ଆସନ ମଧ୍ୟ ଛାଡ଼ିଦେବା ପାଇଁ ତିଳେ ହେଲେ କୁଣ୍ଠାବୋଧ କରି ନଥିଲେ । ଏହାର ଏକ ନଜିର ଦେଇ ସେ କହନ୍ତି, ''ସେତେବେଳେ ସଂଜୟ ଗାନ୍ଧୀ ତାଙ୍କ ମା'ଙ୍କ ଉପରେ ପ୍ରବଳ ଚାପ ପକାଉଥାନ୍ତି ଓଡ଼ିଶାର ନେତୃତ୍ୱ ପରିବର୍ତ୍ତନ ପାଇଁ । ଅର୍ଥାତ୍ ମୁଖ୍ୟମନ୍ତ୍ରୀ ପଦରୁ ମୋତେ ହଟାଇବା ପାଇଁ । ସେହି ସମୟରେ ଏହି ଘଟଣାଟି ଘଟିଥିଲା । ସତ୍ୟ ମହାପାତ୍ର ଏବଂ ଦେବେନ୍ଦ୍ର ପଟ୍ଟନାୟକ ବୋଲି ଦୁଇଜଣ ବ୍ୟକ୍ତି All India Radio, କଟକ କେନ୍ଦ୍ରରେ ଚାକିରି କରୁଥାନ୍ତି । ଏ ଦୁଇଜଣଙ୍କୁ ସଂଜୟ ଗାନ୍ଧୀ ନିର୍ଦ୍ଦେଶ ଦେଇଥାନ୍ତି ମୋ ବିରୁଦ୍ଧରେ ରେଡ଼ିଓରେ କହିବା ପାଇଁ । କିନ୍ତୁ ଏ ଦୁଇଜଣ ମୋ ବିରୁଦ୍ଧରେ କିଛି ନ କହିବାରୁ ସଂଜୟର କୋପଦୃଷ୍ଟିର ଶିକାର ହେଲେ । ସେତେବେଳେ ବିଦ୍ୟାଚରଣ ଶୁକ୍ଳା ଥାନ୍ତି ସୂଚନା ଓ ପ୍ରସାରଣ ବିଭାଗର ମନ୍ତ୍ରୀ । ସଂଜୟ ଗାନ୍ଧୀ ପ୍ରଥମେ ତାଙ୍କୁ ଖୋଜିଲେ । ସେ ସେତେବେଳେ ବାହାରକୁ ଯାଇଥାନ୍ତି । ସଂଜୟ ରାଗରେ ନିଜର ହିତାହିତ ଜ୍ଞାନ ଭୁଲି ସୂଚନା ଓ ପ୍ରସାରଣ ବିଭାଗର ସଚିବଙ୍କୁ କହିଲେ ଯେ ଏ ଦୁହିଙ୍କୁ ଅବିଳମ୍ବେ କୋହିମା ଟ୍ରାନ୍ସଫର କରିଦିଅନ୍ତୁ । ପ୍ରଧାନମନ୍ତ୍ରୀଙ୍କ ପୁଅ ଯେତେବେଳେ କହୁଛନ୍ତି ସେତେବେଳେ ସଚିବ ମହାଶୟ ତୁରନ୍ତ ଏ ଆଦେଶକୁ ପାଳନ କଲେ । ଖାଲି ପାଳନ କଲେନି, ଏ ଦୁଇଜଣଙ୍କୁ Telegraphically Transfer କରିଦେଲେ ସୁଦୂର କୋହିମାକୁ । ଏଥିରୁ

Digitized by PPRACHIN, SOA

ସ୍ପଷ୍ଟ ଜଣାପଡୁଥିଲା ଯେ ସଂଜୟ ଗାନ୍ଧୀ ସେତେବେଳେ ତାଙ୍କ ମା' ଇନ୍ଦିରା ଗାନ୍ଧୀଙ୍କ ଶାସନ କାର୍ଯ୍ୟରେ କେତେ ଗଭୀର ଭାବରେ ହସ୍ତକ୍ଷେପ କରୁଥିଲେ ।

ମୁଁ ଯେତେବେଳେ ଏ କଥା ଶୁଣିଲି, ମୋତେ ଖୁବ୍ ଖରାପ ଲାଗିଲା । ଅକାରଣଟାରେ ଦୁଇଜଣ କର୍ମଚାରୀଙ୍କୁ କଟକରୁ କୋହିମା ବଦଳି କରିବା ପଛରେ ମୁଁ କୌଣସି ଯଥାର୍ଥତା ଦେଖିପାରୁନଥିଲି । ସେମାନଙ୍କୁ ମୁଁ ପରାମର୍ଶ ଦେଲି ଯେ ଛୁଟି ନେଇ ତୁମେ ଏଇଠାରେ ରୁହ । ତା'ପରେ ମୁଁ ପ୍ରସାରଣ ମନ୍ତ୍ରୀ ବିଦ୍ୟାଚରଣ ଶୁକ୍ଲାଙ୍କୁ ଏ ବିଷୟରେ ପଚାରିଲି । ଶୁକ୍ଲା ମୋତେ କହିଲେ ଯେ ଏହି ଅର୍ଡ଼ର Prime Minister ଙ୍କ House ରୁ ଆସିଥିଲା । ମୁଁ କିନ୍ତୁ ଛାଡ଼ିବାର ପାତ୍ର ନଥିଲି । ମୁଁ ପଚାରିଲି ଯେ Prime Minister House ବୋଲି କ'ଣ କିଛି ଅଛି ? କଥାଟା ଠିକ୍‌ରେ କୁହନ୍ତୁ କିଏ ଏ ଅର୍ଡ଼ର ଦେଲା । ପି. ଏମ. ହାଉସ୍‌ର ଚାକର କୁକୁର କହିଦେଲେ କ'ଣ ତାହା ଅର୍ଡ଼ର ହେଇଯିବ ? ଏହା ଶୁଣି ଶୁକ୍ଲା ସାହେବ ମୋତେ କହିଲେ, 'କ୍ୟା ନନ୍ଦିନୀଜୀ, ଆପ୍ ତୋ ସବ୍ ଜାନତେ ହେଁ ।' ମୁଁ ସେଇଠୁ 'ଆଚ୍ଛା ଠିକ ଅଛି' କହି ଚୁପ୍ ରହିଲି । ଏହାର ଠିକ୍ ପରେ ପରେ National Development Council (N.D.C.) ର ମିଟିଂ ଦିଲ୍ଲୀର ବିଜ୍ଞାନ ଭବନରେ ବସିଥାଏ । ଏହି ମିଟିଂ ରେ ମୋର ବି ଯୋଗ ଦେବାର ଥାଏ । ସେଇଠି ଇନ୍ଦିରା ଗାନ୍ଧୀଙ୍କ ସଙ୍ଗେ ମୋର ଦେଖାହେଲା । ସେତେବେଳକୁ ସଂଜୟର ଚାପରେ ପଡ଼ି ମୋତେ ମୁଖ୍ୟମନ୍ତ୍ରୀ ପଦରୁ ଡ୍ରପ୍ କରିବା ପାଇଁ ସେ ଏକ ପ୍ରକାର ସ୍ଥିର କରିସାରିଥିଲେ । କାରଣ ପୂର୍ବରୁ ମୁଁ ଯେତେଥର ତାଙ୍କୁ ଦେଖା କରିବାକୁ ଯାଇଛି, ସେ ଚିଟ୍ ପାଇଲାକ୍ଷଣି ମୋତେ ଡକାଇଦିଅନ୍ତି । ପରେ କିନ୍ତୁ ମତେ ସାକ୍ଷାତ ଦେବାପାଇଁ ସେ ଆଉ ଇଚ୍ଛୁକ ନଥିଲେ ବୋଲି ତାଙ୍କ ପ୍ରାଇଭେଟ୍ ସେକ୍ରେଟାରୀ ମୋତେ ଆଗରୁ ସୂଚନା ଦେଇସାରିଥିଲେ । ସେ ଯାହାହେଉ ସେଇ ବିଜ୍ଞାନ ଭବନର ମିଟିଂରେ ମୁଁ ଏହି ଦୁଇଜଣଙ୍କ ବଦଳି ବିଷୟରେ ତାଙ୍କୁ ପଚାରିଲି । ଇନ୍ଦିରା ଗାନ୍ଧୀ ମୋତେ କହିଲେ, ତୁମେ କେମିତି ଜାଣିଲ ଯେ ସଂଜୟ ଏହା କରେଇଛି ? ମୁଁ କହିଲି, ମୋତେ ଏହା ବିଦ୍ୟାଚରଣ ଶୁକ୍ଲା କହିଲେ । ସେଦିନ ଗଲା । ତା'ଭିତରେ ଇନ୍ଦିରା ଗାନ୍ଧୀ ବିଦ୍ୟା ଚରଣ ଶୁକ୍ଲା ଙ୍କୁ ଏ କଥା ପଚାରିଥିଲେ । ମାତ୍ର ଇନ୍ଦିରା ଗାନ୍ଧୀଙ୍କ ସାମ୍ନାରେ ସତକଥା କହିବା ପାଇଁ ଶୁକ୍ଲାଙ୍କର ସତ୍‌ସାହସ ନଥିଲା । ସେ ତା ପରଦିନ ମୋର ଇନ୍ଦିରା ଗାନ୍ଧୀଙ୍କ ସହିତ ଦେଖା ହେବାରୁ ମତେ ସେ କହିଲେ ଯେ ବିଦ୍ୟା ଶୁକ୍ଲା ତ ମନା କରୁଛନ୍ତି ତମକୁ ସେ କହିନାହାନ୍ତି ବୋଲି । ଏ କଥା ଶୁଣି ମୋର ରାଗ ମୁଣ୍ଡକୁ ଚଢ଼ିଗଲା । ମୁଁ ତାଙ୍କ ପାଖରେ ବସିଥିବା ସୋଫାରେ ହାତ ବାଡ଼େଇ କହିଲି, ଡାକନ୍ତୁ ବିଦ୍ୟା ଶୁକ୍ଲାଙ୍କୁ, ସେ

Digitized by PPRACHIN, SOA

ମୋ ସାମ୍ନାରେ କୁହନ୍ତୁ ଯେ ମୋତେ ଏ କଥା କହିନାହାନ୍ତି ବୋଲି । ଇନ୍ଦିରା ଗାନ୍ଧୀ ମୋ ରାଗ ଦେଖି ସ୍ତବ୍ଧ ହୋଇଗଲେ । ସେ ଆଉ ସାହସ କରି ପାରିଲେନି ଶୁକ୍ଳାଙ୍କୁ ଡାକି ମୋ ଆଗରେ କନ୍‌ଫ୍ରଣ୍ଟ କରାଇବା ପାଇଁ ।

ଏହାର କିଛିଦିନ ପରେ ସାଧାରଣ ନିର୍ବାଚନ ହେଲା । ଏଥିରେ ଜନତା ପାର୍ଟି ସଂଖ୍ୟାଗରିଷ୍ଠତା ପାଇ କେନ୍ଦ୍ରରେ ସରକାର ଗଢ଼ିଲା । ଦେବେନ୍ଦ୍ରବାବୁ ତ ସେତେବେଳେ ଏମ.ପି. ଥାନ୍ତି । ମୁଁ ତାଙ୍କରି ପାଖରେ ୬୦-ଲୋଧି ଇଷ୍ଟେଟରେ ରହୁଥାଏ । ଏ ଦୁଇଜଣଙ୍କ ଅବସ୍ଥା ସେମିତି ଥାଏ । ଲାଲକ୍ରିଷ୍ଣ ଆଡ଼ଭାନୀ ହେଲେ ସୂଚନା ଓ ପ୍ରସାରଣ ମନ୍ତ୍ରୀ । ମୁଁ ଯାଇ ତାଙ୍କୁ ଦେଖାକରି ଏ ସମସ୍ତ ବିଷୟ ଜଣାଇଲି ଏବଂ କହିଲି, ମୁଁ ଚାହୁଁଛି ଯେମିତି ଏ ଦୁଇଜଣଙ୍କୁ ଟେଲିଗ୍ରାଫିକାଲି ଟ୍ରାନ୍‌ସଫର କରି କୋହିମାକୁ ବଦଳି କରାଯାଇଥିଲା, ସେମିତି ଟେଲିଗ୍ରାଫିକାଲି ଅର୍ଡ଼ର ବାହାର କରି ଏହି ଟ୍ରାନ୍‌ସଫରକୁ ରଦ୍ଦ କରାଯାଉ । ଆଡ଼ଭାନୀଜୀ ସେତେବେଳେ ଏ କଥାର ଗୁରୁତ୍ୱ ଉପଲବ୍‌ଧି କରି ସଂଗେ ସଂଗେ ଏହାକୁ କାର୍ଯ୍ୟକାରୀ କରେଇଥିଲେ ।''

ଏହିପରି ନନ୍ଦିନୀ ଦେବୀ ଅନେକ ପରିସ୍ଥିତିକୁ ସାମ୍ନା କରିଛନ୍ତି । ହେଲେ ତାଙ୍କର ସ୍ୱାଭିମାନ ସେ କେଉଁଠାରେ ବି ହରେଇ ନାହାନ୍ତି ।

ପିଲାଦିନର କେତୋଟି ଅଭୁଲା ମୁହୂର୍ତ୍ତ

ସାଧାରଣତଃ ବାଲ୍ୟାବସ୍ଥାରୁ ପିଲାମାନେ ଯେଉଁଭଳି ଭାବରେ ଦୁଷ୍ଟାମି ଆରମ୍ଭ କରିଦେଇଥାନ୍ତି ନନ୍ଦିନୀ ଦେବୀ ତାଙ୍କର ପିଲାଦିନରୁ ମଧ୍ୟ ସେଥିରୁ ବାଦ୍ ପଡ଼ିନଥିଲେ । ସେଦିନର କୁନି ସେତେବେଳକୁ ମାତ୍ର ବର୍ଷକର କୋମଳମତି ଶିଶୁ । ତାଙ୍କ ଘରେ ବାଞ୍ଛାବୋଲି ଗୋଟିଏ ପିଲା କାମ କରୁଥାଏ । ସେ କୁନିକି ସବୁବେଳେ ଘରସାରା ତା କାନ୍ଧ ଉପରେ ବସାଇ ବୁଲାଏ ଆଉ ଅବୋଧ କୁନି ତା କୁନି କୁନି ହାତ ଯୁଆଡ଼େ ପାଏ ସେ ସବୁଆଡ଼ ଅଣ୍ଡାଳୁଥାଏ । ଏମିତି ଥରେ ଅଣ୍ଡାଳୁ ଅଣ୍ଡାଳୁ କୁନି ହାତରେ ପଡ଼ିଗଲା ଗୋଟିଏ ସ୍ପିରିଟ୍ ବୋତଲ । ସେ ଟିକିଏ ବି କାଳବିଳମ୍ବ ନକରି ବୋତଲରୁ ଠିପି ଖୋଲି ସ୍ପିରିଟ୍‌ତକ ଢକ ଢକ କରି ପିଇଦେଲା । ବାଞ୍ଛା କାନ୍ଧରେ ତ କୁନି ବସିଥାଏ । ସେ ବା ଜାଣିବ କିପରି । ଯେତେବେଳେ ସେ ଏକଥା ଜାଣିଲା ତାକୁ ଖୁବ୍ ଭୟ ହେଇଗଲା । ସେ ଯାଇ ଏହା କାଳିନ୍ଦୀ ବାବୁଙ୍କୁ କହିଲା । କାଳିନ୍ଦୀ ବାବୁ ସଙ୍ଗେ ସଙ୍ଗେ ଡାକ୍ତର ଡାକି କୁନି କି ଲୁଣପାଣି ପିଆଇ ତାର ପେଟ ୱାସ କରାଇଲେ ଏବଂ କୁନି ସୁସ୍ଥ ହେଲା ।

Digitized by PPRACHIN, SOA

ନନ୍ଦିନୀ ଦେବୀ ଏବେବି ସେଇ କଥା ମନେ ପକାଇ ଖୁବ୍ ହସି ହସି କହନ୍ତି ଯେ, "ମୁଁ ତ ସ୍ପିରିଟ ପିଇଦେଲି, ଆଉ ବାଞ୍ଚା କିପରି ମଣିଷମାରୁ ହେଲା ? କିନ୍ତୁ ବୁଢୀ ମା ମୋର ସବୁବେଳେ କହନ୍ତି ବାଞ୍ଚା ଅସଲ ମଣିଷମାରୁ । ମୋ ଝିଅକୁ ମାରିଦେଇଥାନ୍ତା ।"

ଏଇ ବର୍ଷକର କୁନି ଯେତେବେଳେ ଏକ ଚପଳମତି ବାଳିକାରେ ପରିଣତ ହେଲା, ସେତେବେଳେ ଧୂଳିଖେଳ ଛାଡ଼ି ଦଉଡ଼ି ଯାଇଥିଲା ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ଅନ୍ୟତମ କର୍ଣ୍ଣଧାର ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କୁ ଦେଖିବା ପାଇଁ । ସୁଭାଷଙ୍କୁ ଦେଖିବା ପାଇଁ ଏଇ କୁନିଝିଅଟି ମନରେ ଜାଗି ଉଠିଥିଲା ଅପୂର୍ବ ଉନ୍ମାଦନା । ସେଦିନ ସୁଭାଷ ବୋଷଙ୍କର କଟକ ମ୍ୟୁନିସପାଲିଟି ପଡ଼ିଆର ଏକ ସଭାରେ ଯୋଗଦେବାର କାର୍ଯ୍ୟକ୍ରମ ଥାଏ । କୁନି କେଉଁଠୁ ଏହି କଥାଟି ଶୁଣିଦେଇଥାଏ । ସକାଳୁ ଉଠି ସେ କାହାରିକୁ କିଛି ନ କହି ଚାଲିଆସିଲା ମ୍ୟୁନିସିପାଲିଟି ଡାକ୍ତରଖାନାର ପାଚେରି ନିକଟକୁ । ପାଚେରି ଉପରେ ଚଢିଯାଇ ଚୁପ୍‌ଚାପ୍ ଅପେକ୍ଷା କରି ରହିଲା ସୁଭାଷଙ୍କର ଆସିବା ସମୟକୁ । ବେଶ କିଛି ସମୟ ଅପେକ୍ଷା କରିବା ପରେ ସୁଭାଷ ବୋଷ ଏକ ଧଳା ସାଲ୍‌ଟିଏ କାନ୍ଧରେ ପକାଇ ଗୋଟିଏ ଧଳା ରଙ୍ଗର ଘୋଡ଼ା ଉପରେ ଚଢ଼ି ସେହି ବାଟ ଦେଇ ଚାଲିଗଲେ । ବାସ ସେତିକିରେ କୁନି ମନରେ ଆନନ୍ଦ କହିଲେ ନ ସରେ । ସେପଟେ କିନ୍ତୁ ଘରେ ଖୋଜାପଡ଼ିଛି କୁନିକୁ । କୁଆଡ଼େ ଗଲା ? କୁନି ଯେତେବେଳେ ଘରକୁ ଆସିଲା, ବୋଉ ଦେଖି ପାଟି କରି ଉଠିଲେ । ମାତ୍ର କୁନି ଖୁବ୍ ଗର୍ବର ସହିତ କହିଲା ଯେ, ମୁଁ ଆଜି ସୁଭାଷ ବୋଷଙ୍କୁ ଦେଖିଲି । ସେତେବେଳକୁ ତାଙ୍କୁ ବୟସ ମୋଟେ ୮ ବର୍ଷ ହୋଇଥାଏ । ଜୀବନରେ ସେଇ ଥରେ ମାତ୍ର ସୁଭାଷ ବୋଷଙ୍କୁ ଦେଖିଥିବା ନନ୍ଦିନୀ ଦେବୀ ତାଙ୍କରି ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିଚାଲିଥିଲେ । ତାପରେ ସେ ଯେତେବେଳେ ୮ମ ଶ୍ରେଣୀରେ ପଢୁଥାନ୍ତି, ଥରେ ସରୋଜିନୀ ନାଇଡୁ କଟକର ଓ. ଏମ. ପି ପଡ଼ିଆରେ ଏକ ସଭା କରୁଥାନ୍ତି । ନନ୍ଦିନୀ ଦେବୀ ସ୍କୁଲ ରୁ ପଳାଇ ଆସି ସେହି ସଭାରେ ବସି ସରୋଜିନୀ ନାଇଡୁଙ୍କ ସଂପୂର୍ଣ୍ଣ ଭାଷଣଟିକୁ ଖୁବ ଧୀରସ୍ଥିର ହୋଇ ଶୁଣିଥିଲେ । ଏମିତି ଅନେକ ଥର ସ୍କୁଲରୁ, ଘରୁ ଲୁଚି ପଳାଇଆସି ଏହିପରି କଥାରେ ସେ ମାତିଯାଉଥିଲେ ।

ନନ୍ଦିନୀ ଦେବୀଙ୍କ ପିଲାଦିନୁ ତାଙ୍କ ଉପରେ ଅନେକ ବ୍ୟକ୍ତିଙ୍କର ପ୍ରଭାବ ପଡ଼ିଛି । ବହୁ ପ୍ରତିଭାଦୀପ୍ତ ବ୍ୟକ୍ତିଙ୍କ ଆଲୋକରେ ତାଙ୍କର ପିଲାଦିନ ଜାଜ୍ୱଲ୍ୟମାନ । ସେମାନଙ୍କ ମଧ୍ୟରୁ ଜଣେ ଥିଲେ ତାଙ୍କ ପିଉସୀପୁଅ ଭାଇ ସ୍ୱର୍ଗତ ବୃନ୍ଦାବନ ଆଚାର୍ଯ୍ୟ । ବୃନ୍ଦାବନବାବୁ ପିଲାଟି ଦିନରୁ ନନ୍ଦିନୀ ଦେବୀଙ୍କ ଘରେ ରହି ପଢାପଢି କରୁଥିଲେ । ସେ ଖୁବ୍ କଡ଼ା

Digitized by PPRACHIN, SOA

ସ୍ୱଭାବର ଥିଲେ ନନ୍ଦିନୀ ସେତେବେଳକୁ ରେଭେନ୍ସା ଗାର୍ଲସ୍କୁଲରେ ୩ୟ ଶ୍ରେଣୀରେ ପଢୁଥାନ୍ତି । ବୃନ୍ଦାବନ ବାବୁ ତାଙ୍କ ପଢାପଢି ଦେଖୁଥାନ୍ତି । ହରିହର ମହାପାତ୍ରଙ୍କ ଝିଅ ସୁମିତ୍ରା ମହାପାତ୍ର ନନ୍ଦିନୀ ଦେବୀଙ୍କ ସହପାଠିନୀ ଥାନ୍ତି । ଥରେ କ'ଣ ହେଇଛି ନା ସୁମିତ୍ରା ମହାପାତ୍ର ଭଲ ମିଠା ମସଲା ପକାଇ ଗୋଟିଏ ସାଦାପାନ ନନ୍ଦିନୀ ଦେବୀଙ୍କୁ ଖାଇବାକୁ ଦେଲେ ଓ ନନ୍ଦିନୀ ତାକୁ ଖାଇଦେଲେ । ପାନ ଚୋବାଇ ପାଟିକୁ ଲାଲ ଟହଟହ କରି ନନ୍ଦିନୀ ଦେବୀ ଯେତେବେଳେ ଘରକୁ ଆସନ୍ତି, ବୃନ୍ଦାବନ ଭାଇନାଙ୍କ ପାଖରେ ସେଇଟା ଧରାପଡ଼ିଗଲା । ବୃନ୍ଦାବନ ବାବୁ ତାଙ୍କୁ ପାଖକୁ ଡାକି କହିଲେ , 'ଓ ! ପାନ ଖାଇବା ଯା ଭିତରେ ଆରମ୍ଭ ହେଇଗଲାଣି ?' କହି ଠାଏ କରି ଏକ ଚଟକଣାଟେ ପକାଇଲେ । ନନ୍ଦିନୀ ଦେବୀ ବିଚରା କାନ୍ଦି କାନ୍ଦି କହିଲେ, 'ମିନି ଗୋଟେ ପାନ ଦେଲା, ଖାଇ ଦେଲି ।' ବୃନ୍ଦାବନ ବାବୁ କହିଲେ, ଯେ ଯାହା ଦେବ ତୁ ତାହା ଖାଇଦେବୁ ? ବାସ୍ ନନ୍ଦିନୀ ଦେବୀ ସେଇଦିନଠାରୁ ଆଜି ପର୍ଯ୍ୟନ୍ତ ବି ପାନ କେବେ ଖାଇ ନାହାନ୍ତି ।

ସେହିବର୍ଷ ଆଉ ଏକ ଘଟଣା । ନନ୍ଦିନୀ ଦେବୀଙ୍କର ପିଲାଦିନୁ ଗଳ୍ପ, ଉପନ୍ୟାସ ପଢ଼ିବାରେ ଖୁବ୍ ନିଶା ଥାଏ । ଲୁଚେଇ ଲୁଚେଇ ଅନେକ ବହି ସେ ପଢ଼ନ୍ତି । ଥରେ କ'ଣ ହେଇଛି ନା କିଏ କାଳେ ଦେଖିଦେବ ସେଥିପାଇଁ ପଢ଼ାଘରେ ଲଣ୍ଠନ ଜାଳି ସେ ନ ପଢ଼ି, ରୋଷେଇ ଘର ଚୁଲିମୁଣ୍ଡେ ଡିବିଟିଏ ପାଖରେ ଚନ୍ଦ୍ରମଣି ଦାସଙ୍କର ଏକ ପ୍ରେମ ଉପନ୍ୟାସ 'ଭୟ କାହାର' ବହିଟିକୁ କୋଳରେ ରଖି ପଢୁଥାନ୍ତି । ଏଣେ ବୃନ୍ଦାବନ ଭାଇନା ପଢ଼େଇବାକୁ ଖୋଜି ଖୋଜି ଆସି ସେଠାରେ ପହଞ୍ଚିଗଲେ । ପାଖକୁ ଡାକି କୁନିକୁ ପଚାରିଲେ , 'କ'ଣ ପଢ଼ା ହେଉଛି ଡିବି ଆଲୁଅରେ ?' କୁନି ସେତେବେଳକୁ ଭୟରେ ଥରିଲେଣି । ବହିଟିକୁ ବୃନ୍ଦାବନ ବାବୁ ଦେଖି ଦେଇ କହିଲେ, ଚନ୍ଦ୍ରମଣି ଦାସଙ୍କ ଉପନ୍ୟାସ ପଢ଼ାହେଉଛି କହି ଚଟକଣାଟେ ପକାଇ ପଢ଼ାଘରକୁ ଘୋଷାରି ନେଇଯାଇଥିଲେ । ଏମିତି ଥରେ ନୁହେଁ, ବହୁଥର ସେ ଉପନ୍ୟାସ ପଢ଼ିବାରେ ଧରାପଡ଼ି ମାଡ଼ ଖାଇଛନ୍ତି, ଗାଳି ଶୁଣିଛନ୍ତି । ହେଲେ ଉପନ୍ୟାସ ପଢ଼ା ସେ ଛାଡ଼ିପାରି ନାହାନ୍ତି । ଆଜି ପର୍ଯ୍ୟନ୍ତ ବି ।

କଥାରେ ଅଛି ସବୁ ସ୍ମୃତି ମଧୁର । କିନ୍ତୁ ଏଠାରେ ଯେଉଁ ବ୍ୟକ୍ତିଙ୍କର ସ୍ମୃତି ବିଷୟରେ ଆଲୋକପାତ କରାଯାଉଛି, ତାହା ଶୁଣିବା ନିମନ୍ତେ ଖୁବ୍ ମଧୁର ହୋଇଥିଲେ ମଧ୍ୟ ତାହା କାର୍ଯ୍ୟରେ ଥିଲା ଖୁବ୍ କଠିନ । ଏ ସ୍ମୃତିରେ ଭରି ରହିଛି ଅଙ୍ଗୀକାରବଦ୍ଧତା । ୧୯୪୨ ମସିହାର ଏକ ଘଟଣା । କଟକର ପ୍ରାକ୍ଟିସିଂ ମିଡ଼ିଲ ସ୍କୁଲରେ ନନ୍ଦିନୀ

Digitized by PPRACHIN, SOA

ପାଣିଗ୍ରାହୀ ସେତେବେଳକୁ ସପ୍ତମ ଶ୍ରେଣୀରେ ପଢୁଥାନ୍ତି । ସ୍କୁଲର ପ୍ରଧାନ ଶିକ୍ଷକ ଥାନ୍ତି ରହମଦ୍ ଅଲ୍ଲୀ । ସେ ଜଣେ ଖୁବ ଭଲ ଗଣିତ ଶିକ୍ଷକ ଥିଲେ ଏବଂ ଅନେକ ଗଣିତ ବହି ମଧ ସେ ଲେଖିଯାଇଛନ୍ତି । ତାଙ୍କ ଲିଖିତ ବହି ସେତେବେଳେ ସ୍କୁଲର ପାଠ୍ୟକ୍ରମରେ ପ୍ରଚଳିତ ଥିଲା । ନନ୍ଦିନୀ ଦେବୀଙ୍କର ଗଣିତରେ ମଧ ଦକ୍ଷତା ଥାଏ । ତେଣୁ ରହମଦ୍ ଅଲ୍ଲୀ ନନ୍ଦିନୀ ପାଣିଗ୍ରାହୀଙ୍କୁ ଖୁବ ଭଲ ପାଉଥିଲେ । ସେତେବେଳେ ୧୯୪୨ ମସିହାର ଐତିହାସିକ ଭାରତଛାଡ଼ ଆନ୍ଦୋଳନ ଖୁବ ଜୋରରେ ଚାଲିଥାଏ । ଏହି ଆନ୍ଦୋଳନରେ ସାମିଲ ହୋଇ କଟକ କଲିଜିଏଟ୍ ସ୍କୁଲର ଛାତ୍ରଛାତ୍ରୀମାନେ ଇଂରେଜ ସରକାରଙ୍କ ବିରୁଦ୍ଧରେ ଗୋଟିଏ ଶୋଭାଯାତ୍ରା ବାହାର କରି ବିଭିନ୍ନ ସ୍ଲୋଗାନ୍ ଦେଇ ସହର ପରିକ୍ରମା କରୁଥାନ୍ତି । ଏହି ସମୟରେ ନନ୍ଦିନୀ ଦେବୀ ବିଦ୍ୟାଳୟର ଏକ ଶୃଙ୍ଖଳିତ ଛାତ୍ରୀ ଭାବରେ ଶ୍ରେଣୀଗୃହରେ ଗଣିତ କଷିବାରେ ବ୍ୟସ୍ତ ଥାନ୍ତି । ହଠାତ୍ ଯେମିତି ତାଙ୍କ କାନରେ 'ଇନ୍‌କିଲାବ ଜିନ୍ଦାବାଦ୍' ସ୍ଲୋଗାନ୍ ପଡ଼ିଛି , ସେ ନିଜକୁ ଆଉ ସମ୍ଭାଳି ପାରିଲେନି । ସେ ଶ୍ରେଣୀ ଗୃହରୁ ଦୌଡ଼ିଆସି ସ୍କୁଲର ପାଚେରି ଡେଇଁ ସିଧା ଯାଇ ଶୋଭାଯାତ୍ରାରେ ସାମିଲ ହୋଇଗଲେ । ସାମିଲ ହେଇଗଲେ ସିନା ହେଲେ ପୁଲିସ ମାଡ଼ରୁ ବର୍ତ୍ତି ନଥିଲେ । ପୁଲିସ ପିଲାମାନଙ୍କୁ ମାଡ଼ଦେଇ ଏକ ଭ୍ୟାନରେ ବସାଇ ସେମାନଙ୍କୁ ଚନ୍ଦକା ଜଙ୍ଗଲରେ ଛାଡ଼ିଦେଇ ଆସିଲେ । କାରଣ ପିଲାମାନେ ସେତେବେଳେ ମାଇନର ଥିଲେ । ତାଙ୍କ ନାଁରେ କେଶ୍ କରିବା ସମ୍ଭବ ନଥିଲା । ସେତେବେଳେ ଚନ୍ଦକା ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ଥାଏ । ନନ୍ଦିନୀ ଦେବୀ ଅନ୍ୟାନ୍ୟ ପିଲାଙ୍କ ସହ ଚନ୍ଦକା ଜଙ୍ଗଲରୁ ଚାଲି ଚାଲି କଟକ ଆସୁଥାନ୍ତି । ଏପଟେ ତାଙ୍କ ମାଆ ରତ୍ନମଣି ଦେବୀ ଖୁବ୍ ବ୍ୟସ୍ତ ହୋଇପଡ଼ିଲେଣି କୁନିକି ନପାଇ । ତାଙ୍କର ତ ଏକାନ୍ନବର୍ତ୍ତୀ ପରିବାର ଥାଏ । ନନ୍ଦିନୀ ଦେବୀଙ୍କ ଦଦେଇ, ପିଲାମାନଙ୍କ ସହ ବାରିପଦାରେ ରହୁଥାନ୍ତି । ଆଉ ବାପା କାଳିନ୍ଦୀ ଚରଣ ପାଣିଗ୍ରାହୀ ତ ସାହିତ୍ୟ ଲେଖାରେ ସବୁବେଳେ ବ୍ୟସ୍ତ । ଘରେ ଏକା ଥାନ୍ତି କକେଇ ଭଗବତୀ ଚରଣ ପାଣିଗ୍ରାହୀ । ତେଣୁ ମା ତାଙ୍କର ବ୍ୟସ୍ତ ହୋଇ ଭଗବତୀ ବାବୁଙ୍କୁ କୁନିକୁ ଖୋଜିବା ପାଇଁ ପଠେଇଲେ । ଭଗବତୀ ବାବୁ ସାଇକେଲ ଖଣ୍ଡେ ଧରି କଟକ ସାରା ନନ୍ଦିନୀ ଦେବୀଙ୍କୁ ଖୋଜି ଖୋଜି ଶେଷକୁ ଦେଖା ହୋଇଗଲେ ଚାନ୍ଦିନୀଚୌକଠାରେ । ସେ ଥଟ୍ଟାମିଶା ସ୍ୱରରେ ପଚାରିଲେ,'କୁଆଡ଼େ ଯାଇଥିଲ ?' ନନ୍ଦିନୀ ଦେବୀ କହିଲେ, 'ମୁଁ ଯାଇନି, ପୁଲିସ ମୋତେ ଧରିନେଇଥିଲା । ଭଗବତୀବାବୁ ତାଙ୍କୁ ସାଇକେଲ ପଛରେ ବସାଇ ଘରକୁ ଆଣିଥିଲେ ଏବଂ ଘରେ ଆସି କହିଥିଲେ ଯେ, 'ଗାନ୍ଧୀ, ନେହେରୁ ତ ଭାରତକୁ ସ୍ୱାଧୀନ କରିପାରିବେ ନାହିଁ, କୁନି ଆମର ଦେଶକୁ ସ୍ୱାଧୀନ କରିଦେବ ।' ସେଇ ଏଗାର ବାର ବର୍ଷର କୁନି ଝିଅଟି ସେତେବେଳ

Digitized by PPRACHIN, SOA

ସମୟରେ କମ୍ୟୁନିଷ୍ଟ କ'ଣ, କଂଗ୍ରେସ କ'ଣ ଜାଣି ନଥିଲେ ବି କେବଳ ଚିନ୍ତା କରୁଥିଲେ ଦେଶ କିପରି ସ୍ୱାଧୀନ ହେବ । ମହାତ୍ମା ଗାନ୍ଧୀ କ'ଣ ବୁଝି ନଥିବା ନନ୍ଦିନୀ ପାଣିଗ୍ରାହୀ ସେହି ବୟସରେ ଗାନ୍ଧୀଙ୍କ ଡାକରାରେ ନିଜେ ସୂତା କାଟି ଖଦଡ଼ ପିନ୍ଧିବା ଆରମ୍ଭ କରିଦେଇଥିଲେ । ସେତେବେଳେ ତାଙ୍କ ସାଙ୍ଗ ସାଥୀମାନେ ତାଙ୍କୁ ଥଟ୍ଟା କରି କହୁଥିଲେ ବାପାମା' କିଛି ନୂଆ ଲୁଗା ଦେଇନାହାନ୍ତି କୁମାର ପୂର୍ଣ୍ଣମୀରେ ? ହେଲେ କଟକର ସୂତାହାଟରେ ରହୁଥିବା ଏଇ କୁନିଝିଅ କୁନି ଯେ ଦିନେ ରାଜ୍ୟର ମୁଖ୍ୟମନ୍ତ୍ରୀ ଗାଦିରେ ବସିବେ ଏବଂ କେନ୍ଦ୍ରରେ ମନ୍ତ୍ରୀପଦ ଅଳଙ୍କୃତ କରି ଦେଶର କୋଟି କୋଟି ଜନତାଙ୍କର ଭାଗ୍ୟନିୟନ୍ତା ହେବେ ସେ କଥା କେହି ସେତେବେଳେ ଭାବି ପାରିନଥିଲେ । କିନ୍ତୁ ସେଇ Practising Middle School ର ପ୍ରଧାନ ଶିକ୍ଷକ ରହମତ୍ ଅଲ୍ଲୀ କହିଥିଲେ, ଦିନେ ଏ ପିଲା ବାପାମା' ଙ୍କ ନାଁ ରଖିବ । ଶେଷରେ ତାହା ହିଁ ଘଟିଲା ।

ଏହାର କିଛି ଦିନ ପରେ ମାଇନର ସ୍କୁଲ ପରୀକ୍ଷା ପୂର୍ବରୁ ନନ୍ଦିନୀ ଦେବୀ ମ୍ୟାଲେରିଆରେ ପଡ଼ିଗଲେ । ସେତେବେଳେ ଚାରିଆଡ଼େ ବହୁତ ମ୍ୟାଲେରିଆ ହେଉଥିଲା । ନନ୍ଦିନୀ ଦେବୀଙ୍କର ତ ପିଲାଦିନୁ ଖାଇବାରେ ମୋଟେ ଆଗ୍ରହ ନଥିଲା । ସେଥିଯୋଗୁଁ ତାଙ୍କ କକେଇ ଭଗବତୀ ବାବୁ କହନ୍ତି ଯେ, କୁନିକୁ compensent କରିବାକୁ କିଛି ନାହିଁ । ଯାହାଫଳରେ ସେ କେବଳ ବାର୍ଲିଖାଇ ମାଇନର ପରୀକ୍ଷା ଦେଲେ । ଜ୍ୱରରେ ପଡ଼ି ମଧ୍ୟ ସେ ପ୍ରଥମ ଶ୍ରେଣୀରେ ପାସ୍ କରିଥିଲେ ।

ପିଲାଟି ଦିନରୁ ବୁଢୀମା' ଓ ବାପାବୋଉଙ୍କ ଗହଣରେ ନନ୍ଦିନୀ ଦେବୀ ଖୁବ୍ ଅଲିଅଳରେ ବଢ଼ିଆସିଛନ୍ତି । ପରିବାରର ପ୍ରତ୍ୟେକ ବ୍ୟକ୍ତି ତାଙ୍କୁ ଖୁବ୍ ଆଦର ଓ ସ୍ନେହ କରୁଥିଲେ । ସବୁରି ଭିତରେ ତାଙ୍କ ବୁଢୀମା ସରସ୍ୱତୀ ଦେବୀ ତାଙ୍କୁ ଖୁବ୍ ଆଦର କରୁଥିଲେ । ନନ୍ଦିନୀ ଦେବୀ କଟକରେ ଜନ୍ମ ହୋଇଥିଲେ ମଧ୍ୟ ତାଙ୍କ ଜନ୍ମମାଟି ପୁରୀ ଜିଲ୍ଲାର ବିଶ୍ୱନାଥପୁର ଶାସନକୁ କେବେ ଭୁଲିପାରିନାହାନ୍ତି । ପିଲାବେଳେ ସେ ଅନେକ ଥର ବିଶ୍ୱନାଥପୁର ଯାଇଛନ୍ତି । ସେ ଗାଁ କଥା ଏବେବି ମନେ ପକାଇ କହନ୍ତି, ''ସ୍କୁଲ ଛୁଟି ହେବା କ୍ଷଣି ମୁଁ କଟକ ଛାଡ଼ି ଗାଁକୁ ପଳାଏ । ଆଉ ମୁଁ ଗାଁକୁ ଗଲା ମାତ୍ରେ ଚୁଡ଼ାଘଷା ହେବ । ମୋତେ ଚୁଡାଘଷା ବହୁତ ଭଲ ଲାଗେ । ମାମୁଅଜା ଥାନ୍ତି ବାବନ ଶତପଥୀ । ସେ ଚୁଡାଘଷା କରିବେ ଆଉ ବୁଢୀମାଙ୍କର ଆରମ୍ଭ ହେବ ଯାତ୍ରା ଆୟୋଜନ । ଆମ ଗାଁର ବାଉରି ମାନେ ଗାଁ ଦାଣ୍ଡରେ ନାଚିବେ । ମୋ ପାଇଁ ବୁଢୀମା ବହୁତ ବିକଳ ହୋଇ ପଡ଼ନ୍ତି । ମୁଁ ବି ସବୁବେଳେ ତାଙ୍କ ପିଛା ଧରିଥାଏ । ଥରେ ମୁଁ ଗାଁକୁ ଯାଇଥାଏ । ସେହିଦିନ ବାରିପଦାରୁ ଦଦେଇ ଆସି ପହଞ୍ଚିଥାନ୍ତି । ମା ସେତେବେଳକୁ

Digitized by PPRACHIN, SOA

ତା' ବାପଘରକୁ ପଠାଇବା ପାଇଁ ଚାଉଳ ପତ୍ର ସଜାଡୁଥାଏ । ଏହା ଦେଖି ଦଦେଇ ରାଗିଗଲେ । ବାପା, କକେଇ ତ କିଛି କହନ୍ତିନି । ଦଦେଇ କହିଲେ, ବୋଉ ତୁ ସବୁ ଜିନିଷ ଏମିତି ଦେଇଦେଉଛୁ କାହିଁକି ? ମା କହିଲେ, କ'ଣ ହେଲା ? ମୋ ଜମିବାଡ଼ି, ମୁଁ ଦେବିନି ? ଦଦେଇ କହିଲେ, ହଉ, ତୋ ଜମିବାଡ଼ି ତୁ ସବୁ ଦେଇ ଦେ । ଆମେ କିଛି ଖାଇବୁନି । ମା କହିଲେ, କି ହେଲା ? ଇଏତ ମୋ ଜମି, କେମନ୍ତ ମୁଁ ଦେବିନି ? ତୁମେ ତ ରୋଜଗାର କରୁଛ । ମୋର ଯାହା ଇଛା ମୁଁ ଦେଇଦେବି । ବୁଢ଼ୀର ତ ଟିକେ ଭାଇ ପ୍ରତି ସ୍ନେହ ଥାଏ । ବୁଢୀ ସେଇଠୁ ରାଗିଗଲା । କହିଲା ମୁଁ ଯାଉଛି । ଧରିଲେ ଲଣ୍ଠନ, ଚାଲିଲେ ବାପଘର । ତାଙ୍କ ବାପଘର ବି ସେଇ ବିଶ୍ଵନାଥପୁରରେ । ମା ଭାରି ମଜଭୁତ ଲୋକ ଥିଲେ । ମା ଗଲେ ତ ମୁଁ ଚାଲିଲି ତାଙ୍କ ପଛରେ । ମୁଁ କହିଲି ମା, ମୁଁ ଲଣ୍ଠନ ଧରିବି ?

'ତୁ କୁଆଡ଼େ ଯିବୁ ?'

'ତମ ସାଙ୍ଗରେ !'

ମୋ କଥା ଶୁଣି ମା' ବହୁତ ବ୍ୟସ୍ତ ହୋଇ ପଡ଼ିଲେ । ତାଙ୍କ ପାନକୁଟା ଆଉ ଲଣ୍ଠନ ଧରି ମୁଁ ଚାଲିଲି ତାଙ୍କ ପଛେ ପଛେ । ମା' ଯାଇ ତାଙ୍କ ପିଣ୍ଡାରେ ବସିପଡ଼ିଲେ । ମୁଁ ବି ବସିଲି ତାଙ୍କ ପାଖରେ । କିଛି ସମୟ ପରେ ମୁଁ କହିଲି, ମା', ପାନଛେଚିଦେବି ? ସେ ଚିଡ଼ିଉଠି କହିଲେ, ତୁ କାହିଁକି ଆସିଛୁ ମୋ ପଛେ ପଛେ ? ମୁଁ କହିଲି, ଚାଲୁନ ଯିବା ଘରକୁ ! ଦଦେଇ ତମ ପୁଅ, କ'ଣ ଟିକେ କହିଦେଲେ, ସେଥିରେ ଏତେ ରାଗ ? ଚାଲ ଖିଆପିଆ କରିବା, ସମସ୍ତେ ଅପେକ୍ଷା କରିଥିବେ । ସେଇଠୁ ବୁଢୀ ଚାଲିଲେ ପୁଣି ଘରକୁ । ଏମିତି ଅନେକ ଥର ହେଇଛି । ଆମ ଗାଁରେ ସେତେବେଳେ ଜମିଦାରୀ ଥାଏ । ଯୋଗୀ ବୁଢାବାପା ଗୋପୀ ବୁଢାବାପା, ଏମାନେ ଥାନ୍ତି ଜମିଦାର । କକେଇ ଆମ ଗାଁର ବାଉରିମାନଙ୍କୁ ମତେଇ ଦିଅନ୍ତି । ସେମାନଙ୍କୁ କହନ୍ତି ତୁମେ କୁହ , 'ଆମେ ଜମିର ମାଲିକ । ମୁଁ ବି କକେଇଙ୍କ ପଛେ ପଛେ ଥାଏ । କକେଇ ଦାଣ୍ଡ ବାଟେ ଯାଇ ସେମାନଙ୍କୁ ମେଳି କରନ୍ତି, ମୁଁ ବାଡ଼ିପଟେ ଲୁଚି ପଳାଏ ଭୋଇ ସାହିକୁ । ତାଙ୍କ ପିଣ୍ଡାରେ ବସିପଡ଼ି ପିଲାମାନଙ୍କୁ ଡାକି ପଚାରେ, ତୁମେ ସ୍କୁଲକୁ ଯାଉଛ କି ନାହିଁ ? ଏମିତି ସେମାନଙ୍କୁ ପଚାରି ବୁଝି ସ୍କୁଲ କୁ ତଡ଼ି ପଠାଏ ।''

ପ୍ରକୃତରେ ନନ୍ଦିନୀ ଦେବୀ ଖୁବ୍ ସାନବେଳୁ ଗରିବ ଲୋକଙ୍କ ସାଙ୍ଗରେ ମିଶି ଆସିଛନ୍ତି । ସେଇମାନଙ୍କ ପାଇଁ ଲଢେଇ ବି କରି ଆସିଛନ୍ତି । ତାଙ୍କ ଦୁଃଖଦୁର୍ଦ୍ଦଶାରେ

Digitized by PPRACHIN, SOA

ନିଜକୁ ଭାଗୀଦାର କରିଛନ୍ତି । ତାଙ୍କୁ ଯେତେବେଳେ ମୋଟେ ବାର ବର୍ଷ ବୟସ ହୋଇଥିଲା ସେତେବେଳେ ସେ ଦୁଇଟି ବିଶେଷ ଘଟଣାରେ ଖୁବ୍ ଭାଙ୍ଗିପଡ଼ିଥିଲେ । ଯେଉଁ ଦୁଃଖ ଏବେ ବି ପରିଣତ ବୟସରେ ତାଙ୍କ ଆଖି ସାମ୍ନାରେ ଭାସିଉଠି ହୃଦୟକୁ ତାଙ୍କର ଖିନ୍ନଭିନ୍ନ କରିପକାଏ । ପ୍ରଥମ ଦୁଃଖଟି ସାର୍ବଜନୀନ ଥିବାବେଳେ ଦ୍ୱିତୀୟଟି ଥିଲା ପାରିବାରିକ । କିନ୍ତୁ ତାଙ୍କ ପାଇଁ ଦୁଇଟିଯାକ ସମାନ ଦୁଃଖଦାୟକ ବିଷୟ ଥିଲା । ଏହି ଦୁଇଟିଯାକ ଘଟଣା ଘଟିଥିଲା ୧୯୪୩ ମସିହାରେ । ଗୋଟିଏ ପଟେ ଦ୍ୱିତୀୟ ନଅଙ୍କ ଭାରତ ବର୍ଷ ଉପରେ ତାର ତାଣ୍ଡବନୃତ୍ୟ ସାରି ଫେରିଯାଇଥାଏ । ଅନ୍ୟପଟେ ତାଙ୍କ ଜୀବନର ଆଦର୍ଶ ପୁରୁଷ ତଥା କକେଇ ଭଗବତୀ ଚରଣ ପାଣିଗ୍ରାହୀ ଅକାଳରେ ମୃତ୍ୟୁବରଣ କରିଥାନ୍ତି । ତାଙ୍କ ଶିଶୁ ମନରେ ଏହି ଦୁଇଟି ଘଟଣା ଘୋର ଧକ୍କା ଦେଇଥିଲା । ଏହାର ତିନି ବର୍ଷ ପରେ ଅର୍ଥାତ୍ ୧୯୪୬ ମସିହା ଅକ୍ଟୋବର ଏଗାର ତାରିଖରେ ନନ୍ଦିନୀ ଦେବୀ ଏହି ଦୁଃଖଦ କାହାଣୀକୁ 'ଅତୀତର ପେଡ଼ିରୁ' ଶୀର୍ଷକ ଲେଖାରେ ପ୍ରକାଶିତ କରିଅଛନ୍ତି ।

''ଆଜି କୁମାର ପୂର୍ଣ୍ଣମୀ । ପୂଜା ପାଇଁ ଘରେ ଘରେ ବାଳିକାମାନେ ପ୍ରସ୍ତୁତ ହେଉଛନ୍ତି । କାହାରି କାହାରି ଘରୁ ହୁଳହୁଳି ଧ୍ୱନି ମଧ୍ୟ ଶୁଣାଗଲାଣି । ପିଲାମାନେ ଆନନ୍ଦରେ ରାସ୍ତାରେ ଦୌଡ଼ା ଦୌଡ଼ି କରୁଛନ୍ତି । ଆମ ଘରେ ମଧ୍ୟ ପୂଜାପାଇଁ ଆୟୋଜନ ଚାଲିଛି । ସାନ ଭଉଣୀଟା ନୂଆ ଜାମା ପିନ୍ଧି ବେଶଭୂଷା ହୋଇ ଏପାଖ ସେପାଖ ହେଉଛି । ବୋଉ ଖୁବ୍ ପାଟି କରି ପୂଜା ପାଇଁ ଯୋଗାଡ଼ କରିବାକୁ ବରାଦ ଦେଉଛନ୍ତି । ଚାରିଆଡ଼େ ଏମିତି ଗଣ୍ଡଗୋଳ ଲାଗିଛି ।

ଏସବୁ ଆଦୌ ଭଲ ଲାଗିଲାନି । ସମସ୍ତଙ୍କ ଅଗୋଚରରେ କୋଠା ଉପରକୁ ଚାଲିଗଲି । ମନେ ହେଉଥିଲା ଛାତି ଭିତରେ ବହୁତ ଗୁଡ଼ାଏ କଥା ଜମାଟ ବାନ୍ଧିଯାଇ ନିଃଶ୍ୱାସ ମାରିବାକୁ କଷ୍ଟ ହେଉଛି । ଭାବିବା ପାଇଁ ଟିକିଏ ସ୍ଥାନ ମିଳିଗଲେ ଉଶ୍ୱାସ ଲାଗିବ ପରା ।

ଜହ୍ନଟା ଠିକ୍ ଦେବଦାରୁ ଗଛ ସେପଟୁ ଉଙ୍କିମାରୁଥିଲା । ତାକୁ ଦେଖି ମନେହେଲା ସେ ବର୍ଷ ତ ଠିକ୍ ଜହ୍ନ ଏମିତି ଉଙ୍କି ମାରୁଥିଲା । କିନ୍ତୁ ଆଜି ଆଉ ତିନିବର୍ଷ ତଳେ ୧୯୪୩ ମଧ୍ୟରେ ଏତେ ଓଲଟପାଲଟ ହୋଇଗଲା କେମିତି ?

୧୯୪୩, ନାଁ ଶୁଣିଲେ ଛାତି ଥରିଉଠେ । କି ଝଡ଼ ବୋହି ନଗଲା ଭାରତ

Digitized by PPRACHIN, SOA

ବର୍ଷ ଉପରେ । ନଅଙ୍କ ବିଷୟରେ ଗପ ଶୁଣୁଥିଲୁ, ଦିନେ ଆମକୁ ଯେ ଦେହରେ ଦ୍ୱିତୀୟ ନଅଙ୍କ ବରଦାସ୍ତ କରିବାକୁ ହେବ ଏକଥା କିଏ କଳ୍ପନା କରିଥିଲା ।

ଅନାହାର, ଭାରତବର୍ଷର ଚତୁର୍ଦ୍ଦିଗରେ ତାର ବୀଭତ୍ସ ନୃତ୍ୟ ଆରମ୍ଭ କରିଛି । ତା ସାଙ୍ଗରେ ପୁଣି ଝଡ଼, ତୋଫାନ, ବଢ଼ି ଲାଗିରହିଛି । ଯୁଦ୍ଧର କୋକୁଆ ଭୟ ମଧ ସଙ୍ଗେ ସଙ୍ଗେ ଅଛି. । ୧୯୪୨ରେ ତାର କାଟି, ଘର ପୋଡ଼ି ଫାଶୀ ପାଇଥିଲେ ବା ଆଜି ସେମାନେ ଶହୀଦ ବୋଲି ସମ୍ମାନ ପାଇଥାଆନ୍ତେ । କିନ୍ତୁ ତାହା ହେଲା ନାହିଁ । ଆଜି ଗଣ୍ଡେ ଖାଦ୍ୟ ପାଇଁ କୁକୁର ବିଲୁଆଙ୍କ ସହିତ ଲକ୍ଷ ଲକ୍ଷ ଶହ ଶହ ଲୋକ ଢଳିପଡ଼ିଲେ । ଆଉ ବେଶୀ ଦୂର ଯାଇ ସେମାନଙ୍କୁ ଇଂରେଜ ସରକାର ସଙ୍ଗେ ଲଢ଼ିବାକୁ ପଡ଼ିନଥିଲା । ଖାଦ୍ୟ ସଙ୍ଗେ ସଙ୍ଗେ ବସ୍ତ୍ରର ଅଭାବ ମଧ ଜନସାଧାରଣଙ୍କୁ ବିବ୍ରତ କରି ପକାଇଲା । କେତେ ଯେ ନାରୀ ଲଜ୍ଜା ନିବାରଣ ପାଇଁ ଆତ୍ମହତ୍ୟା କଲେ ସେକଥା କଳନା କରି ହେବନାହିଁ ।

ବୋଉ ଡାକିଲେ, ମା ନୂଆ ଲୁଗାଟା ପିନ୍ଧି ପକାଇ ଜଲଦି ଆ, ଚାନ୍ଦ ଯେ ବୁଢ଼ା ହୋଇଯାଉଛି । ଭାବନାରେ କ୍ଷଣକ ପାଇଁ ବାଧାପଡ଼ିଲା । ସେତେବେଳେ ହଠାତ୍ ମୋର କାହିଁକି ମନେହେଲା ହୁଏତ ୧୯୪୩ର କୁମାର ପୂର୍ଣ୍ଣମୀରେ କୌଣସି ନାରୀ ବସ୍ତ୍ର ଅଭାବରେ ଆତ୍ମହତ୍ୟା କରିଥିବ । ଆଜି ମୁଁ କିପରି ଆନନ୍ଦରେ ନୂଆ ଲୁଗା ପିନ୍ଧି ବୁଲିବି ? ଆଜି ମଧ ହୁଏତ ଆମରି କୁଟୁମ୍ବ ଭିତରେ କାହାରି ନୂଆ ଲୁଗା ହୋଇପାରି ନଥିବ । କିନ୍ତୁ ମୋର ସୌଭାଗ୍ୟରୁ କିମ୍ବା ଦୁର୍ଭାଗ୍ୟରୁ ହେଉ ମୁଁ ଖଣ୍ଡେ ଲୁଗା ପାଇଛି । ତାକୁ ପିନ୍ଧିବା ପାଇଁ ତ ମୋର ହାତ ଯାଉନାହିଁ ।

ସେହି ୧୯୪୩ ର କୁମାର ପୂର୍ଣ୍ଣମୀ । ଆମ ପରିବାର ଭିତରେ ମଧ ତାର ବିଶେଷତ୍ୱ ଅଛି ବହୁତ । ଆଜି ସକାଳେ କକେଇ ଫେରି ଆସିଥିଲେ ସେଇ ଗଡ଼ରୁ କୃଷକ ସଭାରେ ସଭାପତିତ୍ୱ ସାରି । ପିଲାମାନଙ୍କର ଆଦେଶ ଥିଲା, ବାପା କୁମାର ପୂର୍ଣ୍ଣମୀ ଦିନ ନିଶ୍ଚୟ ଫେରିଆସିବେ । ସେ ମଧ ଠିକ ଫେରି ଆସିଥିଲେ । ସେହିଦିନ କିନ୍ତୁ ପିଲାଙ୍କର ଆନନ୍ଦ ଦେଖିବା ପୂର୍ବରୁ ତାଙ୍କୁ ଡାକ୍ତରଖାନାକୁ ସ୍ଥାନାନ୍ତରିତ ହେବାକୁ ପଡ଼ିଥିଲା ।

ଆଜି କକେଇ ନାହାନ୍ତି । ତାଙ୍କର ପିଲାମାନେ ଚିରଦିନ ପାଇଁ ପିତୃସ୍ନେହରୁ ବଞ୍ଚିତ । ଆଜି ସେମାନେ କୁମାର ପୂର୍ଣ୍ଣମୀ କରିବେ କିପରି ? କିଏ ତାଙ୍କୁ ନୂଆ ଲୁଗା, ମିଠେଇ ଆଣିଦେବ ?

Digitized by PPRACHIN, SOA

ଏ ସବୁ ଭାବନା ଓ ସ୍ମୃତି ମନ ଭିତରେ ରଖି କେହି କି କେବେ ଆନନ୍ଦରେ ଖେଳି ନୂଆଲୁଗା ପିନ୍ଧି ମଉଜ କରିପାରେ ? ତେବେ ମୁଁ ନୂଆ ଲୁଗା ନ ପିନ୍ଧିଲେ ଆଶ୍ଚର୍ଯ୍ୟ ହେବାର କଣ ଅଛି ?

୧୯୪୭, ଆଜି ଭାରତ ବର୍ଷର ଚାରିଆଡ଼େ ଗୋଟାଏ ଆନନ୍ଦର ଉସ୍ ଖେଳି ବୁଲୁଛି । ଆମର ସରକାର ଗଢ଼ା ହୋଇଛି । ଭାରତ ଏଥର ସ୍ୱାଧୀନ ହେଲା ।

ଅବଶ୍ୟ ଏ କଥାର ସତ୍ୟାସତ୍ୟ ମୁଁ ଏଠାରେ ଆଲୋଚନା କରୁନାହିଁ । କେବଳ କହୁଛି ଜନସାଧାରଣ ଯାହା ଭାବୁଛନ୍ତି । ହୁଏତ ତାଙ୍କର ବିଶ୍ୱାସ ଅନ୍ଧ ହୋଇଥାଇପାରେ । ତଥାପି ୧୯୪୩ ପରେ ଯଥେଷ୍ଟ ପରିବର୍ତ୍ତନ ହୋଇଛି ଦେଶରେ । ଯଦିଓ ସାଧାରଣ ଲୋକ ସେମାନଙ୍କର ସଂପୂର୍ଣ୍ଣ ଖାଦ୍ୟ ସଂଗ୍ରହ କରିପାରୁନାହାନ୍ତି ତଥାପି ମଧ୍ୟ ଅବସ୍ଥା ବଦଳିଛି । ଯୁଦ୍ଧର ଭୟ ଲୋପ ପାଇଛି । ଲୋକମାନେ ଶାନ୍ତିରେ ନିଶ୍ୱାସ ମାରୁଛନ୍ତି ।

ପୁଣିଥରେ କକେଇଙ୍କ କଥା ମନେପଡ଼େ, ସଙ୍ଗେ ସଙ୍ଗେ ତାଙ୍କ ଜୀବନର ଶ୍ରେଷ୍ଠ ଚିନ୍ତା ତାଙ୍କ ପାର୍ଟିର କଥା ମଧ୍ୟ । ଆଜି ପୃଥିବୀର ଚତୁର୍ଦ୍ଦିଗରେ ତାଙ୍କ ଆଦର୍ଶ ଉପରେ କୁଠାରାଘାତ କରାହେଉଛି । ତାଙ୍କ ଦୋଷ ହେଉଛି ଯେ ସେ ମଣିଷକୁ ମଣିଷ ପରି ବଞ୍ଚି ରହିବାକୁ ଦାବି କରିବାକୁ ଶିଖାନ୍ତି । ଆଜି ସେ ବଞ୍ଚି ରହିଥିଲେ କ'ଣ କରୁଥାଆନ୍ତେ ।

କ'ଣ ଆଉ କରନ୍ତେ ? ତାଙ୍କ ଦଳର ଅନ୍ୟମାନଙ୍କ ପରି ରହୁଥାଆନ୍ତେ ।

ଏ ବିଷୟରେ ଭାବନା ଆଉବେଶି ଦୂର ଆଗେଇ ପାରେନି । ସେହିଠାରେ ପୂର୍ଣ୍ଣଚ୍ଛେଦ ପଡ଼େ ।

ବୋଉଙ୍କର ଘନଘନ ଆହ୍ୱାନରେ ତଳକୁ ଆସିଲି । ଶେଷଥର ପାଇଁ ମନ ଭିତରେ କହି ଆସିଲି, 'ଆଜି ଏହି କୁମାର ପୂର୍ଣ୍ଣମୀ ପରିବାରର ଶ୍ରେଷ୍ଠ ଚିନ୍ତାନାୟକଙ୍କର ସ୍ମୃତି ରୂପେ ମୋ ଜୀବନରେ ଚିର ସ୍ମରଣୀୟ ହୋଇ ରହୁ ।''

ଏହି ଶୀର୍ଷକଟିରୁ ସ୍ପଷ୍ଟ ଅନୁମାନ କରିହୁଏ ଯେ ନନ୍ଦିନୀ ଦେବୀ ପିଲାଦିନୁ ଦେଶର ଦୁର୍ଗତ ଲୋକମାନଙ୍କ ପାଇଁ କେତେ ବ୍ୟାକୁଳିତ ଥିଲେ ଏବଂ ତାଙ୍କ କକେଇଙ୍କ ଦ୍ୱାରା କେତେ ପରିମାଣରେ ପ୍ରଭାବିତ ହୋଇଥିଲେ । ଯାହାକି ତାଙ୍କର ପରବର୍ତ୍ତୀ ଜୀବନକୁ ଏସବୁ ଯଥେଷ୍ଟ ଭାବରେ ପ୍ରଭାବିତ କରିଥିଲା ।

Digitized by PPRACHIN, SOA

ଛାତ୍ରାବସ୍ଥାରେ ଦେଶଚିନ୍ତା

ସର୍ବଦା ଦେଶକାମ, ସଭା, ଶୋଭାଯାତ୍ରା, ଆନ୍ଦୋଳନ, ଅନଶନ ଭିତରେ କଟିଥିଲା ନନ୍ଦିନୀ ଦେବୀଙ୍କ ଛାତ୍ର ଜୀବନଟି । ବ୍ରିଟିଶ୍ ବିରୁଦ୍ଧରେ ହେଉ, ସରକାର ବିରୁଦ୍ଧରେ ହେଉ, ଅସାମାଜିକ କାର୍ଯ୍ୟ ବିରୁଦ୍ଧରେ ହେଉ, ବନ୍ୟା-ବାତ୍ୟା-ମରୁଡ଼ି କି ଅନ୍ୟାୟ-ଅତ୍ୟାଚାର-ଶୋଷଣ ବିରୁଦ୍ଧରେ ହେଉ, ପ୍ରାୟ ପ୍ରତିଦିନ କିଛି-ନା-କିଛି କାର୍ଯ୍ୟକ୍ରମର ନେତୃତ୍ୱ ନେଉଥିଲେ ନନ୍ଦିନୀ ଦେବୀ । ଏ ସବୁ ଭିତରେ ପାଠପଢ଼ା ବି ଚାଲିଥିଲା ଠିକ୍ ଭାବରେ । କୌଣସି କ୍ଲାସରେ ସେ ପ୍ରଥମ ଶ୍ରେଣୀରୁ ତଳକୁ ଖସୁ ନଥିଲେ । ସେଥିପାଇଁ ଘରେ ବାପା ମା କିମ୍ବା ସ୍କୁଲରେ ଶିକ୍ଷକ ଶିକ୍ଷୟିତ୍ରୀ ତାଙ୍କୁ ଭରସି କରି ଟାଣ କଥା ପଦେ କହିପାରୁ ନଥିଲେ । ସେ ଥିଲେ ସମସ୍ତଙ୍କର ପ୍ରିୟପାତ୍ରୀ ।

୧୯୪୬ ମସିହାରେ ସେ ମାଟ୍ରିକ୍ୟୁଲେସନ ପରୀକ୍ଷା ଦେଲାବେଳକୁ କାଳିନ୍ଦୀ ବାବୁ ଆକାଶବାଣୀ କଟକ କେନ୍ଦ୍ରର ଇଷ୍ଟର୍ଣ୍ଣ ଷ୍ଟେଟ୍ ପବ୍ଲିସିଟି ଅଫିସର ଥାନ୍ତି । ନନ୍ଦିନୀ ଦେବୀ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ପାସ୍ କରିଥିବା କଥା ଯେତେବେଳେ ଘରେ ଆସି ବାପାଙ୍କୁ କହିଲେ, କାଳିନ୍ଦୀ ବାବୁ ଟିକେ ହସିଦେଲେ ଆଉ କହିଲେ, 'ତୁ ଗଧ ପିଲାଙ୍କ ଭିତରେ ଫାଷ୍ଟ ହୋଇଥିବୁ ।' ଏହା ଶୁଣି ନନ୍ଦିନୀ ଦେବୀଙ୍କ ମାଆ ରତ୍ନମଣି ଦେବୀ ମନଦୁଃଖରେ କହିଲେ ଯେ, 'ଶିଶିର ପାସ୍ କଲେ ତା'ପାଇଁ ଘରେ ଭୋଜି ହେବ, ଆଉ କୁନି ଫାଷ୍ଟ ହେଲେ ବି ତା'ପାଇଁ କିଛି ନାହିଁ । ' ଏହା ଶୁଣି କାଳିନ୍ଦୀବାବୁ ଟିକିଏ ହସିଦେଇ ଝିଅକୁ ଲୁଚେଇ ଲୁଚେଇ ସ୍ତ୍ରୀଙ୍କୁ କହିଲେ ଯେ, 'ଶିଶିର ହେଲା ଫେଲ୍ ପିଲା । ସିଏ ଫେଲ ହେଉ ହେଉ ଯଦି ବାଇଚାନସ୍ ପାସ୍ କରିଗଲା ତେବେ.ବଡ଼ ଭାଗ୍ୟର କଥା । କୁନି ତ କେଉଁଥିରେ ବି ଫେଲ୍ ହେବ ନାହିଁ, ସେ ତ ଫାଷ୍ଟ ହିଁ ହେବ । ଏଥିରେ ଭୋଜି କାହିଁକି ହେବ ?' ଏଇ କଥା ପଦକରେ ରତ୍ନମଣି ଦେବୀ ଖୁବ୍ ଖୁସି ହୋଇଯାନ୍ତି । ନନ୍ଦିନୀ ଦେବୀ ମଧ୍ୟ ଏ କଥାଟି ଜାଣିପାରି ଆହୁରି ଆଗକୁ ମାଡ଼ିଯିବା ପାଇଁ ଶତସିଂହର ବଳ ପାଇଯାନ୍ତି । ଏବେ ଯଦି ନିଜ ପୁଅ ଝିଅ କପି କରି କିମ୍ବା ପରୀକ୍ଷା ଖାତାରେ ଅସତ୍ ଉପାୟରେ ନମ୍ବର ବଢ଼େଇ ଦେଇ ଖାଲି ପାସ୍ ହୋଇଯାଉଛନ୍ତି, ତାହେଲେ ବାପା ମା'ମାନେ ତାଙ୍କ ପାଇଁ ସଙ୍ଗେ ସଙ୍ଗେ ଗାଡ଼ି ଘୋଡ଼ା କିଣି ଗର୍ବରେ ଫାଟି ପଡୁଛନ୍ତି । ଆଉ ପିଲାମାନେ ଏଣେ ଫେସନ କରିବାରେ ବ୍ୟସ୍ତ । ନନ୍ଦିନୀ ଦେବୀ କିନ୍ତୁ ପିଲାଟି ଦିନରୁ ଏସବୁର ଊର୍ଦ୍ଧ୍ୱରେ ଥିଲେ । ତାଙ୍କ ବାପମା' ବି ପିଲାଙ୍କ କୃତିତ୍ୱରେ ଆତ୍ମହରା ହେଉ ନଥିଲେ । ସମସ୍ତେ ସମସ୍ତଙ୍କର କାମରେ ବ୍ୟସ୍ତ ରହୁଥିଲେ ।

Digitized by PPRACHIN, SOA

ଛାତ୍ରାବସ୍ଥାରେ ନନ୍ଦିନୀ ଦେବୀ ପାଠପଢ଼ା ବିଷୟରେ ଯେତିକି ଭାବୁନଥିଲେ ତା'ଠାରୁ ଅଧିକ ଭାବୁଥିଲେ ଦେଶକଥା । ସେତେବେଳେ ଦେଶକାମ କରିବା ଥିଲା ତାଙ୍କର ମୂଳ ଲକ୍ଷ୍ୟ । କକେଇଙ୍କ ମୃତ୍ୟୁ ବେଳକୁ ନନ୍ଦିନୀ ଦେବୀ ରେଭେନ୍ସା ଗାର୍ଲସ୍କୁଲରେ ଅଷ୍ଟମ ଶ୍ରେଣୀର ଛାତ୍ରୀ । ସେହି ସମୟରେ ତାଙ୍କର ପ୍ରଚଣ୍ଡ ଦେଶପ୍ରେମ ତଥା ସମାଜସେବାରେ ଅଭିଭୂତ ହୋଇ କମ୍ୟୁନିଷ୍ଟ ଦଳର ଶରତ ପଟ୍ଟନାୟକ, ବୈଦ୍ୟନାଥ ରଥ ପ୍ରମୁଖ ତାଙ୍କୁ ପାର୍ଟିରେ ମିଶିବା ପାଇଁ ପ୍ରବର୍ତ୍ତାଇଲେ । ନନ୍ଦିନୀ ଦେବୀ ଏହାକୁ ସଂପୂର୍ଣ୍ଣ ପ୍ରତ୍ୟାଖ୍ୟାନ ନ କରିଥିଲେ ମଧ୍ୟ କମ୍ୟୁନିଷ୍ଟ ପାର୍ଟି ପାଇଁ ସେ ଅନେକ କାମ କରିଥିଲେ । କିନ୍ତୁ କମ୍ୟୁନିଷ୍ଟ ପାର୍ଟିର କାର୍ଡ଼ ହୋଲଡ଼ର ହେଇନଥିଲେ ।

ମାଟ୍ରିକ୍ୟୁଲେସନ ପଢ଼ିବା ବେଳେ ନନ୍ଦିନୀ ଦେବୀ କୁହନ୍ତି,'ମୁଁ U.N.O. କୁ ଯିବି । ମୁଁ କାହାରି ତଳେ ରହିବିନି ।' ସେ ତାଙ୍କ ବାପାଙ୍କର ଶତ ପ୍ରଶଂସା କରି କହନ୍ତି, ''ବାପା ମୋତେ ଖୁବ୍ ସ୍ୱାଧୀନତା ଦେଇଥିଲେ । ମୋ କାମରେ କେବେବି ବାଧା ସୃଷ୍ଟି କରୁନଥିଲେ । ମୁଁ ଯେମିତି ଭାବରେ କାମ କରିବାକୁ ଚାହିଁଛି ଫର୍ଚ୍ୟୁନେଟଲି ମୋତେ କେହି ବାଧା ଦେଇ ନାହାନ୍ତି । ବାପା ଜାଣିଥିଲେ କୁନି ଯାହା ବି କରିବ ଠିକ୍ କାମ କରିବ । ମୁଁ ଆଜି ପର୍ଯ୍ୟନ୍ତ କୋଉ ବାବୁ ଫାବୁଙ୍କୁ ମାନେନି କି କିଏ ମୋ ଉପରେ ହାକିମ ହେବ ତା'ବି ମାନେନି । ମୁଁ ମୂଳରୁ ଭାବି ନେଇଛି ମୁଁ ସ୍ତ୍ରୀଲୋକ ନୁହେଁ, ମୁଁ ମଣିଷ । I am a person, I am a human being. ମୁଁ struggle-କରି ବଂଚିଛି । You are not living for yourself, you are living for society, for country. This is my principle." ସେତବେଳର ରକ୍ଷଣଶୀଳ ସାମାଜିକ ବ୍ୟବସ୍ଥା ଭିତରେ କେତେଜଣ ଝିଅଙ୍କୁ ଏପରି ସ୍ୱାଧୀନତା ମିଳୁଥିଲା ? ଆଉ ଏବେ ଯେଉଁ ସ୍ୱାଧୀନତା ଝିଅମାନଙ୍କୁ ବା ନାରୀମାନଙ୍କୁ ମିଳୁଛି ତାହା କେବଳ ରିଜର୍ଭେସନ ଜରିଆରେ ଅଥବା କାଁ ଭାଁ କେଉଁ ପରିବାରରେ । ପୁଣି ଏଇକ୍ଷଣି ଯେଉଁ ସ୍ୱାଧୀନତା ନାରୀମାନେ ଉପଭୋଗ କଲେଣି ସେଥିରୁ ଅଧିକାଂଶ ନାରୀଙ୍କର ଫେସନ କରିବା, କ୍ଲବକୁ ଯିବାରେ ସୀମିତ ରହୁଛି । ଦେଶକଥା ଓ ଜାତିକଥା କେତେଜଣ ଭାବୁଛନ୍ତି ?

କାଳିନ୍ଦୀ ଚରଣଙ୍କର ଇଚ୍ଛାଥିଲା କୁନି କଲେଜରେ ବାୟୋଲୋଜି ରଖି ପଢ଼ିବ ଏବଂ ଡାକ୍ତର ହେବ । ହେଲେ ଭଗବାନଙ୍କର ଇଚ୍ଛା ଥିଲା ଅନ୍ୟପ୍ରକାରର । ନନ୍ଦିନୀ ଦେବୀ ଆଇ.ଏସ୍‌ସି ପାସ୍ କଲାବେଳକୁ ସମ୍ପୂର୍ଣ୍ଣ ରୂପେ ରାଜନୀତିରେ ବୁଡ଼ିଯାଇଥାନ୍ତି । ରାଜନୀତି କହିଲେ ଭୁଲ ହେବ, ସମାଜସେବାରେ ମାତିଯାଇଥିଲେ ।

ସ୍ୱାଧୀନତାର ଠିକ୍ ବର୍ଷକ ଆଗରୁ ଅର୍ଥାତ୍ ୧୯୪୬ ମସିହାରେ ନନ୍ଦିନୀ ଦେବୀ

Digitized by PPRACHIN, SOA

ନୂଆ ହୋଇ କଲେଜ ଯାଉଥାନ୍ତି । ରେଭେନ୍ସା କଲେଜରେ ଡିସେମ୍ବର ୧୮ ତାରିଖ ଦିନ ବାର୍ଷିକ କ୍ରୀଡ଼ା ଉତ୍ସବ ପାଳିତ ହେଉଥାଏ । ଏଥିରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ସି.ଏଲ.ତ୍ରିବେଦୀ ଏବଂ ରାଜସ୍ୱମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ସମ୍ମାନନୀୟ ଅତିଥି ରୂପେ ନିମନ୍ତ୍ରିତ ହୋଇ ଆସିଥାନ୍ତି । କ୍ରୀଡ଼ା ଆରମ୍ଭ ପୂର୍ବରୁ ପତାକା ଟାଣିବାକୁ ନେଇ ଏକ ସମସ୍ୟା ସୃଷ୍ଟି ହେଲା । ସେତେବେଳେ ଛାତ୍ର ସଂଘର କେତେକ କର୍ମୀ ଯଥା ମନମୋହନ ମିଶ୍ର, ଜଗତ କୃଷ୍ଣ ଦାସ, ପୂର୍ଣ୍ଣାନନ୍ଦ ଦାସ, ବସନ୍ତ କୁମାର ମିଶ୍ର, ନିରୁପମା ରଥ, ଶ୍ୟାମଳୀ ଲାହିରି ଏବଂ ନନ୍ଦିନୀ ଦେବୀ, ଏ ସମସ୍ତେ ମିଶି ଭାରତର ଜାତୀୟ ପତାକା ଉଡ଼ାଇବାକୁ ଜିଦ୍ କଲେ । ଏମାନେ ମିଶି ଆଗରୁ ଟଣାଯାଇଥିବା ୟୁନିଅନ ଜ୍ୟାକ୍‌କୁ ତଳକୁ ଖସେଇ ଦେଇ ସେଠାରେ ତ୍ରିରଙ୍ଗା ପତାକା ଉଡ଼ାଇ ଦେଲେ । ତାପରେ ପୁଲିସ ସେମାନଙ୍କୁ ଆରେଷ୍ଟ କରିନେଲେ । ସେତେବେଳେ ଏମାନଙ୍କର ଜେଲକୁ ଯିବାର ବୟସ ହୋଇନଥାଏ କି ଜୁଭେନାଇଲ ଜେଲ୍ ବି ନଥାଏ ଅଠର ବର୍ଷରୁ କମ୍ ବନ୍ଦୀମାନଙ୍କୁ ରଖିବାପାଇଁ । ପୁଲିସ ନେଇ ସେମାନଙ୍କୁ ରାଣୀହାଟ ଛକରେ ଦିନସାରା ବସାଇଲେ । ସନ୍ଧ୍ୟା ହେବାରୁ ଘରକୁ ଛାଡ଼ିଲେ । ନନ୍ଦିନୀ ଦେବୀ ଏ ସଂପର୍କରେ ମତ ଦିଅନ୍ତି ଯେ,''ଯଦି ସ୍ୱାଧୀନତା ଆସିବାଟା ସ୍ଥିର ବୋଲି ହରେକୃଷ୍ଣ ମହତାବ ଜାଣିଥିଲେ, ତାହାହେଲେ କାହିଁକି ୟୁନିଅନ ଜ୍ୟାକ୍ ଟଙ୍ଗାଗଲା ? ତେଣୁ ସେତେବେଳେ ତ୍ରିରଙ୍ଗା ପତାକା ଟାଣିବାର ଆବଶ୍ୟକତା ଥିଲା ।'' ପନ୍ଦର ବର୍ଷ ବୟସରେ ନନ୍ଦିନୀ ଦେବୀଙ୍କର ତ୍ରିରଙ୍ଗା ପତାକା ଟାଣିବାର ଏହା ଥିଲା ଏକ ଝୁଙ୍କ୍ ।

ଆଉ ଥରେ ଦୀପାବଳି ଆଗରୁ କଲେଜର କେତେକ ପୁଅମିଶି ଝିଅମାନଙ୍କୁ ଡରାଇବା ପାଇଁ ଏକ ଯୋଜନା କଲେ । ଯୋଜନା ଅନୁସାରେ ଝିଅମାନେ ତାଙ୍କ କମନ୍ ରୁମ୍‌ରୁ କ୍ଲାସ୍ ରୁମକୁ ଯିବା ବାଟ୍‌ରେ ସେମାନେ ଛକି ରହିଲେ । ଝିଅମାନେ କ୍ଲାସ୍‌କୁ ଗଲାବେଳକୁ ଆଠ ଦଶ ଜଣ ପୁଅ ମିଶି ତାଙ୍କ ସାମ୍ନାରେ କେତେଟା ଫୋଟକା ଫୁଟାଇ ଦେଲେ । ଝିଅମାନେ ଡରିଯାଇ ଯେ ଯୁଆଡ଼େ ପଳାଇଲେ । ମାତ୍ର ଦୃଢ଼ମନା ନନ୍ଦିନୀ ଦେବୀ ସେଠାରେ ଏକା ଠିଆ ହୋଇ ରହିଲେ । ତାପରେ ସେ କ୍ଲାସ କରି ସାରି ପ୍ରିନସ୍‌ପାଲଙ୍କୁ ଏ କଥା ଜଣାଇଲେ ଏବଂ ଅଭିଯୋଗ କଲେ ଯେ ଝିଅମାନଙ୍କୁ ଏଠି ଚାଲିବାକୁ ଦେଉନାହାନ୍ତି, ସେମାନେ କ୍ଲାସ୍ କରିପାରୁ ନାହାନ୍ତି । ସେତେବେଳେ ପ୍ରିନସପାଲ ଥାନ୍ତି ଗୋଲେଖ ବାନାର୍ଜୀ । ସେ କହିଲେ, 'ତୁମେ ତାଙ୍କୁ ଚିହ୍ନିଛ ?' ନନ୍ଦିନୀ ଦେବୀ କହିଲେ, 'ହଁ, ମୁଁ ଚିହ୍ନିଛି ।' ତା'ପରଦିନ ପ୍ରିନସ୍‌ପାଲ ସବୁ ପୁଅଙ୍କୁ ଧାଡ଼ି କରି ଠିଆ କରିଦେଲେ ଏବଂ ନନ୍ଦିନୀ ଦେବୀଙ୍କୁ ଚିହ୍ନାଇବାକୁ ଡାକିଲେ । ନନ୍ଦିନୀ

Digitized by PPRACHIN, SOA

ଦେବୀ ଯିଏ ଫୋଟକା ଫୁଟେଇଥିଲେ ସମସ୍ତଙ୍କୁ ଚିହ୍ନେଇଲେ । ଧରା ପଡ଼ିଥିବା ପିଲାମାନେ ସେଦିନରେ କୋଡ଼ିଏ ଟଙ୍କା ଲେଖାଁ ଫାଇନ୍ ଦେଇଥିଲେ । ଏହାପରେ ସେ ପିଲାମାନେ ନନ୍ଦିନୀ ଦେବୀଙ୍କୁ ଧମକ ଦେଲେ ବୋମା ମାରି ତାଙ୍କୁ କଲେଜରୁ ଏକାଥରେ ଡାକ୍ତରଖାନା ପଠେଇଦେବେ । ଏହା ଶୁଣି ନନ୍ଦିନୀ ଦେବୀଙ୍କ ସାଙ୍ଗମାନେ ଖୁବ୍ ଡରିଯାଇ ତାଙ୍କୁ କହିଲେ ଏଇଟା ଖୁବ ଖରାପ କାମ ହେଲା । ସେମାନେ ସତକୁ ସତ ବୋମା ପକେଇ ଦେବେ । ନିର୍ଭୀକ ଚେତା ନନ୍ଦିନୀ ଦେବୀ କିନ୍ତୁ ଡରି ନ ଯାଇ କହିଲେ, 'ଦେଖିବା କିଏ ଡାକ୍ତରଖାନା ଯିବ ?' ତା ପରଦିନ ସେ କଲେଜର ଲନ୍ ବାଟ ଦେଇ ଏକା ଲାଇବ୍ରେରୀକୁ ଯାଉଥାନ୍ତି । ସଂପୃକ୍ତ ଯୁବକମାନେ ସେଠାରେ ଠିଆ ହୋଇ ତାଙ୍କୁ ଦେଖିଲେ । ନନ୍ଦିନୀ ଦେବୀ ସେହି ବାଟ ଦେଇ ଏକା ବି ଫେରିଲେ । ମାତ୍ର କେହି ସାହସ କରିପାରିଲେନି ତାଙ୍କୁ କିଛି କହିବାକୁ । ନନ୍ଦିନୀ ଦେବୀଙ୍କ ସାଙ୍ଗମାନେ ଏକଥା ଦେଖି ଆଶ୍ଚର୍ଯ୍ୟଚକିତ ହେଲେ । ଏପରି ବହୁ ଅନ୍ୟାୟ ବିରୁଦ୍ଧରେ ନନ୍ଦିନୀ ଦେବୀ ସ୍ୱରୋତ୍ତୋଳନ କରିଛନ୍ତି ପିଲାଟି ଦିନରୁ ଆଜିଯାଏ । କେଉଁଠି କାହାକୁ ଭୟ କରିନାହାନ୍ତି । ସେହି ଯୁବକମାନେ ପରବର୍ତ୍ତୀ ସମୟରେ ତାଙ୍କର ବଂଧୁ ହୋଇଗଲେ ।

ଆଉ ଥରେ ୧୯୫୧ ମସିହାର ଏକ ଘଟଣା । Girl's Student Association ର Secretary ଥାନ୍ତି ନନ୍ଦିନୀ ଦେବୀ । ସଂଘର କାମଥିଲା ବନ୍ୟା ମରୁଡ଼ି ଏବଂ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିପନ୍ନ ଲୋକମାନଙ୍କୁ ସାହାର୍ଯ୍ୟ କରିବା ଏବଂ ଏହି କାମରେ ଅନ୍ୟମାନଙ୍କୁ ସାମିଲ କରିବା ପାଇଁ organise କରିବା । ହଠାତ୍ ସେହି ସମୟରେ କଲେଜ ପିଲାମାନଙ୍କର ଦରମା ବଢ଼େଇ ଦିଆଗଲା । ନନ୍ଦିନୀ ଦେବୀ ସେତେବେଳକୁ ବି.ଏ. ପରୀକ୍ଷା ଦେଇସାରିଥାନ୍ତି । ହଠାତ୍ ଦରମା ବୃଦ୍ଧି ଅନେକ ଲୋକଙ୍କୁ ବାଧିବ ଭାବି ନନ୍ଦିନୀ ଦେବୀ ଏହାର ପ୍ରତିବାଦ କରିବା ପାଇଁ ଚିନ୍ତା କଲେ । ସେତେବେଳେ ବିଧାନସଭା ରେଭେନ୍ସା କଲେଜ ଭିତରେ ଚାଲୁଥାଏ । ନନ୍ଦିନୀ ଦେବୀଙ୍କ ସାନଭଉଣୀ ଲୁସୀ ଦେବୀଙ୍କର ଦେହ ଖରାପ ହୋଇଥିବାରୁ ସେ ମେଡ଼ିକାଲରେ ଥାନ୍ତି । ତାଙ୍କୁ ନନ୍ଦିନୀ ଦେବୀ ଆଟେଣ୍ଡ କରୁଥାନ୍ତି । ନନ୍ଦିନୀ ଦେବୀ ସେଠାରୁ ପଳାଇଆସି ପ୍ରବୀର ପାଲିତ, ବ୍ରଜ ମିଶ୍ର ପ୍ରମୁଖ ଏକାଠି ହୋଇ ବିଧାନସଭା ହଲକୁ ଯିବାକୁ ଯେଉଁ ଗେଟ ଥାଏ, ସେଠି ଚାରି ପାଞ୍ଚ ଲାଇନ୍ ହୋଇ ଧାରଣା ଦେଲେ । ସେହି ସମୟରେ ନବକୃଷ୍ଣ ଚୌଧୁରୀ ଥାନ୍ତି ମୁଖ୍ୟମନ୍ତ୍ରୀ । ସେ ଏହା ଦେଖି ଆସି ପିଲାଙ୍କ ସଙ୍ଗେ ବସିଲେ ଏବଂ ନନ୍ଦିନୀ ଦେବୀଙ୍କ ଉପରେ ରାଗ ଅଭିମାନ କରି କହିଲେ, 'ଆମେ ଆଜି ଭୂସଂସ୍କାର ବିଲ୍ ପାସ୍, କରିବାକୁ ଯାଉଛୁ । ତୁ ଏଠି କାହିଁକି ଧାରଣା ଦେଇଛୁ ?' ସେଠାରେ

Digitized by PPRACHIN, SOA

ପ୍ରଚଣ୍ଡ ଖରା ହେଉଥାଏ । ନନ୍ଦିନୀ ଦେବୀ ଛତାଟିଏ ମଗାଇ ତାଙ୍କ ମୁଣ୍ଡ ଉପରେ ଧରି ଠିଆ ହେବାକୁ ଜଣେ ପିଲାକୁ କହିଲେ । ଯେମିତି ଜଣେ ପିଲା ଛତାଟିଏ ମାରି ଠିଆହେଲା, ନବବାବୁ ରାଗିମାଗି ଛତାକୁ ଫୋପାଡ଼ିଦେଲେ ଆଉ କହିଲେ ତୁମେ ଷ୍ଟ୍ରାଇକ ବନ୍ଦ କରିଦିଅ ।

ନନ୍ଦିନୀ ଦେବୀ ଏବଂ ଅନ୍ୟମାନେ କହିଲେ, ଆମେ ପଚାଶ କି ଷାଠିଏଟା ଦାବି କରୁନାହୁଁ । ଆମେ ଖାଲି ଦରମାଟା କମେଇ ଦେବା ପାଇଁ କହୁଛୁ । ନବବାବୁ ରାଗରେ ଉଠି ଆସେମ୍ଲିକୁ ପଳେଇଲେ । ଅନ୍ୟ ଏମ.ଏଲ.ଏ.ମାନଙ୍କୁ ବି ବାଧାଦେଲେ, ମାତ୍ର ସେମାନେ ବି ଭିତରକୁ ଗଲେ । ହେଲେ ଧାରଣା ଦେବା ଚାଲୁ ରହିଲା । କିଛି ସମୟ ପରେ ଧାରଣା ଦେଇଥିବା ସ୍ଥାନରେ ୧୪୪ ଧାରା ଜାରି କରିଦେଲେ । ଏହାପରେ ବି ସେମାନେ ନ ଉଠିବାରୁ ପୁଲିସ୍ ଆସି ନିଆଁଲିଭା ହୋସ୍ ପାଇପ୍‌ରେ ଧାରଣାକାରୀଙ୍କ ଉପରକୁ ଆଖିବୁଜା ପାଣି ଛାଟିଲେ । ସେତେବେଳେ ନନ୍ଦିନୀ ଦେବୀ ଗର୍ଭବତୀ ଥାନ୍ତି । ସେ କିଛି ଉପାୟ ନଦେଖି ଆଣ୍ଠୁ ଭିତରେ ମୁଣ୍ଡକୁ ପୂରାଇ ପାଣି ପଟକୁ ପିଠି ଦେଖାଇ ବସି ରହିଲେ । ତାଙ୍କର କେବଳ ଗୋଟିଏ ଚିନ୍ତାଥିଲା ଯେ ଗର୍ଭସ୍ଥ ସନ୍ତାନର ଯେପରି କିଛି ଅନିଷ୍ଟ ନହୁଏ । ନିଜର ପଛେ ଯାହା ହୋଇଯାଉ ସେଥିପ୍ରତି କିଛି ଚିନ୍ତା ତାଙ୍କର ନଥାଏ । ପିଲାମାନେ ତଥାପି ବି ସେଠାରୁ ଉଠିଲେ ନାହିଁ । ଏହା ଦେଖି ପୁଲିସ୍‌ବାଲା ସଙ୍ଗେ ସଙ୍ଗେ ଲାଠିଚାର୍ଜ କରିଦେଲେ । ଏଥିରେ ଅନେକ ଆହତ ହୋଇ ଦୌଡାଦୌଡି କଲେ । ନନ୍ଦିନୀ ଦେବୀଙ୍କର ମଧ ଲାଠିମାଡ଼ରେ ମୁଣ୍ଡ ଫାଟିଗଲା । ହୋସ୍ ପାଇପ୍‌ର ପାଣି ସାଙ୍ଗକୁ ମୁଣ୍ଡରୁ ଝରୁଥିବା ରକ୍ତରେ ସେ ଲାଲରଙ୍ଗ ଧାରଣ କରି ସେମିତି ବସିରହିଥାନ୍ତି । କିଛି ସମୟ ପରେ ମୁଣ୍ଡଟେକି ଚାହିଁଲା ବେଳକୁ କେହି କୁଆଡେ ନାହାନ୍ତି ' ସମସ୍ତେ ପଳେଇଥିଲେ । ନନ୍ଦିନୀ ଦେବୀ କିନ୍ତୁ ଉଠିବା ଅବସ୍ଥାରେ ନଥାନ୍ତି । ଦେଖଣାହାରିଙ୍କ ଭିତରୁ ତାଙ୍କର ଦୁଇଜଣ ଶୁଭାକାଂକ୍ଷୀ ସି.ପି.ଏମ୍.ର ଶରତ ପଟ୍ଟନାୟକ ଏବଂ ଶଙ୍କର ବେହେରା ତାଙ୍କୁ ଟାଣି ଟାଣି ଆଣୁଥାନ୍ତି । ଏତିକିବେଳେ କୌଣସି କାରଣ ନଥାଇ Fire ର ସର୍ଜେଣ୍ଟ ହରିଶଙ୍କର ଦାଶ ମେଜରଙ୍କ ଅର୍ଡରରେ ଫାୟାର କଲେ । ସେ ପୁଣି ନନ୍ଦିନୀ ଦେବୀଙ୍କ ଉପରକୁ ଲକ୍ଷ୍ୟ କରି । ସୌଭାଗ୍ୟବଶତଃ ଗୁଳିଟି ତାଙ୍କ ଉପରେ ନବାଜି ଜଣେ ସାଇକେଲ ଆରୋହୀ ଉପରେ ବାଜିଲା । ତାପରେ ନନ୍ଦିନୀ ଦେବୀଙ୍କୁ ସେମାନେ ପାଖରେ ଥିବା ନାନୁଭାଇ ଚୁଡାଭଜା, ଗାଣ୍ଠିଆ ଦୋକାନକୁ ନେଇ ମୁଣ୍ଡରେ ପୋଡ଼ାକନା ଦେଲେ । ଏତେ ସବୁ ପରେ ବି ଏକଜିଦିଆ ନନ୍ଦିନୀ ଦେବୀ ଓମେନସ୍ ହଷ୍ଟେଲକୁ ଯାଇ ରକ୍ତଭିଜା ଲୁଗା ବଦଳାଇଲେ ଏବଂ ହଷ୍ଟେଲର ପାଚେରି

Digitized by PPRACHIN, SOA

ଡେଇଁ କଲେଜକୁ ଗଲେ । ସେତେବେଳକୁ କଲେଜର ପିଲାମାନେ ଯେ ଯୁଆଡେ ଚାଲିଗଲେଣି । ଏତିକିବେଳେ ତାଙ୍କ ବାପା କାଳିନ୍ଦୀ ଚରଣ ପାଣିଗ୍ରାହୀ ଓ ବଡ଼ ଭାଇନା ନୀହାର ରଂଜନ ପାଣିଗ୍ରାହୀ ତାଙ୍କୁ ଖୋଜି ଖୋଜି ଆସି କଲେଜରେ ପହଞ୍ଚିଲେ । ନୀହାର ବାବୁ ପଚାରିଲେ, 'ପୁଣି କୁଆଡ଼େ ବାହାରିଲୁ ? ତୁ ନଗଲେ ଷ୍ଟ୍ରାଇକ୍ ଚାଲୁନି ନା ?' କହି ଶକ୍ତ ଚଟକଣାଟାଏ ମାରି ମେଡିକାଲକୁ ନେଇଗଲେ । ବାପାଙ୍କର କିନ୍ତୁ ଖୁବ୍ ଚିନ୍ତା ହେଉଥାଏ ଯେ ତାଙ୍କ ପେଟରେ ଥିବା ଶିଶୁଟିର କ'ଣ ହେବ । ଅବଶ୍ୟ ପରବର୍ତ୍ତୀ ସମୟରେ ପିଲାଟି ତାଙ୍କର ଆଠମାସରେ ଜନ୍ମଲାଭ କରିଥିଲା । ସେତେବେଳକୁ ଚାରିଆଡ଼େ ପ୍ରଘଟ ହୋଇଯାଇଥାଏ ଯେ, ନନ୍ଦିନୀ ଶତପଥୀ ଗୁଳିମାଡ଼ରେ ପ୍ରାଣ ହରାଇଲେ । ଅନେକ ସମବେଦନା ଚିଠି ତାଙ୍କ ବାପାଙ୍କ ପାଖକୁ ଆସିଲା । ଗଙ୍ଗାଧର ମେହେର କଲେଜରେ ପ୍ରିନ୍ସପାଲ ଥିବା ମାୟାଧର ମାନସିଂହ ଶୋକବାର୍ତ୍ତା ବି ପଠେଇସାରିଥିଲେ । କିନ୍ତୁ ଅବଶେଷରେ ସରକାର ତାଙ୍କ ଦାବିକୁ ମାନି ନେଇ ପିଲାଙ୍କ ଦରମା କମାଇ ଦେଇଥିଲେ ।

କେବଳ କଲେଜ ପଢ଼ା ଭିତରେ ନନ୍ଦିନୀ ଦେବୀ ନିଜକୁ ଆବଦ୍ଧ କରି ରଖିନଥିଲେ । ସ୍ୱାଧୀନତାର ଠିକ୍ ବର୍ଷକ ପୂର୍ବରୁ ସେ କଲେଜରେ ନୂଆହୋଇ ପଶିଥିଲେ ମଧ୍ୟ ତାଙ୍କ ମନ ଆଦୌ କଲେଜ ପଢ଼ାପଢ଼ିରେ ଲାଗୁନଥିଲା । କାରଣ ପିଲାଟି ଭୂମିଷ୍ଠ ହେବା ପୂର୍ବରୁ ଗର୍ଭିଣୀଟି ଯେମିତି କଷ୍ଟପାଏ, ଠିକ୍ ସେହିପରି ସ୍ୱାଧୀନତା ପାଇବାର ପୂର୍ବ ସମୟଟି ସମସ୍ତଙ୍କ ପକ୍ଷରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । ଭୀଷଣ ଏକ ଟେନ୍‌ସନ୍‌ର ସମୟ । ସେହି ସମୟରେ ନନ୍ଦିନୀ ଦେବୀ ବିଭିନ୍ନ ସଂଗଠନ କରି, ବହୁ ଶୋଭାଯାତ୍ରା ବାହାର କରି ବ୍ରିଟିଶ୍ ସରକାରଙ୍କୁ ହଟାଇବାକୁ ଆପ୍ରାଣ ଉଦ୍ୟମ ଜାରି ରଖିଥିଲେ । ସେତେବେଳେ ସେମାନଙ୍କର ସ୍ଲୋଗାନ ଥିଲା -

''ଏ ଆଜାଦି ଝୁଟା ହେ ଭୁଲୋ ମତ, ଭୁଲୋ ମତ
ଆଜାଦି ଲଢ଼କର ଲେନା ହେ, ଲଢ଼କର ଲେନା ହେ ।''

ଗାନ୍ଧିଜୀଙ୍କ ଆଦର୍ଶରେ ନନ୍ଦିନୀ ଦେବୀ ଅନୁପ୍ରାଣିତ ହୋଇଥିଲେ ପିଲାଟି ଦିନରୁ । ହେଲେ, କେବଳ ଯେ ଅହିଂସା ନୀତିରେ ଭାରତକୁ ସ୍ୱାଧୀନ କରାଯାଇ ପାରିବ, ଏଥିରେ ସେ ସନ୍ଦିହାନ ଥିଲେ । ନନ୍ଦିନୀ ଦେବୀ ଯେତେବେଳେ ଛାତ୍ରସଂଘରେ ଯୋଗ ଦେଲେ, କମ୍ୟୁନିଷ୍ଟ ପାର୍ଟି ତାଙ୍କ ଉପରେ ବହୁତ ଗୁଡ଼ିଏ କାମ ଦେଲା । ସେ ମଧ୍ୟ ସବୁ କାମ କରୁଥିଲେ । ସ୍ୱାଧୀନତାର ଠିକ୍ ପରେ ପରେ କମ୍ୟୁନିଷ୍ଟ ପାର୍ଟିକୁ ବ୍ୟାନ୍ କରିଦିଆଯାଇଥିଲା । ସେତେବେଳେ ମନମୋହନ ମିଶ୍ର, ବୈଦ୍ୟନାଥ ରଥ ପ୍ରମୁଖ

Digitized by PPRACHIN, SOA

ନେତାମାନେ ଅଣ୍ଡର ଗ୍ରାଉଣ୍ଡରେ ରହୁଥିଲେ । ନନ୍ଦିନୀ ଦେବୀ ସେମାନଙ୍କୁ ଲୁଚିଛପି ଖାଇବାକୁ ନେଇ ଦେଉଥିଲେ । ସେ କହନ୍ତି, ''କଲେଜକୁ ଯିବା ପରେ ମୁଁ ଗୋଟେ ବାଟ ପାଇଗଲି । ମୁଁ ସବୁବେଳେ ଲାଇବ୍ରେରୀକୁ ତ ଯାଏ । ସେଠାରେ ମୋର ଗୋଟେ କଣ୍ଟାକ୍ଟ ମ୍ୟାନ୍ ମିଳିଗଲା । ଯାହାଦ୍ୱାରା ଅଣ୍ଡର ଗ୍ରାଉଣ୍ଡ କମ୍ୟୁନିଷ୍ଟମାନଙ୍କ ପାଇଁ ଖାଦ୍ୟ, ପୋଷାକ, ଚିଠିପତ୍ର ପଠାଇବାର ସୁଯୋଗ ମିଳିଗଲା । ସେତେବେଳେ ମୁଁ ଏସବୁ ପୁଣି ଚାନ୍ଦା କରି ଆଣୁଥିଲି । ମୁଁ ସେତେବେଳେ ଆଇ.ଏସ୍‌ସି. ପଢୁଥାଏ । ମୋତେ କୁହାଗଲା କମ୍ୟୁନିଷ୍ଟ ବହିପଢ଼ି କଟକର ଶଙ୍କରପୁର, ମେଡିକାଲ କଲେଜ, ଖ୍ରୀଷ୍ଟ କଲେଜ ଏବଂ ଅନ୍ୟାନ୍ୟ ପିଲାମାନଙ୍କୁ ବୁଝେଇବା ପାଇଁ । ମୁଁ ରାତିସାରା ବହିପଢ଼େ, ସକାଳ ହେଲେ ଚାଲି ଚାଲି ବିଭିନ୍ନ ଜାଗାକୁ ଯାଇ ପିଲାମାନଙ୍କର କ୍ଲାସ୍ ନିଏ । ମୋର ସେତେବେଳେ ଗୋଟିଏ ଧାରଣା ଥିଲା କଂଗ୍ରେସ ଆନ୍ଦୋଳନରେ ସ୍ୱାଧୀନତା ପାଇବା ଡେରି ହେବ । ତେଣୁ କମ୍ୟୁନିଷ୍ଟ ପାଇଁ କାମ କରୁଥିଲି । ଯେଉଁମାନେ ମାର୍ସିଷ୍ଟ ସେମାନଙ୍କର ପ୍ରଥମ ଲଢ଼େଇ ସାମ୍ରାଜ୍ୟବାଦ ବିରୁଦ୍ଧରେ ଏବଂ ଦ୍ୱିତୀୟରେ ପୁଞ୍ଜିବାଦ ବିରୁଦ୍ଧରେ । ତାପରେ ଯାଇ ସାମ୍ୟବାଦ୍ୟ ।''

କମ୍ୟୁନିଷ୍ଟ ପାର୍ଟିର ଏହି ବ୍ୟାନ୍ ସମୟରେ ଦଳର କୃଷକ ଶାଖା ତରଫରୁ କଟକର ଗୌରୀଶଙ୍କର ପାର୍କରେ ଗୋଟିଏ ମିଟିଂ ଡକାଯାଇଥାଏ । ସେତେବେଳେ ନନ୍ଦିନୀ ଦେବୀ ଖୁବ୍ ସାନ ନଥିଲେ ବି ଅନ୍ୟାନ୍ୟ ବଡ଼ବଡ଼ ନେତାଙ୍କଠାରୁ ବହୁତ ସାନ ଥିଲେ । ନିର୍ଦ୍ଧାରିତ ସମୟରେ ମିଟିଂ ହେଲା । ନନ୍ଦିନୀ ଦେବୀ ବକ୍ତୃତା ଦେଇ ଘରକୁ ଫେରିଲେ । ସେ ସେତେବେଳକୁ ପିଠାପୁର ଠାରେ ରହୁଥାନ୍ତି । ଘରକୁ ଫେରି ଦେଖନ୍ତି ତ ତାଙ୍କ ଘର ଚାରିପଟେ ପୁଲିସ ଠିଆ ହୋଇଛନ୍ତି । ତାଙ୍କର ଟିକେ ଭୟ ହୋଇଗଲା, କାରଣ ତାଙ୍କ ନିକଟରେ କମ୍ୟୁନିଷ୍ଟ ପାର୍ଟିର କେତେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଥାଏ । ତଥାପି ମନରେ ସାହସ ବାନ୍ଧି ପୁଲିସଙ୍କୁ ପଚାରିଲେ, 'ଆପଣମାନେ କୁଆଡେ ଆସିଛନ୍ତି ? ପୁଲିସ କହିଲେ, 'ଆପଣଙ୍କୁ ଗିରଫ କରିବାକୁ ।' ନନ୍ଦିନୀ ଦେବୀ ଦବି ନଯାଇ କହିଲେ, 'ବାବୁ, ମୁଁ ଯେବେ ମୁଖ୍ୟମନ୍ତ୍ରୀ ହେବି ତୁମେ ତ ସେତେବେଳେ ମୋର ବୁକୁଚା ବୋହିବ । ଆଉ ଏଇକ୍ଷଣି କ'ଣ ଆରେଷ୍ଟ କରିବାକୁ ଆସିଛ ?' ଏପରି କଥାବର୍ତ୍ତା ଭିତରେ ସେ ଚାହୁଁଥିଲେ ପୁଲିସଙ୍କୁ କିଛି ସମୟ ଅଟକେଇ ଦେବା ପାଇଁ । ତାଙ୍କ ଚାଲରେ ବି ସେ ସଫଳ ହେଲେ । ସେଇ ସମୟ ଭିତରେ ସୁଯୋଗ ଉଣ୍ଡି ସେ ବାଥରୁମ୍‌କୁ ଯାଇ କିଛି ଗୁରୁତ୍ୱପୂର୍ଣ୍ଣ କାଗଜକୁ ଖାଇଦେଲେ ଏବଂ ତା ସହିତ ଅଜାଣତରେ ବାପାଙ୍କର କେତେକ ମୂଲ୍ୟବାନ ପାଣ୍ଡୁଲିପିକୁ ଘର ପଛପଟେ ଯାଇଥିବା ଡ୍ରେନ୍‌ରେ ଫୋପାଡ଼ି ଦେଇଥିଲେ । ଏହାପରେ ତାଙ୍କୁ ଆରେଷ୍ଟ କରିନିଆଗଲା ।

Digitized by PPRACHIN, SOA

ଯେଉଁ କୋର୍ଟରେ ତାଙ୍କର ବିଚାର ହେଲା ସେଠାରେ ମାଜିଷ୍ଟ୍ରେଟ ଥାନ୍ତି ଗୋପୀନାଥ ମହାନ୍ତି । ସେତେବେଳେ ନନ୍ଦିନୀ ଦେବୀ ଖୁବ୍ ବିପଜ୍ଜନକ ବ୍ୟକ୍ତି ହିସାବରେ ବିବେଚିତ ହେଉଥିବାରୁ ତାଙ୍କ କେଶ୍ କୋର୍ଟରେ ବିଚାର ନହେଇ ସେହି ଜେଲ ଭିତରେ କରାଗଲା । ନନ୍ଦିନୀ ଦେବୀ କୌଣସି ଓକିଲ ନଦେଇ କହିଥିଲେ, 'ମୋ କେଶ୍ ମୁଁ ଲଢ଼ିବି ।' ତାଙ୍କ ବିରୁଦ୍ଧରେ ସେତେବେଳେ ଅଭିଯୋଗ ଥିଲା ଯେ ସେ ସରକାରୀ ଦଳର ଗୋଟିଏ ସଭାରେ ଲାଗିଥିବା ମାଇକ୍‌ର ତାରକୁ ଦେବଦାରୁ ଗଛରେ ଚଢ଼ି କାଟି ଦେଇଥିଲେ । ବିଚାର ହେବା ସମୟରେ ଗୋପୀନାଥ ବାବୁ ତାଙ୍କୁ ଏହି କଥା କହିବାରୁ ନନ୍ଦିନୀ ଦେବୀ ନିଜ ପକ୍ଷରୁ ଓକିଲାତି କରି କହିଥିଲେ ଯେ, 'ଆପଣଙ୍କର ଏହା ବିଶ୍ୱାସ ହେଉଛି ଯଦି ତାହାହେଲେ ପୁଲିସଙ୍କ କଥା ସତ ହୋଇଥିବ । ଆଜ୍ଞା, ଆପଣ ତ ଜଣେ ବିଶିଷ୍ଟ ଲେଖକ । ଆପଣ ଭାବିପାରୁଛନ୍ତି ଯେ ମୁଁ ଦେବଦାରୁ ଗଛରେ ଚଢ଼ିପାରେ, ଆଉ ତାର କାଟିପାରେ ? ତେବେ ମୋର କିଛି କହିବାର ନାହିଁ । ଏଇଟା କିନ୍ତୁ ମିଛ ଅଭିଯୋଗ ।' ଗୋପୀନାଥ ବାବୁ ପୁଣି କହିଲେ, 'ତୁମେ ରେଳଲାଇନରୁ ଫିସ୍‌ପ୍ଲେଟ୍ କାଟି ଦେଇଛ ।' ନନ୍ଦିନୀ ଦେବୀ ଦୃଢ଼ ବିରୋଧ କରି କହିଲେ, 'ଫିସ୍‌ପ୍ଲେଟ କ'ଣ ମୁଁ ମୋଟେ ଜାଣିନି । ତା' ଛଡ଼ା କିଏ ଦେଖିଛି ଏକଥା ?' ବିଚାର ସରିଲା, ତାଙ୍କୁ ଛଅମାସ ଜେଲ୍ ହେଲା । ପ୍ରକୃତରେ ଏଇଟା ଗୋଟିଏ ମିଛ କଥା ଥିଲା । ଯେହେତୁ ସେ ମାର୍ସିଷ୍ଟଙ୍କୁ ଦୃଢ଼ ଭାବେ ସମର୍ଥନ କରୁଥିଲେ ସେଥିପାଇଁ ତାଙ୍କୁ ଏ ଦଣ୍ଡ ଦିଆଯାଇଥିଲା ।

ନନ୍ଦିନୀ ଦେବୀ ତାଙ୍କର ଜେଲ ଜୀବନ ବର୍ଣ୍ଣନା କରି କହନ୍ତି, ''ମୋତେ କଟକ ଜେଲକୁ ନେବାବେଳକୁ ସେଠାରେ ବନମାଳୀ ଦାସ, ମନମୋହନ ମିଶ୍ର, ସାବିତ୍ରୀ ଆଚାର୍ଯ୍ୟ ପ୍ରଭୃତି ଆଗରୁ ଥାଆନ୍ତି । କିଛିଦିନ ପରେ ସେମାନେ ସାବିତ୍ରୀ ଆଚାର୍ଯ୍ୟଙ୍କୁ ଛାଡ଼ିଦେଲେ । ମହିଳା ୱାର୍ଡରେ ମୁଁ ଏକା ଥାଏ । ଏହି ସମୟରେ କେତେକ କାରଣରୁ କମ୍ୟୁନିଷ୍ଟମାନେ ହଙ୍ଗର ଷ୍ଟ୍ରାଇକ୍ କଲେ । ମୋ ଦୃଷ୍ଟିରେ ଏହା ଖୁବ୍ ଛୋଟିଆ କାରଣ ଥିଲା । ଜେଲରେ ଚପଲ ଦିଅନ୍ତି ନାହିଁ, ଖାଇବାକୁ ଭଲ ଦିଅନ୍ତି ନାହିଁ, ଲୁଗାପଟା ଦିଅନ୍ତି ନାହିଁ ଇତ୍ୟାଦି । ନେତୃବୃନ୍ଦ ସେଇଠୁ ଅନଶନ କରିବାକୁ ନିଷ୍ପତ୍ତି ନେଲେ । ସେଇଟା ସମସ୍ତେ ମାନିବାକୁ ବାଧ୍ୟ । ମୋ ଇଚ୍ଛା ବିରୁଦ୍ଧରେ ମୁଁ ଅନଶନ କଲି । ଏତେ ଛୋଟିଆ କଥାରେ ପୁଣି ଅନଶନ । ପନ୍ଦର ଦିନ ପର୍ଯ୍ୟନ୍ତ ମୁଁ କିଛି ଖାଇନଥାଏ । ମୋ ଦେହ ବହୁତ ଦୁର୍ବଳ ହୋଇଯିବାରୁ ମୋ ବାପାଙ୍କ ପାଖରେ ଖବର ପହଞ୍ଚିଲା । ହରେକୃଷ୍ଣ ମହତାବ ତ ମୁଖ୍ୟମନ୍ତ୍ରୀ ଥାନ୍ତି । ବାପା ତାଙ୍କୁ ଯାଇ କହିଲେ, ମୁଁ ଯାହା ଶୁଣିଲି ମୋ ଝିଅ ଦେହ ବହୁତ ଖରାପ । ଯଦି ସିଏ ମରିଯିବ ତେବେ ଆପଣ ଦାୟୀ ରହିବେ । ଏହା

Digitized by PPRACHIN, SOA

ଶୁଣି ମହତାବ ବାବୁ ମତେ ପାରୋଲରେ ପନ୍ଦର ଦିନ ପାଇଁ ଛାଡ଼ିଦେଲେ । ସେ ପୁଣି କେତେକ ସର୍ତ୍ତରେ । ମୁଁ ପିଠାପୁରଠାରୁ ଚୌଧୁରୀବଜାର ପର୍ଯ୍ୟନ୍ତ ଯାଇ ପାରିବିନି କି କୌଣସି ରାଜନୈତିକ ସଭାକୁ ଯିବିନି । ଏଥିରେ ବାପା ଦସ୍ତଖତ କଲାରୁ ମୁଁ ଆସିଲି । ମୁଁ ଜେଲରୁ ଆସି ଦୁଇ ଚାରିଦିନ ପର୍ଯ୍ୟନ୍ତ ଖାଇପିଇ ଦମ୍ଭ ହେଲାପରେ କଟକ ଟାଉନ୍ ହଲରେ ପୁଣି ସଭା କରି ଭାଷଣ ଦେଲି । ଏହାର ଛଅସାତ ଦିନ ପରେ ସର୍ତ୍ତ ଖିଲାପରେ ମୋତେ ପୁଣି ଗିରଫ କଲେ । ସେତେବେଳେ କମ୍ୟୁନିଷ୍ଟ ପାର୍ଟିର ନିୟମ ଥିଲା, କୌଣସି ଆନ୍ଦୋଳନ ବା ଅକେଜନ୍ ପରେ ସେମାନେ ତାଙ୍କର ମତାମତ ପଲିଟିବ୍ୟୁରୋକୁ ଦେବେ । ମୁଁ ମୋର ମତାମତ ଦେଲି ଯେ, ଅନଶନ ହେଉଛି ଗାନ୍ଧୀଆନ୍ ପନ୍ଥା । ଯଦି କମ୍ୟୁନିଷ୍ଟ ହେବ ତେବେ ଗାନ୍ଧୀଆନ୍ ନୀତି ଆଦର୍ଶରେ କିପରି ଚାଲିବ ? ସେ ଚିଠିଟି ବନମାଳୀ ଦାସଙ୍କ ମାଧ୍ୟମରେ କେନ୍ଦ୍ରୀୟ ପଲିଟିବ୍ୟୁରୋର ମୁଖ୍ୟ ଏସ.ଏଲ.ଡାଙ୍ଗେଙ୍କ ପାଖକୁ ଗଲା । ବନମାଳୀ ବାବୁଙ୍କର ଏ ପ୍ରକାର ଚିଠିରେ ରାଗ ହେଇଗଲା । ସେ ମୋତେ କହିଲେ ତୁମେ ଖାଲି ଭଗବତୀ ପାଣିଗ୍ରାହୀଙ୍କ ଝିଆରୀ ବୋଲି କିଛି କହୁନି । ନଚେତ୍ ତୁମେ ଯାହା ଲେଖିଛ ମୁଁ ତୁମକୁ ପାର୍ଟିରୁ ବହିଷ୍କାର କରିଦିଅନ୍ତି । ମୁଁ କହିଲି, କରନ୍ତୁ ବହିଷ୍କାର । ଏହିକଥାରେ ଜେଲ୍‌ରେ ଥିବା ସମୟରେ ହିଁ ମୋତେ ଏକ୍ସପେଲ୍ କଲେ । ଛ' ମାସ ଜେଲ ପୂରଣ ହେବାରୁ ମୁଁ ଯେତେବେଳେ ବାହାରକୁ ଆସିଲି ସେତେବେଳେ ମୋତେ ଗୁରୁଚରଣ ପଟ୍ଟନାୟକ ବୁଝେଇଲେ ଯେ, ଏଇଟା ଠିକ୍ ହୋଇନି, ତୁ ଫେରିଆ କମ୍ୟୁନିଷ୍ଟ ପାର୍ଟିକୁ । ତା'ପରେ ଏକ୍ସପେଲ ଅର୍ଡର ଉଠାଇଦେଲେ । ମୁଁ କିନ୍ତୁ କହିଲି, ଆପଣଙ୍କର ନୀତି ନାହିଁ, ଆଦର୍ଶ ନାହିଁ, ଯାହାର ଏସବୁ ନାହିଁ ସେ କି ମଣିଷ ? ମୋର ବହୁତ କାମ କରିବାକୁ ଅଛି । ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ । ବି.ଏ. ପାସ୍ କରି ଏମ୍.ଏ. ପଢ଼ିବି ତ !''

ଏହାପରେ ୧୯୫୫ ମସିହାରେ ଯେତେବେଳେ ଦଳେଇଘାଇ ଭାଙ୍ଗିଲା ସେତେବେଳକୁ ଓମେନ୍‌ସ ଫୁଡ ରିଲିଫ୍ ଆସୋସିଏସନ୍‌ର ସଂପାଦିକା ଥାନ୍ତି ନନ୍ଦିନୀ ଦେବୀ, ଆଉ ରଣପୁର ରାଜମାତା ସଭାପତି । ନନ୍ଦିନୀ ଦେବୀ, ରାଜମାତା ଏବଂ ଅନ୍ୟାନ୍ୟ ସହଯୋଗୀ ମାନେ ସେତେବେଳେ ମାଗିକରି ଲୁଗାପଟା ଚୁଡା, ଚାଉଳ ଆଣି ଡଙ୍ଗାରେ ନେଇ ରିଲିଫ୍ ବାଣ୍ଟିବାକୁ ଯାଇଥିଲେ । ସେତେବେଳେ ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ନନ୍ଦିନୀ ଦେବୀ କାର୍ଯ୍ୟ କରୁଥିଲେ । ସେ ସମୟରେ ବନ୍ୟାବିପନ୍ନ ଲୋକଙ୍କୁ ଚୁଡ଼ା ଚାଉଳ ବାଣ୍ଟି ବାଣ୍ଟି ସେମାନେ ଦଳେଇଘାଇ ପାଖରୁ ଡ଼ଙ୍ଗାରେ ବାହାରି ପୁରୀର ବ୍ରହ୍ମଗିରିଠାରେ ପହଞ୍ଚିଯାଇଥିଲେ ।

Digitized by PPRACHIN, SOA

ସେତେବେଳେ ରାଜଭବନ କଟକରେ ଥାଏ । ଏବେ ଯେଉଁଟା ଶିଶୁଭବନ ହେଇଛି ସେଇଠି ଥିଲା ରାଜଭବନ । ଦିନେ ମହାତ୍ମାଗାନ୍ଧୀଙ୍କର ଖୁବ୍ ଘନିଷ୍ଠ ଥିବା ସୁଶୀଳା ନାୟାର ରାଜଭବନକୁ ଆସିଥିଲେ । ତାଙ୍କ ସମ୍ମାନାର୍ଥେ ଗଭର୍ଣ୍ଣର ଚା' ପାର୍ଟି ଦେଉଥାନ୍ତି । 'ଆସୋସିଏସନ ଫର ସୋସିଆଲ ଏଣ୍ଡ ମୋରାଲ ହାଇଜିନ୍' ନାମରେ ଏକ ସଂଗଠନ କରିଥିଲେ ସୁଶୀଳା ନାୟାର । ଯେଉଁ ଶିଶୁମାନଙ୍କୁ ବିକ୍ରୀ ଉଦ୍ଦେଶ୍ୟରେ ବାହାରକୁ ଚାଲଣ କରିଦିଆଯାଏ ଏବଂ ଝିଅ ମାନଙ୍କୁ ଚାଲଣ କରି ପ୍ରଷ୍ଟିଚ୍ୟୁଟ କାର୍ଯ୍ୟରେ ଲଗାଯାଏ, ସେମାନଙ୍କୁ ଉଦ୍ଧାର କରି ପାଠ ପଢ଼ାଇବା ଏବଂ ବିଭିନ୍ନ କାମରେ ନିଯୁକ୍ତ କରିବା ଥିଲା ଏହି ସଂଗଠନର କାର୍ଯ୍ୟ । ସେହି ଚା' ପାର୍ଟିରେ ନନ୍ଦିନୀ ଦେବୀ ଯୋଗଦେବା ଅବସରରେ ସୁଶୀଳା ନାୟାର ତାଙ୍କୁ ଓଡ଼ିଶାରେ ଏହାର ଶାଖା ଖୋଲିବାକୁ ପରାମର୍ଶ ଦେଇଥିଲେ । ଏ ସଂପର୍କରେ ନନ୍ଦିନୀ ଦେବୀ କୁହନ୍ତି, ''ହଠାତ୍ ସେ ମୋତେ କହିଲେ, 'ଆମେ ଓଡ଼ିଶାରେ ଗୋଟିଏ ବ୍ରାଞ୍ଚ କରିବୁ ଆଉ ତୁମେ ଏହାର ସେକ୍ରେଟାରୀ ହେବ ।' ଏହାଶୁଣି ମୁଁ କହିଲି, ଏ ବିଷୟରେ ତ କିଛି ମୁଁ ଜାଣିନି । ସୁଶୀଳା ଦେବୀ କହିଲେ, 'ମୁଁ ସବୁ ଠିକ୍‌ଠାକ କରିଦେଇ ଯିବି, ତୁମେ ବ୍ୟସ୍ତ ହେବାର କିଛି ନାହିଁ ।' ତାପରେ ସେ ଏଥିପାଇଁ ପୁଣି ଦୁଇଦିନ ଏଠାରେ ରହି ସୋସାଇଟି ଗଠନ କଲେ ଏବଂ ମୋତେ ସେକ୍ରେଟାରୀ ଦାୟିତ୍ୱରେ ରଖି ଚାଲିଗଲେ । ମୁଁ ଏହି ଦାୟିତ୍ୱରେ ଅନେକ ଦିନ ପର୍ଯ୍ୟନ୍ତ ରହି କାର୍ଯ୍ୟ କରିଥିଲି । ସେତେବେଳେ ଓଡ଼ିଶାରୁ ଝିଅମାନଙ୍କୁ ଟ୍ରେନ୍‌ରେ ଚାଲଣ କରିଦେଉଥିଲେ । ମୁଁ ରାତିରେ ଘରେ ଶୋଇଥିବି, ହଠାତ୍ ଜି.ଆର. ପୁଲିସ ମୋ ପାଖକୁ ଟେଲିଫୋନ୍ କରିବେ । ମୁଁ ସେଇ ରାତିରେ ଗୋଟେ ହେଉ, ଦି'ଟା ହେଉ ଯାଇ ରେଳ ଷ୍ଟେସନରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିବି । ସେ ସମୟରେ ଅନେକ ଝିଅଙ୍କୁ ମୁଁ ଉଦ୍ଧାର କରିଛି । ପରବର୍ତ୍ତୀ ସମୟରେ ପ୍ରଭାମୟୀ ଦାସ, ନବକିଶୋର ଦାସ ପ୍ରଭୃତିଙ୍କୁ ମୁଁ ଏହି ସଂଗଠନରେ ସାମିଲ କରେଇଥିଲି । ଥରେ ମଧ୍ୟ ଏହି ସଂଗଠନର ଏକ ସେମିନାର ଆୟୋଜନ କରି ମୁଁ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବଙ୍କୁ ଡାକିଥିଲି । ସେ ମୋତେ କହିଲେ, 'ତୁମେ ଏ ସବୁରେ କାହିଁକି ଲାଗିଛ ? ତୁମେ କଂଗ୍ରେସରେ ଯୋଗ ଦେଉନ ?' ମୁଁ ତାଙ୍କୁ କହିଲି, ଏଇଟା କ'ଣ ଆଜ୍ଞା କଂଗ୍ରେସ କାମ ନୁହେଁ ? ମୁଁ କ'ଣ କଂଗ୍ରେସ ବିରୋଧୀ କାମ କରୁଛି ? ସେ କହିଲେ, 'ନାହିଁ, କଂଗ୍ରେସକୁ ଆସହୋ, ଦେଖାଯିବ ।' ନାରୀ ସେବାସଦନରେ ସେଦିନ ସେ ତାଙ୍କ ଭାଷଣରେ ମୋତେ ଖୁବ୍ ପ୍ରଶଂସା କରିଥିଲେ ।

ସେତେବେଳେ ବିଜୁବାବୁ 'କଳିଙ୍ଗ' ବୋଲି ଗୋଟେ କାଗଜ ବାହାର କଲେ ।

Digitized by PPRACHIN, SOA

ମନମୋହନ ମିଶ୍ର ତାର ସଂପାଦକ ଥିଲେ । ବିଜୁବାବୁ ଭବାନୀ ଚରଣ ପଟ୍ଟନାୟକଙ୍କ ହାତରେ ମୋ ପାଖକୁ ଖବର ପଠାଇଲେ, ତୁମେ ତାର ସହ-ସଂପାଦକ ହୁଅ । ମୁଁ ଭାବନୀବାବୁଙ୍କୁ ମନା କରିଦେଲି ଯେ, ମୁଁ ଚାକିରି କରିବିନି । ସେ ମୋତେ ସେଇଠୁ ଅନେକ ବୁଝେଇଲେ । ଭଲ ପଇସା ମିଳିବ, ତୁମର ସାନ ପିଲା ଦି'ଟା-ହଇରାଣ ହେଉଛ, କାହିଁକି ମନା କରୁଛ ? ଏହାର କିଛି ଦିନ ପରେ ମନମୋହନ ମିଶ୍ର ଆସି କହିଲେ, ତୋର ଏତେ ଜିଦ୍ କ'ଣ ? ମୁଁ ତାଙ୍କୁ କହିଲି, ଆଜ୍ଞା, କ'ଣ ଖାଇବାକୁ ନାହିଁ ବୋଲି ଯୁଆଡ଼େ ଇଚ୍ଛା ସେୟାଡ଼େ ପଶିଯିବି ? ତାପରେ ସେ·ଯାଇ ବାପାଙ୍କୁ କହିଲେ । ବାପା ତାଙ୍କୁ କହିଲେ ତୁମେ ତ ଜାଣିଛ ସେ କେଡ଼େ ଜିଦ୍‌ଖୋର । ସେ କାହାରି କଥା ଶୁଣିବନି । ଯାହାହେଉ ମୁଁ ସେଥିରୁ ରକ୍ଷା ପାଇଗଲି ।''

ପ୍ରକୃତରେ ଏତେ ଅଭାବ ଭିତରେ ବି ନନ୍ଦିନୀ ଦେବୀ ନିଜ ଆଦର୍ଶରେ ଦୃଢ଼ ରହିପାରୁଥିଲେ । ସ୍ୱାମୀଙ୍କର ରୋଜଗାର କିଛି ନାହିଁ, ଦୁଇଟି ସାନ ପିଲା, ଆର୍ଥିକ ପରିସ୍ଥିତି ବହୁତ ଖରାପ, ତଥାପି ବି ସେ ଚାକିରି ନ କରିବା ଜିଦ୍‌ରେ ଅଟଳ ରହିଥିଲେ । ଏହାର କିଛି ଦିନ ପରେ ବନମାଳୀ ପଟ୍ଟନାୟକଙ୍କ ହାତରେ ହରେକୃଷ୍ଣ ମହତାବ ନନ୍ଦିନୀ ଦେବୀଙ୍କୁ ସ୍ୱରାଜ ଆଶ୍ରମକୁ ଡକେଇ ପଠେଇଲେ । ବନମାଳୀ ବାବୁ ଥାନ୍ତି ପ୍ରଦେଶ କଂଗ୍ରେସ କମିଟିର ସଭାପତି । ସେ ନନ୍ଦିନୀ ଦେବୀଙ୍କୁ ଡାକିବାରୁ ନନ୍ଦିନୀ ଦେବୀ ତାଙ୍କୁ ମନା କରିଦେଲେ ଯିବାପାଇଁ । ଏହା ପରେ ମହତାବ କାଳିନ୍ଦୀ ବାବୁଙ୍କ ପାଖକୁ ବନମାଳୀ ପଟ୍ଟନାୟକଙ୍କୁ ପଠାଇଲେ ନନ୍ଦିନୀ ଦେବୀଙ୍କୁ ବୁଝାଇବା ପାଇଁ । ଶେଷରେ କାଳିନ୍ଦୀ ପାଣିଗ୍ରାହୀ ମଧ୍ୟସ୍ଥି ହେଲେ ଏବଂ ଝିଅକୁ କହିଲେ, 'ସେ ପିତୃପ୍ରତିମ ଲୋକ, ତତେ ଡାକୁଛନ୍ତି ଯିବୁନି ?' ବାପାଙ୍କ କଥା ଶୁଣି ସେ ରାଜିହୋଇ ବନମାଳୀ ବାବୁଙ୍କ ସାଙ୍ଗରେ ସ୍ୱରାଜ ଆଶ୍ରମରେ ଯାଇ ପହଞ୍ଚି ମହତାବ ବାବୁଙ୍କୁ ନମସ୍କାର ହେଲେ । ମହତାବ ବାବୁ ତାଙ୍କୁ କହିଲେ, 'ତୁମେ ଏଇକ୍ଷଣି କଂଗ୍ରେସରେ ଜଏନ୍ କରିବ । ଇନ୍ଦିରାଗାନ୍ଧୀ କହିଛନ୍ତି ନନ୍ଦିନୀ ପାଣିଗ୍ରାହୀଙ୍କୁ କଂଗ୍ରେସକୁ ଆଣିବ । ତେଣୁ ତୁମେ ଏବେ ମହିଳା କଂଗ୍ରେସର ଦାୟିତ୍ୱ ନେବ ।' ମହତାବ ବାବୁ ଏତକ ନନ୍ଦିନୀ ଦେବୀଙ୍କୁ କହିସାରି ବନମାଳୀ ବାବୁଙ୍କୁ କହିଲେ, 'ବୁଝିଲ ବନମାଳୀ, କଂଗ୍ରେସ କାର୍ଯ୍ୟକାରୀ କମିଟିରେ ନନ୍ଦିନୀକୁ ନେବ ।' ସେହିଠାରୁ ନନ୍ଦିନୀ ଦେବୀଙ୍କର ଆରମ୍ଭ ହୋଇଗଲା କଂଗ୍ରେସ କାମ ।

ଏହା ପୂର୍ବରୁ ନନ୍ଦିନୀ ଦେବୀ ଛାତ୍ର ସଂଘରେ ରହି ସକ୍ରିୟ ଭାବରେ ସ୍ୱାଧୀନତା ଆନ୍ଦୋଳନ ପାଇଁ କାର୍ଯ୍ୟ କରୁଥିଲେ । ଏ ସଂପର୍କରେ ନିଜର ଅଭିଜ୍ଞତାରୁ ସେ କୁହନ୍ତି, ''ମୁଁ ୧୯୪୬ ମସିହାର ବହୁ ପୂର୍ବରୁ ବୈପ୍ଳବିକ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ

Digitized by PPRACHIN, SOA

ଏଥିରେ ଯୋଗ ଦେଇଥିଲି । ଭଗବତୀ ପାଣିଗ୍ରାହୀ ପ୍ରଥମରୁ ଗାନ୍ଧୀବାଦୀ ଥିଲେ । ଯେତେଲୋକ ଯେତେ ପାର୍ଟିରେ ସେତେବେଳେ ଥିଲେ, ସମସ୍ତେ ଗାନ୍ଧୀବାଦୀ ଥିଲେ । ପରବର୍ତ୍ତୀ ସମୟରେ ଭଗବତୀ ପାଣିଗ୍ରାହୀ ଓଡ଼ିଶାରେ କମ୍ୟୁନିଷ୍ଟ ପାର୍ଟି ତିଆରି କଲେ ଏବଂ ଏପଟେ ସବୁବେଳେ ଖଦଡ଼ ପିନ୍ଧୁଥିଲେ । ତାଙ୍କୁ ଗୋଟିଏ ମିଲ୍ ଗାମୁଛା ମିଳିଲେ ବି ସେ ବ୍ୟବହାର କରୁ ନଥିଲେ । ବାପା ବି ବହୁତ କଥା ଗାନ୍ଧୀ-ନେହେରୁଙ୍କ ବିଷୟରେ ଆଲୋଚନା କରୁଥିଲେ । ପରୋକ୍ଷରେ ସେ ବି କକେଇଙ୍କ ଚିନ୍ତାଧାରାରେ ପରିବର୍ତ୍ତନ ହୋଇଗଲେ । ଯାହା ଫଳରେ ସେ ଛଦ୍ମନାମରେ 'ବାଜି ରାଉତ' ଭଳି କବିତାମାନ ଲେଖୁଥିଲେ । ଦେଶ କିପରି ସ୍ୱାଧୀନ ହେବ ମୋର ଚିନ୍ତା ଥିଲା ଏବଂ ଏବେ ବି ଅଛି ଯେ କି ପ୍ରକାର ସ୍ୱାଧୀନତା ହେଇଛି ? କହୁଛନ୍ତି ଯେ ରାଜନୈତିକ ସ୍ୱାଧୀନତା ପାଇଛୁ,ଆଉ ଅର୍ଥନୈତିକ ସ୍ୱାଧୀନତା ପାଇନୁ । ସେତେବେଳେ ନିରୁପମା ରଥ ଥିଲେ ଛାତ୍ରୀ ସଂଘର ସଭାପତି ଏବଂ ମୁଁ ଥିଲି ସଂପାଦକ ପଦରେ । କଟକର ଚାନ୍ଦିନୀଚୌକଠାରେ ଏକ ଛୋଟିଆ ଘରେ ଅଫିସ କରି ଆମେ କମ୍ୟୁନିଷ୍ଟ ପାଇଁ କାମ କରୁଥିଲୁ । ସେତେବେଳେ ଛାତ୍ର ସଂଘ ଏକମାତ୍ର ଅନୁଷ୍ଠାନ ଥିଲା, ଯେ କି ସ୍ୱାଧୀନତା ସଂଗ୍ରାମୀଙ୍କୁ ଉଦ୍‌ବୁଦ୍ଧ କରୁଥିଲା । ସେହି ସମୟରେ ଏପରି ବୈପ୍ଲବିକ କାର୍ଯ୍ୟରୁ ନିବୃତ୍ତ କରିବା ପାଇଁ ତଥା ଛାତ୍ରସଂଘରେ ଫାଟ ସୃଷ୍ଟି କରିବା ପାଇଁ ଛାତ୍ର କଂଗ୍ରେସ ଗଢ଼ାଗଲା । ତେଣୁ ଛାତ୍ରସଂଘ ଓ ଛାତ୍ର କଂଗ୍ରେସ ଭିତରେ ମତଗତ ତଫାତ୍ ଥିଲା । ଛାତ୍ର କଂଗ୍ରେସ କୌଣସି ବୈପ୍ଲବାତ୍ମକ ପଦକ୍ଷେପ ନେବା ପାଇଁ ଚାହୁଁନଥିଲେ । ସେ ସମୟରେ ଖୁବ୍ କମ୍ ଝିଅ ଏ କାମରେ ଯୋଗ ଦେଉଥିଲେ । ଅନ୍ନପୂର୍ଣ୍ଣା ମହାରଣା, ନିରୁପମା ରଥ, ସାବିତ୍ରୀ ମିଶ୍ର ପ୍ରମୁଖଙ୍କ ଭଳି ବହୁତ କମ୍ ଝିଅ ଥିଲେ । ରମାଦେବୀଙ୍କ ଝିଅ ଅନ୍ନପୂର୍ଣ୍ଣା ମହାରଣାଙ୍କ କାର୍ଯ୍ୟ ମୋତେ ଖୁବ୍ ଆକୃଷ୍ଟ କରିଥିଲା । ମୁଁ ସେତେବେଳେ ବରୀରେ ଯାଇ ରହୁଥିଲି । ସେଠାରେ 'ଭୂଦାନ ଯଜ୍ଞ' ନାମରେ ଏକ କାଗଜ ବାହାରୁଥିଲା । ମୁଁ ତାର ସଂପାଦନା କରୁଥିଲି । ସେଇଥିରେ ଲେଖା ମାଧ୍ୟମରେ ସ୍ୱାଧୀନତା ସଂଗ୍ରାମ ପାଇଁ ମୁଁ ସେମାନଙ୍କୁ ଉଦ୍‌ବୁଦ୍ଧ କରୁଥିଲି ।''

ନନ୍ଦିନୀ ଦେବୀ ପିଲାଦିନରୁ ମହାତ୍ମାଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ । ପରେ ଯେତେବେଳେ ସୁଭାଷ ବୋଷଙ୍କ ବିଷୟରେ ଜାଣିଲେ ସେ ଗାନ୍ଧିଜୀଙ୍କ ଆଦର୍ଶକୁ ଛାଡ଼ିପାରିନଥିଲେ ସତ, କିନ୍ତୁ ତାଙ୍କର ଧାରଣା ହୋଇଥିଲା ଯେ ସୁଭାଷ ବୋଷ ଯେପରି ଭାବରେ ସ୍ୱାଧୀନତା ଆଣିବା ପାଇଁ ଚାହୁଁଛନ୍ତି ସେଇଟା ହିଁ ଠିକ୍ ବାଟ । ଏ ସମ୍ପର୍କରେ ନନ୍ଦିନୀ ଦେବୀ କୁହନ୍ତି ଯେ, ''ମୋର ତ ବୟସ କମ୍ ଥିଲା,

Digitized by PPRACHIN, SOA

ତଥାପି ମୁଁ ଯାହା ବୁଝିଥିଲି ସୁଭାଷ ଯେମିତି ଚାହୁଁଛନ୍ତି, ସେଇ ଭାବରେ ସ୍ୱାଧୀନତା ହାସଲ କଲେ ଆମେ ଠିକ୍ ଜାଗାରେ ପହଞ୍ଚିବୁ । ତା'ଛଡ଼ା ସେ ବି ଯଦି ପ୍ରଧାନମନ୍ତ୍ରୀ ହୋଇଥାନ୍ତେ ଖୁବ୍ ଭଲ ହୋଇଥାନ୍ତା ।''

ସେଇ ସଂଗ୍ରାମୀ ଜୀବନର ପିଚ୍ଛିଳ ରାସ୍ତାରେ ଗତି କରୁକରୁ ନନ୍ଦିନୀ ଦେବୀ କଂଗ୍ରେସର ଜଣେ ସଚ୍ଚା କର୍ମୀ ହୋଇଯାଇଥିଲେ । ଯେତେବେଳେ ଯେଉଁ କାମ ତାଙ୍କୁ ମିଳିଛି, ସେ ଅତ୍ୟନ୍ତ ନିଷ୍ଠାର ସହିତ ସେହି କାମରେ ଲାଗି ପଡୁଥିଲେ । ଏହିପରି କଂଗ୍ରେସରେ ସେ କାମ କରୁଥିବା ବେଳେ ହରେକୃଷ୍ଣ ମହତାବ ଏବଂ ବିଜୁ ପଟ୍ଟନାୟକଙ୍କ ମଧ୍ୟରେ ଝଗଡ଼ା ହେଲା । ୧୯୬୧ ମସିହାରେ ବିଜୁବାବୁ କଂଗ୍ରେସର ସଭାପତି ହେବାରୁ ନନ୍ଦିନୀ ଦେବୀ ତାଙ୍କ ସହିତ ମିଶି ରହିଲେ । ସେହିବର୍ଷ ରାଜ୍ୟ ବିଧାନସଭା ନିର୍ବାଚନ ପାଇଁ ପ୍ରଚାର କରୁ କରୁ ତାଙ୍କର ଏକ ଦୁର୍ଘଟଣାରେ ଗୋଟିଏ ଗୋଡ଼ ଭାଙ୍ଗି ଛଅମାସରୁ ଊର୍ଦ୍ଧ୍ୱ ସମୟ ସେ ଡାକ୍ତରଖାନାରେ ରହିଲେ । ବିଜୁବାବୁ ହେଲେ ମୁଖ୍ୟମନ୍ତ୍ରୀ । ତାପରେ ୧୯୬୨ ମସିହାରେ ନନ୍ଦିନୀ ଦେବୀ ରାଜ୍ୟସଭାର ସଭ୍ୟା ଭାବରେ ଯୋଗ ଦେଇଥିଲେ ।

ବୈବାହିକ ଜୀବନ

ନନ୍ଦିନୀ ଦେବୀଙ୍କର ବିବାହ କରିବା ପାଇଁ କୌଣସି ପୂର୍ବପରିକଳ୍ପିତ ଯୋଜନା ନଥିଲା । ସେ ଯେତେବେଳେ ମାଟ୍ରିକ୍ୟୁଲେସନ ପାସ୍ କଲେ ସେତେବେଳେ ତାଙ୍କ ମାଆ ରତ୍ନମଣି ଦେବୀ ଖୁବ୍ ବାଧ କରିଥିଲେ ତାଙ୍କୁ ବାହା କରିଦେବା ପାଇଁ । କାରଣ ସେ ସମୟରେ ବ୍ରାହ୍ମଣ ଘରର ଝିଅ ଏତେ ବର୍ଷ ଯାଏଁ ଅବିବାହିତ ରହିବା ସମାଜସମ୍ମତ ନଥିଲା । ତା'ଛଡ଼ା ତାଙ୍କ ଦଦେଇ-ଝିଅ ଭଉଣୀ ଇନ୍ଦୁରାନୀ ମଧ୍ୟ ନଅ କି ଦଶ ବର୍ଷ ବୟସରେ ବିବାହ କରି ୧୧ ବର୍ଷ ବୟସରେ ଜନନୀ ହୋଇସାରିଥିଲେ । ନନ୍ଦିନୀ ଦେବୀ ତ ତାଙ୍କ ବିବାହ ବୟସଠାରୁ ଯଥେଷ୍ଟ ବଡ଼ ଅର୍ଥାତ୍ ପନ୍ଦର ବର୍ଷର ହୋଇସାରିଥିଲେ । ସେ ସମୟରେ ଏକ କଠୋର ରକ୍ଷଣଶୀଳ ମନୋଭାବ ଥିଲା । ହେଲେ ସେଇ ୧୫ ବର୍ଷ ବୟସ୍କା କୁନିର ପାଠ ପଢ଼ିବାର ଇଚ୍ଛା ଏବଂ ବାପା କାଳିନ୍ଦୀ ଚରଣଙ୍କର କୁନିକୁ ଅଧିକ ପଢ଼ାଇବାର ଇଚ୍ଛା ପାଖରେ ରତ୍ନମଣି ଦେବୀଙ୍କ ଜିଦ୍ ହାର ମାନିଯାଇଥିଲା । ଶେଷକୁ ନନ୍ଦିନୀ ଦେବୀ ୧୯୪୬ ମସିହାରେ ରେଭେନ୍ସା କଲେଜରେ ନାମ ଲେଖାଇଥିଲେ ।

ପାଠପଢ଼ା ଏବଂ ସଂଗ୍ରାମ ଭିତରେ ନନ୍ଦିନୀ ଦେବୀ ବିଭାଘର କଥା ସମ୍ପୂର୍ଣ୍ଣ

Digitized by PPRACHIN, SOA

ଭୁଲିଯାଇଥିଲେ । ମାତ୍ର ବିଧିର ବିଧାନ ଥିଲା ଖୁବ୍ ବିଚିତ୍ର । ସଂଗ୍ରାମୀ କୁନି ପାଇଁ ଏକ ସଂଗ୍ରାମୀ ପୁରୁଷ ଯେ ଆବିର୍ଭାବ ହୋଇସାରିଥିଲା ସେ କଥା କେହି ଆଗରୁ ଜାଣିପାରି ନଥିଲେ । ସେହି ସଂଗ୍ରାମୀ ପୁରୁଷ ଜଣକ ଆଉ କେହି ନୁହନ୍ତି, ସଭିଙ୍କର ପ୍ରିୟ ବ୍ୟକ୍ତି ଦେବବାବୁ, ପୂରାନାମ ଦେବେନ୍ଦ୍ରନାଥ ଶତପଥୀ । ଦେବବାବୁଙ୍କ ପିତା ଥିଲେ ସ୍ୱର୍ଗତ ବିଶ୍ୱନାଥ ଶତପଥୀ ଏବଂ ମାତା ଥିଲେ ହାରାବତୀ ଦେବୀ । ସେ ୧୯୨୯ ମସିହା ସେପ୍ଟେମ୍ବର ୯ ତାରିଖ ଦିନ ଫୁଲବାଣୀ ଜିଲ୍ଲାର ବଉଦ ଠାରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ବାପା ସେତେବେଳେ ସୈନ୍ୟବାହିନୀରେ ଚାକିରି କରୁଥିଲେ । ତେଣୁ ସପରିବାର ସେ ବଉଦଠାରେ ରହୁଥିଲେ । ଦେବେନ୍ଦ୍ରବାବୁ ଥିଲେ ପରିବାରର ବଡ଼ଭାଇ । ତାଙ୍କ ତଳେ ଆହୁରି ତିନିଭାଇ ଯଥା ବ୍ରଜେନ୍ଦ୍ର, ନରେନ୍ଦ୍ର, ରାଜେନ୍ଦ୍ର ଏବଂ ଗୋଟିଏ ଭଉଣୀ ଥିଲେ କୁନ୍ତଳା କୁମାରୀ ଶତପଥୀ । ବିଶ୍ୱନାଥ ବାବୁ ଚାକିରିରୁ ଅବସର ପରେ ନିଜଗ୍ରାମ ଢେଙ୍କାନାଳ ଜିଲ୍ଲାର ସଦରଥାନା ଅନ୍ତର୍ଗତ ଧଳପୁର ଗ୍ରାମକୁ ଫେରିଆସିଥିଲେ । ତେଣୁ ସେଇ ଢେଙ୍କାନାଳରେ ହିଁ ଦେବବାବୁଙ୍କର ବାଲ୍ୟଜୀବନ କଟିଥିଲା । ପ୍ରାଥମିକ ଶିକ୍ଷା ପରେ ସେ ଢେଙ୍କାନାଳର ବ୍ରଜନାଥ ବଡ଼ଜେନା ହାଇସ୍କୁଲରେ ଅଧ୍ୟୟନ କରିଥିଲେ । ପିଲାଟି ଦିନରୁ ତାଙ୍କଠାରେ ମଧ୍ୟ ସଂଗ୍ରାମୀ ଜୀବନର ଆଭାସ ମିଳିଥିଲା । ସେ ହାଇସ୍କୁଲରେ ପଢ଼ିବାବେଳେ ଗଡ଼ଜାତ ମିଶ୍ରଣ ଆନ୍ଦୋଳନ ଆରମ୍ଭ ହୋଇଯାଇଥିଲା । ଆନ୍ଦୋଳନ ସଂପର୍କରେ ଲୋକଙ୍କୁ ବୁଝାଇବା ପାଇଁ ଯେଉଁ ଛାତ୍ରସ୍ୱେଚ୍ଛାସେବୀ ବାହିନୀ ଗଠନ ହୋଇଥିଲା ସେଥିରେ ଦେବବାବୁ କମାଣ୍ଡର ଭାବେ କାର୍ଯ୍ୟକରୁଥିଲେ । ଗଡ଼ଜାତର ପ୍ରଜା ଶୋଷଣକାରୀ ଶାସକ ବିରୁଦ୍ଧରେ ସେ ଦୁଃସାହସିକ ସଂଗ୍ରାମ ଆରମ୍ଭ କରିଦେଇଥିଲେ ।

ପରେ ସେ ମାଟ୍ରିକ୍ ପାସ୍ କରି ୧୯୪୮ ମିସହାରେ କଟକ ଖ୍ରୀଷ୍ଟ କଲେଜରେ ନାମ ଲେଖାଇଥିଲେ । କଲେଜରେ ପଢ଼ିବା ବେଳେ ସେ ଷ୍ଟୁଡେ଼ଣ୍ଟ ଫେଡେ଼ରେସନ ସହିତ ମିଶି କମ୍ୟୁନିଷ୍ଟ ଆନ୍ଦୋଳନରେ ସକ୍ରିୟ ଭାଗ ନେଇଥିଲେ । ସେତେବେଳେ ଭଗବତୀ ଚରଣ ପାଣିଗ୍ରାହୀଙ୍କ ନେତୃତ୍ୱରେ ଓଡ଼ିଶାରେ କମ୍ୟୁନିଷ୍ଟ ଆନ୍ଦୋଳନ ଚାଲିଥାଏ । ଏହି ଆନ୍ଦୋଳନରେ ସାମିଲ ହୋଇ ୧୯୫୦ ମସିହାରେ, ୨୧ ବର୍ଷ ବୟସରେ ସେ ଜେଲ୍ ବରଣ କରିଥିଲେ । ଏହି ମହା ଜନଆନ୍ଦୋଳନ ମଧ୍ୟରୁ ଜନ୍ମ ନେଇଥିଲା ନନ୍ଦିନୀ ଦେବୀଙ୍କ ସହିତ ତାଙ୍କର ନିବିଡ଼ ସଂପର୍କ । ଦେବବାବୁଙ୍କୁ ଅନ୍ୟାନ୍ୟ ଆନ୍ଦୋଳନକାରୀଙ୍କ ସହିତ କଟକ ଜେଲ୍‌ରେ ରଖାଯାଇଥିଲା । ନନ୍ଦିନୀ ଦେବୀ ମଧ୍ୟ ସେଇ କମ୍ୟୁନିଷ୍ଟ ଆନ୍ଦୋଳନରେ ଜେଲ୍ ଯାଇଥିଲେ । ଏହାଛଡ଼ା ନନ୍ଦିନୀ ଦେବୀ ଦେବବାବୁଙ୍କଠାରୁ ପାଠପଢ଼ାରେ

Digitized by PPRACHIN, SOA

ଦୁଇଟି କ୍ଲାସ୍ ଉପରେ ଥିଲେ ଏବଂ ସେ ଖ୍ରୀଷ୍ଟ କଲେଜରେ କମ୍ୟୁନିଷ୍ଟ ପିଲାମାନଙ୍କର କ୍ଲାସ୍ ନେଉଥିଲେ । ଏହି ଦୁଇ ସଂଗ୍ରାମୀଙ୍କ ଜୀବନରେ ଗଢ଼ି ଉଠିଥିବା ସମରବାଦ୍ୟ ପରବର୍ତ୍ତୀ ସମୟରେ ମାଙ୍ଗଳିକ ବାଦ୍ୟରେ ପରିଣତ ହୋଇଥିଲା ।

ତାପରେ ୧୯୫୧ ମସିହାରେ ନନ୍ଦିନୀ ପାଣିଗ୍ରାହୀ ଦେବେନ୍ଦ୍ର ଶତପଥୀଙ୍କ ସହିତ ବିବାହ ବନ୍ଧନରେ ବାନ୍ଧି ହୋଇଯାଇଥିଲେ । ବିବାହ ପରେ ସପ୍ତମଙ୍ଗଳା ପର୍ଯ୍ୟନ୍ତ କଟକରେ ରହୁଥିବା ତାଙ୍କର ଜଣେ ନଣନ୍ଦଙ୍କ ଘରେ ରହିଥିଲେ ଏବଂ ସପ୍ତମଙ୍ଗଳା ସାରି ଶାଶୁଘର ଢେଙ୍କାନାଳର ଧଳପୁର ଗାଁକୁ ଯାଇଥିଲେ । ଏହି ବିବାହରେ ଦେବବାବୁଙ୍କ ପରିବାର ବର୍ଗ ସେତେବେଳେ ଆପତ୍ତି ମଧ୍ୟ ଉଠାଇଥିଲେ । ସେମାନଙ୍କର ଧାରଣା ଥିଲା ଯେ ନନ୍ଦିନୀ ହେଉଛନ୍ତି ଏକ ଖ୍ରୀଷ୍ଟିଆନ ଝିଅ । ଏହା ପଛରେ ବି ସେତେବେଳେ କିଛି ଯୁକ୍ତି ଥିଲା । ସେ ସମୟରେ କୌଣସି ବ୍ରାହ୍ମଣ ଘରର ଝିଅ ଇଂରାଜୀ ପଢୁଥିଲେ ଅନ୍ୟମାନଙ୍କର ଧାରଣା ହେଉଥିଲା ଯେ କେବଳ ଖ୍ରୀଷ୍ଟିଆନମାନେ ଇଂରାଜୀ ପଢ଼ନ୍ତି । ସେଥିପାଇଁ ବିଶ୍ୱନାଥ ଶତପଥୀଙ୍କ ପରିବାରଙ୍କ ମନରେ ଏକ ଭୁଲ୍ ଚିନ୍ତାଧାରା ସବାର ହୋଇଥିଲା । ଯାହାହେଉ ବିଭାଘର ଯେତେବେଳେ ସରିଗଲା ନନ୍ଦିନୀ ଦେବୀ ବୋହୂ ରୂପରେ ଶାଶୁଘର ଯିବା ପରେ ସେ ମଧ୍ୟ ଶାଶୁ ନଣନ୍ଦଙ୍କ ଅତ୍ୟାଚାରରୁ ବର୍ତ୍ତିନଥିଲେ । ସେ କହନ୍ତି , ''ମତେ କହିଲେ ସକାଳୁ ଉଠି ଗୋବରରେ ଘର, ବାରଣ୍ଡା, ଦୁଆର ସବୁ ଲିପାଲିପି କରିବାକୁ, କୂଅରୁ ପାଣି କାଢ଼ିବାକୁ । ମୁଁ ଏ ସବୁ କରିଦିଏ । କେବଳ ରୋଷେଇ କଲା ବେଳକୁ ମତେ ଖୁବ୍ କଷ୍ଟ ଲାଗେ । କାରଣ କାଠ-ଘଷି-ଗୁଣ୍ଡାରେ ଚୁଲି ଜାଳି ରୋଷେଇ କରିବାକୁ ପଡ଼େ । ଯେତେବେଳେ ଚୁଲି ନ ଜଳେ ଧୂଆଁ ସବୁ ନାକ ପାଟିରେ ପଶିଯାଇ ମତେ ଖୁବ ଅସ୍ୱସ୍ତି ଲାଗେ । ତାଙ୍କ ଘରେ ଅନ୍ୟ ଏକ କଟକଣା ଥାଏ ଯେ, ନୂଆ ବୋହୂ ହିସାବରେ ଦାଣ୍ଡକୁ ବାହାରିବା ମନା । କେହି ଦେଖିବେନି, କାହା ସଙ୍ଗେ କଥା ହେବନି ଇତ୍ୟାଦି । ଏଇଟା କିପରି ସମ୍ଭବ ?''

ପ୍ରକୃତରେ ନନ୍ଦିନୀ ଦେବୀ ଯେଉଁ ପରିବେଶରେ ବଢ଼ି ଆସିଥିଲେ, ତାଙ୍କ ଶାଶୁଘରର ପରିବେଶ ଥିଲା ତାର ଠିକ୍ ବିପରୀତ । ତାଙ୍କ ଲଲାଟରେ ତ ଲେଖା ହେଇଛି କୋଟି କୋଟି ଜନତାଙ୍କ ସେବା କରିବାକୁ, ସେ କୁଆଡ଼େ ଶାଶୁଘରର ଚାରିକାନ୍ଥ ଭିତରେ ଆବଦ୍ଧ ହୋଇ ରହିପାରିବେ ? ଏହାର ୧୫ ଦିନ ପରେ ବି.ଏ. ପରୀକ୍ଷା ଦେବାପାଇଁ ତାଙ୍କ ପାଖରେ ଚିଠି ପହଞ୍ଚିଲା । ସେ ପରୀକ୍ଷା ଦେବାକୁ ଦେବବାବୁଙ୍କ ନିକଟରେ ଜିଦ୍ କରି କଟକ ଚାଲି ଆସିଲେ । ସେତେବେଳକୁ କଟକର ପିଠାପୁରଠାରେ ତାଙ୍କ ବାପା କାଳିନ୍ଦୀ ବାବୁ ନନ୍ଦିନୀ ଦେବୀଙ୍କ ନାମରେ ଘର ଖଣ୍ଡିଏ କରିଦେଇଥାନ୍ତି ।

Digitized by PPRACHIN, SOA

ନନ୍ଦିନୀ ଦେବୀ ପରୀକ୍ଷା ଦେବାକୁ ଆସି ସେଇ କଟକରେ ଦେବବାବୁଙ୍କ ସହିତ ରହିଲେ । ପରେ ପରେ ସେହି କଟକରେ ହିଁ ତାଙ୍କର ଦୁଇପୁତ୍ର ନଚିକେତା ଏବଂ ତଥାଗତ ଜନ୍ମ ହୋଇଥିଲେ ।

ଅଭାବୀ ନନ୍ଦିନୀଙ୍କ ଚାକିରି ଖୋଜା

ଓଡ଼ିଆରେ ଅନର୍ସରଖି ରେଭେନ୍ସା କଲେଜରୁ ନନ୍ଦିନୀ ଦେବୀ ଏମ.ଏ. ପରୀକ୍ଷାରେ ସଫଳତାର ସହ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ । ଏହାର କିଛି ବର୍ଷ ଆଗରୁ ଭାରତ ସ୍ୱାଧୀନ ହୋଇସାରିଥାଏ । ନନ୍ଦିନୀ ଦେବୀ ସେତେବେଳକୁ ସମ୍ପୂର୍ଣ୍ଣ ରୂପେ ସମାଜସେବା କାର୍ଯ୍ୟରେ ନିଜକୁ ନିୟୋଜିତ କରିଦେଇଥାନ୍ତି । ହେଲେ ଚଳିବା ପାଇଁ ତ କିଛି ଅର୍ଥ ରୋଜଗାର କରିବା ଦରକାର । ସେ ତ ମୂଳରୁ ସ୍ୱାଧୀନଚେତା । ଆହୁରି ମଧ ସେତେବେଳକୁ ସେ ବିବାହ ବି କରିସାରିଥାନ୍ତି । ସ୍ୱାମୀ ଦେବେନ୍ଦ୍ର ଶତପଥୀ ଚାକିରି ବାକିରି କିଛି କରୁନଥାନ୍ତି । ସେ ବି କମ୍ୟୁନିଷ୍ଟମାନଙ୍କ ସଙ୍ଗେ ମିଶି କାମ କରୁଥାନ୍ତି । ବାପା କାଳିନ୍ଦୀ ପାଣିଗ୍ରାହୀ ନନ୍ଦିନୀ ଦେବୀଙ୍କ ନାମରେ ଘର ଖଣ୍ଡିଏତ କରିଦେଇଥାନ୍ତି । ସେହି ଘରେ ସେ ସ୍ୱାମୀଙ୍କ ସଙ୍ଗେ ରହୁଥାନ୍ତି । ରହିବା କଥାଟା ସିନା ଠିକ୍ ହୋଇଗଲା, ହେଲେ ଖାଇବା, ପିନ୍ଧିବା ଏବଂ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ତ ବାପାଙ୍କ ଉପରେ ସବୁବେଳେ ନିର୍ଭର କରିହେବନି ? ତାଙ୍କ ଶ୍ୱଶୁର ଘରର ଅବସ୍ଥା ସ୍ୱଚ୍ଛଳ ଥିଲେ ବି ସେ ଶାଶୁଘରର ଚାରିକାନ୍ଥ ଭିତରେ ନିଜକୁ ଆବଦ୍ଧ କରି ରଖିବାଭଳି ବ୍ୟକ୍ତି ନଥିଲେ । ତେଣୁ ସେ ବିଭାଘର ପରେ ପରେ ହିଁ କଟକରେ ଆସି ରହୁଥିଲେ । ଶେଷରେ ଅନନ୍ୟୋପାୟ ହୋଇ ମଝିରେ କିଛିଦିନ ଟିଉସନ କରିବାକୁ ତାଙ୍କୁ ପଡ଼ିଥିଲା । ସମାଜସେବା କାର୍ଯ୍ୟ ଭିତରେ ବି ସେ ଦୁଇବେଳା ଟିଉସନ କରି ନିଜର ଖର୍ଚ୍ଚ ତୁଲାଉଥିଲେ ।

ଏମିତି ଏକ ଅଭାବୀ ପରିସ୍ଥିତିରେ ଗତି କରୁଥିବା ବେଳେ ସେ ପବ୍ଲିକ୍ ସର୍ଭିସ୍ କମିଶନ (ପି. ଏସ୍. ସି.) ଚାକିରିଟିଏ ପାଇଁ ଆବେଦନ କରିଥାନ୍ତି । ନିର୍ଦ୍ଧାରିତ ସମୟରେ ପି. ଏସ୍. ସି.ର ଇଣ୍ଟରଭ୍ୟୁ ଡକାହେଲା । ନନ୍ଦିନୀ ଦେବୀ ସକାଳୁ ସକାଳୁ ନିଜର ନିତ୍ୟକର୍ମ ସାରି ଇଣ୍ଟରଭ୍ୟୁ ଦେବାକୁ ବାହାରି ପଡ଼ିଲେ । ତାଙ୍କ ବୋଉ ରତ୍ନମଣି ଦେବୀ ଝିଅର ଶୁଭ ମନାସୀ କଳସୀରେ ଆମ୍ବଡ଼ାଳ, ଫୁଲ, ଗୁଆ ରଖି ଘରର ଦୁଆର ମୁହଁରେ ପୂର୍ଣ୍ଣକୁମ୍ଭଟିଏ ବସାଇ ଦେଇଥାନ୍ତି । ଏତିକିବେଳେ ବାପା ତାଙ୍କର ଉପର ମହଲାରୁ ତଳକୁ ଓହ୍ଲାଉ ଓହ୍ଲାଉ ଝିଅକୁ କୁଆଡ଼େ ବାହାରିଥିବାର ଦେଖି ପଚାରି ଦେଲେ, 'କୁଆଡ଼େ

Digitized by PPRACHIN, SOA

ବାହାରିଲ ?' ନନ୍ଦିନୀ ଦେବୀ ଟିକେ ଭୟମିଶା ଅଭିମାନରେ କହିଲେ, 'ପି. ଏସ୍. ସି. ଇଣ୍ଟରଭ୍ୟୁ ଦେବାକୁ ଯାଉଛି ।' କାଳିନ୍ଦୀ ପାଣିଗ୍ରାହୀଙ୍କ intution ଖୁବ୍ strong ଥିଲା । ସେ ସଙ୍ଗେ ସଙ୍ଗେ ସାଟାରିକାଲି କହିଲେ, 'ଚାକିରି କରିବ ? କାହା କପାଳ ଫାଟିଲା ତତେ ସେ ଚାକିରି ଦେବ ?' ଏହା ଶୁଣି ପତ୍ନୀ ରତ୍ନମଣି ଦେବୀ ସ୍ୱାମୀଙ୍କୁ ଅଭିମାନରେ କହିଲେ , 'ସବୁବେଳେ ପିଲାଟାକୁ ଏଭଳି କାହିଁକି କହୁଛ ? ସେ ଆଜି ଗୋଟେ ପରୀକ୍ଷା ଦେବାକୁ ଯାଉଛି, ଆଜି ଏମିତି ନ କହିଲେ ଚଳନ୍ତାନି ? କାଳିନ୍ଦୀ ବାବୁ କିନ୍ତୁ ସେଇ ନିର୍ଲିପ୍ତ ସ୍ୱରରେ କହିଲେ,'ସେ କ'ଣ କାହାତଳେ ଚାକିରି କରିପାରିବ ? ସେତ ସମସ୍ତଙ୍କ ମୁଣ୍ଡ ଉପରେ ବସିବ ।'

ଯାହା ହେଉ ନନ୍ଦିନୀ ଦେବୀ ଇଣ୍ଟରଭ୍ୟୁ ହେଉଥିବା ସ୍ଥାନରେ ଯଥାସମୟରେ ଯାଇ ପହଞ୍ଚିଲେ । ସମସ୍ତଙ୍କୁ ଜଣ ଜଣ କରି ଡକା ହେଉଥାଏ । ଯେତେବେଳେ ତାଙ୍କ ପାଳି ପଡ଼ିଲା ସେ ଭିତରକୁ ଗଲେ । ଭିତରେ ଦେଖିଲେ ଯେଉଁମାନେ ଇଣ୍ଟରଭ୍ୟୁ ବୋର୍ଡ଼ରେ ବସିଛନ୍ତି ସେମାନଙ୍କ ମଧ୍ୟରେ ପ୍ରଫେସର ସୁନ୍ଦରମ୍ ଅଛନ୍ତି । ଯିଏକି ରେଭେନସା କଲେଜରେ ତାଙ୍କର ପ୍ରଫେସର ଥିଲେ । ସୁନ୍ଦରମ୍ ପି.ଏସ୍.ସି. ର ମେମ୍ବର ଥାନ୍ତି । ନନ୍ଦିନୀ ଦେବୀଙ୍କୁ କୁହାଗଲା ଯେ ତୁମେ ୫ ମିନିଟ୍ ଗୋପବନ୍ଧୁଙ୍କ ବିଷୟରେ କୁହ । ବିରାଡ଼ି କପାଳକୁ ଶିକା ଛିଣ୍ଡିବା ପରି, ନନ୍ଦିନୀ ଦେବୀ ତ ପ୍ରଥମରୁ ହିଁ ଗୋପବନ୍ଧୁଙ୍କୁ ନିଜର ଆଦର୍ଶ ରୂପେ ମାନି ନେଇଥିଲେ । ତା'ଛଡ଼ା ସେ ତାଙ୍କରି ଆଦର୍ଶରେ ଖୁବ୍ ପିଲାଦିନୁ ଅନୁପ୍ରାଣିତ ହୋଇ କାର୍ଯ୍ୟ ବି କରିଆସୁଥିଲେ । ତେଣୁ ସେ ମନେ ମନେ ଖୁବ୍ ଖୁସି ହୋଇଗଲେ । ତାପରେ ଖୁବ୍ ଭଲ ଭାବରେ ଗୋପବନ୍ଧୁଙ୍କ ବିଷୟରେ କହିଲେ । ମଝିରେ ମଝିରେ ତାଙ୍କ କବିତାର କିଛି ଅଂଶ ବି ଉଦ୍ଧୃତ କରିବାକୁ ଭୁଲିନଥିଲେ । କହିସାରି ରୁମ୍‌ରୁ ବାହାରିବାକୁ ଉଦ୍ୟତ ହେଲାବେଳକୁ ପ୍ରଫେସର ସୁନ୍ଦରମ୍ ଡାକି କହିଲେ, 'ତୁମେ ପରୀକ୍ଷାରେ ଖୁବ୍ ଭଲ ଆନ୍‌ସର ଦେଇଛ । ଯେତେ ପିଲା Interview appear କରିଛନ୍ତି ତୁମେ ସମସ୍ତଙ୍କଠାରୁ ଭଲ କରିଛ, କିନ୍ତୁ ତୁମେ ଚାକିରି ପାଇବନି । କାହିଁକି ନା ତୁମ ନାଁରେ ବହୁତ ପୁଲିସ୍ କେସ ଅଛି । ' ନନ୍ଦିନୀ ଦେବୀ ଏହା ଶୁଣି ତାଙ୍କୁ ନମସ୍କାରଟିଏ ପକାଇ ଚୁପ୍‌ଚାପ୍ ଘରକୁ ଆସିଲେ । ବାପା ଦେଖି ତାଙ୍କୁ ପଚାରିଲେ, 'କଣ ହେଲା, ପରୀକ୍ଷାରେ ଭଲ କଲୁ ତ ?' ନନ୍ଦିନୀ ଦେବୀ କେବଳ କହିଲେ, 'ତୁମେ ତ ପଛରୁ ଡାକିଲ , ଯାହା ହେବା କଥା ତାହାହିଁ ହେଲା ।''

ଏତିକିରେ ନନ୍ଦିନୀ ଦେବୀ ଦବି ନଯାଇ ନିଜର ଉଦ୍ୟମ ଜାରି ରଖିଥାନ୍ତି । ୧୯୫୬ ମସିହାର କଥା । ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥାନ୍ତି ନବକୃଷ୍ଣ ଚୌଧୁରୀ ।

Digitized by PPRACHIN, SOA

ସେତେବେଳେ ବିଧାନସଭା ଏବଂ ସେକ୍ରେଟାରିଏଟ୍ ଦୁଇଟିଯାକ କଟକରେ ଥାଏ । ନବବାବୁ କିନ୍ତୁ ଭୁବନେଶ୍ୱରର ଛଅ ନମ୍ବରରେ ରହୁଥାନ୍ତି । ନନ୍ଦିନୀ ଦେବୀ ଦିନେ ଭୁବନେଶ୍ୱର ଆସି ନବବାବୁଙ୍କୁ ତାଙ୍କ ଘରେ ଦେଖା କଲେ । ତାଙ୍କ ପରିବାର ସହିତ ନବବାବୁଙ୍କର ମଧ୍ୟ ଖୁବ୍ ଉତ୍ତମ ସମ୍ପର୍କ ଥିଲା । ନନ୍ଦିନୀ ଦେବୀ ନବବାବୁଙ୍କୁ କହିଲେ, 'ବାପି, ମୋତେ କେଉଁଠି ଗୋଟେ କାମ ଦିଅନ୍ତୁ । ମୁଁ ଭାରି ଅସୁବିଧାରେ ଅଛି ।' ନବବାବୁ କହିଲେ, 'ତୁ ! ତୁ କି କାମ କରିବୁ ? ହଉ ଦେଖିବା, ତୁ ସେକ୍ରେଟାରିଏଟ କୁ ଆସିବୁ ।' ସେତେବେଳେ ସେକ୍ରେଟାରିଏଟ୍‌କୁ ଯିବାପାଇଁ ବର୍ତ୍ତମାନ ଭଳି ଏତେ କଟକଣା ନଥିଲା । ତା' ପରଦିନ ନନ୍ଦିନୀ ଦେବୀ ସେକ୍ରେଟାରିଏଟ୍‌ର ମୁଖ୍ୟମନ୍ତ୍ରୀଙ୍କ ଦପ୍ତରକୁ ଯାଇ ଖବର ପଠାଇଲେ । ମୁଖ୍ୟମନ୍ତ୍ରୀ ମଧ୍ୟ ସଙ୍ଗେସଙ୍ଗେ ତାଙ୍କୁ ଡକାଇଦେଲେ । ନନ୍ଦିନୀ ଦେବୀ କହିଲେ, 'ମୋତେ ଆପଣ କହିଥିଲେ ଏଠାରେ ଦେଖାକରିବା ପାଇଁ ।' ନବବାବୁ କହିଲେ, 'ହଁ ତୁ କୋରାପୁଟ ଯିବୁ ?' ନନ୍ଦିନୀ ଦେବୀ ଟିକିଏ ବି ଚିନ୍ତା ନକରି ହଁ ମାରି ଦେଲେ । ଆଉ କହିଲେ, 'ଆପଣ ଯୁଆଡ଼େ ବି ପଠେଇବେ୍ ମୁଁ ସେଠାକୁ ଯିବାକୁ ରାଜିଅଛି ।' ନବବାବୁ ସେଥିରୁ ତାଙ୍କୁ ଭୟ ଦେଖାଇ କହିଲେ, 'ସେଠାରେ ବଣ ଜଙ୍ଗଲ, ପାହାଡ଼ ପର୍ବତରେ ବୁଲିବାକୁ ପଡ଼ିବ, ଆଦିବାସୀ ଲୋକମାନଙ୍କ ସଙ୍ଗେ ମିଶିବାକୁ ପଡ଼ିବ, ପାରିବୁ ?' ନନ୍ଦିନୀ ଦେବୀ ତ ଛାଡ଼ିବାର ପାତ୍ର ନଥିଲେ । ସେ ସଙ୍ଗେସଙ୍ଗେ ହଁ ଭରିଦେଲେ । ନବବାବୁଙ୍କର କିନ୍ତୁ ପ୍ରକୃତରେ ତାଙ୍କୁ ଚାକିରିଟେ ଦେବାର ଇଚ୍ଛା ନଥାଏ । ତାଙ୍କର ପ୍ରତ୍ୟେକ କଥାରେ ନନ୍ଦିନୀ ଦେବୀ ରାଜି ହୋଇଯିବାର ଦେଖି ଅନନ୍ୟୋପାୟ ହୋଇ କହିଲେ, 'ହଁ ଯିବୁ ଯେ, ହେଲେ ଚାକିରିଟା ତତେ କେମିତି ଦେବି ? ତୋ ନାଁରେ ତ ବହୁତ ପୁଲିସ କେସ୍ । ତତେ ଚାକିରି ଦେଇ ହେବନି ।' ହଉ ଠିକ୍ ଅଛି ବୋଲି କହି ନନ୍ଦିନୀ ଦେବୀ ଘରକୁ ଫେରିଲେ ସତ, କିନ୍ତୁ ସେହିଦିନଠାରୁ ଶପଥ କଲେ ଯେ, ଯେତେ ଅଭାବ ଅସୁବିଧା ଆସୁ ପଛେ ଜୀବନରେ ଆଉ କେବେ ଚାକିରି କରିବେନି । ହେଲେ ଭାଗ୍ୟର ବିଡ଼ମ୍ବନା, ସେ ସେହି ନବବାବୁଙ୍କ ଚେୟାରରେ ହିଁ ଥରେ ନୁହେଁ, ଦୁଇ ଦୁଇ ଥର ବସି ଓଡ଼ିଶାର ଶାସନ ଡୋରିକୁ ନିଜ ହାତ ମୁଠାରେ ଧରି ରଖି ପାରିଥିଲେ ଏବଂ ଅନେକ ବେକାରଙ୍କୁ ନିଯୁକ୍ତି ଯୋଗାଇ ଦେଇଥିଲେ ।

Digitized by PPRACHIN, SOA

ତେଭାଗା - ତେଲେଙ୍ଗାନା ଆନ୍ଦୋଳନ

୧୯୫୩ - ୫୪ ମସିହା ବେଳକୁ ସୁଦୂର ପଶ୍ଚିମବଙ୍ଗରେ ଯେତେବେଳେ ତେଭାଗା ଆନ୍ଦୋଳନ ଏବଂ ଆନ୍ଧ୍ରରେ ତେଲେଙ୍ଗାନା ଆନ୍ଦୋଳନ ଖୁବ୍ ତୀବ୍ର ଆକାର ଧାରଣ କରିଥିଲା, ନନ୍ଦିନୀ ଦେବୀ ସେତେବେଳେ ସେହି ଆନ୍ଦୋଳନକୁ ସଂପୂର୍ଣ୍ଣ ସମର୍ଥନ କରିଥିଲେ । ଏହି ଆନ୍ଦୋଳନ ଥିଲା ମୁଖ୍ୟତଃ ଜମିଦାର (Land Lord) ମାନଙ୍କ ବିରୁଦ୍ଧରେ ଗରିବ ଆଦିବାସୀ ଏବଂ ହରିଜନ ଭାଗଚାଷୀମାନଙ୍କର ବିଦ୍ରୋହ । ଏହାକୁ ସେତେବେଳେ ଚାଷୀ ଆନ୍ଦୋଳନ ବୋଲି ମଧ କୁହାଯାଉଥିଲା । ଭାଗଚାଷୀମାନେ ଜମି ମାଲିକମାନଙ୍କଠାରୁ ତିନିଭାଗ ଫସଲ ଦାବି କରି ଆନ୍ଦୋଳନ କଲେ । ଏହି ଆନ୍ଦୋଳନ ଚାଲିଥିବା ସମୟରେ ନନ୍ଦିନୀ ଦେବୀ ଭାଗଚାଷୀମାନଙ୍କ ସପକ୍ଷରେ କଟକଠାରେ ଅନେକବାର ଶୋଭାଯାତ୍ରା ବାହାର କରିଥିଲେ । ଏହି ଆନ୍ଦୋଳନରୁ ଆରମ୍ଭ ହେଲା ଭୂଦାନ ଆନ୍ଦୋଳନ । ବିଶିଷ୍ଟ ଗାନ୍ଧୀବାଦୀ ବିନୋବା ଭାବେ ଗାନ୍ଧିଜୀଙ୍କ ଅଂହିସା ଆନ୍ଦୋଳନକୁ କାର୍ଯ୍ୟକାରୀ କରାଉଥିଲେ । ସେତେବେଳେ ସମସ୍ତ ଗାନ୍ଧୀବାଦୀମାନେ ଅଂହିସା ଆନ୍ଦୋଳନକୁ ଭୂଦାନ ଆନ୍ଦୋଳନରେ ପର୍ଯ୍ୟବସିତ କରିଥିଲେ ।

ବିନୋବାଜୀଙ୍କ ଲକ୍ଷ୍ୟ ଥିଲା ଜମିମାଲିକମାନଙ୍କଠାରୁ ଜମି ଆଣି ଆଦିବାସୀ, ହରିଜନ ଏବଂ ଭୂମିହୀନମାନଙ୍କ ମଧ୍ୟରେ ବାଣ୍ଟି ଦେବା । ନନ୍ଦିନୀ ଦେବୀ ଏହି କଥାର ପୂର୍ଣ୍ଣ ସମର୍ଥନ କରୁଥିଲେ । ସେତେବେଳେ ନନ୍ଦିନୀ ଦେବୀ ନାମକୁ ମାତ୍ର କମ୍ୟୁନିଷ୍ଟ ଥିଲେ । ମାତ୍ର ଲକ୍ଷ୍ୟ ଥିଲା ଗରିବ ଆଦିବାସୀ-ହରିଜନଙ୍କୁ ଶୋଷଣରୁ ରକ୍ଷା କରିବା ଏବଂ ସେମାନଙ୍କର ସାମାଜିକ ତଥା ଅର୍ଥନୈତିକ ସ୍ତରରେ ବିକାଶ ଘଟାଇବା ।

ଏହାର କିଛିବର୍ଷ ପରେ ଅର୍ଥାତ୍ ସତୁରି ଦଶକରେ ଆନ୍ଧ୍ର ସରକାର ନକ୍ସଲାଇଟ୍‌ମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର ଚଳେଇଥାନ୍ତି । ଖୁବ କମ୍ ବୟସର ଯୁବକମାନଙ୍କୁ ଧାଡ଼ିବାନ୍ଧି ଠିଆ କରାଇ ସେମାନଙ୍କୁ ଗୁଳି କରି ଦେଉଥିଲେ । ଫଳରେ ସେଠାରୁ ନକ୍ସଲାଇଟ୍‌ମାନେ ଓଡ଼ିଶାର ସୀମାନ୍ତ ଜିଲ୍ଲା କୋରାପୁଟକୁ ପଳାଇ ଆସୁଥିଲେ । ଏବେ ବି ଆସୁଛନ୍ତି । ଏମାନଙ୍କ ମଧ୍ୟରେ ବିଶେଷ କରି ଆଦିବାସୀ ଓ ହରିଜନମାନେ ଜମି ମାଲିକଙ୍କ ଶୋଷଣ ବିରୁଦ୍ଧରେ ସଂଗ୍ରାମ କରିବା ପାଇଁ ନକ୍ସଲାଇଟ୍ ହୋଇଯାଉଥିଲେ । ସେତେବେଳେ କୋରାପୁଟ ଆଉ ଶ୍ରୀକାକୁଳମ୍ ଜିଲ୍ଲାର ସୀମାନ୍ତରେ ଏହି ନକ୍ସଲମାନେ ଜୋରଦାର ଆନ୍ଦୋଳନ ଚଳେଇଥାନ୍ତି । ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ଥାନ୍ତି ନନ୍ଦିନୀ ଦେବୀ ।

Digitized by PPRACHIN, SOA

ସେ ତ ମୂଳରୁ ଏମାନଙ୍କର ଉନ୍ନତି ପାଇଁ ଚିନ୍ତିତା ଥିଲେ । ହଠାତ୍ ତାଙ୍କ ଅଫିସରମାନଙ୍କୁ ଡାକି କହିଲେ, 'ମୁଁ ସେମାନଙ୍କ ପାଖକୁ ଯିବି ।' ଏହା ଶୁଣି ପୁଲିସ ବାରଣ କଲେ । କହିଲେ, 'ସେଇଟା ଆଜ୍ଞା ମହା ଡେଞ୍ଜରସ୍ ଜାଗା । ନକ୍ସଲାଇଟ୍‌ମାନେ ମାରିଦେବେ ।' ମହା ଆନ୍ଦୋଳନ ଭିତରୁ ନିଜକୁ ଆବିଷ୍କାର କରିଥିବା ସେହି ଦୃଢ଼ମନା ନନ୍ଦିନୀ ଶତପଥୀ ନିଜ ଜିଦ୍‌ରେ ଅଟଳ ରହିଲେ । ବଜ୍ର କଣ୍ଠରେ ଘୋଷଣା କଲେ, 'ମୁଁ ସେମାନଙ୍କ ପାଖକୁ ଯିବି, ତାଙ୍କ ସହିତ ମିଶିବି, ତାଙ୍କର ଅସୁବିଧା, ଅଭିଯୋଗ ଶୁଣିବି, ସେମାନଙ୍କୁ ବୁଝାଇବି । ତାପରେ ସେମାନେ ଯଦି ମୋତେ ମାରିବେ ତାହେଲେ ମାରିଦେବେ । ଜନ୍ମ ହେଇଛି ଥରେ, ମରିବି ବି ଥରେ । ସେଥିପାଇଁ ମୁଁ ଆଦୌ ଭୟ କରେ ନାହିଁ ।' ପୁଣି ସେଠାରେ ମିଟିଂ କରିବା ପୂର୍ବରୁ ପୁଲିସଙ୍କୁ ଡାକି ତାଗିଦା କରିଦେଲେ ଯେ, 'ଦେଖ, ମୁଁ ସେଠାରେ ମିଟିଂ କରିବାକୁ ଯାଉଛି, ତୁମେ ଯେପରି ଗୋଟିଏ ହେଲେ ନକ୍ସଲାଇଟ୍‌କୁ ମାରିବନି କି ସେଠାରେ ଗୁଳି ଫୁଟାଇବନି ।' ଏହା ଶୁଣି ପୁଲିସମାନେ ବିଚରା ହତବମ୍ବ ।

ତା'ପରେ ମିଟିଂ ହେଲା, ନନ୍ଦିନୀ ଦେବୀ ସେମାନଙ୍କୁ କହିଲେ, 'ଦେଖ, ତୁମେମାନେ କେତେଟା ପୁଞ୍ଜିପତିଙ୍କୁ ମାରିଦେବ । କ'ଣ ସେମାନେ ଲୋପ ପାଇଯିବେ ? ସେମାନେ ପରା ସେଇଥିରେ ଗଢ଼ା । ସେମାନେ ଛାରପୋକ ଭଳି ରକ୍ତବୀଜ । ତେଣୁ ତାଙ୍କର ପରିବର୍ତ୍ତନ ଅସମ୍ଭବ । ମାରି ଦେଲେ ସମସ୍ୟାର ସମାଧାନ ହେବନାହିଁ । ଗୋଟା ସମାଜର ପରିବର୍ତ୍ତନ ଲୋଡ଼ା । ତୁମମାନଙ୍କର ଔଷଧ, ପାଠପଢ଼ା, ଖାଦ୍ୟପେୟ ଇତ୍ୟାଦି ସବୁର ବ୍ୟବସ୍ଥା ମୁଁ କରିବି । ତୁମେ ଆମକୁ ଖାଲି ଟିକେ ସହଯୋଗ କର । ମୁଁ ତୁମ ସାଙ୍ଗରେ ଅଛି ।' ଏହା ଶୁଣି ସବୁ ନକ୍ସଲମାନେ ଏକ ସ୍ୱରରେ କହିଉଠିଲେ ଯେ, ବେଠି ପ୍ରଥା ଉଠାଅ । କାରଣ ସେତେବେଳେ ଜମିଦାରମାନେ ବେଠିରେ ବହୁତ ଖଟାଉଥିଲେ । ନନ୍ଦିନୀ ଦେବୀ ସେମାନଙ୍କର ସ୍ୱରରେ ସ୍ୱର ମିଳାଇ କହିଥିଲେ, 'ମୁଁ ତୁମ ସହିତ ଏକମତ ।' ସଙ୍ଗେସଙ୍ଗେ ହୋଲ କ୍ରାଉଡ୍ ଥମ୍ ପଡ଼ିଗଲା, ଚାରିଆଡ଼େ ଶାନ୍ତ । ଏହା ପରେ ନନ୍ଦିନୀ ଦେବୀ ନକ୍ସଲପନ୍ଥୀମାନଙ୍କ ପାଇଁ ଅନେକ କାମ କରିଛନ୍ତି । ସେମାନଙ୍କ ସମସ୍ୟାର ସମାଧାନ ଦିଗରେ ଯତ୍ପରୋନାସ୍ତି ଚେଷ୍ଟା କରିଛନ୍ତି ।

କେବଳ ତେଭାଗା - ତେଲେଙ୍ଗାନା ଆନ୍ଦୋଳନ ନୁହେଁ, ସେ ତାଙ୍କ ଜୀବନରେ ଅନେକ ଆନ୍ଦୋଳନ କରିଛନ୍ତି, ନେତୃତ୍ୱ ବି ନେଇଛନ୍ତି । ଗ୍ରାମଠାରୁ ରାଜଧାନୀ ଯାଏ, ବିଧାନସଭାଠାରୁ ପାର୍ଲାମେଣ୍ଟ ପର୍ଯ୍ୟନ୍ତ ତାଙ୍କର ଆନ୍ଦୋଳନ ପରିବ୍ୟାପ୍ତ । ନିଜ ପାଇଁ ସେ ତିଳେହେଲେ ପରବାୟ କରିନାହାନ୍ତି । ଏବେ ବି ଯେତେବେଳେ ଓଡ଼ିଶା ବିଧାନସଭାରେ ଏହି ନକ୍ସଲାଇଟ୍‌ମାନଙ୍କ କଥା ଉଠେ ସେ ସରକାରଙ୍କୁ ତୀବ୍ର ବିରୋଧ

Digitized by PPRACHIN, SOA

କରନ୍ତି । ଗତ ବିଧାନସଭା ଅଧିବେଶନର ୨୩ ଡିସେମ୍ବରରେ ଏହି ନକ୍ସଲାଇଟ୍‌ମାନଙ୍କ ଉପରେ ଏକ ଆଲୋଚନା ପ୍ରସଙ୍ଗରେ ଗୃହର ଅନ୍ୟାନ୍ୟ ସଭ୍ୟମାନଙ୍କ ମତାମତ ସହିତ ଏକମତ ନ ହୋଇ ସେ କହିଥିଲେ,'ଅଧ୍ୟକ୍ଷ ମହୋଦୟ, ଯେଉଁ ମାନ୍ୟବର ସଦସ୍ୟମାନେ ନକ୍ସଲପନ୍ଥୀମାନଙ୍କୁ ଦମନ କରିବା ସମ୍ପର୍କରେ ଏଠାରେ ମତ ବ୍ୟକ୍ତ କରିଛନ୍ତି, ମୁଁ ସେ ମତ ସହିତ ଏକମତ ହୋଇପାରୁନାହିଁ । ଯାହାଙ୍କୁ ନକ୍ସଲପନ୍ଥୀ ବୋଲି କହୁଛନ୍ତି, ଆମରି ଭିତରେ କିଛି ଲୋକ ବର୍ତ୍ତମାନ ବି ଅଛନ୍ତି ଯାହାଙ୍କ ମନଭିତରେ ଅନେକ ବିଦ୍ରୋହ ଅଛି । ଅନେକ କଥାରେ ସେମାନଙ୍କର ଅସନ୍ତୋଷ ରହିଛି । ପ୍ରଥମେ ସେମାନଙ୍କର ସମସ୍ୟା, ଅସନ୍ତୋଷ ବିଷୟରେ ଅନୁଧ୍ୟାନ କରିବା ନିତାନ୍ତ ଆବଶ୍ୟକ । କେବଳ ସେମାନଙ୍କୁ ପୁଲିସ ପ୍ରଶାସନ ଦ୍ୱାରା ଦମନ କରିଦେଲେ ସମସ୍ୟାର ସମାଧାନ ହେବନାହିଁ । କେବଳ ଚାରିଆଡ଼େ ଘାଟିମାନ କରିଦେଇ ପୁଲିସଙ୍କୁ ରଖିଦେଲେ ଚଳିବନାହିଁ । ସେମାନଙ୍କର ପ୍ରକୃତ ସମସ୍ୟା ସହିତ ଭାଗୀଦାର ହେବା ଦରକାର । ତାଙ୍କପାଖକୁ ଯାଇ, ସେମାନଙ୍କ ସହିତ ମିଶି କଥାବାର୍ତ୍ତା କରି, ତାଙ୍କର ମୌଳିକ ଆବଶ୍ୟକତା ତଥା ସ୍ୱାସ୍ଥ୍ୟ, ଔଷଧ, ଶିକ୍ଷା, ଏ ସବୁ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରାଗଲେ ଯାଇ କିଛି ସୁଫଳ ମିଳିବ ।'

ବ୍ରହ୍ମଦୈତ୍ୟଙ୍କୁ ଡର: ଭାଇନାଙ୍କୁ ଡର

ନନ୍ଦିନୀ ଦେବୀ ପିଲାଟି ଦିନରୁ ବହୁ ଦୁଃସାହସିକ କାର୍ଯ୍ୟ କରି ଚର୍ଚ୍ଚିତ ହୋଇଛନ୍ତି । କଲେଜ ଜୀବନରେ ଅନେକ ସାହସିକ ପଦକ୍ଷେପ ନେଇ ସାଥୀ ପିଲାଙ୍କର ପ୍ରିୟଭାଜନ ହୋଇଛନ୍ତି, ବ୍ରିଟିଶ ଶାସକଙ୍କୁ ହଟାଇବା ପାଇଁ କମ୍ୟୁନିଷ୍ଟମାନଙ୍କ ସହିତ ମିଶି ସାହସର ସହିତ ଲଢ଼େଇ କରିଛନ୍ତି । କୌଣସି ପରିସ୍ଥିତିରେ ସେ କେବେ କାହାରିକୁ ଭୟ କରିନାହାନ୍ତି । ଖଦଡ଼ ଫ୍ରକ ପିନ୍ଧି ସ୍କୁଲକୁ ଯିବା, ଗାନ୍ଧୀଙ୍କ ସମ୍ପର୍କରେ ଟିକିନିଖି ଖବର ରଖିବା ଠାରୁ ଆରମ୍ଭ କରି ତାଙ୍କଠାରୁ ସାନ ଏବଂ ବଡ଼ ପିଲାମାନଙ୍କୁ ଏକାଠି କରି ଯୁଦ୍ଧ କରିବା ଶୈଳୀରେ ପ୍ୟାରେଡ଼ କରାଇବା ପର୍ଯ୍ୟନ୍ତ ଅନେକ କଥା କରିଛନ୍ତି । ତାଙ୍କ ଛୋଟବେଳର ଏହି ସାହସିନୀପଣ ସେତେବେଳେ ମୁକ୍ତିଯୋଦ୍ଧାମାନଙ୍କୁ ବି ଆକର୍ଷିତ କରିଥିଲା । ହେଲେ ସାନବେଳେ ଦୁଇଟି ବ୍ୟକ୍ତିଙ୍କ ନିକଟରେ ସେ ତାଙ୍କର ସମସ୍ତ ସାହସକୁ ହରାଇ ବସୁଥିଲେ । ଏ ଦୁଇଜଣ ବ୍ୟକ୍ତିଙ୍କ ମଧ୍ୟରେ ଜଣେ ହେଲେ ତାଙ୍କ ଦଦେଇଙ୍କ ପୁଅ ନୀହାର ରଂଜନ ପାଣିଗ୍ରାହୀ ଏବଂ ଅନ୍ୟଜଣେ ହେଲେ ଏକ ଅଦୃଶ୍ୟ ପୁରୁଷ ବ୍ରହ୍ମଦୈତ୍ୟ ।

Digitized by PPRACHIN, SOA

ନନ୍ଦିନୀ ଦେବୀ ପିଲାଦିନେ ଖୁବ୍ ଦୁଷ୍ଟାମି କରୁଥିଲେ । ତାଙ୍କୁ କେହି ପଦେ ଟାଣ କରି କହିଦେଲେ ସେ ଖୁବ୍ ରାଗିଯାଇ ଘରର ଜିନିଷ ପତ୍ର ଫିଙ୍ଗା ଫୋପଡ଼ା କରିଦେଉଥିଲେ । ନିଜେ ରାଗିଲେ ଅନ୍ୟକୁ ଆକ୍ରମଣ କରିବା ବଦଳରେ ସେ ନିଜକୁ କଷ୍ଟ ଦେଇ ଶାନ୍ତ ହେବା ତାଙ୍କର ଅନ୍ୟ ଏକ ଶୈଶବର ଲକ୍ଷଣ । ଖୁବ୍ କମ୍ ବୟସରୁ ବଡ଼ମାନଙ୍କ ପରି ଆଚରଣ କରି ପରିବାରର ଅନ୍ୟମାନଙ୍କୁ ଚକିତ କରିଦେଉଥିଲେ । ତାଙ୍କ ଭିତରେ ଥିବା ସହଜାତ ନେତୃତ୍ୱର ପରିପ୍ରକାଶ ପ୍ରଥମରୁ ଫୁଟି ଉଠିଥିଲା । ତେଣୁ ତାଙ୍କର ଦୁଷ୍ଟାମି କୁ ସମସ୍ତେ ସହିଯାଉଥିଲେ । କାହାରିଠାରୁ 'ନା' ଶୁଣିବାରେ ସେ ଅଭ୍ୟସ୍ତ ନୁହନ୍ତି । ସେ ଯେତେ ରାଗିଥାନ୍ତୁ କି ଦୁଷ୍ଟାମି କରୁଥାନ୍ତୁ, ହଠାତ୍ ଯଦି ନୀହାର ଭାଇନା ଘରକୁ ପଳାଇ ଆସିଲେ ତାଙ୍କ ଦୁଷ୍ଟାମି ସଙ୍ଗେସଙ୍ଗେ ବନ୍ଦ ହେଇଯାଏ । ସେ ଚୁପ୍ ହୋଇଯାନ୍ତି । ନୀହାର ଭାଇନାଙ୍କ ପ୍ରତି ତାଙ୍କର ଭକ୍ତି ମିଶ୍ରିତ ଭୟ ସବୁବେଳେ ଥିଲା । ରେଭେନ୍ସା କଲେଜର ଛାତ୍ର ଆନ୍ଦୋଳନ ବେଳେ ନୀହାର ଭାଇନାଙ୍କ ଠାରୁ ଚଟକଣା ଖାଇଥିବା କଥା ଏବେ ବି ମନେ ଅଛି ତାଙ୍କର । ସ୍କୁଲ ଛୁଟି ହେବା ମାତ୍ରକେ ନନ୍ଦିନୀ ଦେବୀ ନିଜ ଗାଁ ବିଶ୍ୱନାଥପୁର ଚାଲିଯାଇ ସେଠାରେ ଆରମ୍ଭ କରିଦେଉଥିଲେ ଦୁଷ୍ଟାମି । ସମସ୍ତଙ୍କ ଅଲକ୍ଷ୍ୟରେ ବାଡ଼ିପଟେ ବାଉରି ସାହିକୁ ଚାଲିଯାଇ ସେମାନଙ୍କ ପିଲାମାନଙ୍କୁ ପାଠ ପଢ଼େଇବେ ଆଉ ଜମିଦାରଙ୍କ ବିରୋଧରେ ମତେଇବେ, ଏହାଥିଲା ତାଙ୍କ ପିଲାଦିନର ମୁଖ୍ୟକାର୍ଯ୍ୟ । ଗାଁରେ ଏ ମୁଣ୍ଡରୁ ସେମୁଣ୍ଡ ବୁଲିବା ଦେଖି ନୀହାର ଭାଇନା କହିବେ, 'ଏଇଟା ଗୋଟେ ଦାଣ୍ଡବୁଲା କୁତୀ ।' କୌଣସି ନିନ୍ଦା-ପ୍ରଶଂସା ପ୍ରତି ଖାତିର ନଥିଲା ନନ୍ଦିନୀ ଦେବୀଙ୍କର । ଖାଲି ଯାହା ଭାଇନାଙ୍କୁ ଡର ଥିଲା ।

ନନ୍ଦିନୀ ଦେବୀ ଅନେକ ଥର ଜେଲ ଯାଇଛନ୍ତି , ପୁଲିସ୍ ଠାରୁ ମାଡ଼ ଖାଇଛନ୍ତି, ହେଲେ ଏଇ ମୁକ୍ତିଗାମୀ ନନ୍ଦିନୀଙ୍କୁ କେଉଁ ଆଦେଶନାମା ବାନ୍ଧି ରଖିପାରି ନାହିଁ । ସେ କକେଇଙ୍କ ଆଦର୍ଶରେ ଉଦ୍‌ବୁଦ୍ଧ ହୋଇ କମ୍ୟୁନିଷ୍ଟମାନଙ୍କ ସହ ମିଶି ଆନ୍ଦୋଳନ କରି ଥରେ କଟକ ଜେଲରେ ବନ୍ଦୀ ଥାନ୍ତି । ସେ ଥିଲେ ବନ୍ଦୀମାନଙ୍କ ମଧ୍ୟରେ ସର୍ବକନିଷ୍ଠା । ସେ ଯେଉଁ କୋଠରିରେ ରହୁଥାନ୍ତି, ସେଠାରେ ଅନ୍ୟ କେହି ନଥାନ୍ତି । ଜେଲ୍ କୋଠରିର ନିଃସଙ୍ଗତା ତାଙ୍କୁ ଖୁବ୍ କଷ୍ଟ ଦିଏ । ତେଣୁ ସେ ରାତିରେ ଜେଲ୍ କୋଠରିର ସାମ୍ନାରେ ଆସି ଅନେକ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ବୁଲାବୁଲି କରନ୍ତି । ଏହା ଦେଖି ଜେଲର କର୍ତ୍ତୃପକ୍ଷ ତଥା ସହଯୋଗୀ ବନ୍ଦୀମାନେ ଖୁବ୍ ଚିନ୍ତିତ ହୋଇଗଲେ । କାରଣ ଏଇ ବିସ୍ମୟ ବାଳିକା କେତେବେଳେ ଯେ କ'ଣ କରି ବସିବ ତାହା ଜାଣିବା କାହାରି ପକ୍ଷେ ସମ୍ଭବ ନଥିଲା । ତେଣୁ ତାଙ୍କର ଏହି ରାତି ବୁଲାକୁ ବନ୍ଦ କରିବା ପାଇଁ ସେମାନେ ଗୋଟେ ଉପାୟ

Digitized by PPRACHIN, SOA

ବାହାର କଲେ । ନନ୍ଦିନୀ ଦେବୀଙ୍କୁ କହିଲେ, ଯେ ରାତି ହେଲେ ଜେଲ୍‌ର ପାଚେରି ଉପରେ ବ୍ରହ୍ମଦୈତ୍ୟ ଆସି ବସେ । ଏହା ଶୁଣି ନନ୍ଦିନୀ ଦେବୀ ଖୁବ୍ ଡରିଗଲେ । ଯେଉଁ ଝିଅର ବ୍ରିଟିଶମାନଙ୍କୁ ଡର ନଥିଲା, ସେ ହଠାତ୍ ବ୍ରହ୍ମଦୈତ୍ୟକୁ ଡରିବାକୁ ଲାଗିଲେ । ସନ୍ଧ୍ୟା ହେବାମାତ୍ରେ ସେଇ ଜେଲ୍ କୋଠରି ଭିତରେ ଆଖି ବନ୍ଦ କରି ଶୋଇ ପଡୁଥିଲେ ସକାଳ ହେବା ପର୍ଯ୍ୟନ୍ତ । ଯଦି କେତେବେଳେ କେମିତି କବାଟ ଖୋଲନ୍ତି, ତାଙ୍କ ଆଖିରେ ପଡ଼ିଯାଏ ଜେଲର ପାଚେରି, ବାସ୍ ଆଉ ସାହସ କରିପାରନ୍ତିନି ବାହାରକୁ ଯିବାପାଇଁ ।

ପିଠାପୁରରୁ ନର୍ଥ ଆଭେନ୍ୟୁ : ରାଜ୍ୟସଭାରୁ କେନ୍ଦ୍ରମନ୍ତ୍ରୀ

୧୯୬୧ ମସିହା ଜୁନ୍ ମାସରେ ରାଜ୍ୟ ବିଧାନସଭା ନିର୍ବାଚନ ଶେଷହୋଇଥାଏ । ଏହି ନିର୍ବାଚନରେ ବିଜୁପଟ୍ଟନାୟକଙ୍କ ନେତୃତ୍ୱରେ କଂଗ୍ରେସ ଦଳ ଅଶିରୁ ଉର୍ଦ୍ଧ୍ୱ ଆସନ ହାସଲ କରି ସରକାର ଗଢ଼ିବା ପାଇଁ ତତ୍ପର ହେଉଥାନ୍ତି । ନନ୍ଦିନୀ ଦେବୀ ଏହି ସମୟରେ ନିର୍ବାଚନ ପ୍ରଚାର ସାରି ସପରିବାର ଜଗନ୍ନାଥ ଦର୍ଶନ ପାଇଁ ପୁରୀ ଯିବା ବାଟରେ ସାକ୍ଷୀଗୋପାଳ ନିକଟରେ ଏକ ଭୟଙ୍କର ଦୁର୍ଘଟଣାର ସମ୍ମୁଖୀନ ହେଲେ । ସେ ଯେଉଁ ଜିପ୍‌ରେ ଯାଉଥିଲେ ସେଥିରେ ଥିଲେ ତାଙ୍କର ସ୍ୱାମୀ ଦେବେନ୍ଦ୍ର ଶତପଥୀ, ବଡ଼ ପୁଅ ନଚିକେତା, ସାନ ପୁଅ ତଥାଗତ, ସତ୍ୟବାଦୀ ମିଶ୍ର ଏବଂ ମାଳତୀ ମହାପାତ୍ର । ସେତେବେଳକୁ ତାଙ୍କ ବଡ଼ପୁଅକୁ ୬ ବର୍ଷ ଏବଂ ସାନକୁ ୪ ବର୍ଷ ବୟସ । ଜିପ୍‌ଟି ଦୁର୍ଘଟଣାଗ୍ରସ୍ତ ହେଇ ଗଡ଼ିଗଡ଼ି ରାସ୍ତା କଡ଼ରେ ଥିବା ଏକ ଗଛରେ ଅଟକିଗଲା । ଗଛ ନଥିଲେ ବୋଧହୁଏ କେହି ବଞ୍ଚିବା ସମ୍ଭବ ହୋଇନଥାନ୍ତା । କାରଣ ରାସ୍ତାଠାରୁ ଭୂମି ଥିଲା ପ୍ରାୟ ୩୦/୪୦ଫୁଟ ଗଭୀର । ଦୁର୍ଘଟଣାରେ ଦୁଇ ପୁଅଙ୍କର ମୁଣ୍ଡ ଫାଟିଯାଇ ରକ୍ତ ଝରୁଥାଏ ଏବଂ ନନ୍ଦିନୀ ଦେବୀଙ୍କର ଗୋଟିଏ ଗୋଡ଼ ଭାଙ୍ଗି ଯାଇ ଏକ ଅସୁବିଧାଜନକ ଭାବେ ଗାଡ଼ିର ଏକପାର୍ଶ୍ୱରେ ଲାଗିଯାଇଥାଏ । ଆଉ ଆଖିପତାଟି ମଧ ଫାଟି ଯାଇଥାଏ । ତାଙ୍କ ମୁଣ୍ଡଟି ଆଗସିଟ୍‌ର ଲୁହା ରଡ଼ ଭିତରେ ଏପରି ଭାବେ ପଶିଯାଇଥାଏ ଯେ ବହୁତ କଷ୍ଟରେ ସେ ରଡ଼ ଭିତରୁ ତାଙ୍କୁ ବାହାର କରାଗଲା । ଅନ୍ୟମାନେ ଆଶ୍ଚର୍ଯ୍ୟଜନକ ଭାବେ ରକ୍ଷା ପାଇଯାଇଥାନ୍ତି । ନନ୍ଦିନୀ ଦେବୀଙ୍କୁ ଗାଡ଼ିରୁ ଅଣାଯାଇ ଯେତେବେଳେ ଏକ ପଡ଼ିଆରେ ଶୁଆଇ ଦିଆଗଲା ସେତେବେଳେ ସେ ବାରମ୍ବାର ପଚାରୁଥାନ୍ତି ଯେ, ମାଳତୀର କିଛି ହେଇନି ତ ? ଏହାପରେ ସେ ଚେତାଶୂନ୍ୟ ହେଇଗଲେ । ଏତିକିବେଳେ ପୁରୀ ଆଡୁ ଏକ ଫାଙ୍କା ବସ୍‌ଟିଏ ଆସୁଥାଏ । ସେ ବି ଏ

Digitized by PPRACHIN, SOA

ଦୁର୍ଘଟଣା ଦେଖି ଅଟକିଲା । ତାରିଭିତରେ ଏମାନଙ୍କୁ ସ୍ଥାନୀୟ ଲୋକେ ନେଇ ସାକ୍ଷୀଗୋପାଳ ସରକାରୀ ଡାକ୍ତରଖାନାରେ ପହଞ୍ଚିଲେ । ସେଠାରେ ମୁଖ୍ୟ ଡାକ୍ତର ଥାନ୍ତି ରାଧାନାଥ ରଥଙ୍କ ଜ୍ୱାଇଁ ସୋମନାଥ ମହାପାତ୍ର । ସେ ତତ୍‌କ୍ଷଣାତ୍ ଚିକିତ୍ସା ଆରମ୍ଭ କରିଦେଲେ । ଦୁଇ ପୁଅଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ିଦେଲେ ଏବଂ ନନ୍ଦିନୀ ଦେବୀଙ୍କୁ ସେଠାରେ ଆଡ୍‌ମିଶନ୍ କରାଗଲା । ଏତିକିବେଳେ ନନ୍ଦିନୀ ଦେବୀ ଚେତା ଫେରିପାଇ ସୋମନାଥ ବାବୁଙ୍କୁ ପଚାରୁଥାନ୍ତି, 'ଆଜ୍ଞା ଆପଣ ତ ଡାକ୍ତର ଅଛନ୍ତି, କହିଲେ, ମୁଁ ମରିଯିବି ? ମୋର କ'ଣ ହେଇଛି ?' ସୋମନାଥ ବାବୁ ତାଙ୍କୁ ଦମ୍ଭ ଦେଇ କହୁଥାନ୍ତି, 'ତୁମର କିଛି ତ ହେଇନି, ଗୋଡ଼ଟା ବୋଧେ ଭାଙ୍ଗିଯାଇଛି, ସେ ଠିକ୍ ହେଇଯିବ । ଆଉ କ'ଣ ଗୋଟାଏ ହେବ ?' ତା'ପରେ ସେଇ ସାକ୍ଷୀଗୋପାଳରୁ କିଏ ଜଣେ ତାଙ୍କ ବାପାଙ୍କ ପାଖକୁ ଫୋନ୍ କରି ଏ ବିଷୟ କହିଦେଲେ । ସେତେବେଳକୁ ବାପା ବୋଉ ତାଙ୍କର ଖାଇ ବସିଥାନ୍ତି । ସେ ବ୍ୟସ୍ତହୋଇ ସଙ୍ଗେ ସଙ୍ଗେ ସାକ୍ଷୀଗୋପାଳ ଆସିଲେ । ବିଜୁବାବୁ କେଉଁଠୁ ଖବର ପାଇ ସେ ଗୋଟେ ଆମ୍ବୁଲାନ୍‌ସ ଧରି ତା'ପରଦିନ ସକାଳେ ଯାଇ ସାକ୍ଷୀଗୋପାଳ ଡାକ୍ତରଖାନାରେ ହାଜର ହେଇଗଲେ । ସଙ୍ଗେ ସଙ୍ଗେ ସେ ନନ୍ଦିନୀ ଦେବୀଙ୍କୁ ଆମ୍ବୁଲାନ୍‌ସରେ କଟକ ଡାକ୍ତରଖାନାକୁ ନେଇଆସିଲେ । ବାଟରେ ସେ ନନ୍ଦିନୀ ଦେବୀଙ୍କୁ ଏଇ ଅବସ୍ଥାରେ ବି ରାଗିକରି କହୁଥାନ୍ତି, 'ମୁଁ ଆଜି ଓଥ୍ ନେବି, ତୋର ଆକ୍ସିଡେଣ୍ଟ ହୋଇଗଲା ?' ଏଥିରୁ ଅନୁମାନ କରାଯାଇପାରେ ଯେ ସେତେବେଳେ ସେମାନଙ୍କର ଦେଶ ପାଇଁ କେତେ ମମତା ଥିଲା । ନିଜ କଥା ପୂରାପୂରି ଭୁଲିଯାଉଥିଲେ । ସେହି ଦୁର୍ଘଟଣାରେ ନନ୍ଦିନୀ ଦେବୀ କଟକ ଡାକ୍ତରଖାନାରେ ପଡ଼ିଲେ ଛଅ ମାସ କାଳ । ଯେଉଁଥିରେ କି ତାଙ୍କ ମୁଣ୍ଡର ଚୁଟି ସବୁ ପାଚିଗଲା । ବିଜୁବାବୁ କିନ୍ତୁ ରୋଜ ଯାଇ କଟକରେ ତାଙ୍କର ସ୍ୱାସ୍ଥ୍ୟ ସମ୍ପର୍କରେ ବୁଝୁଥିଲେ । ଡକ୍ଟର ଖାଡ଼େଙ୍ଗା ନନ୍ଦିନୀ ଦେବୀଙ୍କ ଚିକିତ୍ସା ଦାୟିତ୍ୱରେ ଥାନ୍ତି । ଦିନେ ବିଜୁବାବୁ ତାଙ୍କ ଉପରେ ରାଗି କହିଲେ, 'କ'ଣ ଗୋଟାଏ ଗୋଡ଼ ଭାଙ୍ଗିଯାଇଛି, ତୁମେ ତାକୁ ଭଲ କରିପାରୁନାହଁ ? ତାଙ୍କୁ ରେଫର୍ କରିଦିଅ, ମୁଁ ତାଙ୍କୁ ଷ୍ଟେଟ୍‌ସକୁ ପଠାଇ ଦେବି ।' ପରେ ଅବଶ୍ୟ ସେଇ କଟକ ଡାକ୍ତରଖାନାରେ ତାଙ୍କ ନେଲ୍ ଟୁ ନେଲ୍ ଯୋଡ଼ା ଯାଇ ଅଣ୍ଟା ପର୍ଯ୍ୟନ୍ତ ପ୍ଲାଷ୍ଟର କରାହୋଇ ଶେଷରେ ସେ ଭଲ ହେଲେ ।

ସେହି ଡାକ୍ତରଖାନାରେ ଦିନେ ବିଜୁବାବୁ ନନ୍ଦିନୀ ଦେବୀଙ୍କୁ କହିଲେ, 'ତୁ ରାଜ୍ୟସଭାକୁ ଯିବୁ ।' ଏହି ପ୍ରସ୍ତାବ ଶୁଣି ନନ୍ଦିନୀ ଦେବୀ କହିଲେ, 'ମୁଁ ସେଠାକୁ ଯାଇ କ'ଣ କରିବି ? ରାଜ୍ୟସଭାକୁ ତ ବୁଢ଼ା ଲୋକମାନେ ଯାଆନ୍ତି । ମୁଁ ଏଇଠି ରହିବି ।'

Digitized by PPRACHIN, SOA

'ଏଠି କ'ଣ କରିବୁ ?'

'ତୁମେ ଯେଉଁଠି ବସିଛ ମୁଁ ସେଇଠି ବସିବି (ଅର୍ଥାତ୍ ମୁଖ୍ୟମନ୍ତ୍ରୀଙ୍କ ଚଉକିରେ)।'

ନନ୍ଦିନୀ ଦେବୀଙ୍କ କଥା ଶୁଣି ବିଜୁବାବୁ ମୁରୁକି ହସି କହିଲେ, 'ସଂଜୀବ ରେଢ୍ଡି ମତେ କହିଛନ୍ତି ତୋ ନାଁଟା ରାଜ୍ୟସଭା ପଦ ପାଇଁ ରେକମେଣ୍ଡେସନ୍ କରି ପଠାଇବାକୁ । ତେଣୁ ତତେ ରାଜ୍ୟସଭାକୁ ଯିବାକୁ ପଡ଼ିବ । '

ଏହାର କିଛି ଦିନ ପରେ ନନ୍ଦିନୀ ଦେବୀ ହସ୍ପିଟାଲରୁ ପିଠାପୁର ଘରକୁ ଫେରି ଆସିଲେ । ଇତିମଧ୍ୟରେ ବିଜୁବାବୁ ନନ୍ଦିନୀ ଦେବୀଙ୍କ ନାମଟି ରାଜ୍ୟସଭା ପ୍ରାର୍ଥୀ ପାଇଁ ଅନୁମୋଦନ କରି ପଠାଇ ଦେଇଥିଲେ । ପରେ ପରେ ମଧ୍ୟ ତାଙ୍କ ଦଳର ସଂଖ୍ୟାଗରିଷ୍ଠତା ଥିବା ଯୋଗୁଁ ସେ ନିର୍ବାଚିତା ବି ହେଇଗଲେ । ଏପଟେ କିନ୍ତୁ ନନ୍ଦିନୀ ଦେବୀ ଏ ବିଷୟରେ କିଛି ଖବର ରଖି ନାହାନ୍ତି । ରଖିବା ମଧ୍ୟ ସମ୍ଭବ ନଥିଲା । କାରଣ ତାଙ୍କ ଗୋଡ଼ ସେତେବେଳଯାଏଁ ତଳେ ଲାଗୁ ନଥାଏ । ଗୋଟିଏ ଗୋଡ଼ରେ ଛୋଟାଇ ଛୋଟାଇ ଚାଲୁଥାନ୍ତି ସେ ।

ପିଠାପୁରସ୍ଥିତ ଘରକୁ ଆସିବାର ଠିକ୍ ଦୁଇମାସ ପରେ, ରାଜ୍ୟସଭା ସେକ୍ରେଟାରିଏଟ୍‌ରୁ ପିଠାପୁର ଠିକଣାରେ ତାଙ୍କ ପାଖକୁ ଏକ ଚିଠି ଆସି ପହଞ୍ଚିଲା ରାଜ୍ୟସଭାର ସଭ୍ୟା ଭାବରେ ଶପଥ ନେବାକୁ । ସେତେବେଳକୁ ନନ୍ଦିନୀ ଦେବୀଙ୍କ ଗୋଡ଼ ସଂପୂର୍ଣ୍ଣ ଭଲ ହୋଇନଥାଏ । ଭଙ୍ଗା ଗୋଡ଼ଟିକୁ ଘୋଷାରି ଘୋଷାରି ଚାଲୁଥାନ୍ତି । କିନ୍ତୁ ଯାହାହେଲେ ବି ତ ଦିଲ୍ଲୀ ଯିବାକୁ ହେବ । ସେଇଠୁ ସ୍ୱାମୀ ଦେବେନ୍ଦ୍ର ଶତପଥୀଙ୍କୁ ସାଙ୍ଗରେ ଧରି ସେମିତି ଛୋଟେଇ ଛୋଟେଇ ଷ୍ଟେସନ୍ ଗଲେ ଓ ସେଠୁ ଟ୍ରେନ୍‌ରେ ଦିଲ୍ଲୀ ଗଲେ । ଏଇଠାରୁ ହିଁ ବାସ୍ତବରେ ନନ୍ଦିନୀ ଦେବୀ ପ୍ରତ୍ୟକ୍ଷ ରାଜନୈତିକ ମହାସ୍ରୋତରେ ଲମ୍ଫଦେଲେ । ଆଉ ଏହି ମହାଯାତ୍ରାର ଶୁଭାରମ୍ଭ କରିଥିଲେ ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁପଟ୍ଟନାୟକ ଏବଂ ଅଖିଳ ଭାରତୀୟ କଂଗ୍ରେସ କମିଟି (ଏ.ଆଇ.ସି.ସି.) ର ସଭାପତି ସଂଜୀବ ରେଡ଼ି । ଅବଶ୍ୟ ସଦ୍ୟ ଶେଷ ହୋଇଥିବା ନିର୍ବାଚନରେ ବିଜୁବାବୁଙ୍କ ପାଇଁ ନନ୍ଦିନୀ ଦେବୀ ଜୀବନମୂର୍ଚ୍ଛା ପ୍ରଚାର ଚଳେଇ ଶେଷରେ ଦୁର୍ଘଟଣା ହୋଇ ସବୁଦିନ ପାଇଁ ଗୋଟିଏ ଗୋଡ଼ ଛୋଟା କରିଦେଇଥିଲେ । ଯାହାହେଲେ ବି ଏ ଦୁହିଙ୍କ ଆଶୀର୍ବାଦ ମିଳିନଥିଲେ, ବିଶେଷ କରି ସଂଜୀବ ରେଡ୍ଡୀ ବିଜୁବାବୁଙ୍କୁ ନିର୍ଦ୍ଦେଶ ଦେଇନଥିଲେ ହୁଏତ ନନ୍ଦିନୀ ଦେବୀଙ୍କ ଜୀବନର ଗତିପଥ ବଦଳି ଯାଇଥାନ୍ତା ।

Digitized by PPRACHIN, SOA

ସେ ଯାହାହେଉ ଶେଷରେ ନନ୍ଦିନୀ ଦେବୀ ଦିଲ୍ଲୀରେ ପହଞ୍ଚି ବିଧିବଦ୍ଧ ଭାବରେ ରାଜ୍ୟସଭା ସଭ୍ୟା ରୂପେ ଶପଥ ନେଲେ । ସଙ୍ଗେ ସଙ୍ଗେ ତାଙ୍କୁ ନର୍ଥଆଭେନ୍ୟୁରେ ମଧ୍ୟ ଏକ ସରକାରୀ ଘର ମିଳିଗଲା । ରାଜ୍ୟସଭାରେ ସେ ସେତେବେଳେ Back benchers, ପ୍ରଧାନମନ୍ତ୍ରୀ ଥାନ୍ତି ସ୍ୱର୍ଗତ ଜବାହରଲାଲ ନେହେରୁ । ନନ୍ଦିନୀ ଦେବୀ ତାଙ୍କର ସାଂସଦ ଜୀବନର ପ୍ରଥମ ଅଭିଜ୍ଞତାରୁ କୁହନ୍ତି, "ମୁଁ ମୋର ପ୍ରଥମ ବକ୍ତୃତାରେ ପ୍ଲାନିଙ୍ଗ ବିଷୟରେ କହିଲି । ମୁଁ ବକ୍ତୃତା ଦେଉଥିବା ସମୟରେ ଜବାହରଲାଲ ମୋତେ ବାରମ୍ବାର ବୁଲି ଚାହୁଁଥାନ୍ତି । କିଛିସମୟ ପରେ ତାଙ୍କ ନିକଟରେ ବସିଥିବା ଜଣେ ସାଂସଦଙ୍କୁ ପଚାରିଲେ, 'Who is this Girl ?' ସାଂସଦ ଜଣଙ୍କ କହିଲେ, 'She has come from Orissa ।'

ଇନ୍ଦିରାଙ୍କ ସଙ୍ଗେ ପ୍ରଥମ ପରିଚୟ

ଏହା ପରେ ପରେ ଜବାହରଙ୍କର ମୋ ଉପରେ ଗୋଟେ ଅଦ୍‌ଭୁତ ସ୍ନେହ ହେଇଗଲା । ସେ ମୋ ବିଷୟରେ ଖବର ସଂଗ୍ରହ କରି ତାଙ୍କ ଝିଅ ଇନ୍ଦିରା ଗାନ୍ଧୀଙ୍କୁ କହିଲେ, ତାକୁ ଘରକୁ ଡାକ । ଇନ୍ଦିରା ଗାନ୍ଧୀ ସେତେବେଳକୁ କୌଣସି ପଦ ପଦବୀରେ ନଥାନ୍ତି । ସେ ମୋତେ ଦିନେ ଟେଲିଫୋନ୍ କରି ଘରକୁ ଡାକିଲେ । ସେ ସେତେବେଳେ ଶତପଥୀ ବୋଲି ମଧ୍ୟ କହିପାରୁ ନ ଥିଲେ , ସତ୍ୟବତୀ ବୋଲି ଡାକୁଥାନ୍ତି । ମୁଁ ପ୍ରଥମ ହୋଇ ପ୍ରଧାନମନ୍ତ୍ରୀଙ୍କ ଘରକୁ ଗଲି । ସେଠାରେ ଜବାହର ମୋ ସହିତ କିଛି ସମୟ କଥା ହେଲେ । ସେଇଠାରୁ ଆରମ୍ଭ ହେଲା ଇନ୍ଦିରା ଗାନ୍ଧୀଙ୍କ ସହିତ ଆତ୍ମୀୟତା । ତା'ପରେ ଇନ୍ଦିରା ଗାନ୍ଧୀ ପ୍ରାୟ ସବୁବେଳେ ମୋତେ ଘରକୁ ଡାକିବେ କିଛି ନା କିଛି ଆଲୋଚନା କରିବା ପାଇଁ । ମୋତେ ଡାକିବା ସଙ୍ଗେ ସଙ୍ଗେ କେ. ସି. ପନ୍ଥ, ଇନ୍ଦ୍ରକୁମାର ଗୁଜୁରାଲ ଏବଂ ଦୀନେଶ ସିଂ ଙ୍କୁ ମଧ୍ୟ ଡାକନ୍ତି । ଆମେ ଚାରିଜଣଯାକ ପ୍ରାୟ ରେଗୁଲାର ଯାଉ । ଅନେକ ଆଲୋଚନା ଚାଲେ । ଆଲୋଚନା ଭିତରେ ସେ ସବୁବେଳେ ଆମକୁ ଗୋଟିଏ କଥା ବାରମ୍ବାର କହନ୍ତି ଯେ ପାର୍ଲାମେଣ୍ଟରେ ଗୋଟିଏ ଗୋଟିଏ ବିଷୟରେ ତୁମେ Expertise କର ଏବଂ ପଣ୍ଡିତଜୀଙ୍କୁ ସାହାଯ୍ୟ କର । ସେମିତି ହେଇ ମୁଁ ପରେ ତାଙ୍କ ମନ୍ତ୍ରୀମଣ୍ଡଳରେ ସୂଚନା ଓ ପ୍ରସାରଣ ବିଭାଗର ମନ୍ତ୍ରୀ ହେଲି ।"

Digitized by PPRACHIN, SOA

ପଣ୍ଡିତଜୀଙ୍କୁ ଶେଷ ଦର୍ଶନ

୧୯୬୩ ମସିହା ଶେଷ ବେଳକୁ ଏ.ଆଇ.ସି.ସି. ର ବାର୍ଷିକ ଅଧିବେଶନ ଓଡ଼ିଶାରେ ହେଲା । ବିଜୁ ପଟ୍ଟନାୟକ ଥାନ୍ତି ଓଡ଼ିଶାର ମୁଖ୍ୟମନ୍ତ୍ରୀ । ତାଙ୍କର ଜବାହରଲାଲ ନେହେରୁଙ୍କ ପାଖରେ ପତିଆରା ଖୁବ୍ ଥାଏ । ଓଡ଼ିଶାର ସବୁଆଡ଼େ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ପାଇଁ ସେ ଜୋର୍‌ରେ ଲାଗିପଡ଼ିଥାନ୍ତି । ତାଙ୍କ ମୁଣ୍ଡରେ ହଠାତ୍ ପଶିଗଲା ମହାନଦୀର ସାତକୋଶିଆ ଗଣ୍ଡଠାରେ ଏକ ବ୍ରିଜ କରିବା ପାଇଁ । ଯେଉଁଠାରେ କି ନଈଟି ଖୁବ୍ ସରୁଆ ହୋଇଯାଇ ପ୍ରଖର ସୁଅ ହୁଏ ଏବଂ ସେ ଜାଗାଟି ଖାଲୁଆ ମଧ୍ୟ । ସେହି ବ୍ରିଜର ଶୁଭଦେବା ପାଇଁ ସେ ନେହେରୁଙ୍କୁ ଡାକିନେଲେ । ନେହେରୁ ସେଠାରେ ପାହାଡ଼ ଚଢ଼ି ଚଢ଼ି ଗଲେ ଏବଂ ଫେରିଲେ । ସେଇଥିରେ ତାଙ୍କର ପ୍ରଥମ ହାର୍ଟ ଆଟାକ୍ ହେଲା । ଏ.ଆଇ.ସି.ସି. ଅଧିବେଶନ ସାରି ନେହେରୁ ଦିଲ୍ଲୀ ଗଲେ । ତା'ପରେ କିଛିଦିନ ପର୍ଯ୍ୟନ୍ତ ସେ ପାର୍ଲାମେଣ୍ଟକୁ ଯାଉଥିଲେ । ମାତ୍ର ୧୯୬୪ ମସିହାରେ ତାଙ୍କର ଦ୍ୱିତୀୟ ଥର ପାଇଁ ଅତିଶୟ ହାର୍ଟ ଆଟାକ୍ ହେଲା ଏବଂ ସେ ପ୍ରାଣ ହରାଇଲେ । ଅଦ୍ୟାବଧି କିନ୍ତୁ ସେଠାରେ ବ୍ରିଜ ହୋଇପାରି ନାହିଁ ।

ନେହେରୁଙ୍କ ମୃତ୍ୟୁରେ ନନ୍ଦିନୀ ଦେବୀ ଗଭୀର ମର୍ମାହତ ହୋଇପଡ଼ିଥିଲେ । ସେ କହନ୍ତି, ''ମୁଁ ପାର୍ଲାମେଣ୍ଟରୁ ଚାଲି ଚାଲି ନର୍ଥ ଆଭେନ୍ୟୁସ୍ଥିତ ମୋ ଘରକୁ ଫେରୁଥାଏ । ମୋତେ ବାଟରେ କିଏ ଜଣେ କହିଲେ ନେହେରୁ ଚାଲିଗଲେ, ଜାଣିଛନ୍ତି ? ମୋତେ ସେତେବେଳକୁ ପ୍ରବଳ ଭୋକ ହେଉଥାଏ । ଏ ଖବର ଶୁଣି ମୁଁ ଆଉ ଖାଇବି କ'ଣ, ସେମିତି ଛୋଟା ଗୋଡ଼ରେ ଚାଲି ଚାଲି ତାଙ୍କ ଘରକୁ ଗଲି । ନେହେରୁଙ୍କ ଘରେ ପ୍ରବଳ ଭିଡ଼ । ପୁଲିସ୍‌ମାନେ ବି ଘେରି ରହିଥାନ୍ତି । ମୋତେ ପୁଲିସ୍ ଆଉ ଭିତରକୁ ଛାଡ଼ିଲେନି । ମୁଁ ତାଙ୍କୁ କହିଲି ଯେ, ମୋ ନାଁ ନନ୍ଦିନୀ ଶତପଥୀ, ମୁଁ ପାର୍ଲାମେଣ୍ଟ ମେମ୍ବର । ତା'ପରେ ମୋ ନାଁ ଶୁଣି ସେମାନେ ମତେ ଭିତରକୁ ଛାଡ଼ିଦେଲେ । ମୁଁ ଭିତରକୁ ଯାଇ ଦେଖିଲି ନେହେରୁଙ୍କ ମର ଶରୀର ଚାରିପଟେ ଅନେକ ସ୍ତ୍ରୀଲୋକ ଜମା ହୋଇ କାନ୍ଦୁଛନ୍ତି । ଇନ୍ଦିରା ଗାନ୍ଧୀ ବି ସେଠାରେ ଠିଆ ହୋଇଥାନ୍ତି । ମୁଁ ତାଙ୍କ ମରଶରୀର ପାଖରେ ମୁଣ୍ଡିଆ ମାରି ଘରକୁ ଫେରି ଆସିଲି । ଘରେ ପିଲାମାନେ ସବୁ ଥାନ୍ତି । ହାସି ବି ମୋ ପାଖରେ ସେତେବେଳେ ରହୁଥାଏ । ଆମେ ସମସ୍ତେ ପାଉଁରୁଟି, ବଟର ଖାଇ ନେହେରୁଙ୍କ ମର ଶରୀର ଯିବା ଯାଏଁ ଅପେକ୍ଷା କରି ରହିଲୁ । ପଣ୍ଡିତ୍‌ଜୀଙ୍କ ମର ଶରୀର ପୋଡ଼ା ହେବା ପରେ ରାଜୀବ, ସଂଜୟ ତାଙ୍କର ଚିତାଭସ୍ମ ନେଇ

Digitized by PPRACHIN, SOA

ଆଲ୍ଲାହାବାଦ ଗଲେ । ସେଇ ଟ୍ରେନରେ ମୁଁ ବି ଯାଇଥାଏ । ହିମାଳୟ ଇତ୍ୟାଦି ବିଭିନ୍ନ ସ୍ଥାନରେ ତାଙ୍କର ଚିତାଭସ୍ମ ପକାଗଲା ପରେ ଆମେ ସମସ୍ତେ ସଂଗମ ଗଲୁ । ସେଠୁ ଆଲ୍ଲାହାବାଦରେ ଥିବା ତାଙ୍କ ଘର ଆନନ୍ଦ ଭବନକୁ ମଧ୍ୟ ଗଲୁ ।''

ଇନ୍ଦିରାଙ୍କ ସକ୍ରିୟ ରାଜନୀତିରେ ପ୍ରବେଶ ଏବଂ ଦେଶରେ ନନ୍ଦିନୀଙ୍କ ପ୍ରଭାବ

ଜବାହରଲାଲ ନେହେରୁଙ୍କ ମୃତ୍ୟୁ ପରେ ସେହି ବର୍ଷ ଲାଲବାହାଦୁର ଶାସ୍ତ୍ରୀ ଦେଶର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ରୂପେ ଶାସନ ଦାୟିତ୍ୱ ଗ୍ରହଣ କଲେ । ଶାସ୍ତ୍ରୀଜୀ ପ୍ରଧାନମନ୍ତ୍ରୀ ହେବାପରେ ତାଙ୍କ ମନ୍ତ୍ରୀମଣ୍ଡଳରେ ଇନ୍ଦିରାଗାନ୍ଧୀଙ୍କୁ ସେ ପ୍ରଥମ କରି ସୂଚନା ଓ ପ୍ରସାରଣ ବିଭାଗର କ୍ୟାବିନେଟ୍‌ମନ୍ତ୍ରୀ କଲେ । ସେତେବେଳକୁ ଇନ୍ଦିରା ଗାନ୍ଧୀ ପାର୍ଲାମେଣ୍ଟର କୌଣସି ଗୃହର ସଭ୍ୟା ନଥାନ୍ତି । ମନ୍ତ୍ରୀ ହେବା ପରେ ସେ ଉତ୍ତର ପ୍ରଦେଶରୁ ରାଜ୍ୟସଭାକୁ ନିର୍ବାଚିତା ହୋଇ ଆସିଲେ । ଶାସ୍ତ୍ରୀଜୀ ବର୍ଷେ କି ଦେଢ଼ବର୍ଷ ପ୍ରଧାନମନ୍ତ୍ରୀ ପଦରେ ରହିବା ପରେ ହଠାତ୍ ଭାରତ-ପାକିସ୍ଥାନ ଯୁଦ୍ଧ ହେଲା । ଏହି ଯୁଦ୍ଧର ସମାଧାନ ପାଇଁ ଶାସ୍ତ୍ରୀଜୀ ସୋଭିଏଟ୍ ୟୁନିଅନ୍ ଯାଇଥିଲେ । ହେଲେ ଭାଗ୍ୟର ବିଡ଼ମ୍ବନା ଯେ ସେ ସେଇଠାରେ ହିଁ ମୃତ୍ୟୁମୁଖରେ ପଡ଼ିଲେ ।

ଶାସ୍ତ୍ରୀଜୀଙ୍କ ମୃତ୍ୟୁ ପରେ ପ୍ରଧାନମନ୍ତ୍ରୀ ପଦ ଖାଲି ପଡ଼ିଲା । ଅନେକ କଳ୍ପନା ଜଳ୍ପନା ପରେ ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ପଦ ପାଇଁ କାହାକୁ ସର୍ବସମ୍ମତି କ୍ରମେ ଗ୍ରହଣ କରାଯାଇପାରିଲା ନାହିଁ । ତେଣୁ ପ୍ରଧାନମନ୍ତ୍ରୀ ପଦ ନିମନ୍ତେ ଦେଶରେ ପ୍ରଥମ ଥର ପାଇଁ ନିର୍ବାଚନ କରାଗଲା । ଏହି ନିର୍ବାଚନରେ ଇନ୍ଦିରା ଗାନ୍ଧୀ ଏବଂ ଅର୍ଥମନ୍ତ୍ରୀ ଥିବା ମୋରାରଜୀ ଦେଶାଇଙ୍କ ମଧ୍ୟରେ ସିଧାସଳଖ ପ୍ରତିଦ୍ୱନ୍ଦ୍ୱିତା ହେଲା ।

ନନ୍ଦିନୀ ଦେବୀ ସେତେବେଳେ ଇନ୍ଦିରା ଗାନ୍ଧୀଙ୍କୁ ସମର୍ଥନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ । ମାତ୍ର ବିଜୁ ପଟ୍ଟନାୟକ ତାଙ୍କ ଉପରେ ପ୍ରବଳ ଚାପ ପକାଉଥିଲେ ମୋରାରଜୀ ଦେଶାଇଙ୍କୁ ସମର୍ଥନ କରିବା ପାଇଁ । ଏଇଠି ପ୍ରଥମ ଥର ପାଇଁ ବିଜୁବାବୁଙ୍କ ସଙ୍ଗେ ନନ୍ଦିନୀ ଦେବୀଙ୍କର ମତାନ୍ତର ସୃଷ୍ଟି ହୋଇଥିଲା । ଏହି ମତାନ୍ତର ଉପରେ ନନ୍ଦିନୀ ଦେବୀ ସ୍ୱୀକାରୋକ୍ତି କରି କହନ୍ତି ଯେ, ''ବିଜୁବାବୁ ଥରେ ଦିଲ୍ଲୀରେ ଥିବା ତାଙ୍କ ଘରକୁ ମୋତେ ଡକେଇ ପଠେଇଲେ । ଓଡ଼ିଶାର ଅନ୍ୟାନ୍ୟ ଏମ. ପି. ମାନେ ମଧ୍ୟ

Digitized by PPRACHIN, SOA

ଯାଇଥାନ୍ତି । ବିଜୁବାବୁ ସମସ୍ତଙ୍କୁ କହିଲେ ଯେ, ଏହି ପ୍ରଧାନମନ୍ତ୍ରୀ ନିର୍ବାଚନରେ ଓଡ଼ିଶାର ସବୁ ଏମ. ପି. ମୋରାରଜୀ ଦେଶାଇଙ୍କୁ ଭୋଟ ଦେବା ଦରକାର । ସମସ୍ତେ ତାଙ୍କ କଥା ମାନି ନେଇ ନୀରବ ରହିଲେ । ମୁଁ କେବଳ କହିଲି ଯେ, ମୁଁ ଠିକ୍ କରିଛି ଇନ୍ଦିରା ଗାନ୍ଧୀଙ୍କୁ ଭୋଟ ଦେବା ପାଇଁ । ସେ କହିଲେ ଏଇଟା ଠିକ୍ କଥା ନୁହେଁ । ଇନ୍ଦିରା ଗାନ୍ଧୀ ଦେଶକୁ ଚଳେଇ ପାରିବେ ନାହିଁ । ସେତେବେଳେ ସେ ଅନେକ କଥା କହିଥିଲେ । ସେଥି ମଧ୍ୟରୁ ମୁଖ୍ୟ କଥାଟି ଥିଲା, ସାଧାରଣତଃ ସ୍ତ୍ରୀଲୋକମାନେ ଈର୍ଷାପରାୟଣ । ସେଥିପାଇଁ ଇନ୍ଦିରା ଗାନ୍ଧୀଙ୍କ ହାତରେ ଦେଶ ପଡ଼ିଗଲେ ଯେଉଁମାନେ ତାଙ୍କୁ ବିରୋଧ କରୁଛନ୍ତି ସେ ଖୋଜି ଖୋଜି ସେମାନଙ୍କ ଉପରେ ପ୍ରତିଶୋଧ ନେବେ । କଥାଟା ମୋର ସେତେବେଳେ ଖାଲି ଯେ ନାପସନ୍ଦ ହୋଇଥିଲା ତା' ନୁହେଁ, ମୋର ମନେ ହେଇଥିଲା ବିଜୁବାବୁଙ୍କ ମନରେ ସ୍ତ୍ରୀ ଲୋକମାନଙ୍କ ପ୍ରତି ଏକ ଭୁଲ୍ ଧାରଣା ରହିଛି । ତାପରେ ସେଦିନ ସେଠାରୁ ଆମେ ସବୁ ଏମ.ପି. ମାନେ ଚାଲିଆସିଥିଲୁ । ମୋର ପ୍ରତିକ୍ରିୟାଟା ବୋଧହୁଏ ବିଜୁବାବୁଙ୍କୁ ଖୁବ୍ ନାପସନ୍ଦ ହୋଇଥିବ । ନହୋଇଥିଲେ ତା'ପରଦିନ ଦ୍ୱିପ୍ରହରେ ସେ ମୋର ଶହେ ଛ, ନର୍ଥ ଆଭେନ୍ୟୁ ସ୍ଥିତ କ୍ୱାର୍ଟରକୁ ଏଭଳି ହଠାତ୍ ଆସି ପହଞ୍ଚିଯାଇନଥାନ୍ତେ । ତାଙ୍କୁ ମୁଁ ମୋ କ୍ୱାର୍ଟରରେ ଦେଖି ଯେତିକି ବିସ୍ମିତ ହେଲି ମୋ ଭିତରେ ସେତିକି କୌତୂହଳ ମଧ୍ୟ ଜନ୍ମିଲା । କିଛି ନ କହି ହଠାତ୍ ବିଜୁ ପଟ୍ଟନାୟକ ମୋଭଳି ଜଣେ ସାଧାରଣ ଏମ.ପି ଘରକୁ ଏମିତି ଚାଲି ଆସିବାଟା ନିଶ୍ଚିତ ଭାବରେ ଆଶ୍ଚର୍ଯ୍ୟର କଥା । ମୋ ଡ୍ରଇଂରୁମ୍‌ରେ ବସିପଡ଼ି ସେ ପୁଣି ସେଇ ପ୍ରଧାନମନ୍ତ୍ରୀ ନିର୍ବାଚନ କଥା ଉଠାଇଲେ । ସାଧାରଣତଃ ବିଜୁବାବୁଙ୍କ ସାଙ୍ଗରେ ଓଡ଼ିଶା ଏମ.ପି. ମାନେ କେହି ଯୁକ୍ତିତର୍କ କରନ୍ତି ନାହିଁ । ମୁଁ କିନ୍ତୁ ତାଙ୍କ ଘରେ ପୂର୍ବଦିନ ଯାହା କହିଥିଲି ତାହା ପୁଣି ଦୋହରାଇଲି । ଶେଷରେ କହିଲି, ଆପଣଙ୍କର ଯେତେ ଏମ. ପି. ଅଛନ୍ତି ପାର୍ଲାମେଣ୍ଟରେ ସମସ୍ତେ ଆପଣଙ୍କ କଥା ଅନୁସାରେ ମୋରାରଜୀ ଦେଶାଇଙ୍କୁ ଭୋଟ ଦେବେ । ମୁଁ ଗୋଟିଏ ମାତ୍ର ଏମ. ପି. ଆପଣଙ୍କ ଅନୁମତି କ୍ରମେ ଇନ୍ଦିରା ଗାନ୍ଧୀଙ୍କୁ ଭୋଟ ଦେବାକୁ ସ୍ଥିର କରିଛି । ସେଥିରେ କାହାର ଲାଭ ବା କ୍ଷତି ହେବ ନାହିଁ । ଏହା ଶୁଣି ବିଜୁବାବୁ ବୋଧେ ମୋତେ ଆଉ କିଛି କହିବାକୁ ଚାହିଁନଥିଲେ । ଏହାର ଅଳ୍ପ ସମୟ ପରେ ସେ ଫେରିଯାଇଥିଲେ ।

ତା'ପରେ ପ୍ରଧାନମନ୍ତ୍ରୀ ନିର୍ବାଚନରେ ଓଡ଼ିଶାରୁ ମୁଁ ଏକମାତ୍ର ଏମ୍.ପି. ଇନ୍ଦିରା ଗାନ୍ଧୀଙ୍କୁ ଭୋଟ ଦେଇଥିଲି । ଶେଷରେ ଇନ୍ଦିରା ଗାନ୍ଧୀ ଜିତିଲେ ଏବଂ ପ୍ରଧାନମନ୍ତ୍ରୀ ହେଲେ । ମୁଁ କେବଳ 'ଶ୍ରୀମା'ଙ୍କର ବ୍ଲେସିଙ୍ଗ ପ୍ୟାକେଟ୍ ଗୋଟିଏ ତାଙ୍କୁ ଦେଇ ପଳେଇ

Digitized by PPRACHIN, SOA

ଆସିଲି । ଇନ୍ଦିରା ଗାନ୍ଧୀ ଜିତିଯିବା ପରେ ରାଉରକେଲାର ବିନୟ ମହାନ୍ତି ଓ ନିମାପଡ଼ାର ଭବାନୀ ଚରଣ ପଟ୍ଟନାୟକ ମୋ ବିପକ୍ଷରେ ବିଭିନ୍ନ ପ୍ରକାର ଟିପ୍ପଣୀ ଦେଉଥାନ୍ତି କାରଣ ଏମାନେ ଥିଲେ ଦେଶାଇଙ୍କ ପକ୍ଷରେ । ସେତେବେଳକୁ ଓଡ଼ିଶା ରାଜନୀତିରେ ବି ଅନେକ ପରିବର୍ତ୍ତନ ହୋଇସାରିଥାଏ । କାମରାଜ ପ୍ଲାନ୍ ଦୁର୍ନୀତି ରେ ବିଜୁ ପଟ୍ଟନାୟକ ୧୯୬୩ ମସିହା ଅକ୍ଟୋବର ଦୁଇ ତାରିଖରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବାପରେ ବୀରେନ ମିତ୍ର ମୁଖ୍ୟମନ୍ତ୍ରୀ ହୋଇସାରିଥାନ୍ତି । ସେ ମୁଖ୍ୟମନ୍ତ୍ରୀ ହେବାପରେ ତାଙ୍କ ବିରୁଦ୍ଧରେ ଦୁର୍ନୀତିଜନିତ ବହୁ ଅଭିଯୋଗ ଉଠିଲା ଏବଂ ସେ ବାଧ୍ୟ ହୋଇ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଲେ । ବୀରେନ୍ ମିତ୍ରଙ୍କ ପରେ ପୁଣି ନନ୍‌କଣ୍ଟ୍ରୋଭର୍ସିଆଲ ଲୋକ ଭାବରେ ସଦାଶିବ ତ୍ରିପାଠୀଙ୍କୁ ମୁଖ୍ୟମନ୍ତ୍ରୀ କରାଗଲା । ସେଇ ପାଞ୍ଚବର୍ଷ ସମୟ ପ୍ରକୃତରେ ଓଡ଼ିଶାର ଜନସାଧାରଣଙ୍କ ପାଇଁ ଅବିସ୍ମରଣୀୟ ହୋଇ ରହିବ । କାରଣ କଂଗ୍ରେସ ଦଳର ସଂଖ୍ୟାଗରିଷ୍ଠତା ଥାଇ ମଧ୍ୟ ତାହାରି ଭିତରେ ତିନି ତିନି ଜଣ ମୁଖ୍ୟମନ୍ତ୍ରୀ ପଦରେ ବସିଲେ । ସେହି ସମୟରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଥାନ୍ତି ବିଜୟ ପାଣି ଏବଂ ମୁଖ୍ୟମନ୍ତ୍ରୀ ଥାନ୍ତି ସଦାଶିବ ତ୍ରିପାଠୀ । ଏ ଦୁହେଁ ବି ସେତେବେଳେ ଦିଲ୍ଲୀ ଯାଇଥାନ୍ତି । ସେଠାରେ ବିନୟ ମହାନ୍ତି ଏବଂ ଭବାନୀ ପଟ୍ଟନାୟକଙ୍କ ବ୍ୟବହାର ଦେଖି ଏ ଦୁଇଜଣଯାକ ମୋତେ କହିଲେ, ନନ୍ଦିନୀ ତୁମକୁ ଆମେ ଛାଡ଼ି ଯିବୁନି । ତୁମେ ଆମ ସାଙ୍ଗରେ ଚାଲ । ମୁଁ ସେଇଠୁ State Plane ରେ ଏମାନଙ୍କ ସହ ଭୁବନେଶ୍ୱର ଆସିଲି । ସେଠାରୁ ମୁଖ୍ୟମନ୍ତ୍ରୀ ସଦାଶିବବାବୁ ତାଙ୍କ ନିଜ ଗାଡ଼ିରେ ମୋତେ କଟକର ପିଠାପୁରକୁ ପଠାଇଦେଲେ ।

'ଦୁଇଦିନ ପରେ ଭବାନୀ ପଟ୍ଟନାୟକ ଓ ବିଭୁଦେନ୍ଦ୍ର ମିଶ୍ର ପାହାନ୍ତିଆରୁ ମୋତେ ଟେଲିଫୋନ କରି କହିଲେ, ତମେ ମନ୍ତ୍ରୀ ହେଇଛ । ମୁଁ ବିରକ୍ତ ହୋଇ କହିଲି, କାହିଁକି ସେମିତି ବାଜେ କଥାବାର୍ତ୍ତା କରୁଛନ୍ତି ? ସେମାନେ କହିଲେ ନାଇଁ ଆଜ୍ଞା, ଇନ୍ଦିରା ଗାନ୍ଧୀ ତୁମକୁ ସତରେ ମନ୍ତ୍ରୀ କରିଛନ୍ତି । ତା'ପରଦିନ ମୁଁ ସକାଳୁ ସକାଳୁ ଘର ଓଳାଉଛି, ରେଡିଓବାଲା ଆସି ମତେ କହିଲେ, ଟିକେ ନନ୍ଦିନୀ ଶତପଥୀଙ୍କୁ ଡାକିଦିଅନ୍ତୁ । ମୁଁ ସେମାନଙ୍କୁ କହିଲି କ'ଣ ହେଲା କୁହନ୍ତୁ । ସେମାନେ ବିଶ୍ୱାସ କରିପାରୁ ନଥିଲେ ଯେ ମୁଁ ନନ୍ଦିନୀ ଶତପଥୀ ହୋଇଥିବି ବୋଲି । ମତେ କହିଲେ, ତୁମେ ତାଙ୍କୁ ଡାକିଦିଅ, ଆମର କାମ ଅଛି । ମୁଁ ତାଙ୍କୁ ବାଧ୍ୟ ହୋଇ ଜଣାଇଲି ଯେ ମୁଁ ନିଜେ ନନ୍ଦିନୀ ଶତପଥୀ, କ'ଣ କହିବା କଥା କୁହନ୍ତୁ । ଏହା ଶୁଣି ସେମାନେ ଟିକେ ହଡ଼ବଡ଼େଇ ଗଲେ । ତା'ପରେ ସେମାନେ ମୋଠାରୁ ଏକ ସାକ୍ଷାତ୍‌କାର ନେଇ ଚାଲିଗଲେ । ଏହାର କିଛି ସମୟ ପରେ

Digitized by PPRACHIN, SOA

ପ୍ରଧାନମନ୍ତ୍ରୀଙ୍କ ଦପ୍ତରରୁ ଟେଲିଫୋନ୍ ଆସିଲା, ତମେ ଏଠାକୁ ଶୀଘ୍ର ଆସ । ମୁଁ ପ୍ରଥମେ ଯାଇ ବାପାଙ୍କୁ ଏ କଥା ଜଣେଇଲି ଏବଂ ସେହିଦିନ ଦିଲ୍ଲୀ ଗଲି ।

ଜାନୁଆରୀ ପଚିଶ ତାରିଖରେ ଦିଲ୍ଲୀରେ ପହଞ୍ଚି ତା'ପରଦିନ ଅର୍ଥାତ୍ ଛବିଶ ତାରିଖ ସାଧାରଣତନ୍ତ୍ର ଦିବସରେ ରାଷ୍ଟ୍ରପତିଙ୍କ ଏଟ୍ ହୋମ୍‌କୁ ଗଲି । ସେହିଠାରେ ଇନ୍ଦିରାଗାନ୍ଧୀଙ୍କୁ ଦେଖି ନମସ୍କାର କଲି । ମୋତେ ସେ ସଙ୍ଗେ ସଙ୍ଗେ କହିଲେ, 'ତୁ ଏତେ ଡେରି କାହିଁକି କଲୁ ? ଆସିଲୁନି କାହିଁକି ? ଠିକ୍ ଅଛି, କାଲି ତୁ ଓଥ୍ ନେବୁ ।' ମୁଁ ତାଙ୍କୁ କହିଲି ମୋତେ ଟିକିଏ କହିଲେନି, ମନ୍ତ୍ରୀ କରିଦେଲେ ? ଏହା ଶୁଣି ଇନ୍ଦିରା ଗାନ୍ଧୀ କହିଲେ, 'ତତେ କ'ଣ ଗୋଟେ କହିବି ? ମୁଁ ଯାହା କହିବି ତୁ ତ କରିବୁ ଆଉ ।' ସେତେବେଳକୁ ସବୁ ମନ୍ତ୍ରୀ ଓଥ୍ ନେଇ ସାରିଥାନ୍ତି, ମୁଁ ଏକା ବାକିଥାଏ ।

ତା'ପରଦିନ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ମୋତେ ଶପଥ କରାଇଲେ । ପାଖରେ ଇନ୍ଦିରା ଗାନ୍ଧୀ ଏବଂ ଆଉ କିଏ ଜଣେ ଦୁଇଜଣ ଥାନ୍ତି । ମତେ ସୂଚନା ଓ ପ୍ରସାରଣ ବିଭାଗର ଦାୟିତ୍ୱ ଦିଆଗଲା । ଯେଉଁ ବିଭାଗରେ କି ଇନ୍ଦିରା ଗାନ୍ଧୀ ପ୍ରଥମେ ମନ୍ତ୍ରୀ ହୋଇଥିଲେ । ତା'ଛଡ଼ା ମୁଁ ଯେତେବେଳେ ଏଇ ଖବରଟି ବାପାଙ୍କୁ ଆସି କହିଲି ବାପା ହସିଦେଇ କହିଲେ, ତୁ ପୁଣି ରେଡ଼ିଓ ବିଭାଗରେ ମନ୍ତ୍ରୀ ହୋଇଗଲୁ । ମତେ ନିଜକୁ ଭାରି ସଂକୁଚିତ ମନେ ହେଲା । କାରଣ ବାପା ସେତେବେଳେ ଥିଲେ କଟକ ଏ.ଆଇ.ଆର୍.ର ପ୍ରୋଗ୍ରାମ ଡାଇରେକ୍ଟର । ମୁଁ ସିନା ସୂଚନା ଓ ପ୍ରସାରଣ ବିଭାଗର ମନ୍ତ୍ରୀ ହେଲି, ହେଲେ ପ୍ରଧାନମନ୍ତ୍ରୀଙ୍କ ଦାୟିତ୍ୱରେ ଥିବା ବିଭାଗଗୁଡ଼ିକ ବିଷୟରେ ଇନ୍ଦିରାଗାନ୍ଧୀ ପ୍ରାୟ ସବୁବେଳେ ମୋ ସହିତ ପରାମର୍ଶ କରୁଥିଲେ ।

ଏହାର ଦୁଇବର୍ଷ ପରେ ଅର୍ଥାତ୍ ୧୯୬୮ ମସିହାରେ ଇନ୍ଦିରାଗାନ୍ଧୀ ମୋତେ Minister attach to Prime Minister କରିଦେଲେ । ଏପରି କିଛି ଗୋଟେ Portfolio କେନ୍ଦ୍ର କ୍ୟାବିନେଟ୍‌ରେ ଆଗରୁ ନ ଥିଲା । ଏହି ପଦବୀଟି ସେ ନୂଆକରି Create କଲେ । ତା' ପରେ କିନ୍ତୁ ମୋର ଆରମ୍ଭ ହୋଇଗଲା ପ୍ରକୃତ କାମ । ପ୍ରଧାନମନ୍ତ୍ରୀଙ୍କ ହାତରେ ଯେତେ ବିଭାଗ ଥିଲା ଆଟମିକ, ପ୍ଲାନିଙ୍ଗ ଇତ୍ୟାଦି ସବୁ ବିଭାଗର ପ୍ରଶ୍ନୋତ୍ତର ମୋତେ ହିଁ ପ୍ରସ୍ତୁତ କରିବାକୁ ଇନ୍ଦିରା ଗାନ୍ଧୀ କହିଲେ । ତା'ଛଡ଼ା ବିଲ୍ ମୁଭ୍ କରିବା ଠାରୁ ଆରମ୍ଭ କରି ତା'ର ଉତ୍ତର ଦବା ପର୍ଯ୍ୟନ୍ତ ସବୁ ଦାୟିତ୍ୱ ମୋରି ଉପରେ ଛାଡ଼ିଦେଲେ । ମୋ ପୂର୍ବରୁ ପି.ଏନ. ହକସର୍ ଏହି ଦାୟିତ୍ୱ ବୁଝୁଥିଲେ ଏବଂ ତାଙ୍କ ପାଇଁ ଲେଖାଲେଖି କରି ଦେଉଥିଲେ ।''

Digitized by PPRACHIN, SOA

କର୍ମରେ ବିଶ୍ୱାସ କରୁଥିବା ବ୍ୟକ୍ତି ନିକଟକୁ କାମ ଆପେ ଆପେ ଆସିଯାଏ । ଏଥିପାଇଁ କିଛି ଧରାଧରି କରିବାକୁ କି ଲାଞ୍ଚ ଦେବାକୁ ପଡ଼ିନଥାଏ । ଯାହା କି ଆଜିର ରାଜନୀତିରେ ସଚରାଚର ଘଟୁଛି । ଏଇକ୍ଷଣି ରାଜନୀତି ଏକ ପେଷାରେ ପରିଣତ ହୋଇଗଲାଣି । ଲାଞ୍ଚ, ମିଛ, ତୋଷାମଦ, ଗୁଣ୍ଡାଗିରି କରି ଯେନତେନ-ପ୍ରକାରେଣ କ୍ଷମତା ପାଇଗଲେ ଗଲା । କିନ୍ତୁ ନନ୍ଦିନୀ ଶତପଥୀ ଏପରି ଏକ ବ୍ୟକ୍ତିତ୍ୱ, ଯିଏ କି ଏସବୁର ବହୁ ଊର୍ଦ୍ଧ୍ୱରେ ରହି ଆସିଛନ୍ତି । ସେ ସର୍ବଦା ଏତିକି କେବଳ ଭାବନ୍ତି ଯେ ମୋତେ ଭଗବାନ ଯେଉଁ କାମ ଦେଇଛନ୍ତି ମୁଁ ସେଇ କାମକୁ ସୂଚାରୁ ରୂପେ ସମ୍ପାଦନ କରିବି । ଯେଉଁଥିପାଇଁ ସ୍ୱର୍ଗତା ଇନ୍ଦିରା ଗାନ୍ଧୀ ତାଙ୍କ କାର୍ଯ୍ୟଧାରାରେ ଏତେ ମାତ୍ରାରେ ଆକୃଷ୍ଟ ହୋଇ ପଡ଼ିଥିଲେ ଯେ, ପ୍ରଧାନମନ୍ତ୍ରୀ ପରି ଏତେବଡ଼ ଗୁରୁତ୍ୱପୂର୍ଣ୍ଣ ପଦବୀର କାର୍ଯ୍ୟକୁ ଅନାୟାସରେ ସେ ନନ୍ଦିନୀ ଦେବୀଙ୍କ ଉପରେ ନ୍ୟସ୍ତ କରିଦେଇ ଚିନ୍ତାଶୂନ୍ୟ ରହିପାରୁଥିଲେ । ଶେଷରେ ତାଙ୍କୁ ନିଜ ପଦବୀ ସହିତ ମଧ୍ୟ ସଂଲଗ୍ନ କରି ଦେଇଥିଲେ ।

ଏକଥା କହିବା ନିଷ୍ପ୍ରୟୋଜନ ଯେ, କେନ୍ଦ୍ରରେ ମନ୍ତ୍ରୀ ଥିବା ବେଳେ ନନ୍ଦିନୀ ଦେବୀ କେନ୍ଦ୍ର ରାଜନୀତିରେ ଖୁବ୍ ପ୍ରଭାବଶାଳୀ ହୋଇଉଠିଥିଲେ । ଅବଶ୍ୟ ଏହାର ଏକ ଅନ୍ୟତମ ମୁଖ୍ୟ କାରଣ ଥିଲେ ଇନ୍ଦିରା ଗାନ୍ଧୀ । ନନ୍ଦିନୀ ଦେବୀଙ୍କ କାର୍ଯ୍ୟଧାରା, ବିଚକ୍ଷଣ ବୁଦ୍ଧି, ଅନେକ ଭାଷାରେ ପାରଦର୍ଶିତା ଏବଂ ସର୍ବୋପରି ସାଧାରଣ ଲୋକାଭିମୁଖୀ ଯୋଜନାଗୁଡ଼ିକ ଇନ୍ଦିରା ଗାନ୍ଧୀଙ୍କୁ ଅତି ମାତ୍ରାରେ ପ୍ରଭାବିତ କରିଥିଲା, ଯେଉଁଥିପାଇଁ ଇନ୍ଦିରା ଗାନ୍ଧୀ ତାଙ୍କୁ ଖୁବ୍ ଗୁରୁତ୍ୱ ଦେଉଥିଲେ ଏବଂ ନନ୍ଦିନୀ ଦେବୀ ମଧ୍ୟ ତାଙ୍କର ଅତି ନିକଟତମ ବ୍ୟକ୍ତି ଭାବରେ ସର୍ବତ୍ର ପରିଚିତା ହେଉଥିଲେ । ଏହା ବ୍ୟତୀତ ଅନ୍ୟ ଏକ ଘଟଣା ମଧ୍ୟ ଉଭୟ Iron Lady ଙ୍କୁ ଗୋଟିଏ ସୂତ୍ରରେ ବାନ୍ଧି ରଖିବାକୁ ଖୋରାକ୍ ଯୋଗାଇଥିଲା । ତାହା ହେଲା ଶ୍ରୀମାଙ୍କ ସହିତ ସଂପର୍କ । ଇନ୍ଦିରା ଗାନ୍ଧୀ ଶ୍ରୀମାଙ୍କ ସମ୍ବନ୍ଧରେ ଆଗରୁ କିଛି କିଛି ଜାଣିଥିଲେ ସୁଦ୍ଧା ତାଙ୍କର ପ୍ରତ୍ୟକ୍ଷ ଦର୍ଶନ ତଥା ତାଙ୍କ ଆଧ୍ୟାତ୍ମିକ ଜୀବନ ସହିତ ଏତେଟା ପରିଚିତା ନଥିଲେ । ନନ୍ଦିନୀ ଦେବୀ ହିଁ ତାଙ୍କୁ ପ୍ରଥମେ ଶ୍ରୀମାଙ୍କର ଆଧ୍ୟାତ୍ମିକ ଦିଗ ସଂପର୍କରେ ଅବଗତ କରାଇଥିଲେ ଏବଂ ତାଙ୍କ ସହିତ ପ୍ରତ୍ୟେକ୍ଷ ଯୋଗସୂତ୍ର ସ୍ଥାପନ କରାଇଥିଲେ । ତା'ଛଡ଼ା ନନ୍ଦିନୀ ଦେବୀ ଖୁବ୍ ସ୍ପଷ୍ଟବାଦୀ ଥିଲେ । ସେ ଯାହା ନିଷ୍ପତ୍ତି କରୁଥିଲେ ଏବଂ ଯାହା ସେ ଠିକ୍ ବୋଲି ଭାବୁଥିଲେ ତାହାହିଁ କରୁଥିଲେ । ଆହୁରି ମଧ୍ୟ ଜବାହରଲାଲ ନେହେରୁଙ୍କ ସମୟରୁ ତାଙ୍କ ପରିବାର ସହିତ ନନ୍ଦିନୀ ଦେବୀଙ୍କର ଏକ ପାରିବାରିକ ସଂପର୍କ ଗଢ଼ିଉଠିଥିଲା । ପରବର୍ତ୍ତୀ ସମୟରେ ଇନ୍ଦିରା ଗାନ୍ଧୀ ନନ୍ଦିନୀ ଦେବୀଙ୍କୁ ତାଙ୍କ ପରିବାରର ଜଣେ ସଦସ୍ୟ ପରି

Digitized by PPRACHIN, SOA

ଭାବୁଥିଲେ ଏବଂ ଅତ୍ୟନ୍ତ ସ୍ନେହ ମଧ କରୁଥିଲେ । କାରଣ ଯାହା ହେଉନା କାହିଁକି ନନ୍ଦିନୀ ଦେବୀଙ୍କ ପ୍ରଭାବ ଦେଖି କେନ୍ଦ୍ରରେ ତଥା ଓଡ଼ିଶାର ଅନେକ ନେତା ତାଙ୍କ ଉପରେ ଖୁବ୍ ଈର୍ଷାନ୍ୱିତ ହୋଇଉଠିଥିଲେ । ହେଲେ କାହାରି ଈର୍ଷା ବା ପ୍ରଶଂସାରେ ସେ କେବେହେଲେ ବିଚଳିତ ନହୋଇ ନିଜର କର୍ତ୍ତବ୍ୟ ସମ୍ପାଦନ କରିଚାଲିଥିଲେ ।

ଶ୍ରୀମାଙ୍କସହିତ ଇନ୍ଦିରା ଓ ନନ୍ଦିନୀ

ନନ୍ଦିନୀ ଦେବୀ ପିଲାଟି ଦିନରୁ କୃଷ୍ଣ ଚେତନା ପ୍ରତି ଆକୃଷ୍ଟ ହୋଇଥିଲେ । ପ୍ରତ୍ୟେହ ସେ ଗୀତା ପାଠ କରିବା ସହିତ ସର୍ବଭୂତରେ ସେ ପରମାତ୍ମାଙ୍କ ଦର୍ଶନ ଲାଭ କରନ୍ତି । ସେ ଗୁରୁଜନଙ୍କର ପଦସ୍ପର୍ଶ କରି ପ୍ରଣାମ କରନ୍ତି ଏବଂ ସର୍ବଦା କହନ୍ତି, ''ସକଳ ଘଟେ ନାରାୟଣ'', ''ସର୍ବଦେବଃ ନମସ୍କାରଂ କେଶବ ପ୍ରତିଗଚ୍ଛତି ।'' ଏହା ଥିଲା ତାଙ୍କର ଜୀବନଦର୍ଶନ । ପିଲାଟି ଦିନରୁ ତାଙ୍କ ମାନସଚକ୍ଷୁରେ ଯେଉଁ କଳ୍ପିତ ନାରୀମୂର୍ତ୍ତିଟିର ରୂପ ଉଦ୍‌ଭାସିତ ହୋଇ ଉଠିଥିଲା ସେ ଥିଲା ତାଙ୍କ ଆଧ୍ୟାତ୍ମିକ ଜୀବନର ଏକ ସୂକ୍ଷ୍ମ ରହସ୍ୟ; ଯାହା ସର୍ବ ପ୍ରଥମେ ବଳିଷ୍ଠ ରୂପନେଲା ୧୯୬୦ ମସିହାରେ ପଣ୍ଡିଚେରୀ ଆଶ୍ରମରେ 'ଶ୍ରୀମା'ଙ୍କ ଦର୍ଶନ ଲାଭ କଲାପରେ । ଜଣେ ପ୍ରବୀଣା ରାଜନୀତିଜ୍ଞ, ସୃଜନଶୀଳ ଲେଖିକା, ଉତ୍ତମ ସଂଗଠିକା ଏବଂ ସୁବକ୍ତା ହିସାବରେ ସେ ସର୍ବଜନବିଦିତ । ମାତ୍ର ତାଙ୍କର ଆଧ୍ୟାତ୍ମିକ ଦିଗଟି ବିଷୟରେ ଏବେ ବି ଅନେକ ଅପରିଚିତ । ଆଧ୍ୟାତ୍ମିକତା ଥିଲା ତାଙ୍କର ବଂଶଗତ, ଜନ୍ମଗତ । ଓଡ଼ିଶାରେ ଜନ୍ମଲାଭ କରିଥିବା ଏହି ବରେଣ୍ୟ ନାରୀ ନେତ୍ରୀଜଣକ ଏକଦା ଶ୍ରୀମାଙ୍କ ସହିତ ଦେଶର ପ୍ରଧାନମନ୍ତ୍ରୀ ସ୍ୱର୍ଗତା ଇନ୍ଦିରାଗାନ୍ଧୀଙ୍କ ଘନିଷ୍ଠ ସମ୍ପର୍କ ସ୍ଥାପନ କରିବାରେ ଏକ ମାଧ୍ୟମ ହୋଇଥିଲେ । ତାଙ୍କରି ଜରିଆରେ ଶ୍ରୀମତୀ ଗାନ୍ଧୀ ଦେଶ, ସରକାର ତଥା ନିଜର ବ୍ୟକ୍ତିଗତ ଅନେକ ସମସ୍ୟା ସମ୍ପର୍କରେ ମା'ଙ୍କର ଉପଦେଶ ଲୋଡ଼ି ପାଉଥିଲେ ।

ପ୍ରଥମ ପଣ୍ଡିଚେରୀ ଯାତ୍ରା

୧୯୬୦ ମସିହା ନଭେମ୍ବର ମାସରେ ଦେବେନ୍ଦ୍ର ଶତପଥୀ ଏବଂ ବିଶ୍ୱମ୍ବର ସାମନ୍ତ ପ୍ରଥମ କରି ପଣ୍ଡିଚେରୀ ଯାଇଥିଲେ । ସେଠାରୁ ଫେରିବା ପରେ ଦେବେନ୍ଦ୍ର ବାବୁ ନନ୍ଦିନୀ ଦେବୀଙ୍କୁ କହିଲେ ପଣ୍ଡିଚେରୀ ଯିବା ପାଇଁ । ଏଇ ପ୍ରଥମ ପଣ୍ଡିଚେରୀ ଯାତ୍ରାର ଅଭିଜ୍ଞତା ବର୍ଣ୍ଣନା କରି ନନ୍ଦିନୀ ଦେବୀ କୁହନ୍ତି, ''ଦେବବାବୁ ସେଠାରୁ

Digitized by PPRACHIN, SOA

ଫେରିଆସି ମୋ ସାଙ୍ଗରେ ଲଗାଇଲେ ଯେ, ତୁ ଚାଲ । ତା'ପୂର୍ବରୁ ମୁଁ ନବଜ୍ୟୋତି (ମା'ଙ୍କ ଆଶ୍ରମରୁ ପ୍ରକାଶିତ ମାସିକ ପତ୍ରିକା) ରେଗୁଲାର ପଢୁଥିଲି ଏବଂ ମା'ଙ୍କ ବିଷୟରେ କିଛି କିଛି ଜାଣିଥିଲି । ତା'ପରେ ଏଠାରୁ ମାଡ୍ରାସ ମେଲର ତୃତୀୟ ଶ୍ରେଣୀ ଡବାରେ ବସି ଆମେ ପଣ୍ଡିଚେରୀ ଗଲୁ । ଦି'ଗୋଡ଼ରେ ଦୁଇପିଲାଙ୍କୁ ବସେଇଥାଏ । ସେମାନେ ଅତି ସାନ ଥିଲେ । ମାଡ୍ରାସରେ ଓହ୍ଲେଇ ସେଠାରୁ ଏଗ୍‌ମୋର ଷ୍ଟେସନ ଗଲୁ । ସେଠାରୁ ଗୋଟିଏ ଟ୍ରେନ୍ ପଣ୍ଡିଚେରୀ ଯାଏ । ସେଇଥିରେ ଯାଇ ପଣ୍ଡିଚେରୀରେ ପହଞ୍ଚିଲୁ । ସେତେବେଳକୁ ମୋର ଗୋଡ ପୂରାପୂରି ଫୁଲି ଯାଇ ଗୋଦର ହୋଇ ଯାଇଥାଏ । ଭୀଷଣ କଷ୍ଟ ବି ହେଉଥାଏ । ଦେବେନ୍ଦ୍ରବାବୁ ଆମକୁ ଜଣଙ୍କ ଘରେ ରହିବାର ବନ୍ଦୋବସ୍ତ କରିଦେଲେ । ସେହି ସମୟରେ ଆମେ ଖୁବ୍ ଅଭାବରେ ଥାଉ । ଏମିତିକି ମୋ ନିକଟରେ ଦୁଇ ଟଙ୍କା ମାତ୍ର ଥାଏ । ପ୍ରଥମ ଦିନଟା ଆଶ୍ରମ ଖାଇବା ଖାଇଲୁ । ତାପରେ ରାମକୃଷ୍ଣ ଦାସ ଦେଖିଲେ ଯେ ସେତିକି ପଇସା ଦେବାର ଶକ୍ତି ମୋର ନାହିଁ । ସେଥିରୁ ସେ ଡେକ୍ଚି, ଷ୍ଟୋଭ୍, ପରିବା ସବୁ ଦେଇ କହିଲେ, ଏଇଠି ରୋଷେଇ କରି ଖାଅ । ତା'ପରଦିନ ସକାଳେ ମା'ଙ୍କର ଦର୍ଶନ ହେଲା । ମା' ସେତେବେଳେ ବାଲକୋନୀ ଦର୍ଶନ ଦେଉଥିଲେ । ଆମେ ସମସ୍ତେ ଭୋର ୫ଟାରୁ ଉଠି ବାଲକୋନୀକୁ ଚାହିଁଥାଉ । ସେଠାରେ ଅନେକ ଲୋକ ଥାଆନ୍ତି । କିଛି ସମୟ ପରେ ବାଲକୋନୀକୁ ମା' ଆସି ଚାରିଆଡ଼କୁ ଚାହିଁଲେ । ସେ ଯେପରି ଆଖି ବୁଲାଉଥାନ୍ତି ପ୍ରତିଲୋକର ମନେହୁଏ ଯେ ତାକୁ ହିଁ ମା' ଦେଖୁଛନ୍ତି । ମୁଁ ଗୋଟିଏ ଲୟରେ ଚାହିଁଥାଏ । ମୋର ମା'ଙ୍କୁ ଦେଖି ପ୍ରଥମେ ମନେ ହୋଇଥିଲା ଯେ 'ସ୍ୱୟଂ ଭଗବାନ ତ ମଣିଷ ରୂପରେ ଜନ୍ମ ହୋଇଛନ୍ତି ଏଠାରେ । ଏମାନେ ଜାଣିପାରୁ ନାହାଁନ୍ତି !' ତାପରେ ସେଠାରେ ୭/୮ ଦିନ ରହିଲୁ ଏବଂ ସିଧାସଳଖ ଦର୍ଶନ କଲୁ । ମୁଁ, ଦେବବାବୁ ଏବଂ ପିଲାମାନେ ମା'ଙ୍କୁ ଏକୁଟିଆ ଦର୍ଶନ କଲୁ । ମା' ନାନୁ, ବାବୁଲଙ୍କ ମୁଣ୍ଡରେ ହାତ ବୁଲାଇ ବହୁତ ଆଶୀର୍ବାଦ କଲେ, ମୋ ମୁଣ୍ଡରେ ବି ହାତ ବୁଲାଇ ଆଶୀର୍ବାଦ କଲେ ।

ତାପରେ ମୁଁ ୧୯୬୨ ମସିହାରେ ଏମ.ପି. ହେଲାପରେ ଦିଲ୍ଲୀରୁ ସିଧା ପ୍ଲେନ୍‌ରେ ପଣ୍ଡିଚେରୀ ଗଲି । ଦ୍ୱିତୀୟ ଥର ଦେଖିଲି ମା' ମୋତେ ଅତ୍ୟନ୍ତ ଭଲ ପାଉଛନ୍ତି । ଆଶ୍ରମର ଫଟୋ ଦୋକାନ ଦେଖାଶୁଣା କରିବାକୁ ଜଣେ ଚାରୁପଦ କାକା ବୋଲି ଥାନ୍ତି । ସେ ଦେଖିଲା ଆଶ୍ରମରେ ସମସ୍ତଙ୍କର ଧାରଣା ହେଲାଣି ଯେ ମା' ନନ୍ଦିନୀ ଶତପଥୀଙ୍କୁ ବେଶୀ ଭଲ ପାଉଛନ୍ତି । ସେ ମୋତେ ନେଇ ମା'ଙ୍କର ମୁଦି, ଫଟୋ, ଧୂପ, ସବୁ ଦେଇ କହିଲା, 'ତୁ ମା'ଙ୍କର ପିଲା ।' ଏହାପରେ ମୁଁ ଅନେକ ଥର ପଣ୍ଡିଚେରୀ ଯାଇଛି ।''

Digitized by PPRACHIN, SOA

ଇନ୍ଦିରା ଗାନ୍ଧୀ ପ୍ରଧାନମନ୍ତ୍ରୀ ଥିବା ସମୟରେ ଅନେକ ସମସ୍ୟା ବିଷୟରେ ସେ ନନ୍ଦିନୀ ଦେବୀଙ୍କ ସଙ୍ଗେ ଆଲୋଚନା କରନ୍ତି । ସମାଧାନଟା କିପରି ବାହାରିବ ତା'ବି ଚିନ୍ତା କରିବାକୁ କୁହନ୍ତି । ନନ୍ଦିନୀ ଦେବୀ ମା'ଙ୍କୁ ପଚାରି ଆସିବାକୁ ପ୍ରତ୍ୟେକ ଥର ତାଙ୍କୁ କୁହନ୍ତି ଏବଂ ଅନେକ ଛୋଟ ବଡ଼ ସମସ୍ୟା କଥା ମଧ୍ୟ ମା'ଙ୍କୁ ସିଧାସଳଖ ପଚାରିଛନ୍ତି । ଧୀରେ ଧୀରେ ଏମିତି ହେଲା, ଇନ୍ଦିରା ଗାନ୍ଧୀ ତାଙ୍କର ବ୍ୟକ୍ତିଗତ କଥା ବି ମା'ଙ୍କ ଠାରୁ ବୁଝିବା ପାଇଁ ତାଙ୍କୁ କହିଲେ । ନନ୍ଦିନୀ ଦେବୀ କୁହନ୍ତି, ''ସେତେବେଳେ ସୋନିଆଙ୍କର ପ୍ରଥମ ପିଲା, ଆଜି ଯାହାକୁ ରାହୁଲ ନାମରେ ସମସ୍ତେ ଜାଣନ୍ତି, ଜନ୍ମ ହେବାର ଥାଏ । ଇନ୍ଦିରା ଗାନ୍ଧୀ ସେଥିପାଇଁ ବିଶେଷ ଚିନ୍ତିତ ଥାନ୍ତି । ମତେ କହିଲେ ତମେ ଯଦି ପଣ୍ଡିଚେରୀ ଯାଉଛ ତେବେ ମା'ଙ୍କୁ ସୋନିଆ କଥା କହିବ, ତା' ପାଇଁ ବ୍ଲେସିଙ୍ଗ ଆଣିବ । ରାଜୀବ ସଂଜୟ ପାଇଁ ବି ବ୍ଲେସିଙ୍ଗ ଆଣିବ । ମୁଁ ଯାଇ ମା'ଙ୍କୁ କହିଲି ଏବଂ ବ୍ଲେସିଙ୍ଗ ଆଣି ଫେରିଆସିଲି । ମୁଁ ଯେଉଁଦିନ ଫେରିଲି, ସେହିଦିନ ଇନ୍ଦିରା ଗାନ୍ଧୀ ବି ପାଟନାରୁ ଫେରିବାର ଥିଲା । ମାଡ୍ରାସ ପ୍ଲେନଟା ଆଗ ପହଞ୍ଚି ଯିବାରୁ ମୁଁ ଏୟାର ପୋର୍ଟରେ ଦେଖିଲି ପ୍ରଧାନମନ୍ତ୍ରୀଙ୍କ ଷ୍ଟାଫ ଅପେକ୍ଷା କରିଛନ୍ତି । ମୁଁ ତାଙ୍କଠାରୁ ଖବର ପାଇଲି ଯେ, ଆଜି ହିଁ ସୋନିଆଙ୍କର ଭଲରେ ଭଲରେ ପୁଅଟିଏ ହୋଇଛି । କିଛି ସମୟ ପରେ ଇନ୍ଦିରା ଗାନ୍ଧୀଙ୍କ ପ୍ଲେନ୍ ଆସିଲା ଏବଂ ମୁଁ ତାଙ୍କୁ ସ୍ୱାଗତ କରି ନାତି ହୋଇଛି ବୋଲି ଅଭିନନ୍ଦନ ଜଣାଇ ମା'ଙ୍କ ବ୍ଲେସିଙ୍ଗ ଦେଲି । ସେ ମୋତେ ପଚାରିଲେ, ତୁମେ କ'ଣ ମୋ ସାଙ୍ଗରେ ହସପିଟାଲ ଯିବ ? କାହାରି ବ୍ୟକ୍ତିଗତ କଥାରେ ମୁଁ ପଶିବାକୁ ପସନ୍ଦ କରେ ନାହିଁ । ତେଣୁ ମୁଁ ତାଙ୍କୁ କହିଲି ଆପଣ ଯାଆନ୍ତୁ, ମୁଁ ବି ଘରକୁ ଯାଉଛି । ବ୍ଲେସିଙ୍ଗ ରହିଲା ଆପଣଙ୍କ ପାଖରେ ।

ଆଉଥରେ ଚଣ୍ଡୀଗଡ଼କୁ ନେଇ ଏକ ସମସ୍ୟା ସୃଷ୍ଟି ହେଲା । ହରିଆନା ସରକାର କହୁଥାନ୍ତି ଯେ ଚଣ୍ଡୀଗଡ଼ ତାଙ୍କ ରାଜ୍ୟରେ ରହିବ, ଆଉ ପଞ୍ଜାବ ସରକାର କହିଲେ ଚଣ୍ଡୀଗଡ଼ ତାଙ୍କ ରାଜ୍ୟରେ ରହିବ । ଏହାକୁ ନେଇ ପଞ୍ଜାବର ଜଣେ ବ୍ୟକ୍ତି ସନ୍ଥ ଫତେ ସିଂ ଧମକ ଦେଇଥାଏ ଯଦି ଚଣ୍ଡୀଗଡ଼ ପଞ୍ଜାବକୁ ଦିଆନଯିବ ତେବେ ସେ ଆତ୍ମାହୁତି ଦେବ । ଇନ୍ଦିରାଗାନ୍ଧୀ ବଡ଼ ଅଡୁଆରେ ପଡ଼ିଯାଇଥାନ୍ତି । ମତେ ଡାକି ପଚାରିଲେ କ'ଣ କରିବା ? ମୁଁ କହିଲି ମା'ଙ୍କୁ ପଚାରିବା । ମୁଁ ପଣ୍ଡିଚେରୀ ଯାଇ ମା'ଙ୍କୁ ସବୁ କଥା କହିଲି । ମା' କହିଲେ, ଚଣ୍ଡୀଗଡ଼ କାହାକୁ ଦିଆଯିବନି । ଶ୍ରୀ ଅରବିନ୍ଦଙ୍କ ସ୍ୱପ୍ନ ଦେଶକୁ ଏକତ୍ରିତ କରିବା ପାଇଁ । ସେଇ ସ୍ୱପ୍ନକୁ ତୁମେମାନେ ସାକାର କରିବ । ସେହିଠାରୁ ମୁଁ ଫେରିଆସି ମା' କହିଥିବା କଥା ଇନ୍ଦିରାଗାନ୍ଧୀଙ୍କୁ କହିବାରୁ ସେ ଖୁବ୍ ବ୍ୟସ୍ତ ହୋଇଗଲେ ।

Digitized by PPRACHIN, SOA

କହିଲେ ତୁ କେମିତି ଏକଥା କହୁଛୁ ? ସେ (ସନ୍ଥ ଫତେସିଂ) କହୁଛି Self emolution କରିବ, ସେମିତି କିଛି ହେଲେ ଦେଶରେ ଗଣ୍ଡଗୋଳ ହୋଇଯିବ । ମୁଁ କହିଲି, ନାଁ କିଛି ହେବନି । ମା' ମନା କରିଛନ୍ତି । ଏହା ଶୁଣି ସେ କହିଲେ, ଅସୁବିଧା ହେଲେ ତୁ ସମ୍ଭାଳିବୁ । ଇନ୍ଦିରାଗାନ୍ଧୀଙ୍କର ମୋ ଉପରେ ବହୁତ ବିଶ୍ୱାସ ଥିଲା । ପରେ ସେଇ ସମସ୍ୟାଟି ସେମିତି ପ୍ରକାରେ ସମାଧାନ ହେଲା । ଶେଷରେ ଚଣ୍ଡୀଗଡ଼ କେନ୍ଦ୍ରଶାସିତ ଅଞ୍ଚଳ ଭାବେ ରହିଲା, କେହି ବି ଅସନ୍ତୁଷ୍ଟ ହେଲେ ନାହିଁ କି କିଛି ଗଣ୍ଡଗୋଳ ହେଲାନି । ମୁଁ ଏମିତି ବହୁତ ସାନ ସାନ କଥା ପଚାରିବାକୁ ଯାଇ ମା'ଙ୍କ ସହିତ ଖୁବ୍ ନିକଟତର ହୋଇଯାଇଥିଲି । ଇନ୍ଦିରାଗାନ୍ଧୀ ବି ସବୁକଥାକୁ ମାନି ନିଅନ୍ତି ଏବଂ ବିଶ୍ୱାସ ମଧ କରନ୍ତି ।

ଆଉ ଥରେ ୧୯୬୯ ମସିହାରେ ମୁଁ Minister attach to Prime Minister ଥାଏ । ଇନ୍ଦିରା ଗାନ୍ଧୀଙ୍କର ମାଡ୍ରାସ ଟୁର୍ ପଡ଼ିଥାଏ । ମୁଁ ତାଙ୍କୁ କହିଲି ଚାଲନ୍ତୁ ପଣ୍ଡିଚେରୀ ଯିବା । ସେ ବି ରାଜି ହୋଇ ସରକାରୀ ପ୍ରୋଗ୍ରାମ ସାଙ୍ଗରେ ଆଶ୍ରମ ପ୍ରୋଗ୍ରାମକୁ ଯୋଡ଼ିଦେଲେ । ଆଶ୍ରମ ଲୋକେ ଏକଥା ଶୁଣି ଇନ୍ଦିରା ଗାନ୍ଧୀ ଆସୁଛନ୍ତି ବୋଲି ବହୁତ ଖୁସି । ଇନ୍ଦିରା ଗାନ୍ଧୀ ଆଶ୍ରମକୁ ଯିବା ପୂର୍ବରୁ ମା' ଉଦାର ହାତରେ ମୋତେ ଡକାଇଲେ । ମୁଁ ଗଲି ଏବଂ ମା'ଙ୍କୁ କହିଲି ଯେ ଇନ୍ଦିରା ଗାନ୍ଧୀ ଆପଣଙ୍କୁ କେବଳ ଦର୍ଶନ କରିବାକୁ ଆସିବେ । ଏତିକିବେଳେ ଉଦାର କହିଲା, ମା', ଆପଣ ଇନ୍ଦିରା ଗାନ୍ଧୀଙ୍କୁ ଏକୁଟିଆ ଦର୍ଶନ ଦେବେ ।' ମା' ମୁଣ୍ଡ ହଲାଇ କହିଲେ, 'No, Nandini will sit here and Indira will sit there. I cannot hear what Indira will say, I can only hear Nandini.' ମୋଟାମୋଟି ତାଙ୍କର ଇଚ୍ଛାଥିଲା ମୁଁ ବଡ଼ ପାଟିରେ ତାଙ୍କ କାନ ପାଖରେ କହିବି ଏବଂ ସେ ତାର ଉତ୍ତର ଦେବେ । ଅଗତ୍ୟା ମୁଁ ଇନ୍ଦିରା ଗାନ୍ଧୀଙ୍କ ସଙ୍ଗେ ଗଲି । ପ୍ରଧାନମନ୍ତ୍ରୀଙ୍କ ସାଙ୍ଗରେ ଅନେକ ଫଟୋଗ୍ରାଫର ଯାଇଥାନ୍ତି । ମା' କିନ୍ତୁ ବାହାରର ଫଟୋଗ୍ରାଫରଙ୍କୁ ଅନୁମତି ଦେଲେ ନାହିଁ । ତାରା ବୋଲି ଝିଅଟିଏ ଆଶ୍ରମର ଫଟୋଗ୍ରାଫର ଥାଏ । ମା' କହିଲେ 'Only Tara will be here.' ସେ ପର୍ଯ୍ୟନ୍ତ ମା' ତାଙ୍କ ରୁମ୍‌ରେ କାହା ସହିତ ଫଟୋ ଉଠାଇ ନଥିଲେ । ପ୍ରଥମ କରି ସେ ଇନ୍ଦିରା ଗାନ୍ଧୀ ଏବଂ ମୋ ସହିତ ସେଦିନ ଫଟୋ ଉଠାଇଲେ । ତାପରେ ମୋ ହାତରେ ଇନ୍ଦିରା ଗାନ୍ଧୀ ପାଇଁ ଚାରିଟା ମେସେଜ୍ ଦେଲେ । ଇନ୍ଦିରା ଗାନ୍ଧୀ ଟିକେ ଦୂରରେ ଚଉକି ଉପରେ ବସିଥାନ୍ତି । ଉଦାର କହିଲା, ମା' ଆପଣ ନିଜେ ତାଙ୍କୁ ମେସେଜ ଦିଅନ୍ତୁ । ମୁଁ ବି ସେଇଆ କହିଲି । ତାପରେ ମା' ଇନ୍ଦିରା ଗାନ୍ଧୀଙ୍କ ହାତରେ ମେସେଜ ଦେଲେ । ଉଦାର ତାପରେ ମା'ଙ୍କୁ କହିଲା, 'Maa, Indira wants one of your scarf.' ମା' ସଙ୍ଗେ ସଙ୍ଗେ ମୋତେ ପଚାରିଲେ, 'Do you know Indira Gandhi want's a scarf ?' ମୁଁ

Digitized by PPRACHIN, SOA

ଧର୍ମ ସଙ୍କଟରେ ପଡ଼ିଗଲି । ମୁଁ କିପରି ମା'ଙ୍କୁ ମିଛ କହିବି, ଏପଟେ ଇନ୍ଦିରା ଗାନ୍ଧୀ ବି ମୋର ଟିକେ ଦୂରରେ ବସିଛନ୍ତି । ମୋତେ ହଠାତ୍ ଗୋଟେ ବୁଦ୍ଧି ଜୁଟିଗଲା । ମୁଁ ବୁଲେଇ କହିଲି, Mother, I do not know whether Indira Gandhi wants a scarf or not, but I want your scarf. ମା' କହିଲେ, 'You as many as some your want.' ମୁଁ ପିନ୍ଧିଥିବା ଶାଢ଼ିର କାନିଟାକୁ ଧରି କେଉଁ ରଙ୍ଗର ଦେଖିଲେ । ମା'ଙ୍କ ଦେଖାଶୁଣା କରୁଥିବା ବସୁଧାକୁ ଡାକି କହିଲେ, 'Bring a scarf of this colour for Nandini' ତାପରେ ଆମ ଦୁହିଁଙ୍କୁ ଦୁଇଟି ସ୍କାର୍ଫ ଦେଲେ ।

ମା' ଦେହ ଛାଡ଼ିବା ପୂର୍ବରୁ ମୁଁ ତାଙ୍କୁ କହିଥିଲି ଯେ ମୋ ଭଙ୍ଗା ଗୋଡ଼ ଯୋଗୁଁ ମୁଁ ତ ଧ୍ୟାନ କରିପାରିବିନି । ମା' ମୋ ଛାତିରେ ତାଙ୍କ ହାତ ରଖି କହିଥିଲେ, 'I am here in side you.' ଆଉଥରେ ସେମିତି ପଞ୍ଜାବ ସମସ୍ୟା ବିଷୟରେ ମୁଁ ତାଙ୍କ ସଙ୍ଗେ କଥା ହେଉଥାଏ । ସେ ହଠାତ୍ କାହିଁକି ବସୁଧାକୁ କହିଲେ, 'Get me my chain.' ସିଏ ଯେଉଁ ଚେନ୍‌ଟି ପିନ୍ଧୁଥିଲେ ସେଇ ଚେନ୍‌ଟି ବସୁଧା ଆଣିଲା । ମା' ତାକୁ କହିଲେ, 'You go and tell Charupada to get a locket for this.' ବସୁଧା ତଳକୁ ଯାଇ ସେଇ ଚେନ୍‌ରେ ଏକ ଲକେଟ୍ ଲଗାଇ ଆଣିଲା । ମା' ନିଜ ହାତରେ ଚେନ୍‌ଟି ଧରି ମୋ ବେକରେ ଗଳେଇ ଦେଲେ । କହିଲେ, 'This is for your physical protection.' ସେହିଦିନୁ ମୁଁ ସେ ଚେନ୍‌ଟି ପିନ୍ଧୁଛି । ଅନ୍ୟ ଏକ ଅକେଜନ୍‌ରେ ମୁଁ ଥରେ ମା'ଙ୍କୁ କହିଲି, ମା' ମୁଁ ରାଜନୀତି ଛାଡ଼ି ଦେବି । ମୁଁ ରିଜାଇନ୍ କରି ଦେଉଛି । ସେ ଏ କଥାରେ କିଛି ଉତ୍ତର ନଦେଇ ମୋତେ କହିଲେ, 'You are not well' ମୁଁ ଏକଦମ୍ ଆଶ୍ଚର୍ଯ୍ୟ ହୋଇଗଲି । ସେ ମୋତେ ସେଇ ପଣ୍ଡିଚେରୀର ଜଣେ ଆୟୁର୍ବେଦ ଡାକ୍ତରଙ୍କ ନାମ କହି ପରାମର୍ଶ ଦେଲେ, ତା ପାଖକୁ ତୁ ଯିବୁ, ସିଏ ତୋର ଚିକିତ୍ସା କରିବ । Then you will be alright. ଆଉ କିଛି କହିଲେନି । ମୁଁ ସେଠାରୁ ଆସି ଏଇ କଥା ସମସ୍ତଙ୍କୁ କହିଲି ଯେ, ମୁଁ ରାଜନୀତିରୁ ରିଜାଇନ୍ କରିବାକୁ କହିବାରୁ ମା' ମୋତେ କହିଲେ ତୋ ଦେହ ଖରାପ ! ପରେ କିନ୍ତୁ ସେ ଯାହା କହିଥିଲେ ମୁଁ ତାହା ହିଁ କଲି ।''

ପ୍ରକୃତରେ ଯିଏ ଥରେ ନିଜକୁ ସେଇ ପରମ ସତ୍ତାଙ୍କ ନିକଟରେ ସମର୍ପଣ କରିଦିଏ ତାର ଆଉ ଉଚିତ ଅନୁଚିତ୍, ଠିକ୍ ଭୁଲ ବିଚାର କରିବାର ଆବଶ୍ୟକତା ପଡ଼େନି । ଠିକ୍ ସେହିପରି ନନ୍ଦିନୀ ଦେବୀ ସବୁ ମା'ଙ୍କ ଉପରେ ଛାଡ଼ି ଦେଇ ନିଶ୍ଚିନ୍ତରେ କର୍ମକରି ଚାଲିଛନ୍ତି । ମା' ଯେଉଁକଥା ତାଙ୍କୁ କହୁଥିଲେ ସେ ମନରେ କିଛି ନଭାବି

Digitized by PPRACHIN, SOA

ନିର୍ବିଘ୍ନରେ ତା' ପାଳନ କରୁଥିଲେ । ମା'ଙ୍କ ଶ୍ରୀ ଚରଣରେ ସେ ନିଜକୁ ଅର୍ପଣ କରିଦେଇଛନ୍ତି । ଏଇଥିପାଇଁ ବୋଧହୁଏ ମା' ନନ୍ଦିନୀ ଦେବୀଙ୍କୁ ଅତ୍ୟନ୍ତ ସ୍ନେହ କରୁଥିଲେ । ସ୍ୱାମୀ ଦେବେନ୍ଦ୍ର ଶତପଥୀ ନନ୍ଦିନୀ ଦେବୀଙ୍କ ପାଇଁ ବହୁତ ବ୍ୟସ୍ତ ହୁଅନ୍ତି । ସେ କୁହନ୍ତି 'ମା' କହିଛନ୍ତି ତା ହାତରେ ଗୋଟେ ବିରାଟ କାମ ହେବ । ସେ କାର୍ଯ୍ୟଟି ଆଉ କାହାରି ହାତରେ ହୋଇ ପାରିବ ନାହିଁ । ମା' କେମିତି ହେଲେ ତାରି ହାତରେ କାର୍ଯ୍ୟଟି କରାଇବେ । ମା' ତା' ସହିତ ଠିଆ ହୋଇଛନ୍ତି ।' ସତରେ ନନ୍ଦିନୀ ଦେବୀଙ୍କର ଅଗାଧ ବିଶ୍ୱାସ ଥିଲା ମା'ଙ୍କ ଉପରେ । ସେଇ ବିଶ୍ୱାସର ଏକ ନଜୀର ଦେଇ ସେ କହନ୍ତି, ''ମୁଁ ଯେତେବେଳେ ଏମ୍.ପି. ହେଇନଥିଲି ସେତେବେଳେ ଏକ ଜିପ୍ ଦୁର୍ଘଟଣାରେ ମୋର ଗୋଟିଏ ଗୋଡ଼ ଭାଙ୍ଗିଯାଇଥିଲା । ବହୁ ଅଭିଜ୍ଞ ଡାକ୍ତରଙ୍କ ଚିକିତ୍ସା ସତ୍ତ୍ୱେ କୌଣସି ପରିବର୍ତ୍ତନ ନ ହେବାରୁ ଦେବବାବୁ ରୋଜ ମୋତେ କହିବେ ମା'ଙ୍କୁ କହୁନୁ, ତୋତେ ଭଲ କରିଦେବେ ? ସେତେବେଳକୁ ମୋର ଅଣ୍ଟା ପର୍ଯ୍ୟନ୍ତ ପ୍ଲାଷ୍ଟର ଲାଗିଛି । ବେଡ୍‌ରେ ପଡ଼ି ପଡ଼ି ଚିଡ଼ା ବି ଲାଗୁଛି । ମୁଁ ଚିଡ଼ି ଉଠି କହିଲି, ମା' କ'ଣ ଜାଣିପାରୁ ନାହାନ୍ତି ? ସେ ଯଦି ଭାବୁଥିବେ ଯେ ମୁଁ ଭଲ ହେଲେ କିଛି ଅନିଷ୍ଟ କରିବି କି ବଦମାସି କରିବି ତେବେ ଭଲ କରିବେନି । ସେମିତି ଅକର୍ମଣ୍ୟ ହେଇ ରହିବି । ନାଇଁ ତ ଯଦି ତାଙ୍କର ଇଚ୍ଛା ଥିବ ତେବେ ଭଲ କରିବେ । ଦେବବାବୁ ମତେ କହିଲେ ତୋର କେଡ଼େ ଜିଦ୍ ? ସେ ଖୁବ୍ ବ୍ୟସ୍ତ ହୋଇ ପଣ୍ଡିଚେରୀ ଫୋନ୍ କଲେ । ମା' କହିଲେ ଏକ୍ସ-ରେଟା ପଠାଅ । ମୋର ଜଙ୍ଘ ପାଖତ ଭାଙ୍ଗିଥାଏ । ଡାକ୍ତର ବି ଦିନେ ଛଡ଼ା ଦିନେ ଜଙ୍ଘ ଦୁଇପାଖର ଏକ୍ସ-ରେ କରୁଥାନ୍ତି । ସେ କ'ଣ କଲେ ନା ଗୋଟିଏ ଏକ୍ସ-ରେ ଦେଲେ । ମା' ତାକୁ ଦେଖି କହିଲେ, ଇଏତ ଗୋଟେ ପଟର ଫଟୋ, ଅନ୍ୟ ପାଖର ? ଦେବବାବୁ ମା'ଙ୍କ ଚିଠି ମୋତେ ଦେଖେଇବାରୁ ମୁଁ ଡାଃ ଖାଡେଙ୍ଗାଙ୍କୁ କହିଲି ଆପଣ ଗୋଟିଏ ପାଖର ଏକ୍ସେ-ରେ ଦେଲେ, ମା' ଆଉ ଗୋଟେ ପାଖର ମାଗୁଛନ୍ତି । ଏହା ଶୁଣି ଡାଃ ଖାଡେଙ୍ଗା କହିଲେ 'Is she a doctor ? ସେ କିପରି ଜାଣିଲେ ଦିପଟ କି ଗୋଟିଏ ପଟ ? ମୁଁ ତାଙ୍କୁ କହିଲି, ସେ ଡ଼ାକ୍ତରଙ୍କ ବୋପାର ବୋପା । ତାପରେ ଦିପଟଯାକ ଏକ୍ସେ-ରେ କରି ମା'ଙ୍କ ପାଖକୁ ପଠାଗଲା । ସେଇଠୁ ମା'ଙ୍କ ପାଖରୁ ଖବର ଆସିଲା ଯେ କିଛି ଦରକାର ନାହିଁ, ସବୁ ଠିକ୍ ହୋଇଯିବ । ମୁଁ ମନେ ମନେ ଭାବୁଥାଏ ଆଣ୍ଠୁଟା ଯଦି ଏମିତି ରହିବ ତେବେ ଆଉ ଆଣ୍ଠୁକୁ ବେଣ୍ଡ୍ କରି ତ ସମାଧିରେ ପ୍ରଣାମ କରିପାରିବିନି ? ଏମିତି ଭାବୁଥାଏ । ଦିନେ ହଠାତ୍ ସ୍ୱପ୍ନରେ ଦେଖିଲି ପଣ୍ଡିଚେରୀର ସାଧକ ବାବାଜୀ ମହାରାଜ ଆସି ମୋ ଭଙ୍ଗା ଗୋଡ଼ଟିକୁ ଟାଣି ଦେଉଛନ୍ତି । ମୁଁ ଗୋଡ଼କୁ ହଲଚଲ କରିବାରୁ ମୋତେ କହିଲେ, ଏଥରକ ଗୋଡ଼ ଠିକ୍ ହୋଇଯିବ,

Digitized by PPRACHIN, SOA

ତୁମେ ପ୍ରଣାମ କରିପାରିବ । ନିଦ ଭାଙ୍ଗିଯିବାରୁ ଦେଖିଲି ସତକୁ ସତ ମୋତେ ଟିକେ ହାଲକା ଲାଗୁଛି । ଗୋଡ଼ରେ ଏତେଟା କଷ୍ଟ ଲାଗୁନି । ଏହାର ଦୁଇ ଚାରିଦିନ ପରେ ମୁଁ ସେମିତି ଅଧା ପ୍ଲାଷ୍ଟର ଲାଗିଥିବା ଅବସ୍ଥାରେ ଘରକୁ ଚାଲିଆସିଲି । କିଛିଦିନ ପରେ ମୋ ଗୋଡ଼ କ୍ରମଶଃ ସୁସ୍ଥ ହୋଇଯାଇଥିଲା ।''

ନନ୍ଦିନୀ ଦେବୀ ଏହିପରି ବହୁବାର ମା'ଙ୍କର ପ୍ରତ୍ୟକ୍ଷ ସାନ୍ନିଧ ପାଇଛନ୍ତି । ଥରେ ସେ ମୁଖ୍ୟମନ୍ତ୍ରୀ ଥିବା ବେଳେ ତାଙ୍କ ପାଖକୁ ଘନଘନ ଫୋନ୍ କଲ୍ ଆସିଲା ଯେ, ଜୋର୍‌ରେ ଝଡ଼ବାତ୍ୟା ଆସୁଛି, ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳ ବିଧ୍ୱସ୍ତ ହୋଇ ସମୁଦ୍ର ମାଡ଼ି ଆସିବ । ସେ କିଛି ବୁଦ୍ଧିବାଟ ନପାଇ ମା'ଙ୍କୁ ଟେଲିଗ୍ରାମ କଲେ, 'Maa, Save Orissa.' ତା' ପରଦିନ ମା'ଙ୍କ ନିକଟରୁ ତାଙ୍କ ପାଖକୁ ଫେରନ୍ତା ଟେଲିଗ୍ରାମ ଆସିଲା ଯେ, 'Tell Nandini, Not worry.' ସତକୁ ସତ ସେ ଦେଖିଲେ ଓଡ଼ିଶାରେ ଯେଉଁଦିନ ଝଡ଼ ହେବାର ଥିଲା, ସେଦିନ ଝଡ଼ବାତ୍ୟା ଓଡ଼ିଶାର ଉପକୂଳ ଦେଇ ବାଂଲାଦେଶକୁ ପଳେଇଗଲା । ଓଡ଼ିଶାର କିଛି ବି କ୍ଷତି ହେଲା ନାହିଁ ।

ଏହା ପୂର୍ବରୁ ଆଉଥରେ ସେହପରି ଏକ ଘଟଣା ତାଙ୍କ ହୃଦୟରେ ଦୃଢ଼ ପ୍ରତ୍ୟୟ ସୃଷ୍ଟି କରିଥିଲା । ତାଙ୍କର ଛଅ ବର୍ଷର ସାନପୁଅ ବାବ୍‌ଲୁ ଦୁଃସାଧ ଝାଡ଼ା ରୋଗରେ ଆକ୍ରାନ୍ତ ହୋଇ ପଡ଼ିଲେ । ବହୁ ଚିକିତ୍ସା କରି ସୁଫଳ କିଛି ନମିଳିବାରୁ ତତ୍‌କ୍ଷଣାତ୍ ସେ ମା'ଙ୍କୁ ସମର୍ପି ଦେଇ ତାଙ୍କର ଶରଣ ଭିକ୍ଷା କଲେ । ତାପରେ ଆଉ ଔଷଧର ଆବଶ୍ୟକତା ପଡ଼ିଲା ନାହିଁ । ପୁଅ କ୍ରମେ କ୍ରମେ ସୁସ୍ଥ ହୋଇଗଲେ । ଏହିପରି ଛୋଟବଡ଼ ଅନେକ ଘଟଣା ନନ୍ଦିନୀ ଦେବୀଙ୍କ ମନରେ ଆଧାତ୍ମିକତା ବା ଈଶ୍ୱର ବିଶ୍ୱାସର ଦୃଢ଼ ଭିତ୍ତି ସ୍ଥାପନ କରିଥିଲା । ତାଙ୍କର ଶ୍ରୀମାଙ୍କ ଉପରେ ଏତେ ବିଶ୍ୱାସ ଜନ୍ମିଥିଲା ଯେ ସେ ସାନପୁଅ ତଥାଗତି ବାବୁଙ୍କୁ ତାଙ୍କରି ପାଖରେ ଆଶ୍ରମରେ ଛାଡ଼ି ଦେଇଥିଲେ ଶିକ୍ଷାଲାଭ କରିବାକୁ । ମା'ଙ୍କୁ ଯେତେବେଳେ ସେ ପୁଅର ଆଡ଼ମିଶନ ପାଇଁ ଅନୁମତି ମାଗିଲେ ମା' ଉତ୍ତରରେ ତାଙ୍କୁ ଲେଖିଥିଲେ ଯେ, 'Nandini wants we will make Tathagat the future Leader of India' ମା' କହିଥିଲେ ନନ୍ଦିନୀ ଯଦି ତଥାଗତକୁ ଏଠାରେ ଛାଡ଼ିବାକୁ ଚାହୁଁଛି, ମୁଁ ଚାହେଁ ଯେ ସେ ଏଠାରେ ପାଠପଢୁ ଏବଂ ଭବିଷ୍ୟତରେ ଭାରତର ଲିଡର ହେବ ।

ବାସ୍ତବରେ ଆତ୍ମ ଦର୍ଶନ, ଆତ୍ମ ସମୀକ୍ଷା ଓ ବିଶ୍ୱକୁଟୁମ୍ବିତା ନନ୍ଦିନୀ ଦେବୀଙ୍କ ଧର୍ମଧାରଣାର ମୂଳମନ୍ତ୍ର । ଏଥି ସହିତ ବିନୟ ଓ ସହନଶୀଳତା ମଧ୍ୟ ତାଙ୍କ ଆଧ୍ୟାତ୍ମିକ ଜୀବନର ଶ୍ରେଷ୍ଠ ଭୂଷଣ ।

Digitized by PPRACHIN, SOA

ମୁଖ୍ୟମନ୍ତ୍ରୀ ପଦରେ ନନ୍ଦିନୀ

୧୯୬୯ ମସିହାରେ ଯେତେବେଳେ କଂଗ୍ରେସ ବିଭାଜନ ହେଲା ସେତେବେଳେ ହରେକୃଷ୍ଣ ମହତାବ ଓ ବିଜୁପଟ୍ଟନାୟକ ପ୍ରମୁଖ ସଂଗଠନ କଂଗ୍ରେସରେ ଯୋଗ ଦେଲେ ଏବଂ ନନ୍ଦିନୀ ଦେବୀ, ପ୍ରଦ୍ୟୁମ୍ନ ବଳ, ଭୈରବ ମହାନ୍ତି ପ୍ରମୁଖ ଇନ୍ଦିରା କଂଗ୍ରେସ (କଂଗ୍ରେସ ଆଇ)ର ନେତୃତ୍ୱ ନେଲେ । ସେତେବେଳକୁ ନନ୍ଦିନୀ ଦେବୀ କେନ୍ଦ୍ରରେ ମିନିଷ୍ଟର ଆଟାଚ ଟୁ ପ୍ରାଇମିନିଷ୍ଟର ଥାନ୍ତି । ତା'ଛଡ଼ା ତାଙ୍କର ମଧ୍ୟ ଇନ୍ଦିରା ଗାନ୍ଧୀଙ୍କ ସହ ଅତି ଘନିଷ୍ଠ ସମ୍ପର୍କ ରହିଥାଏ । ଓଡ଼ିଶାରେ ଜନ କଂଗ୍ରେସ ଓ ସ୍ୱତନ୍ତ୍ର ଦଳ ଭାଙ୍ଗିଯିବାରୁ ନୀଳମଣି ରାଉତରାୟଙ୍କ ସମେତ ବହୁଲୋକ କଂଗ୍ରେସରେ ମିଶିଗଲେ । ସେହି ସମୟରେ ନନ୍ଦିନୀ ଦେବୀଙ୍କୁ ଓଡ଼ିଶାର ବିଧାୟକମାନେ ସେମାନଙ୍କ ଦଳର ନେତା ବାଛିଲେ ଏବଂ ଏହି କଥା ଇନ୍ଦିରା ଗାନ୍ଧୀଙ୍କୁ ଜଣାଇଦେଲେ । ତା'ପରେ ଇନ୍ଦିରା ଗାନ୍ଧୀ ନନ୍ଦିନୀ ଦେବୀଙ୍କୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ କରି ପଠାଇଲେ ।

୧୯୭୨ ମସିହା ଜୁନ୍ ୧୪ ତାରିଖ ଦିନ ନନ୍ଦିନୀ ଦେବୀ ମୁଖ୍ୟମନ୍ତ୍ରୀ ରୂପେ ଶପଥ ନେଲେ । ସେତେବେଳେ ସେ ବିଧାନସଭାର ସଭ୍ୟା ନଥିଲେ । ନନ୍ଦିନୀ ଦେବୀ ମୁଖ୍ୟମନ୍ତ୍ରୀ ହେବା ପରେ କଟକ ଆସନରୁ ଭୈରବ ମହାନ୍ତି ଇସ୍ତଫା ଦେଲେ ଏବଂ ନନ୍ଦିନୀ ଦେବୀ ସେଠାରୁ ବିଧାନ ସଭା ପାଇଁ ନିର୍ବାଚନ ଲଢ଼ିଲେ । ତାଙ୍କ ବିରୁଦ୍ଧରେ ପ୍ରଗତି ଦଳରୁ ବୀରେନ୍ ମିତ୍ର ଲଢୁଥାନ୍ତି । ଏହି ନିର୍ବାଚନର ଅଭିଜ୍ଞତା ବର୍ଣ୍ଣନା କରି ନନ୍ଦିନୀ ଦେବୀ କୁହନ୍ତି, ''ସେତେବେଳେ ସବୁ ପୂର୍ବତନ ମୁଖ୍ୟମନ୍ତ୍ରୀତକ ମୋ ବିରୁଦ୍ଧରେ ଲାଗିପଡ଼ିଥାନ୍ତି । ବିଜୁ ପଟ୍ଟନାୟକ, ବୀରେନ ମିତ୍ର, ଆର.ଏନ୍. ସିଂଦେଓ, ସୁରେନ୍ଦ୍ର ଦ୍ୱିବେଦୀ ଇତ୍ୟାଦି ସମସ୍ତେ ମିଶି ମତେ ହରେବାକୁ ଚେଷ୍ଟା କରୁଥାନ୍ତି । ସେମାନେ ସବୁ ଆଲୋଚନା କଲେ ଯେ ଇଏ ଯଦି ଜିତିଯିବ ତେବେ ବହୁତ ଦିନ ଧରି ମୁଖ୍ୟମନ୍ତ୍ରୀ ରହିବ । ଏହା ଶୁଣି ଇନ୍ଦିରା ଗାନ୍ଧୀ ବହୁତ ବ୍ୟସ୍ତ ହୋଇପଡ଼ିଲେ । ସେତେବେଳେ କଟକରେ ବୀରେନ ମିତ୍ର ଥିଲେ ଜଣେ ଜଣାଶୁଣା ପ୍ରଭାବଶାଳୀ ନେତା । ତାଙ୍କୁ ହରେଇବା ମୋ ପକ୍ଷରେ ଖୁବ୍ କଷ୍ଟକର ଥିଲା । ମହତାବ ତ ଥାନ୍ତି କଂଗ୍ରେସରେ । ମୁଁ ତାଙ୍କ ଲିଙ୍ଗରାଜ ରୋଡସ୍ଥିତ ଘରକୁ ଯାଇ ତାଙ୍କୁ କହିଲି ମୋତେ ସାହାଯ୍ୟ କରିବାକୁ । ସେ କହିଲେ, ଦେଖିବା, ଯିବା । ତାପରେ ଜଗଦୀଶ ପାଣିଙ୍କ ହାତରେ ଗୋଟିଏ ଚିଠି ଲେଖି ମୋ ପାଖକୁ କଟକ ପଠାଇଲେ । ସେଥିରେ ସେ ଲେଖିଥିଲେ, 'ନନ୍ଦିନୀ ତୁମେ ମୋତେ ବାରମ୍ବାର ଅନୁରୋଧ କରୁଛ ତୁମ ନିର୍ବାଚନରେ କାମ କରିବା ପାଇଁ । କିନ୍ତୁ

Digitized by PPRACHIN, SOA

ତୁମେ ନୂଆ ଭାବରେ କଂଗ୍ରେସକୁ ଗଢ଼ିବାକୁ ଚାହୁଁଛ । ହେଲେ ଆମେ ଏ ପ୍ରକାର କଂଗ୍ରେସ ପାଇଁ କାମ କରିବାକୁ ଚାହୁଁନାହୁଁ ।' ସେଇଠୁ ମୁଁ ଏକୁଟିଆ ନିର୍ବାଚନ ଲଢ଼ିଲି । ସେହି ନିର୍ବାଚନରେ ମୁଁ ସେତେବେଳେ ୧୧ ହଜାର ଭୋଟରେ ଜିତିଥିଲି ।'' ଏହା ଥିଲା ନନ୍ଦିନୀ ଦେବୀଙ୍କ ପ୍ରଥମ ତଥା ପ୍ରତ୍ୟକ୍ଷ ନିର୍ବାଚନର ଅଭିଜ୍ଞତା ।

ନନ୍ଦିନୀ ଦେବୀ ତାଙ୍କ ଛାତ୍ରାବସ୍ଥାରୁ ଜନସାଧାରଣଙ୍କ ସୁଖଦୁଃଖ ତଥା ସାମ୍ୟବାଦୀ ଚିନ୍ତାଧାରାରେ ଏଭଳି ଆପ୍ଲୁତ ହୋଇଯାଇଥିଲେ ଯେ ମୁଖ୍ୟମନ୍ତ୍ରୀ ହେବା ପରେ ପରେ ସେ କେତେ ଗୁଡିଏ ନୂତନ ଆଇନ୍ ତିଆରି କରିବାକୁ ଯୋଜନା ଆରମ୍ଭ କରିଦେଇଥିଲେ । ପ୍ରଥମ ଥର ମୁଖ୍ୟମନ୍ତ୍ରୀତ୍ୱର ସ୍ୱଳ୍ପ ସମୟ ମଧ୍ୟରେ ତାଙ୍କର ଏହି ଯୋଜନା ଗୁଡ଼ିକ ପରବର୍ତ୍ତୀ ସମୟରେ ହିଁ ବାସ୍ତବରେ ରୂପାୟନ ହୋଇଥିଲା ।

୧୯୭୪ ମସିହା ମାର୍ଚ୍ଚ ୬ ତାରିଖରେ ଯେତେବେଳେ ନନ୍ଦିନୀ ଦେବୀ ପୁନର୍ବାର ମୁଖ୍ୟମନ୍ତ୍ରୀ ହେଲେ ତାଙ୍କର ସୁଦୂରପ୍ରସାରୀ ଯୋଜନା ସବୁକୁ କାର୍ଯ୍ୟକାରୀ କରାଇବା ପାଇଁ ପ୍ରାଣପଣେ ଲାଗିପଡ଼ିଥିଲେ । ସେ ପ୍ରଥମେ ସାମାଜିକ ନ୍ୟାୟ ନିମନ୍ତେ ଏକ ସାହସିକ ପଦକ୍ଷେପ ନେଇ ରାଜ୍ୟରେ ଥିବା ଭୂମିହୀନ ବ୍ୟକ୍ତିମାନଙ୍କ ମଧ୍ୟରେ ଜମି ବଣ୍ଟନ କାର୍ଯ୍ୟକ୍ରମଟିକୁ ହାତକୁ ନେଲେ । ୧୯୭୪ ମସିହା ଅପ୍ରେଲ ୧ ତାରିଖ ଦିନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଦୁଇ ଲକ୍ଷ ଏକର ଜମି ବଣ୍ଟନ କରାଯିବା ନିମନ୍ତେ ସେତେବେଳେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ଯାହାକି ୧୯୭୫ ମସିହା ଜାନୁଆରୀ ଶେଷ ସୁଦ୍ଧା ଉକ୍ତ ଲକ୍ଷ ପୂରଣ ହେବା ସଙ୍ଗେ ସଙ୍ଗେ ଏକ ଲକ୍ଷ୍ୟ ଅଣଚାଳିଶ ହଜାର ଦୁଇ ଶହ ଚଉରାନବେ ଜଣ ଭୂମିହୀନ ବ୍ୟକ୍ତିମାନଙ୍କ ମଧ୍ୟରେ ୨.୨୩ ଲକ୍ଷ ଏକର ଜମି ବଣ୍ଟନ କରାଯାଇଥିଲା । ଏଥିରେ ବିଶେଷତଃ ଆଦିବାସୀ, ହରିଜନ ଏବଂ ଅନ୍ୟାନ୍ୟ ପଛୁଆ ଜାତିର ବ୍ୟକ୍ତିମାନେ ଅନ୍ତର୍ଭୁକ୍ତ ଥିଲେ ।

ନନ୍ଦିନୀ ଦେବୀଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ ଓଡ଼ିଶାର ଉନ୍ନତି ପାଇଁ ସେ ଅନେକ ଜନହିତକର କାର୍ଯ୍ୟକ୍ରମ ହାତକୁ ନେଇଥିଲେ । ତାଙ୍କର ସମସ୍ତ କାର୍ଯ୍ୟକ୍ରମ ଗ୍ରାମାଭିମୁଖୀ ଓ ସମାଜର ଆର୍ଥିକ ସ୍ତରରେ ପଛୁଆ ଲୋକମାନଙ୍କ ହିତ ସାଧନ ନିମନ୍ତେ ଉଦ୍ଦିଷ୍ଟ ଥିଲା । ଐତିହାସିକ ଭୂ-ସଂସ୍କାର ଆଇନକୁ କାର୍ଯ୍ୟକାରୀ କରି ବହୁ ଜମିଥିବା ଧନୀ ଲୋକଙ୍କଠାରୁ ସିଲିଂ ବହିର୍ଭୂତ ଜମି ଆଣି ଭୂମିହୀନଙ୍କୁ ବାଣ୍ଟିବା ତାଙ୍କର ମୁଖ୍ୟ ଲକ୍ଷ୍ୟ ଥିଲା । ଏହାଛଡ଼ା ଅସ୍ଥାୟୀ ପଟ୍ଟା ପାଇଥିବା ରୟତ, ଛୋଟଚାଷୀ ଓ ଭାଗଚାଷୀମାନଙ୍କ ମଧ୍ୟରେ ଯୁକ୍ତିଯୁକ୍ତ ତଥା ସମାନ ଭାବେ ସର୍ବୋଚ୍ଚ ସୀମା ନିର୍ଦ୍ଧାରଣ କରିବା ସଙ୍ଗେ

Digitized by PPRACHIN, SOA

ସଙ୍ଗେ ସେମାନଙ୍କ ନିକଟରେ ଥିବା ଜମିର ସତ୍ତ୍ୱାଧିକାର ସାବ୍ୟସ୍ତ କରିବା ନିମନ୍ତେ, ଉକ୍ତ ଆଇନ୍ ଅନୁଯାୟୀ ସଂପୃକ୍ତ ବ୍ୟକ୍ତିମାନେ ବିଶେଷ ସୁବିଧା ଓ ସୁଯୋଗ ପାଇପାରିବେ । ଏହି ଆଇନ୍‌ର ବ୍ୟବସ୍ଥା ଅନୁଯାୟୀ ସରକାର ବଳକା ଜମିଗୁଡ଼ିକୁ ଭୂମିହୀନ ବ୍ୟକ୍ତିମାନଙ୍କ ମଧ୍ୟରେ ବଣ୍ଟନ କରିପାରିବେ । ଏତଦ୍‌ବ୍ୟତୀତ ଏହି ଆଇନରେ ରାଜ୍ୟର ଜନହିତକର ଧର୍ମସମ୍ବନ୍ଧୀୟ ତଥା ଦାତବ୍ୟ ସେବାସଂସ୍ଥା ଗୁଡ଼ିକର ପୂର୍ବତନ ଟ୍ରଷ୍ଟ ଇଷ୍ଟେଟ ସମେତ ସମସ୍ତ ମଧ୍ୟସତ୍ତ୍ୱାଧିକାରୀ ବ୍ୟବସ୍ଥା ଉଚ୍ଛେଦ କରାଯିବାର ବ୍ୟବସ୍ଥା ହୋଇଥିଲା । ଯାହାଫଳରେ ଟ୍ରଷ୍ଟ ଇଷ୍ଟେଟ୍ ଗୁଡ଼ିକ ଅଧୀନରେ ଥିବା ରୟତ ଓ ଚାଷୀମାନେ ସରକାରଙ୍କ ସହିତ ସଂପୃକ୍ତ ମାମଲା ଗୁଡ଼ିକ ସଂପର୍କରେ ପ୍ରତ୍ୟକ୍ଷଭାବେ ସଂପର୍କ ସ୍ଥାପନ କରିପାରିବେ । ଏହି ଭୂ-ସଂସ୍କାର ଆଇନ୍ ଯୋଗୁଁ ନନ୍ଦିନୀ ଦେବୀ ବହୁ ସ୍ୱାର୍ଥାନ୍ୱେଷୀ ବ୍ୟକ୍ତିଙ୍କ ସମାଲୋଚନାର ଶରବ୍ୟ ହୋଇଥିଲେ ମଧ୍ୟ ସେ ସେଥିପ୍ରତି ଭ୍ରୂକ୍ଷେପ କରିନଥିଲେ । କମ୍ୟୁନିଷ୍ଟ ନେତା ରାମକୃଷ୍ଣ ପତି ସେତେବେଳେ ତାଙ୍କୁ କହିଥିଲେ, ତୁମେ ଯେଉଁ ଆଇନ୍‌ଟା କରିଛ କେରଳର ନମ୍ବୁଦିପଦ ବି ଏମିତି ରାଡ଼ିକାଲ ଆଇନ୍ କରିନାହାନ୍ତି । ସମସ୍ତ ଜିଲ୍ଲାର ଜିଲ୍ଲାପାଳମାନେ ସେତେବେଳେ ବାଦବୁଦିଆ ହୋଇ କିଏ କେତେ ଜମି ବାଣ୍ଟିଲେ, ନନ୍ଦିନୀ ଦେବୀଙ୍କୁ ତା'ର ହିସାବ ଦେଉଥିଲେ ।

ଏହାପରେ ନନ୍ଦିନୀ ଦେବୀ ଅନ୍ୟ ଏକ ପଦକ୍ଷେପ ନେଇଥିଲେ ମହାଜନୀ କାରବାର ବନ୍ଦ କରିବାକୁ । ଗ୍ରାମାଞ୍ଚଳରେ ସୁଧଖୋର ମହାଜନୀ କାରବାର ବନ୍ଦକରି ସେମାନଙ୍କ ଶୋଷଣରୁ ଗରିବ ଲୋକମାନଙ୍କୁ ମୁକ୍ତି ଦେବା ସେ ସମୟରେ ତାଙ୍କର ଥିଲା ସବୁଠାରୁ ଲୋକପ୍ରିୟ କାର୍ଯ୍ୟକ୍ରମ । ଏହି ଆଇନ୍ ପ୍ରଣୟନ କରି ସେ ବହୁ ଧନୀ ବ୍ୟକ୍ତିମାନଙ୍କ ବିଷଦୃଷ୍ଟିରେ ପଡ଼ିଥିଲେ । ମାତ୍ର ଗ୍ରାମାଞ୍ଚଳର ଗରିବ ଦିନମଜୁରିଆଙ୍କ ପାଇଁ ଏହି ଆଇନ କରି ସେମାନଙ୍କର ଅଶେଷ କଲ୍ୟାଣ ସାଧନ କରିଥିଲେ ।

ନନ୍ଦିନୀ ଦେବୀ ସରକାରୀ କର୍ମଚାରୀଙ୍କ ପ୍ରତି କଠୋର ମନୋଭାବ ଗ୍ରହଣ କରୁନଥିଲେ । ସେମାନଙ୍କଠାରୁ ଉପଯୁକ୍ତ କାମ ଆଦାୟ କରିବା ପାଇଁ ବାଧ୍ୟ କରିବା ସଙ୍ଗେ ସଙ୍ଗେ ସେମାନଙ୍କର ଅଭାବ ଅସୁବିଧା ବୁଝି ଅନେକ ସୁବିଧା ସୁଯୋଗ ମଧ୍ୟ ଦେଇଥିଲେ । ଅବସରକାଳୀନ ଭତ୍ତାପ୍ରଦାନ, ସରେଣ୍ଡର ଲିଭ ପରି ବହୁ ସୁବିଧା ସେମାନଙ୍କୁ ପ୍ରଦାନ କରିଥିଲେ । ତା'ଛଡ଼ା ରିହାବିଲିଟେସନ ସ୍କିମ୍‌ରେ କୌଣସି ସରକାରୀ କର୍ମଚାରୀ ଅକର୍ମଣ୍ୟ ହୋଇଯାଉଥିଲେ କିମ୍ବା ମୃତ୍ୟୁମୁଖରେ ପଡୁଥିଲେ ସେମାନଙ୍କର ସ୍ତ୍ରୀ କିମ୍ବା ପିଲାମାନଙ୍କୁ ଚାକିରି ଦେବା ପାଇଁ ଆଇନ୍ ମଧ୍ୟ କରିଥିଲେ । ଆଜିପର୍ଯ୍ୟନ୍ତ ଏହି ସୁବିଧା ପାଇ ଅନେକ ସାଧାରଣ ତଥା ଗରିବ ଶ୍ରେଣୀର ବ୍ୟକ୍ତି

Digitized by PPRACHIN, SOA

ଉପକୃତ ହୋଇଆସୁଛନ୍ତି । ଏତଦ୍‌ବ୍ୟତୀତ ପୁଲିସ୍‌ମାନଙ୍କ ପାଇଁ ଏବଂ ଶିକ୍ଷକ ସମାଜ ପାଇଁ ସେ ଅଶେଷ ଉପକାର କରିଛନ୍ତି । ତାଙ୍କ ସମୟରେ ଶିକ୍ଷକମାନଙ୍କର ଡାଇରେକ୍ଟ ପେମେଣ୍ଟ ମଧ୍ୟ ହୋଇଥିଲା । ଅସହାୟ ତଥା ସାହାରା ନଥିବା ବୟସ୍କ ଲୋକମାନଙ୍କର ଦୁଃଖକୁ ହୃଦୟଙ୍ଗମ କରି ସେମାନଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଦେବାପାଇଁ ଅନ୍ୟ ଏକ ଆଇନ କରି ନନ୍ଦିନୀ ଦେବୀ ଏକ ଉଦାର ହୃଦୟର ପରିଚୟ ଦେଇଛନ୍ତି । ଏହାସହିତ ସ୍କୁଲ କଲେଜର ମେଧାବୀ ପିଲାମାନଙ୍କ ପାଇଁ ଛାତ୍ରବୃତ୍ତି ପ୍ରଚଳନ କରି ସେ ଆଜି ସମଗ୍ର ଛାତ୍ରସମାଜର ଅଶେଷ ଉପକାର ସାଧନ କରିବା ସଙ୍ଗେ ସଙ୍ଗେ ଏକ ଛାତ୍ରବତ୍ସଳା ମୁଖ୍ୟମନ୍ତ୍ରୀ ଭାବେ ନିତ୍ୟ ସ୍ମରଣୀୟ ହୋଇରହିଛନ୍ତି ଏଥିରେ ସନ୍ଦେହ ନାହିଁ ।

ନନ୍ଦିନୀ ଦେବୀ ଦ୍ୱିତୀୟ ଥର ମୁଖ୍ୟମନ୍ତ୍ରୀ ହେବାର ୬ମାସ ନହେଉଣୁ ୧୯୭୪ ମସିହା ଅଗଷ୍ଟ ମାସ ୧୫ ତାରିଖରେ ଯୌତୁକ ବିରୋଧରେ ଏକ ଅଭିଯାନ ଆରମ୍ଭ କରିଥିଲେ । ଏହା ପରେ ପରେ ସେ ଏକ ଯୌତୁକ ନିରୋଧ ଆଇନ ଆଗତ କରି ଯୌତୁକ ପ୍ରଥା ବନ୍ଦ କରିବା ପାଇଁ କଡ଼ାକଡ଼ି ନିୟମ ଲାଗୁ କରିଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ପରବର୍ତ୍ତୀ ସରକାରମାନେ ଏହାକୁ ପାଳନ କରିବାକୁ ଆନ୍ତରିକ ଉଦ୍ୟମ ନକରିବା ଫଳରେ ଆଜି ହଜାର ହଜାର ଯୁବତୀ ଏହି ଯୌତୁକ ରାକ୍ଷସ କବଳରେ ପଡ଼ି ଜର୍ଜରିତ ହେଉଛନ୍ତି । ଯୌତୁକ ନିର୍ଯ୍ୟାତନା ବଢ଼ି ବଢ଼ି ଆଜି ଏକ ମହାମାରୀ ବେମାରିରେ ପରିଣତ ହେଲାଣି । ସମାଜରେ ଶିକ୍ଷିତ ବୋଲାଉଥିବା ବ୍ୟକ୍ତିମାନଙ୍କ ଭିତରୁ ଅନେକ ଆଜି ଏଥିରେ କବଳିତ । ଏଥିରୁ ସ୍ପଷ୍ଟ ଅନୁମେୟ ଯେ ନନ୍ଦିନୀ ଦେବୀଙ୍କ କାର୍ଯ୍ୟକ୍ରମ କେତେ ସୁଦୂରପ୍ରସାରୀ ଥିଲା ।

ଏହା ବ୍ୟତୀତ ନନ୍ଦିନୀ ଦେବୀ ଓଡ଼ିଶାର ସାମଗ୍ରିକ ବିକାଶ ପାଇଁ ଯେ ଦୃଷ୍ଟି ଦେଇ ନଥିଲେ, ତା ନୁହେଁ । ସେ ଏପରି ଯୋଜନା ସବୁ ହାତକୁ ନେଉଥିଲେ ଯେ, ଯେଉଁଥିରେ ସାଧାରଣ ଲୋକଙ୍କର ଉପକାର ହେବା ସଙ୍ଗେ ସଙ୍ଗେ ଓଡ଼ିଶାର ମଧ୍ୟ ପରିବର୍ତ୍ତନ ଘଟିପାରିବ । ଓଡ଼ିଶାର ସମୃଦ୍ଧି ନିମନ୍ତେ ଶିଳ୍ପର ପ୍ରସାରଣ କରିବା ତାଙ୍କର ମୁଖ୍ୟ କାର୍ଯ୍ୟକ୍ରମ ଥିଲା । ବେକାରୀ ଦୂରୀକରଣ ନିମନ୍ତେ ଭାରତ ସରକାର ତାଙ୍କ ପଞ୍ଚମ ଯୋଜନା କାଳରେ ଦ୍ରୁତ ଶିଳ୍ପାୟନ ପାଇଁ କେନ୍ଦ୍ରୀୟ ସ୍ତରରେ ଯେଉଁ ଅଭିଯାନ ଆରମ୍ଭ କରିଥିଲେ, ସେଥିରେ ନନ୍ଦିନୀ ଦେବୀ ଓଡ଼ିଶାକୁ ସାମିଲ କରେଇଥିଲେ । ସେ ସମୟରେ ୧୦କୋଟି ଟଙ୍କା ବ୍ୟୟ ଅଟକଳରେ ଫର୍ମଡ଼ କୋକ୍ ପ୍ଲାଣ୍ଟ, ୪୭.୪୪ କୋଟି ଟଙ୍କା ବ୍ୟୟ ଅଟକଳରେ ତାଳଚେରଠାରେ ଏକ ସାର କାରଖାନା, ୧୦୪ କୋଟି ଟଙ୍କା ବ୍ୟୟ ଅଟକଳରେ ରାଉରକେଲା ଇସ୍ପାତ କାରଖାନାର ସମ୍ପ୍ରସାରଣ, ୩୮ କୋଟି

Digitized by PPRACHIN, SOA

ଟଙ୍କା ବ୍ୟୟ ଅଟକଳରେ ସୁକିନ୍ଦାଠାରେ ଏକ ନିକେଲ କାରଖାନା, ୧୧ କୋଟି ଟଙ୍କା ବ୍ୟୟ ଅଟକଳରେ ଫେରୋଭାନାଡ଼ିୟମ କାରଖାନା, ୨୧ କୋଟି ଟଙ୍କା ବ୍ୟୟ ଅଟକଳରେ ତାଳଚେରଠାରେ ଏକ ଗୁରୁଜଳ କାରଖାନା, ୩୫ କୋଟି ଟଙ୍କା ବ୍ୟୟ ଅଟକଳରେ ତାଳଚେରଠାରେ ଏକ ଆରଗନ୍ ରିକଭରି କାରଖାନା, ୧୫.୧୫ କୋଟି ଟଙ୍କା ବ୍ୟୟ ଅଟକଳରେ ଗୋପାଳପୁରଠାରେ ଇଣ୍ଡିୟାନ୍ ରେୟାର ଆର୍ଥ କମ୍ପ୍ଲେକ୍ସ, ଏହିଭଳି ଅନେକ ଶିଳ୍ପ ପ୍ରତିଷ୍ଠା କରିଥିଲେ । ଆଟମିକ ଏନର୍ଜି ଉତ୍ପାଦନ ପାଇଁ ତାଳଚେରରେ ଗୁରୁଜଳ କାରଖାନା ଏବଂ ଗୋପାଳପୁରରେ ରେୟାର ଆର୍ଥ କମ୍ପ୍ଲେକ୍ସ ସେ ପ୍ରତିଷ୍ଠା କରିଥିଲେ ।୧୯୭୪-୭୫ ମସିହାରେ ଏହି ଦୁଇଟି ଯାକ କାରଖାନାର କାର୍ଯ୍ୟ ଆରମ୍ଭ ହୋଇଯାଇଥିଲା । ସେହିପରି ମୟୂରଭଞ୍ଜ ଜିଲ୍ଲାର ରାୟରଙ୍ଗପୁର ସ୍ଥିତ ଫେରୋଭାନାଡ଼ିୟମ କାରାଖାନା ଏବଂ ପାରାଦ୍ୱୀପଠାରେ ୨୪୧ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ସାର କାରାଖାନାର କାର୍ଯ୍ୟ ସେହି ବର୍ଷ ମଧ୍ୟ ଆରମ୍ଭ ହୋଇଥିଲା ।

ଆହୁରି ମଧ୍ୟ ସରକାରୀ ଓ ବେସରକାରୀ ଉଦ୍ୟମରେ ଚାରୋଟି ବୃହତ୍ ତଥା ମଧ୍ୟମ ଧରଣର ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା କରାଯାଇ ୧୯୭୪-୭୫ ମସିହାରେ ଉତ୍ପାଦନ ଆରମ୍ଭ ହୋଇଯାଇଥିଲା । ସେଗୁଡ଼ିକ ହେଲା :

୧. କଳିଙ୍ଗ ଝୋଟ କାରାଖାନା - ଢେଙ୍କାନାଳ
୨. ଏସିଆଟିକ୍ ଅକ୍ସିଜେନ - ରାଉରକେଲା
୩. ୟୁନିକ ବିଲ୍ଡ଼ର୍ସ - ତାଳଚେର
୪. ଝୋଟ ସୁତୁଲି କାରଖାନା - ରୂପ୍ସା ।

ଏହି ସବୁ କାରଖାନାମାନଙ୍କରେ ଅନେକ ବେକାରୀଙ୍କୁ ନିଯୁକ୍ତି ମିଳିଥିଲା । ନନ୍ଦିନୀ ଦେବୀଙ୍କ ପ୍ରଚେଷ୍ଟାରେ କୃଷ୍ଣନଗରଠାରେ ଏକ ଚିନିକଳ ବସିବା ସହିତ ସାରା ଓଡ଼ିଶାରେ ଆହୁରି ବହୁ କଳ କାରଖାନାମାନ ଗଢ଼ି ଉଠିଥିଲା ।

ସେହିପରି ଜଳସେଚନ ବ୍ୟବସ୍ଥାକୁ ମଧ୍ୟ ନନ୍ଦିନୀ ଦେବୀ ଖୁବ୍ ଗୁରୁତ୍ୱ ଦେଉଥିଲେ । ସେ ଅନେକ ଗୁଡ଼ିଏ ଉଠା ଜଳସେଚନ ବସାଇବା ସଙ୍ଗେ ସଙ୍ଗେ ଅପର କୋଲାବ୍ ଜଳପ୍ରକଳ୍ପ, ରେଙ୍ଗାଲି ପ୍ରୋଜେକ୍ଟ ପରି ଅନେକ କ୍ଷୁଦ୍ର ତଥା ମଧ୍ୟମ ଧରଣର ଜଳପ୍ରକଳ୍ପର ଶୁଭାରମ୍ଭ କରାଇଥିଲେ ।

ନନ୍ଦିନୀ ଦେବୀ ତାଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ହରିଜନ ଏବଂ ଆଦିବାସୀଙ୍କ ଉନ୍ନତି ନିମନ୍ତେ ବିଶେଷ ଧ୍ୟାନ ଦେଉଥିଲେ । ତାଙ୍କ ଭିତରୁ ଘର ନଥିବା ପରିବାରଗୁଡ଼ିକୁ

Digitized by PPRACHIN, SOA

ଚିହ୍ନଟ କରି ସେମାନଙ୍କୁ ବାସଗୃହ ଯୋଗାଇଦେବା ପାଇଁ ସେ କେନ୍ଦ୍ର ସରକାରଙ୍କ ନିକଟରେ ଦୃଢ଼ ଦାବି କରିଥିଲେ । ଏ ବିଷୟରେ ନନ୍ଦିନୀ ଦେବୀ କହନ୍ତି, ''ଇନ୍ଦିରା ଗାନ୍ଧୀ ଥାନ୍ତି ପ୍ଲାନିଙ୍ଗ୍ କମିଶନ୍‌ର ଚେୟାରମ୍ୟାନ ଏବଂ ପି.ଏନ୍. ହକ୍ସର ଡେପୁଟି ଚେୟାରମ୍ୟାନ । ମୁଁ ଯାଇ ତାଙ୍କୁ କହିଲି ଯେ ଓଡ଼ିଶାରେ ଲୋକଙ୍କର ଘର ଖଣ୍ଡେ ନାହିଁ । ତେଣୁ ୫ଲକ୍ଷ ଲୋକଙ୍କୁ ଘର ଯୋଗାଇ ଦେବାକୁ ପଡ଼ିବ । ଏ କଥା ଶୁଣି ପି.ଏନ୍. ହକ୍ସର କହିଲେ, 'ନନ୍ଦିନୀଜୀ, ମୁଝେ ଲଗତା ଆପ୍ ଓଡ଼ିଶାକୋ ଏକ୍ ଅଟୋନମସ୍ ଷ୍ଟେଟ୍ ବନାଏଙ୍ଗେ' । ମୁଁ କିଛି ନଶୁଣି ଜିଦ୍ କରିବାରୁ ଇନ୍ଦିରା ଗାନ୍ଧୀ ବାଧ୍ୟ ହୋଇ ୧୯୭୪ ମସିହାରେ 'କଳିଙ୍ଗ କୁଟୀର' ନାମକ ଏକ ସ୍କିମ୍‌ରେ ଗୃହ ନିର୍ମାଣ କରି ଜୟନ୍ତୀ ଭିଲେଜ ସବୁ ତିଆରି କଲେ । ସେଗୁଡ଼ିକ ସବୁ ଘର ନଥିବା ଆଦିବାସୀ ଏବଂ ହରିଜନମାନଙ୍କୁ ଦିଆଗଲା । ପରବର୍ତ୍ତୀ ସମୟରେ ଯାହାର ନାମକରଣ କରାଗଲା 'ଇନ୍ଦିରା ଆବାସ ଯୋଜନା ।' ସେହିପରି ଆଦିବାସୀମାନଙ୍କ ପାଇଁ ସେ ଏକ ଗୁରୁତ୍ୱପୂର୍ଣ୍ଣ ଆଇନ୍ ମଧ୍ୟ କରିଥିଲେ । ଯେଉଁଥିରେ କି ବ୍ୟବସ୍ଥା ଥିଲା ଯେ, ଆଦିବାସୀଙ୍କଠାରୁ ତାଙ୍କ ଜମିକୁ ଅଣ-ଆଦିବାସୀମାନେ ଖର୍ଦ୍ଦିକରି ନିଜ ନାମରେ କରିପାରିବେ ନାହିଁ ।

ସେହି ସମୟରେ ନନ୍ଦିନୀ ଦେବୀ ସବୁ ପୁରାତନ ମନ୍ଦିରର ଜୀର୍ଣ୍ଣୋଦ୍ଧାର କାର୍ଯ୍ୟ ମଧ୍ୟ କରାଇଥିଲେ । ମନ୍ଦିର ଏବଂ ବିଭିନ୍ନ ପ୍ରାଚୀନ କିର୍ତ୍ତି ଗୁଡ଼ିକର ସୁରକ୍ଷା ପାଇଁ ସେ ବହୁ ପଦକ୍ଷେପ ଗ୍ରହଣ କରିଥିଲେ । ତା'ଛଡ଼ା ଖୋର୍ଦ୍ଧାର ଜଙ୍କିଆଠାରେ ଏକ କୁଷ୍ଠ ସେବାଶ୍ରମ ନିମନ୍ତେ ରାଜ୍ୟସରକାରଙ୍କ ପକ୍ଷରୁ ଜମି ପ୍ରଦାନ କରିଥିଲେ । ସେ ମୁଖ୍ୟମନ୍ତ୍ରୀ ଥିବା ସମୟରେ ମଦରଟେରେସା ଓଡ଼ିଶା ଗସ୍ତରେ ଆସି ସେହି କୁଷ୍ଠାଶ୍ରମ ପାଇଁ ତାଙ୍କ ହାତରୁ ଜମିର ପଟ୍ଟା ଗ୍ରହଣ କରିଥିଲେ ।

କୃଷିପାଇଁ ମଧ୍ୟ ନନ୍ଦିନୀ ଦେବୀ ବହୁ ନୂଆ ନୂଆ ଯୋଜନା ସବୁ ପ୍ରସ୍ତୁତ କରିଥିଲେ । ସେଥି ମଧ୍ୟରେ ଫଳଚାଷ ଉପରେ ଗୁରୁତ୍ୱ ଦେଇ ସେ ଥରେ ଏକ ପ୍ଲାନ କଲେ ଯେ, ଓଡ଼ିଶାରେ ଯେତେଗୁଡ଼ିଏ କେନାଲ ବନ୍ଧ ଅଛି ସେହି ବନ୍ଧର ଦୁଇପାର୍ଶ୍ୱରେ ନଡ଼ିଆ ଗଛ ଲଗାଇବାକୁ । ଏହାଦ୍ୱାରା କମ୍ ପରିଶ୍ରମରେ ଦୁଇଟି ସ୍ୱାର୍ଥ ହାସଲ ହେବ । ଚାରାଗୁଡ଼ିକ ଟିକେ ବଡ଼ ହେବା ପରେ କେନାଲରୁ ଆପେ ଆପେ ପାଣି ଗ୍ରହଣ କରି ବଢ଼ିବ । ଫଳ ଧରିବା ବେଳକୁ ନିକଟସ୍ଥ ଚାଷୀମାନଙ୍କୁ କିଛି କିଛି ଗଛ ଲିଜ୍ ସୂତ୍ରରେ ଦେଇ ସରକାର କିଛି ରାଜସ୍ୱ ସଂଗ୍ରହ କରିବା ସଙ୍ଗେ ସଙ୍ଗେ ନିକଟସ୍ଥ ଗ୍ରାମବାସୀମାନେ ବି ଦି' ପଇସା ପାଇପାରିବେ । କିନ୍ତୁ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସେ ଟିକେ ଅସୁବିଧାରେ ପଡ଼ିଯାଇଥିଲେ । କାରଣ ଏ କାମଟା କୃଷି ବିଭାଗ ବୁଝିବା କଥା । ଆଉ

Digitized by PPRACHIN, SOA

କୃଷି ବିଭାଗର ଡାଇରେକ୍ଟର ଥାନ୍ତି ନନ୍ଦିନୀ ଦେବୀଙ୍କ ବଡ଼ ଭାଇନା ଶ୍ରୀଯୁକ୍ତ ନୀହାର ରଞ୍ଜନ ପାଣିଗ୍ରାହୀ, ଯାହାଙ୍କୁ କି ତାଙ୍କର ଖୁବ୍ ଡର । ଦିନେ ଏକ ଅଫିସିଆଲ ମିଟିଂରେ ସେ ଭାଇନାଙ୍କ ମୁହଁକୁ ନଚାହିଁ ତଳକୁ ଚାହିଁ ଏହି ପ୍ରସଙ୍ଗ ଉଠାଇଲେ ଏବଂ କହିଲେ ମୁଁ ଚାହୁଁଛି ଏହାକୁ କାର୍ଯ୍ୟକାରୀ କରିବାପାଇଁ । ନୀହାର ବାବୁ ବି ଥିଲେ ଜଣେ ସଚ୍ଚୋଟ ତଥା ଦକ୍ଷ ଅଫିସର, ତାଙ୍କ ସମୟରେ ସେ କୃଷିକ୍ଷେତ୍ରରେ ଅନେକ ସଂସ୍କାର ଆଣିପାରିଥିଲେ । କୃଷି ବିଭାଗର ପ୍ରାୟ ସମସ୍ତ କର୍ମଚାରୀ ତାଙ୍କୁ ଭୟ ଏବଂ ଭକ୍ତି କରୁଥିଲେ । ତାଙ୍କ ମନକୁ ବି ଏ କଥାଟା ପାଇଗଲା । ସେ ସଙ୍ଗେ ସଙ୍ଗେ ଅର୍ଡ଼ର ଦେଇ ଏହାକୁ କାର୍ଯ୍ୟକାରୀ କରାଇଥିଲେ । ସେତେବେଳେ ସେମାନେ ଭାଇ ଭଉଣୀ ଥାଇ ମଧ୍ୟ ନିଜ ନିଜର ସ୍ୱାର୍ଥ ପାଇଁ କେହି କାହା ଉପରେ କୌଣସି ଚାପ ପକାଉ ନଥିଲେ । ଯେଝା ଦାୟିତ୍ୱ ଯିଏ ତୁଲାଉଥିଲେ ।

ଜଣେ ସୁଦକ୍ଷା ପ୍ରଶାସିକା

ଓଡ଼ିଶାର ଲୋକମାନେ ଏବେବି ଶ୍ରଦ୍ଧା ଓ ସମ୍ମାନର ସହ ନନ୍ଦିନୀ ଦେବୀଙ୍କ ଶାସନ କାଳକୁ ମନେ ରଖିଛନ୍ତି । ପ୍ରଶାସନ ଉପରେ ଦୃଢ଼ ନିୟନ୍ତ୍ରଣ ରଖିବା ଓ ଶାସନକୁ ସର୍ବଦା ଲୋକାଭିମୁଖୀ କରାଇବା ଉପରେ ନନ୍ଦିନୀ ଦେବୀ ସବୁବେଳେ ଗୁରୁତ୍ୱ ଦେଇଆସିଛନ୍ତି । ସେ ମୁଖ୍ୟମନ୍ତ୍ରୀ ଥିବା ସମୟରେ କଳାହାଣ୍ଡି ଏବଂ ବଲାଙ୍ଗିର ଜିଲ୍ଲାରେ ଥରେ ଭୀଷଣ ମରୁଡ଼ି ପଡ଼ିଥିଲା । ସେହି ଭୟାନକ ମରୁଡ଼ି ଦେଖି ତାଙ୍କ ମାତୃ ହୃଦୟ କାନ୍ଦି ଉଠିଥିଲା । ସେ ସମ୍ପର୍କରେ ନନ୍ଦିନୀ ଦେବୀ କହନ୍ତି, ''ସେଠାରେ ଭୟଙ୍କର ମରୁଡ଼ି ପଡ଼ିଥାଏ, ବାଙ୍କ ବିହାରୀ ଦାସ ଥାନ୍ତି ରାଜସ୍ୱ ମନ୍ତ୍ରୀ । ସେ ମରୁଡ଼ି ପରିସ୍ଥିତି ଅନୁଧ୍ୟାନ କରିବାକୁ ନଯାଇ ବ୍ରଜ ମହାନ୍ତି ପ୍ରମୁଖଙ୍କ ସହ ମିଶି ମତେ ତଡ଼ିବା ପାଇଁ ଷଡ଼ଯନ୍ତ୍ର କରୁଥାନ୍ତି । ମୁଁ ତାଙ୍କୁ ଡାକି କହିଲି ଷଡ଼ଜନ୍ତ୍ର କରନ୍ତୁ କିନ୍ତୁ ସେଠାକୁ ଯାଇ ମରୁଡ଼ି ପ୍ରପୀଡ଼ିତ ଲୋକଙ୍କ କଥା ଟିକେ ବୁଝନ୍ତୁ । ମୁଁ ମଧ୍ୟ ତୁମ ସାଙ୍ଗରେ ଯିବି । ସେ କିନ୍ତୁ ଗଲେ ନାହିଁ । ତା'ପରେ ମୋ ସେକ୍ରେଟାରୀ ରମାକାନ୍ତ ରଥ ଏବଂ ଆର. ଡ଼ି. ସି. ନୀଳମାଧବ ମିଶ୍ରଙ୍କୁ ଧରି ମୁଁ ସେଠାକୁ ଗଲି । ଆମ ସହିତ ସେ ଦୁଇ ଜିଲ୍ଲାର କଲେକ୍ଟର ମଧ୍ୟ ଯାଇଥାନ୍ତି । ଚାରିଆଡ଼େ ପ୍ରଚଣ୍ଡ ଖରା । ଖାଇବାକୁ କେଉଁଠି ମିଳୁନି । ଲୋକେ ବହୁତ କଷ୍ଟରେ ଥାନ୍ତି । ଗଲାବେଳେ ମୋ ସାଙ୍ଗରେ ଯାଇଥିବା ସବୁ ଅଫିସରଙ୍କୁ ମୁଁ କହିଲି ଦେଖ କୌଣସି ଜାଗାରେ ଲଞ୍ଚ୍ କି ଡିନର ପୋଗ୍ରାମ୍ କିଛି ରଖନ୍ତୁନି । ପାଉଁରୁଟି ଏବଂ ଅଣ୍ଡା କିଛି ନେଇଯାଅ । ଗଛମୂଳେ ବସି ଖାଇବା । କୌଣସି ସ୍କୁଲରେ ଖାଇବାର

Digitized by PPRACHIN, SOA

ଆୟୋଜନ କରିବେନି । କାରଣ ଭୋକିଲା, ଲଙ୍ଗଳାପିଲା ଡହଳ ବିକଳ ହୋଇ ଚାହିଁଥିବେ-ତାଙ୍କର ଖାଇବାକୁ ନଥିବ, ସେମାନଙ୍କ ଦୁଃଖ ମୁଁ ସହି ପାରିବିନି । ତା'ପରେ ମୁଣ୍ଡରେ ପକାଇବାକୁ ସମସ୍ତଙ୍କ ପାଇଁ ଖଣ୍ଡେ ଲେଖା ସମ୍ବଲପୁରୀ ଗାମୁଛା କିଣିଲି । ସେଇ ପ୍ରଚଣ୍ଡ ଖରାରେ ଆମେ ଗାଁ ଗାଁ ବୁଲି ମରୁଡ଼ି ପରିସ୍ଥିତି ଅନୁଧ୍ୟାନ କଲୁ । ଗୋଟିଏ ଗାଁରେ ଜଣେ ସ୍ତ୍ରୀଲୋକ ଆମକୁ ଦେଖି କାନ୍ଦି କାନ୍ଦି ଖାଇବାକୁ ମାଗିଲା । ତାର ବିକଳ ଆଉ ସମ୍ଭାଳି ନପାରି ମୁଁ ବି କାନ୍ଦି ପକାଇଲି । ରମାକାନ୍ତ ବାବୁ କହିଲେ, ମାଡ଼ମ୍ ଆପଣ କାନ୍ଦୁଛନ୍ତି ! ମୁଁ ତାଙ୍କୁ କହିଲି ମୁଁ ଆଉ ସହି ପାରୁନାହିଁ । ଯେମିତି ହେଲେ ଏମାନଙ୍କୁ ପାଣି ଦିଅ, ଏମାନଙ୍କ ପାଇଁ ଖାଇବାକୁ ପଠାଅ । ସେଠାରୁ ଫେରି ଯେତେ ଚାଉଳ ଗହମ ବାହାରୁ ଅଣାଯାଇ ପାରିବ ମୁଁ ସେସବୁ ମଗାଇ ସେଠାକୁ ପଠାଇବା ସଙ୍ଗେ ସଙ୍ଗେ ଲଙ୍ଗ୍ ଟର୍ମ୍ ଓ ସର୍ଟ୍ ଟର୍ମ୍‌ରେ ଖୁବ ଶୀଘ୍ର ପାଣି ଯୋଗାଇ ଦେବାର ବ୍ୟବସ୍ଥା ମଧ୍ୟ କରିଥିଲି ।''

ଏହିପରି ଓଡ଼ିଶାର ବିଭିନ୍ନ ଘଟଣା, ଦୁର୍ଘଟଣାରେ ନନ୍ଦିନୀ ଦେବୀ ଯାଇ ତୁରନ୍ତ ପହଞ୍ଚିଯାନ୍ତି । ଅଫିସରମାନେ ତାଙ୍କ କଥାକୁ ତିଳେହେଲେ ଅମାନ୍ୟ କରିପାରନ୍ତି ନାହିଁ । ପ୍ରାକୃତିକ ଦୁର୍ବିପାକକୁ ପ୍ରତିହତ କରିବା ହେଉ, ଭୂମିହୀନ ବ୍ୟକ୍ତିମାନଙ୍କ ମଧ୍ୟରେ ଭୂମି ବଣ୍ଟନ ବ୍ୟବସ୍ଥା ହେଉ କିମ୍ବା ଅର୍ଥନୈତିକ ତଥା ସାମାଜିକ ବ୍ୟବସ୍ଥାଗୁଡ଼ିକର ବାସ୍ତବ ରୂପାୟନ ହେଉ, ପ୍ରତ୍ୟେକ କ୍ଷେତ୍ରରେ ଲୋକମାନଙ୍କୁ ଉକ୍ଟ ଦାରିଦ୍ର୍ୟ ଓ ରାଜ୍ୟକୁ ଅର୍ଥନୈତିକ ସ୍ଥାଣୁତା ମଧ୍ୟରୁ ରକ୍ଷା କରିବା ଏ ସମସ୍ତ ତାଙ୍କ ସରକାରର କାର୍ଯ୍ୟକଳାପରେ ମୁଖ୍ୟ ବିଷୟ ରୂପେ ସ୍ଥାନ ପାଇଥିଲା । ନନ୍ଦିନୀ ଦେବୀ ସାଧାରଣ ଜନତାଙ୍କର ସ୍ୱାଭାବିକ ନେତ୍ରୀ ଭାବରେ କାର୍ଯ୍ୟ କରିଆସିଛନ୍ତି । ରାଜନୀତିର ଅଙ୍କ କଷି ଶିଡ଼ି ଚଢ଼ିବା ସେ ଜାଣନ୍ତି ନାହିଁ । ସେ କୌଣସି ସମୟରେ କ୍ଷମତା ପାଇ ଲୋକଙ୍କ ଠାରୁ ଦୂରେଇ ଯାଇ ନାହାନ୍ତି ବରଂ କ୍ଷମତାକୁ ନେଇ ସେ ଲୋକମାନଙ୍କ ସେବାରେ ଲଗାଇଛନ୍ତି । ତାଙ୍କ ନିକଟକୁ କ୍ଷମତା ଆସିଛି ଆପେ ଆପେ, କ୍ଷମତା ବି ଯାଇଛି, କିନ୍ତୁ ନନ୍ଦିନୀ ଦେବୀ ଯେଉଁ ଭୂମିରେ ପାଦ ଥାପି କାର୍ଯ୍ୟ ଆରମ୍ଭ କରିଥିଲେ ସେ ସେଇଠି ଅଛନ୍ତି । ନିଜର ଆଦର୍ଶ ପ୍ରତି ସେ ଅଙ୍ଗୀକାରବଦ୍ଧ ରହିଆସିଛନ୍ତି । ରାଜନୀତି କରୁଥିବା ଲୋକମାନେ ଯାହା ଭାବନ୍ତି, ତାହା କହିପାରନ୍ତିନି । କିନ୍ତୁ ନନ୍ଦିନୀ ଦେବୀ ଯାହା ଠିକ୍ ବୋଲି ଭାବନ୍ତି ତାହା କହିଦିଅନ୍ତି । ତେଣୁ ସେ ଖାଲି ପୂର୍ବତନ ମୁଖ୍ୟମନ୍ତ୍ରୀ ବା କେନ୍ଦ୍ରମନ୍ତ୍ରୀ ଭାବରେ ନୁହେଁ, କେବଳ ନନ୍ଦିନୀ ଶତପଥୀ ଭାବରେ ହିଁ ଇତିହାସରେ ସ୍ଥାନ ପାଇବେ, ଏଥିରେ ସନ୍ଦେହ ନାହିଁ ।

Digitized by PPRACHIN, SOA

ବାପାଙ୍କ ତାଗିଦ୍

ଝିଅ ନନ୍ଦିନୀକୁ ପିଲାଟି ଦିନରୁ ସମ୍ପୂର୍ଣ୍ଣ ସ୍ୱାଧୀନତା ଭିତରେ ବଢ଼ାଇ ଆଣିଥିଲେ ମଧ୍ୟ, କାଳିନ୍ଦୀ ବାବୁ ଝିଅର ପ୍ରତ୍ୟେକଟି କାର୍ଯ୍ୟଉପରେ ତୀକ୍ଷ୍ଣ ଦୃଷ୍ଟି ରଖୁଥିଲେ । ଭୁଲ କଲେ ଚେତାଇ ଦେଉଥିଲେ ଆଉ ଠିକ୍ କାମ ପାଇଁ ପରୋକ୍ଷ ପ୍ରେରଣା ଯୋଗାଇ ଦେଉଥିଲେ । ନନ୍ଦିନୀ ଦେବୀ ବାପାଙ୍କର ସ୍ମୃତିଚାରଣ କରି କହନ୍ତି,

‘ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ
ଦେଖୁ ଦେଖୁ କେ ବା ସହୁ
ମୋ ଜୀବନ ପଛେ ନର୍କେ ପଡ଼ିଥାଉ
ଜଗତ ଉଦ୍ଧାର ହେଉ ।’

‘‘ମୁଁ ପାର୍ଲାମେଣ୍ଟକୁ ଯିବା ପରଠାରୁ ମୁଖ୍ୟମନ୍ତ୍ରୀ ପଦରେ ରହିଥିବା ପର୍ଯ୍ୟନ୍ତ ବାପା ବାରମ୍ବାର ମୋତେ ଭୀମ ଭୋଇଙ୍କର ଏହି ପଦଟି ବୋଲି ଶୁଣାଉଥିଲେ ଏବଂ ସବୁବେଳେ କ୍ଷମତା ପାଇଲା ପରେ ଲୋକଙ୍କ ଦୁଃଖକୁ ଦୂର କରିବା ଦିଗରେ ସାମାନ୍ୟ ମାତ୍ର ଅବହେଳା ଯେପରି ମୁଁ ନ କରେ, ସେଥିପାଇଁ ମତେ ସାବଧାନ ବାଣୀ ଶୁଣାଉଥିଲେ । ମୁଁ କେନ୍ଦ୍ରରେ ମନ୍ତ୍ରୀ ଥିବାବେଳେ ସେ ମୋ ପାଖକୁ ବରାବର ଚିଠି ଲେଖୁଥିଲେ ଏବଂ ସବୁ ଚିଠିରେ ‘ନନ୍ଦିନୀ ଶତପଥୀ, ଏମ.ଏ.’ ବୋଲି ଲେଖନ୍ତି । ମୁଁ ଥରେ କଟକ ଆସିଥାଏ, ଦିନେ ବାପାଙ୍କୁ ପଚାରିଲି ଯେ, ମୁଁ ଏଇକ୍ଷଣି ସୂଚନା ଓ ପ୍ରସାରଣ ବିଭାଗର ମନ୍ତ୍ରୀ ଅଛି, ତୁମେ ସେଇଟା ନ ଲେଖି ଏମ.ଏ କାହିଁକି ଲେଖୁଛ ? ବାପା ପୁଣି ସେଇ ଭୀମ ଭୋଇଙ୍କ କବିତା ଆବୃତ୍ତି କରି ମୋତେ କହିଥିଲେ ଯେ, ସେ ମନ୍ତ୍ରୀ, ଏମ.ପି. ପଦ ସବୁ କ୍ଷଣସ୍ଥାୟୀ । ଆଜିଅଛି କାଲିକି ନଥିବ, ଏଇଟା କିନ୍ତୁ ତୋର ସ୍ଥାୟୀ । ଏହି ଜ୍ଞାନଟା ତୋ ଭିତରୁ କେହି କାଢ଼ି ନେଇ ପାରିବେ ନାହିଁ ।

ଆଉ ବେଳେବେଳେ ହଠାତ୍ ରାତି ତିନିଟା ଚାରିଟା ବେଳେ ମୋତେ ଦିଲ୍ଲୀ ଟେଲିଫୋନ୍ କରି କହିବେ, କାମ ଠିକ୍ ଠିକ୍‌ରେ କରୁଛୁ ତ । ମନ୍ତ୍ରୀ ହେଇଛୁ ବୋଲି ମନରେ ଗର୍ବ ଆଣିବୁନି, ଲୋକଙ୍କ କଥା ବୁଝୁଥିବୁ । ଏମିତି କେତେକଥା । ମୁଁ କହେ, ବାପା, ମୁଁ କେତେବେଳେ ଗର୍ବଟେ କଲି କହିଲ ? ସେ ସଙ୍ଗେ ସଙ୍ଗେ କହିବେ, ନା ନା, ମୁଁ ସେକଥା କହୁନି । କାଳେ ତୋ ମନରେ ଗର୍ବ ଆସିଯିବ ସେଥିପାଇଁ ସାବଧାନ ଥିବୁ । ସେ ରାତି ସାରା ବସି ଲେଖାଲେଖି କରୁଥିବେ ଆଉ ମଝିରେ ମଝିରେ ମୋତେ ଏମିତି କହୁଥିବେ । ପ୍ରକୃତରେ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ପରି ବାପାଟେ ପାଇବା ଖୁବ୍ ସୌଭାଗ୍ୟର କଥା ।’’

Digitized by PPRACHIN, SOA

ଷାଠିଏ ଦଶକର ଆରମ୍ଭରେ ମାୟାଧର ମାନସିଂ ଓଡ଼ିଆ ସାହିତ୍ୟର ଇତିହାସ ଉପରେ ଗୋଟିଏ ବହି ଲେଖିଥିଲେ । ସେହି ବହିଟିକୁ ନ୍ୟସନାଲ୍ ବୁକ୍ ଟ୍ରଷ୍ଟ ଛପାଇଥିଲେ । ସେଥିରେ ସେ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କୁ ବହୁତ ସମାଲୋଚନା କରିଥିଲେ । ନନ୍ଦିନୀ ଦେବୀ ଏମ୍. ପି. ହୋଇ ଗଲାପରେ ଏନ. ବି. ଟି. ର ସଭାପତି ତାଙ୍କୁ ଅନୁରୋଧ କରି ଚିଠିଟିଏ ଲେଖିଥିଲେ ସେହି ବହି ସଂପର୍କରେ ମତାମତ ଦେବାପାଇଁ । ଏଥିପାଇଁ ମଧ୍ୟ ପାରିଶ୍ରମିକ ବାବଦରେ ଗୋଟିଏ ଉଚିତ ପରିମାଣର ଅର୍ଥ ତାଙ୍କୁ ଦେବା ପାଇଁ ଲେଖିଥିଲେ । ସେହି ମତାମତ ସମ୍ବନ୍ଧରେ ନନ୍ଦିନୀ ଦେବୀ କୁହନ୍ତି, ''ପାର୍ଲାମେଣ୍ଟ ସେସନ୍ ପରେ ମୁଁ କଟକ ଯାଇ ଏହି ଚିଠି ବିଷୟରେ ବାପାଙ୍କୁ ଜଣାଇଥିଲି । ବାପା ଏହା ଶୁଣି ସଙ୍ଗେ ସଙ୍ଗେ ବ୍ୟସ୍ତ ହୋଇ ମୋତେ କହିଲେ, 'ତୁ ଏଭଳି କୌଣସି ସମାଲୋଚନାମୂଳକ ପ୍ରବନ୍ଧ ଲେଖିବୁନି ।' ମୋର କିନ୍ତୁ ଲେଖିବାର ପ୍ରବଳ ଇଚ୍ଛା ଥିଲା କାରଣ ସେ ବହିରେ ମାୟାଧର ବାବୁ ବାପାଙ୍କ ସଂପର୍କରେ ଅନେକ ଭୁଲ ମନ୍ତବ୍ୟ ଦେଇଥିଲେ । ମୁଁ ଏ କାରଣଟା ବାପାଙ୍କୁ କହିବା ପରେ ସେ ମୋତେ ଉତ୍ତର ଦେଇଥିଲେ ଯେ, 'ସେଇଟା ହିଁ ମୁଖ୍ୟ କାରଣ, ଯେଉଁଥିପାଇଁ ତୁ ଲେଖିବୁନି ।' ଏହାପରେ ଏନ. ବି. ଟି. କୁ କିଭଳି ଭାବରେ ମନା କରିବି ସେ ଚିଠିଟି ବି ବାପା ନିଜେ ଟାଇପ୍ କରି ମୋ ହାତରେ ଧରାଇଦେଇଥିଲେ ।''

ପ୍ରକୃତରେ ନନ୍ଦିନୀ ଦେବୀ ତାଙ୍କ ବାପାଙ୍କଠାରୁ ଯେଉଁ ସ୍ୱାଧୀନତା ପାଇଥିଲେ ସେ ସ୍ୱାଧୀନତା ଯଥେଚ୍ଛାଚାର ନଥିଲା । ତାହା ଥିଲା ଏକ ମୁକ୍ତ ଚିନ୍ତାଧାରା ନେଇ କାର୍ଯ୍ୟ କରିବାର ସ୍ୱାଧୀନତା । ନିଜର ଅନ୍ତର୍ନିହିତ ଶକ୍ତିକୁ ସୁକାର୍ଯ୍ୟ ରେ ରୂପାନ୍ତରୀତ କରିବାର ସ୍ୱାଧୀନତା । ଆଉ ବାସ୍ତବ କ୍ଷେତ୍ରରେ ନନ୍ଦିନୀ ଦେବୀ ଏହାକୁ ଠିକ ବାଟରେ ହିଁ ଉପଯୋଗ କରିଥିଲେ ।

ଖଇରୀ ରାଣୀ ସହ କେତୋଟି ଅନ୍ତରଙ୍ଗ ମୁହୂର୍ତ୍ତ

ବାଘ କଥା ଶୁଣିଲେ କିଏ ନଡରେ । ଚିଡ଼ିଆଖାନାର ତାରଜାଲି ବାହାରେ ଠିଆ ହୋଇ ବାଘ ଦେଖୁଥିବା ବେଳେ ଦେହ କେମିତି ଶୀତେଇ ଉଠେ ? ଏ ଅଭିଜ୍ଞତା ଊଣା ଅଧିକେ ସମସ୍ତଙ୍କର ଥିବ । କିନ୍ତୁ ଏପରି କିଛି ବ୍ୟକ୍ତି ଅଛନ୍ତି, ଯେଉଁମାନେ ମହାବଳ ବାଘ ସହିତ ମଧ୍ୟ ସ୍ନେହ ମମତାରେ ବାନ୍ଧି ହୋଇଯାଆନ୍ତି । ତା ସଙ୍ଗେ ନିର୍ଭୟରେ ଅବସର ସମୟ କଟେଇ ଥାନ୍ତି । ଆଉ ସେମାନଙ୍କ ମଧ୍ୟରୁ ଅନ୍ୟତମ ବ୍ୟକ୍ତି ହେଲେ ନନ୍ଦିନୀ ଶତପଥୀ ।

Digitized by PPRACHIN, SOA

୧୯୭୩ ମସିହାରେ ଘଟିଥିବା ଏହି ଘଟଣାଟି ସେତେବେଳେ ଖୁବ୍ ଚର୍ଚ୍ଚାର ବିଷୟ ହୋଇପଡ଼ିଥିଲା । ନନ୍ଦିନୀ ଦେବୀ ସେତେବେଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀ । ଖାଲି ତ ମୁଖ୍ୟମନ୍ତ୍ରୀ ନୁହନ୍ତି, ଜଣେ ବହୁଚର୍ଚ୍ଚିତା ମୁଖ୍ୟମନ୍ତ୍ରୀ । ଆଇ. ଏ. ଏସ୍. , ଓ. ଏ. ଏସ୍. ଅଫିସରମାନେ ସେତେବେଳେ ନନ୍ଦିନୀ ଦେବୀଙ୍କ କୌଣସି ନିର୍ଦ୍ଦେଶ ଅମାନ୍ୟ କରିବାକୁ ସାହସ କରିପାରୁ ନଥିଲେ । ଯାହା ଆଜିକାଲି ସଚରାଚର ଘଟୁଛି । ଦିନକର ଘଟଣା ସକାଳୁ ସକାଳୁ ସେକ୍ରେଟାରିଏଟ୍ ର ନିଜ ପ୍ରକୋଷ୍ଠରେ ବସି ନନ୍ଦିନୀ ଦେବୀ ଫାଇଲ ଦେଖିବାରେ ବ୍ୟସ୍ତ ଥାନ୍ତି । ଏତିକିବେଳେ ହଠାତ୍ ଦୁଇ ତିନି ଜଣ ବ୍ୟକ୍ତି ତାଙ୍କ ରୁମ୍‌କୁ ପଶିଆସିଲେ, ଆଉ ଗୋଟିଏ ବିରାଡ଼ି ଛୁଆ ପରି ଜୀବଟିଏକୁ ତାଙ୍କ ଟେବୁଲ ଉପରେ ରଖିଦେଲେ । ଏହା ଦେଖି ନନ୍ଦିନୀ ଦେବୀ ଖୁବ୍ ବିରକ୍ତି ପ୍ରକାଶ କରି କହିଲେ, ' ଏସବୁ କି ଫାର୍ସ ? ବିଲେଇ ଛୁଆଟେ ଆଣି ମୋ ଟେବୁଲ ଉପରେ କହିଁକି ଥୋଉଛ ?' ତାକୁ ନେଇ ଯାଇଥିବା ଜଙ୍ଗଲ ଅଫିସରମାନେ ପ୍ରଥମେ ଟିକେ ଘାବରେଇ ଗଲେ । ତା'ପରେ ସେମାନଙ୍କ ମଧ୍ୟରୁ ଚୌଧୁରୀ ବାବୁ ବୋଲି ଜଣେ ଅଫିସର ମନରେ ସାହସ ବାନ୍ଧି ନିଜର ପରିଚୟ ଦେଇ କହିଲେ, 'ମାଡ଼ାମ୍, ଏଇଟା ବିଲେଇ ଛୁଆ ନୁହେଁ, ଗୋଟିଏ ବାଘ ଛୁଆ । ଏହାକୁ ଆମେ ଏବେ ଏବେ ଧରି ଆଣିଛୁ । ଆପଣ ଏହାର ନାମକରଣ କରନ୍ତୁ ।' ନନ୍ଦିନୀ ଦେବୀ ଟିକେ ଅପ୍ରତିଭ ହେଇ ବାଘ ଛୁଆଟିକୁ ନିରୀକ୍ଷଣ କଲେ । ତା'ପରେ ପଚାରିଲେ ।

'ଏହାକୁ ତୁମେ କେଉଁଠାରୁ ପାଇଲ ?'

'ଖଇରୀ ନଦୀ କୂଳରୁ ଆଜ୍ଞା', ଜଙ୍ଗଲ ଅଫିସର କହିଲେ ।

'ଏଇଟା ମାଇ କି ଅଣ୍ଡିରା ?'

'ମାଇ ଛୁଆଟିଏ ଆଜ୍ଞା । '

'ତେବେ ଏହାର ନାମ ଖଇରୀ ଦେଇଦିଅ ।'

ସେହିଦିନଠାରୁ ଖଇରୀ ରହିଲା ମିଷ୍ଟର ଚୌଧୁରୀ ବାବୁଙ୍କ ନିଜ ହେପାଜତରେ । ତା'ପରେ ସମୟର ତାଳ ଅନୁସାରେ ଖଇରୀ ଆସ୍ତେ ଆସ୍ତେ ବଢ଼ିବାକୁ ଲାଗିଲା । ଟିକେ ବଡ଼ ହେବା ପରେ ଜଣାପଡ଼ିଲା ଯେ, ସେଇଟା ଗୋଟିଏ ମହାବଳ ବାଘ । ଖୁବ୍ ଶୀଘ୍ର ସେ ଗୋଟିଏ ପୂର୍ଣ୍ଣ ମହାବଳ ବାଘରେ ପରିଣତ ହେଇଗଲା । ଚୌଧୁରୀ ବାବୁ ସେତେବେଳେ ମୟୂରଭଂଜରେ ରହୁଥାନ୍ତି । ଖଇରୀ ମଧ୍ୟ ତାଙ୍କ ପାଖରେ ରହୁଥାଏ ।

Digitized by PPRACHIN, SOA

ନନ୍ଦିନୀ ଦେବୀ ୧୯୭୪ ମସିହାରେ ଦ୍ୱିତୀୟ ଥର ଯେତେବେଳେ ମୁଖ୍ୟମନ୍ତ୍ରୀ ହେଲେ, ସେତେବେଳେ ଥରେ ଚୌଧୁରୀ ବାବୁ ଖଇରୀକୁ ଏକ ତାରଜାଲି ଘେରା ଘର ଭିତରେ ପୂରାଇ ଭୁବନେଶ୍ୱରକୁ ଆଣିଥାନ୍ତି । ସେ ତାକୁ ଲୋକ ସଂପର୍କ ବିଭାଗର ଏକ କୋଠରିରେ ରଖି ନନ୍ଦିନୀ ଦେବୀଙ୍କୁ ଅନୁରୋଧ କଲେ ଖଇରୀକୁ ଟିକେ ଦେଖିଆସିବା ପାଇଁ । ନନ୍ଦିନୀ ଦେବୀ ମଧ ଖଇରୀର ନାମ କରଣ କରିବା ଦିନ ପରଠାରୁ ତାକୁ ଆଉ ଦେଖି ନଥିଲେ । ତେଣୁ ସେ ସ୍ଥିର କଲେ ଖଇରୀକୁ ଦେଖିବାକୁ ଯିବେ । ଯେତେବେଳେ ସେ ଖଇରୀକୁ ଦେଖିଲେ ତାଙ୍କ ଆଖି ସାମ୍ନାରେ ଭାସିଉଠିଲା ଦୁଇବର୍ଷ ତଳର ଗୋଟିଏ ମୁହୂର୍ତ୍ତ । ବିରାଡ଼ି ଛୁଆଟେ ଭଳି ଖଇରୀ ସତେ ଯେମିତି ତାଙ୍କ ଟେବୁଲ ଉପରେ ବସିଛି । ନନ୍ଦିନୀ ଦେବୀ ତାକୁ ବଡ଼ ଆଶ୍ଚର୍ଯ୍ୟ ଚକିତ ନୟନରେ ଚାହିଁ ରହିଲେ । ତାଙ୍କ ମନରେ ସୃଷ୍ଟି ହେଲା ଭାବାନ୍ତର । ଖଇରୀକୁ ଆହୁରି ନକଟରେ ଦେଖିବାକୁ ତାଙ୍କର ସୃଷ୍ଟିହେଲା ଦୁର୍ବାର ଲାଳସା । ସେ ଚୌଧୁରୀ ବାବୁଙ୍କୁ କହିଲେ, 'ଖଇରୀ ପାଖରେ ମୁଁ କିଛି ସମୟ ବସିବାକୁ ଚାହେଁ । ସେତେବେଳେ ଅବୋଧ ନାରାୟଣ ତିୱାରୀ ଥାନ୍ତି ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ । ଆଉ ବଂଶରାଜ ସିଂ ଥାନ୍ତି ନନ୍ଦିନୀ ଦେବୀଙ୍କ ପି.ଏ. । ଏମାନେ ତ ଆଗରୁ ଜାଣିଛନ୍ତି ମାଡ଼ାମ୍‌ଙ୍କର ଜିଦ୍‌କୁ । ତଥାପି ସେମାନେ ମାଡ଼ାମ୍‌ଙ୍କୁ ବୁଝାଇବାକୁ ଚେଷ୍ଟା କଲେ ଯେ, ଖଇରୀ ବର୍ତ୍ତମାନ ଏକ ପୂର୍ଣ୍ଣ ଯୌବନପ୍ରାପ୍ତ ମହାବଳ ବାଘ । ତା'ନିକଟକୁ ଯିବା ଏଇକ୍ଷଣି ଖୁବ୍ ବିପଜ୍ଜନକ । କିନ୍ତୁ ନନ୍ଦିନୀ ଦେବୀ ଥିଲେ ଅତ୍ୟନ୍ତ ସାହସୀ ଏବଂ ଏକଜିଦିଆ । ସେ ନଛୋଡ଼ବନ୍ଧା, ଖଇରୀ ପାଖରେ ବସିବେ ହିଁ ବସିବେ ।

ସ୍ୱୟଂ ମୁଖ୍ୟମନ୍ତ୍ରୀ ଯେତେବେଳେ ଚାହୁଁଛନ୍ତି, ତାଙ୍କ ଆଦେଶ ଅବଶ୍ୟ ପାଳନ କରିବାକୁ ପଡ଼ିବ । ଏ କଥା ଶୁଣି ଅନ୍ୟାନ୍ୟ ଅଧସ୍ତନ କର୍ମଚାରୀ ଏକବାରେ ହତବମ୍ଭ । ଖଇରୀ ଯେତେ ସୁଧାର ହୋଇଥିଲେ ବି ଗୋଟେ ମହାବଳ ବାଘ ଉପରେ କ'ଣ ବା ଭରସା । ସରକାରୀ ଅଫିସରମାନେ ଏକ ଅପ୍ରୀତିକର ପରିସ୍ଥିତିରେ ପଡ଼ିଗଲେ । ମୁଖ୍ୟମନ୍ତ୍ରୀ ବାଘ ପାଖେ ବସିବେ । ଯଦି କିଛି ଅଘଟଣ ଘଟେ ତେବେ ସେମାନଙ୍କ ଚାକିରିଟା ପ୍ରଥମେ ଯିବ । ଏପଟେ ସ୍ୱୟଂ ମୁଖ୍ୟମନ୍ତ୍ରୀଙ୍କ ଆଦେଶ । ବିଚରା ସେମାନେ ଏକ ଧର୍ମ ସଂକଟରେ ପଡ଼ିଗଲେ । ବହୁତ ବିଚାର ବିମର୍ଶ ପରେ କିଛି ଫଳ ନ ମିଳିବାରୁ ବାଧହୋଇ ଖଇରୀକୁ ଗୋଟିଏ ପ୍ରକୋଷ୍ଠକୁ ଅଣାଗଲା । ନନ୍ଦିନୀ ଦେବୀଙ୍କ ଅଗୋଚରରେ କେତେଜଣ ବନ୍ଧୁକଧାରୀ ଫୋର୍ସଙ୍କୁ ବି ମଗାଇ ଦିଆଗଲା । ତା'ପରେ ନନ୍ଦିନୀ ଦେବୀ ଖଇରୀ ଥିବା କୋଠରିରେ ଚଉକିଟିଏ ପକାଇ ବସିଲେ ଆଉ ଖଇରୀ ରହିଥିବା ସେଡ୍‌ର

Digitized by PPRACHIN, SOA

ଫାଟକଟାକୁ ଖୋଲି ଦିଆଗଲା । ଏପଟେ ଫୋର୍ସମାନେ ବଂଧୁକ ମୁନକୁ ଖଇରୀ ଉପରକୁ ଲକ୍ଷ୍ୟକରି ଆଟେନ୍‌ସନ୍‌ରେ ରହିଥାନ୍ତି । ଭୀଷଣ ଏକ ଟେନ୍‌ସନ୍ ମୁହୂର୍ତ୍ତ । ଖଇରୀ ସେଦ୍ୱର ଫାଟକ ବାଟ ଦେଇ ଧୀରେ ଧୀରେ ବାହାରକୁ ବାହାରି ଆସିଲା । ଆସିବା ସମୟରେ ଜିଭଟାକୁ ତା'ର ଓଠରେ ବୁଲାଇ ବୁଲାଇ ଅତ୍ୟନ୍ତ ଗାମ୍ଭୀର୍ଯ୍ୟପୂର୍ଣ୍ଣ ଭଙ୍ଗୀରେ ଚାରିକଡ଼କୁ ଆଖି ବୁଲାଉଥାଏ । ଚାରିଆଡ଼େ ପିନ୍‌ଡ୍ରପ୍ ସାଇଲେନ୍ସ । ନବ ଯୌବନ ପ୍ରାପ୍ତ ଖଇରୀର ଆଖିରୁ ବାହାରି ଆସୁଥାଏ ଏକ ଭୟଙ୍କର ଜ୍ୟୋତି । ସମସ୍ତେ ଏକବାରେ ତଟସ୍ଥ । ଗୋଟିଏ ବନ୍ଦ କୋଠରି ମଧ୍ୟରେ ଗୋଟିଏ ମହାବଳ ବାଘ ଆଉ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଦେବୀ । ସେତେବେଳକୁ ସମସ୍ତଙ୍କର ଦୃଷ୍ଟି କେନ୍ଦ୍ରୀଭୂତ ଥାଏ ଖଇରୀ ଉପରେ ଏବଂ ନନ୍ଦିନୀ ଦେବୀଙ୍କ ଉପରେ । କ'ଣ ହେବ ? ଖଇରୀ ମାଡ଼ାମ୍‌ଙ୍କ ସହିତ କିପରି ବ୍ୟବହାର କରିବ ତାହା ହିଁ ଦେଖିବାକୁ ସଭିଙ୍କର ଉତ୍କଣ୍ଠା ଶତଗୁଣ ବଢ଼ି ବଢ଼ି ଯାଉଥାଏ ।

ଏଡ଼ିକି ଟିକିଏ ବିରାଡ଼ିଛୁଆ ପରି ଜୀବଟି ଯା ଭିତରେ ଏତେବଡ଼ ହୋଇଗଲାଣି ! ଏହିକଥା ଭାବି ଏକ ଉତ୍‌ଫୁଲ୍ଲିତ ମନରେ ନନ୍ଦିନୀ ଦେବୀ ଅତ୍ୟନ୍ତ ସ୍ନେହର ସହିତ ତାକୁ ଦେଖୁଥାନ୍ତି । ଶେଷରେ ଖଇରୀ ବାଘଟିଏ ହେଲେ ବି ନନ୍ଦିନୀ ଦେବୀଙ୍କ ମନର ଭାଷା ବୁଝିପାରିଲା କି କ'ଣ ଚୁପ୍‌ଚାପ୍ ଚାଲିଚାଲି ଆସି ତାଙ୍କର ଠିକ୍ ଗୋଡ଼ ପାଖରେ ଆରାମରେ ଶୋଇଗଲା । ଖଇରୀ ନନ୍ଦିନୀ ଦେବୀଙ୍କୁ ଚାହିଁ ଶୋଇରହିଥାଏ ଆଉ ନନ୍ଦିନୀ ଦେବୀ ଖଇରୀକୁ । ଘର ବାହାରେ ସରକାରୀ ଅଫିସର ଏବଂ ବଂଧୁକଧାରୀ ଫୋର୍ସ ଏକ ଅସହାୟ ଅବସ୍ଥାରେ ଠିଆହୋଇ ରହିଥାନ୍ତି ।

କବି ଓ ଭାବୁକମାନଙ୍କ ପାଇଁ ଏହା ଏକ ଚମତ୍କାର ଦୃଶ୍ୟ ହେଇପାରେ । ମାତ୍ର କେତେଜଣଙ୍କର ସାହସ ହେବ ଏଭଳି ଏକ ମହାବଳ ବାଘ ସାମ୍ନାରେ ବସିରହିବାକୁ ? ନନ୍ଦିନୀ ଦେବୀ ତାଙ୍କ ଜୀବନକାଳ ଭିତରେ ଅନେକ କ୍ରାଉଡ୍‌କୁ ସାମ୍ନା କରିଛନ୍ତି,ଅନେକ ଅସାମାଜିକ ବ୍ୟକ୍ତିଙ୍କୁ ସାବାଡ଼୍ କରିଛନ୍ତି, ଛାତ୍ର ଜୀବନରେ ପୁଲିସଠାରୁ ଲାଠିମାଡ଼ ଖାଇଛନ୍ତି, ଜେଲ ଯାଇଛନ୍ତି, ହେଲେ କାହାରି ସାମ୍ନାରେ କେବେହେଲେ ଦବିଯାଇନାହାନ୍ତି କି ସାହସ ହରେଇନାହାନ୍ତି । ଶେଷକୁ ଜଣେ ନାରୀ ହୋଇ ମଧ୍ୟ ମହାବଳ ବାଘ ପରି ଏକ ଭୟଙ୍କର ଜନ୍ତୁ ପାଖରେ ବସିରହି ପ୍ରତିପାଦନ କରିଦେଇଛନ୍ତି ଯେ, ଭୟ ଗୋଟିଏ ଜିନିଷ ଯାହାକି ତାଙ୍କ ଛାୟାସୁଦ୍ଧା ସ୍ପର୍ଶକରିପାରିବ ନାହିଁ ।

Digitized by PPRACHIN, SOA

ରାଜନୈତିକ ଷଡ଼ଯନ୍ତ୍ରର ଶିକାର

୧୯୭୬ ମସିହାର ଶେଷ ମାସଟି ନନ୍ଦିନୀ ଦେବୀଙ୍କ ପାଇଁ ଏକ ଅଗ୍ନି ପରୀକ୍ଷାର ସମୟ ଥିଲା । ତାଙ୍କ ଚାରିପଟେ ଶତ୍ରୁମାନଙ୍କର ପଦଧ୍ୱନି । ରାଜ୍ୟଠୁ କେନ୍ଦ୍ର ପର୍ଯ୍ୟନ୍ତ ତାଙ୍କ ବିରୁଦ୍ଧରେ ଗୋଟିଏ ଭୀଷଣ ଷଡ଼ଯନ୍ତ୍ର ଚାଲିଥାଏ । ଏହି ଷଡ଼ଯନ୍ତ୍ର ବିଷୟରେ ସେ କିଂଚିତ୍ ସୂଚନା ପାଇଥିଲେ ମଧ୍ୟ ତାଙ୍କର ଏଥିପ୍ରତି ଟିକେହେଲେ ଭ୍ରୂକ୍ଷେପ ନଥିଲା । ସେ ଚାଲିଥିଲେ ତାଙ୍କ ବାଟରେ ଆଉ ଷଡ଼ଯନ୍ତ୍ର ତା'ବାଟରେ । ପରିଣତି ବିଷୟରେ ସେ ଚିନ୍ତା ସୁଦ୍ଧା କରିନଥିଲେ । ସଞ୍ଜୟ ଗାନ୍ଧୀ ଏହି ଚକ୍ରାନ୍ତର ସୂତ୍ରଧର ଥିଲେ ମଧ୍ୟ ଓଡ଼ିଶାର କିଛି ରାଜନୈତିକ ନେତା ଏଥିସହ ସାମିଲ ହୋଇଥିଲେ । ଶେଷରେ ଏହି କୁଚକ୍ରୀ ଗୋଷ୍ଠୀର ଚିତାପଟ ହୋଇଥିଲା, ହେଲେ ନନ୍ଦିନୀ ଦେବୀ ଶେଷ ପର୍ଯ୍ୟନ୍ତ କାହା ନିକଟରେ ମଥାନତ କରିନଥିଲେ ।

ସଂଜୟର କୋପ

ସେହି ବର୍ଷ ଦେଶରେ ଜରୁରୀକାଳୀନ ପରିସ୍ଥିତି ଜାରିର ଅବ୍ୟବହିତ ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ ଦପ୍ତରରୁ ଘନଘନ ଫୋନ୍ ଡ଼ାକରା ପାଇ ନନ୍ଦିନୀ ଦେବୀ ଯାଇ ଦିଲ୍ଲୀରେ ପହଞ୍ଚିଲେ । ଏୟାର ପୋର୍ଟରେ ପହଞ୍ଚିବାକ୍ଷଣି ଓଡ଼ିଶା ଭବନରୁ ଆସି ସେଠାରେ ଅପେକ୍ଷା କରିଥିବା ଜନୈକ କର୍ମଚାରୀ ତାଙ୍କୁ କହିଲେ, ପ୍ରଧାନମନ୍ତ୍ରୀଙ୍କ ପାଖରୁ ଅନେକ ଥର ଫୋନ୍ ଆସିଲାଣି, ଆପଣ ସିଧା ତାଙ୍କ ଘରକୁ ଯାଆନ୍ତୁ । ଏହାଶୁଣି ନନ୍ଦିନୀ ଦେବୀ ସିଧା ଚାଲିଲେ ଇନ୍ଦିରାଗାନ୍ଧୀଙ୍କ ବାସଭବନକୁ । ତାଙ୍କୁ ତ ଇନ୍ଦିରା ଗାନ୍ଧୀଙ୍କ ଘରକୁ ଯିବାପାଇଁ ଏତେ କଡ଼ାକଡ଼ି ନଥିଲା । ସେ ଯାଇ ତାଙ୍କ ଡ୍ରଇଂରୁମ୍‌ରେ ପଶିଗଲେ । ସେତେବେଳକୁ ଇନ୍ଦିରା ଗାନ୍ଧୀ ଓ ସିଦ୍ଧାର୍ଥ ଶଙ୍କର ରାୟ ବସି କ'ଣ ସବୁ ଲେଖାଲେଖି କରୁଥାନ୍ତି । ନନ୍ଦିନୀ ଦେବୀ ଯାଇ ପ୍ରଧାନମନ୍ତ୍ରୀଙ୍କ ରୁମ୍ ନିକଟରେ ଠିଆ ହେଲେ । କିଛି ସମୟ ପରେ ଇନ୍ଦିରା ଗାନ୍ଧୀ ତାଙ୍କୁ କହିଲେ, 'ତୁ ଏଠି ବସିଥା, ମୁଁ ଟିକେ ଆସୁଛି ।' କହି ସେ ଓ ସିଦ୍ଧାର୍ଥ ଶଙ୍କର ରାୟ ବାହାରକୁ ଚାଲିଗଲେ । ନନ୍ଦିନୀ ଦେବୀ ସେଠାରେ ବସିଥାନ୍ତି, ଏତିକିବେଳେ ସଂଜୟ ଗାନ୍ଧୀ ଆସି କହିଲେ, 'ଆଣ୍ଟିଜୀ, କାଲ୍ ଆପକେ ଯିତ୍‌ନା ଆଖ୍‌ବାର ହେ ସବ୍ ବନ୍ଦ କରଦିଜିଏ ।' ନନ୍ଦିନୀ ଦେବୀ ଉତ୍ତର ଦେଲେ, 'ମୁଁ କେମିତି ବନ୍ଦ କରିବି ? ଖବରକାଗଜ ତ ସରକାରର ନୁହେଁ !' ସଂଜୟ କହିଲେ, 'ଆପ୍ ଲାଇଟ୍ ଔର ପାନି ବନ୍ଦ କରଦିଜିଏ ।' ନନ୍ଦିନୀ ଦେବୀ ଏହାର ବିରୋଧ କଲେ ।

Digitized by PPRACHIN, SOA

କହିଲେ, 'ମୁଁ ତ ଏହା ବନ୍ଦ କରିପାରିବିନି, ମୋ ପକ୍ଷରେ ଏଇଟା ଉଚିତ ନୁହେଁ ।' ସଂଜୟ କ୍ରୋଧମିଶା ସ୍ୱରରେ କହିଲେ, 'କ୍ୟୁଁ, ଆପ୍‌ତୋ ଚିଫ୍ ମିନିଷ୍ଟର ହେଁ ।' ନନ୍ଦିନୀ ଦେବୀ କଥାଟିକୁ ନ ବଢ଼େଇ କହିଲେ, 'ଯବ ତୁହ୍ମାରା ମମି ଆଏଙ୍ଗେ ତବ୍ ଉନ୍‌କେ ସାଥ୍ ମେ ବାତ କରୁଙ୍ଗା ।' ବାସ୍ ଏତିକିରେ ସଂଜୟ ଗାନ୍ଧୀଙ୍କର ରାଗ ଉଠିଗଲା କି କ'ଣ, ସେ ସେଠାରୁ ଚାଲିଗଲେ । ନନ୍ଦିନୀ ଦେବୀ ମଧ୍ୟ କିଛି ସମୟ ଅପେକ୍ଷା କରି ଇନ୍ଦିରା ଗାନ୍ଧୀ ଡାକିଲେ ଯିବେ ଭାବି ତାଙ୍କ ସ୍ୱାମୀ ଦେବେନ୍ଦ୍ର ଶତପଥୀ ରହୁଥିବା ୬୦, ଲୋଧି ଇଷ୍ଟେଟ୍‌କୁ ଫେରି ଆସିଲେ । ତା'ପରେ ସଂଜୟ ଗାନ୍ଧୀ ଇନ୍ଦିରା ଗାନ୍ଧୀଙ୍କୁ କ'ଣ କହିଲେ କେଜାଣି ଇନ୍ଦିରା ଗାନ୍ଧୀ ଆଉ ତାଙ୍କୁ ଡାକିଲେନି କି ସେ ଆଉ ଗଲେନି । ପରେ ପରେ ଦେଶରେ ଏମରଜେନ୍ସୀ ଜାରି ହେଇଗଲା ।

ମୁଖ୍ୟମନ୍ତ୍ରୀ ପଦରୁ ବିଦାୟ

ନନ୍ଦିନୀ ଦେବୀଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ସେ ଓଡ଼ିଶା ଇତିହାସରେ ଏକ ସ୍ୱତନ୍ତ୍ର ଅଧ୍ୟାୟ ସୃଷ୍ଟିକରିଛନ୍ତି ବୋଲି କହିଲେ କିଛି ଅତ୍ୟୁକ୍ତି ହେବନାହିଁ । କିନ୍ତୁ ଏକ ଅଗଣତାନ୍ତ୍ରିକ ରୂପେ ତାଙ୍କୁ ଯେଭଳି ଭାବରେ ତାଙ୍କ ପଦବୀ ହରେଇବାକୁ ପଡ଼ିଥିଲା, ତାହା ବାସ୍ତବିକ ଥିଲା ଅତ୍ୟନ୍ତ ଲଜ୍ଜାଜନକ । ମୁଷ୍ଟିମେୟ କଂଗ୍ରେସ ନେତାଙ୍କ ପ୍ରରୋଚନାରେ ପଡ଼ି ଇନ୍ଦିରା ଗାନ୍ଧୀ ମଧ୍ୟ ଯେଉଁଭଳି ପଦକ୍ଷେପ ସେତେବେଳେ ନେଲେ ତାହା ଏବେ ବି ଭାବିଲେ ଖୁବ୍ ଆଶ୍ଚର୍ଯ୍ୟ ଲାଗେ । କାରଣ ଏହା ସେତେବେଳେ ସର୍ବଜନବିଦିତ ଥିଲା ଯେ ନନ୍ଦିନୀ ଦେବୀଙ୍କୁ ଇନ୍ଦିରା ଗାନ୍ଧୀ ଖୁବ୍ ଭଲ ପାଉଥିଲେ, ଏବଂ ତାଙ୍କ ଉପରେ ଇନ୍ଦିରାଜୀଙ୍କର ଗଭୀର ବିଶ୍ୱାସ ଥିଲା । ଅନ୍ୟପକ୍ଷରେ ଦେଖିଲେ ନନ୍ଦିନୀ ଦେବୀଙ୍କ ସରକାରରେ ସେଭଳି କିଛି ଗୁରୁତର ରାଜନୈତିକ ସଙ୍କଟ କିମ୍ବା ରାଜ୍ୟରେ କୌଣସି ଗଣ୍ଡଗୋଳ ମଧ୍ୟ ନଥିଲା । ତେବେ କେଉଁଭଳି ପରିସ୍ଥିତିରେ ଏଭଳି ଏକ ଘଟଣା ଘଟିଲା ତା ଉପରେ ନନ୍ଦିନୀ ଦେବୀ କୁହନ୍ତି, ''ଏବେ ତ ଇନ୍ଦିରା ଗାନ୍ଧୀ, ସଂଜୟ ଗାନ୍ଧୀ କି ରାଜୀବ ଗାନ୍ଧୀ କେହି ନାହାନ୍ତି । ଆଉ ପୁଣି ସଂଜୟ ଗାନ୍ଧୀ ବିଷୟରେ କ'ଣ କହିବି । ମୋର ମୁହାଁମୁହିଁ ତା' ସାଙ୍ଗରେ କିଛି କଥାବାର୍ତ୍ତା ହେଇନି । ସେ ମୋତେ ଦେଖିଲେ ବହୁତ ସମ୍ମାନ କରେ । ସେ ସମୟରେ ଭାରତ ବର୍ଷର ସବୁ ରାଜ୍ୟକୁ ସେ ଯାଉଥିଲା । କିନ୍ତୁ ଓଡ଼ିଶାକୁ ଆସିଲାନି । ହଠାତ୍ କାହିଁକି କେଜାଣି କହିଲା, 'Unless that lady goes out, I will not go to Orissa' । ତା'ପରେ ମୁଁ କିପରି ଓଡ଼ିଶା

Digitized by PPRACHIN, SOA

ସରକାରରେ ଆଉ ନ ରହିବି, ସେଥିପାଇଁ ସେ ଓଡ଼ିଶାର ଯେଉଁମାନେ ପାର୍ଲିଆମେଣ୍ଟ ମେମ୍ବର ଥିଲେ ସେମାନଙ୍କ ଭିତରୁ କିଛି ଲୋକଙ୍କୁ ଲଗାଇଦେଲା । ସେ ଲଗାଇଦେଲା କ'ଣ କି; ତାକୁ ସାହାଯ୍ୟ କରିବା ପାଇଁ ଏମାନେ ବି ହାତ ବଢ଼ାଇ ଦେଲେ । ତାଙ୍କ ଭିତରୁ ବି ଅନେକ ବଞ୍ଚିଥିବା ବ୍ୟକ୍ତି, ଯେଉଁମାନେ କି ଏବେ କିଛି କିଛି କ୍ଷମତାରେ ଅଛନ୍ତି, ସେମାନଙ୍କ ନାମ ନ କହିଲେ ଭଲ । ଯାହାହେଉ ସମସ୍ତେ ମିଶି ବହୁତ ଚେଷ୍ଟା କଲେ । ଜାନକୀବାବୁ ଡିଫେନ୍‌ସ ପ୍ଲେନ୍ ଧରି ବାରମ୍ବାର ଏଠାକୁ ଆସିଲେ । ଶେଷକୁ ସମସ୍ତେ ମିଶି ଦଶ ଏଗାରଟି ଦସ୍ତଖତ ମୋ ବିରୁଦ୍ଧରେ ସଂଗ୍ରହ କଲେ । ତାକୁ ନେଇ ଯେତେବେଳେ ସଂଜୟ ଗାନ୍ଧୀକୁ ଦେଲେ, ସେ ସେଇଟା ଗ୍ରହଣ କଲାନାହିଁ । କହିଲା, ଏଇଟା ତ ମୁଁ ମମିକୁ ଦେଇପାରିବିନି । ମମି ତାଙ୍କୁ ବହୁତ ଭଲପାନ୍ତି । ଅଧିକ ଦସ୍ତଖତ ହେଲେ ଯାଇ ସିନା ମୁଁ ମମିକୁ କହିବି ଯେ ତାଙ୍କୁ ବାହାର କର । ଏମାନେ ସେଇଠୁ ଖୁବ୍ ମୁସ୍କିଲ୍‌ରେ ପଡ଼ିଗଲେ । ମୁଁ ଏହା କିପରି ଜାଣିଲି କି, ଏହାର ଅନେକ ବର୍ଷ ପରେ ମୁଁ ଥରେ ପ୍ଲେନରେ ଦିଲ୍ଲୀ ଯାଉଥିଲି । କାହ୍ନୁ ବାବୁ ବି ସେଇ ପ୍ଲେନ୍‌ରେ ଯାଉଥାନ୍ତି । ସେ ହିଁ ମୋତେ ସବୁ ବିଷୟ କହିଲେ । କାରଣ ସେ ସମୟରେ ଏ ଘଟଣା ଜାଣିବା ମୋ ପକ୍ଷରେ ସମ୍ଭବ ନଥିଲା । ମୁଁ ତ ଓଡ଼ିଶାର କାମରେ ବ୍ୟସ୍ତ ଥିଲି । ଓଡ଼ିଶାରେ କ'ଣ କରିବାକୁ ହେବ, କିଭଳି ଭାବରେ ଓଡ଼ିଶାରେ ଉନ୍ନତି ହେବ, ଭୂ-ସଂସ୍କାର କରିବାକୁ ହେବ, ମହାଜନୀ କାରବାର ବନ୍ଦ ପାଇଁ ଆଇନ୍ କରିବାକୁ ହେବ, ଏମିତି ନାନା ପ୍ରକାର କଥାରେ ମୁଁ ବ୍ୟସ୍ତ ରହିଥିଲି । ମୋ ଟେବୁଲ ଉପରେ ମୁଁ ମୋଟେ ଫାଇଲ୍ ରଖେନି । ପ୍ରତିଦିନର ଫାଇଲ୍ ସେହିଦିନ ଶେଷ କରିବାକୁ ଚେଷ୍ଟା କରୁଥିଲି । ରାତି ତିନିଟା ପର୍ଯ୍ୟନ୍ତ ମୁଁ କାମ କରୁଥିଲି । ସେଇ ଅବସ୍ଥାରେ ସଂଜୟ ଗାନ୍ଧୀ କ'ଣ ଷଡ଼ଯନ୍ତ୍ର କରୁଛି ମୋ ବିରୁଦ୍ଧରେ, ଏହାକୁ ବୁଝିବା ପାଇଁ ପଲିଟିକ୍, ଯାହାକୁ କହନ୍ତି ପଲିଟେକିଙ୍ଗ୍, ସେ କାମଟା ମୁଁ ଜମା କରିପାରିଲିନି । ମାନ୍ୟୁପୁଲେସନ, ମାନ୍ୟୁଭରେଣ୍ଟ ବି ମୁଁ କରିପାରିଲିନି । ସେ ଯାହାହେଉ, ଦେବକାନ୍ତ ବଡୁଆ ଥାନ୍ତି ସେତେବେଳେ ଅଖିଳ ଭାରତୀୟ କଂଗ୍ରେସ କମିଟି (AICC) ର ସଭାପତି । ସେ ମୋତେ ଦିନେ ଡାକି କହିଲେ, 'ତୁ ଦିଲ୍ଲୀ କାହିଁକି ଆସୁନୁ ? ତୁ ଏଠାକୁ ବାରମ୍ବାର ଆସିବା ଦରକାର । ଦେଖ୍ ସିଦ୍ଧାର୍ଥ ଶଙ୍କର ରାୟ କେମିତିକା ପ୍ରତି ସପ୍ତାହରେ ଦିଲ୍ଲୀ ଆସୁଛନ୍ତି ।' ମୁଁ କହିଲି, ମୋତେ ତ ଓଡ଼ିଶାରେ କାମ କରିବାକୁ କୁହାଯାଇଛି । ମୁଁ ପୁଣି ଦିଲ୍ଲୀ କାହିଁକି ଆସିବି ? ସେ ସେଇଠୁ କହିଲେ, 'ନାଇଁ ନାଇଁ ବରାବର ଏଠାକୁ ଆସି ତୋର କଥାବାର୍ତ୍ତା କରିବାକୁ ପଡ଼ିବ ।' ତାପରେ ପୁଣି କହିଲେ, 'ସଂଜୟ ଗାନ୍ଧୀ ଓଡ଼ିଶାକୁ ଆସିବେନି ବୋଲି ମନା କରିଦେଇଛନ୍ତି ।' ମୁଁ ଦେଖିଲି ଏହାର ବି କିଛି କାରଣ ଥାଇପାରେ ।

Digitized by PPRACHIN, SOA

ସେତେବେଳେ ସଂଜୟ ଗାନ୍ଧୀ ଯେଉଁ ସବୁ ରାଜ୍ୟକୁ ଗସ୍ତରେ ଯାଉଥିଲେ ସେ ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ ଅନ୍ୟାନ୍ୟ ମନ୍ତ୍ରୀମାନେ ତାଙ୍କୁ ରିସିଭ୍ କରିବାକୁ ଏୟାର ପୋର୍ଟ ଯାଉଥିଲେ । ଏହା ମୋତେ ସେତେବେଳେ ଖୁବ୍ ଖରାପ ଲାଗୁଥିଲା । ଇତ୍ୟବସରରେ ମୋର ଦିନେ ଇନ୍ଦିରା ଗାନ୍ଧୀଙ୍କ ସଙ୍ଗେ ଦେଖାଦେବାରୁ ମୁଁ ପଚାରିଲି, ସଂଜୟ ଗାନ୍ଧୀ ତ କଂଗ୍ରେସର ଚାରେଣିକିଆ ମେମ୍ବର ସୁଦ୍ଧା ନୁହେଁ । ସେ ଗଲେ କାହିଁକି ମୁଖ୍ୟମନ୍ତ୍ରୀ ଆଉ ଅନ୍ୟ ମନ୍ତ୍ରୀମାନେ ବିଭିନ୍ନ ଷ୍ଟେଟ୍‌ରେ ଧାଡ଼ିବାନ୍ଧି ଠିଆହେବେ ତାଙ୍କୁ ରିସିଭ୍ କରିବା ପାଇଁ ? ସେ କହିଲେ, ନାହିଁ ତ ମୁଁ ସେକଥା କହିନି । ମୁଁ କହିଲି କହିନାହାନ୍ତି କ'ଣ, ସେଇଆ ତ ସବୁଠି ହେଉଛି ଆଉ । ତାପରେ ସେ ଦେବକାନ୍ତ ବଡୁଆଙ୍କୁ ଡାକି କହିଲେ । ଦେବକାନ୍ତ ବଡୁଆ ଗୋଟେ ସର୍କ୍ୟୁଲାର ସବୁ ଷ୍ଟେଟ୍‌କୁ ପଠାଇଲେ । ସବୁଷ୍ଟେଟ୍‌କୁ ପଠାଇଲେ କି ନାହିଁ ମୁଁ ଜାଣେନି କିନ୍ତୁ ମୋ ପାଖକୁ ଗୋଟେ ଚିଠି ଆସିଲା ଯେ ସଂଜୟ ଗାନ୍ଧୀଙ୍କୁ ରିସିଭ୍ କରିବା ପାଇଁ କୌଣସି ମୁଖ୍ୟମନ୍ତ୍ରୀ ବା ମନ୍ତ୍ରୀମାନଙ୍କର ଏୟାର ପୋର୍ଟ ଯିବା ଦରକାର ନାହିଁ । ଏସବୁ ସତ୍ତ୍ୱେ କିନ୍ତୁ ସବୁ ଷ୍ଟେଟ୍‌ରେ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନେ ତାଙ୍କୁ ରିସିଭ୍ କରିବା ପାଇଁ ଯାଉଥାନ୍ତି ।

ତା ପରେ ଏମାନେ ତ ଓଡ଼ିଶାରେ ଅନେକ ଚେଷ୍ଟା କଲେ ଦସ୍ତଖତ ସଂଗ୍ରହ କରିବାକୁ । ହେଲେ କରେଇ ପାରିଲେନି । ସେଇଠୁ ଇନ୍ଦିରା ଗାନ୍ଧୀ ବ୍ୟସ୍ତ ହୋଇ ପଡ଼ିଲେ । ଇନ୍ଦିରା ଗାନ୍ଧୀ କାହିଁକି ବ୍ୟସ୍ତ ହେବେ, ପ୍ରକୃତରେ ସଂଜୟ ଗାନ୍ଧୀ ବ୍ୟସ୍ତ ହୋଇ ପଡ଼ିଲେ । ଏମାନେ କହିଲେ, ଯାହା ବି ହେଉ ଏଠି ଯେତିକି ଦସ୍ତଖତ କରେଇଛୁ ଆପଣ କେମିତି ହେଲେ ନନ୍ଦିନୀ ଶତପଥୀକୁ ବାହାର କରନ୍ତୁ । ସେଥିରୁ କ'ଣ କଲେ, କେମିତି କଲେ ମୁଁ ଆଉ ଜାଣିନି । ଇନ୍ଦିରା ଗାନ୍ଧୀ ମୋତେ ଡକେଇ ପଠେଇଲେ । ଏତିକିବେଳେ ବାଲେଶ୍ୱରରେ ମନ୍ମଥ ଦାସ ବୋଲି ଜଣେ ଯୁବ କଂଗ୍ରେସ ନେତା ଥିଲା (ଯା ଭିତରେ ସେ ସ୍କୁଟର ଆକ୍‌ସିଡେଣ୍ଟରେ ମରିଗଲାଣି) । ସେ ଗୋଟେ ରେପ୍ କରିଥିଲା । ତାକୁ ପୁଲିସ୍ ବି ଆରେଷ୍ଟ କରିଥିଲେ । ସେଇ କେଶ୍‌ରେ ଇନ୍ଦିରା ଗାନ୍ଧୀ ଏବଂ ସଂଜୟ ଗାନ୍ଧୀ ମୋତେ କହିଲେ ଯେ, ତାକୁ ଛାଡ଼ିଦିଅ । ମୁଁ ଏଥିରେ ଖୁବ୍ ଆଶ୍ଚର୍ଯ୍ୟ ହେଲି । କିନ୍ତୁ ତାଙ୍କ ସହିତ ଆଦୌ ଏକମତ ହୋଇପାରିଲିନି । ମୋ ବିଚାରରେ ଏଇଟା ଠିକ୍ ନଥିଲା । ସେ ଗୋଟେ ସ୍ତ୍ରୀ ଲୋକକୁ ରେପ୍ କରିଛି, ଯୁବ କଂଗ୍ରେସ ପ୍ରେସିଡ଼େଣ୍ଟ ବୋଲି ସେ କ'ଣ ସେ ଆରେଷ୍ଟ ହେବନି ? ଇଏ କି କଥା ? ସେଇଠୁ ଇନ୍ଦିରା ଗାନ୍ଧୀ ମତେ କହିଲେ ତାର ଫାଇଲ ପତ୍ର ଧରି ଆସ । ମୁଁ ଗଲି । ମୋ ସାଙ୍ଗରେ ଆମ ଆଇ.ଜି. ନରସିଂହ ସ୍ୱାଇଁ ମଧ୍ୟ ଗଲେ । ସେ ଇନ୍ଦିରା ଗାନ୍ଧୀଙ୍କ ସାଉଥ୍ ବ୍ଲକ୍ ଅଫିସ

Digitized by PPRACHIN, SOA

ବାହାରେ ବସିଥାନ୍ତି, ମୁଁ ଭିତରେ ବସିଥାଏ । ଇନ୍ଦିରା ଗାନ୍ଧୀ ମୁହଁ ଉପରକୁ ନକରି ମୋତେ ଖାଲି କହି ଚାଲିଥାନ୍ତି, 'ତମ ପ୍ରତି କିଛି ଲୋକଙ୍କର ସମର୍ଥନ ନାହିଁ, ଏମ୍.ଏଲ.ଏ.ଙ୍କର ସମର୍ଥନ ନାହିଁ ।' ମୁଁ କହିଲି, କେମିତି ସମର୍ଥନ ନାହିଁ ? ଆପଣ ପରା ଦେଖିଲେ ଏବେ ଏବେ ଆସେମ୍ଲି ସରିଲା । ଆସେମ୍ଲିରେ ମୋତେ ତ କେହି ବିରୋଧ କରିନାହାନ୍ତି ? ଏହା ଶୁଣି ସେ କହିଲେ, 'ମେ କ୍ୟା ଜାନ୍‌ତି ହୁଁ, ଲୋଗ୍ କହତେ ହେଁ ।' ମୁଁ କହିଲି, ଆପଣ ତ ଯେଉଁଠି ବକ୍ତୃତା ଦେବେ ସେଠାରୁ ମାଇଲିଏ ଦୂରରେ ବାଡ ସେପଟେ ଲୋକ ବସିବେ୍ୱ କେଉଁ ଲୋକଟା ଆପଣଙ୍କୁ ଆସି କହିଲା ? ଏହାର ଆଉ କିଛି ସେ ଜବାବ୍ ଦେଲେନି, କି ମୋତେ କହିଲେନି ବି ତୁ ଛାଡ଼ିଦେ, ରିଜାଇନ୍ କରିଦେ । ମୁଁ ତାଙ୍କୁ ବାରମ୍ବାର ପଚାରିଲି, କ'ଣ-ଆପଣ ଚାହୁଁଛନ୍ତି ମୁଁ ରିଜାଇନ୍ କରିବି ? ମୁଁ ଏଇକ୍ଷଣି ଗୋଟେ ଲେଖି-ଦେଇ ଦେଉଛି ଆପଣଙ୍କୁ । ତେବେ ବି ସେ କିଛି କହିଲେ ନାହିଁ । ମୁଁ ସେଥିରୁ ଫେରିଆସିଲି । ସେ ଦିନଟି ଥିଲା ୧୯୭୬ ମସିହା ଡିସେମ୍ବର ମାସ ଚଉଦ ତାରିଖ । ତା' ପରଦିନ ଅର୍ଥାତ୍ ପନ୍ଦର ତାରିଖ ଦିନ ଚନ୍ଦ୍ରଜିତ୍ ଯାଦବ ମୋତେ ଟେଲିଫୋନ୍ କଲା । କହିଲା, 'ନନ୍ଦିନୀ ଦେବୀ, ମେ ଆପ୍‌କା ଫ୍ରେଣ୍ଡ ହୁଁ । ଆପ୍ ଜରା ରିଜାଇନ୍ କର୍‌ଦିଜିଏ ।' ମୁଁ କହିଲି, କାଇଁ ମତେ ତ ଇନ୍ଦିରା ଗାନ୍ଧୀ କିଛି କହିଲେ ନାହିଁ, ମୁଁ ତମ କଥାରେ କେମିତି ରିଜାଇନ୍ କରିଦେବି ? ସେଇଠୁ ଟିକେ ସମୟ ପରେ ଦେବକାନ୍ତ ବରୁଆ ଟେଲିଫୋନ୍ କରି କହିଲେ, 'ନନ୍ଦିନୀ, ପ୍ରାଇମିନିଷ୍ଟର ଏଣେ ବ୍ୟସ୍ତ ହେଉଛନ୍ତି, ତୁ ରିଜାଇନ୍ କରିଦେ ।' ମୁଁ କହିଲି ଦାଦା, ପ୍ରାଇମିନିଷ୍ଟର ମତେ ତ କିଛି ବୋଲି କିଛି କହିଲେନି । ମୁଁ କେମିତି ରିଜାଇନ୍ କରିବି ?

ସେଦିନ ଗଲା । ତା'ପରଦିନ ୧୬ ତାରିଖରେ ଢେଙ୍କାନାଳରେ ମୋର ଗୋଟିଏ ମିଟିଂ ଥାଏ । ମୁଁ ଢେଙ୍କାନାଳ ଯିବା ଆଗରୁ କମଳାପତି ତ୍ରିପାଠୀ ମୋତେ ଫୋନ୍ କଲେ । ସେ ମୋତେ ଖୁବ୍ ସ୍ନେହ କରନ୍ତି । ସେ କହିଲେ, 'ନନ୍ଦିନୀ , ତୁ ମୋ ଝିଅ ଭଳି । ତୁ ଇସ୍ତଫା ଦେଇଦେ । ନଚେତ୍ ଏଇକ୍ଷଣି ଆମେ କ୍ୟାବିନେଟ୍ ମିଟିଂ କରିବାକୁ ଯାଉଛୁ । ଗଭର୍ଣ୍ଣମେଣ୍ଟଟାକୁ ଡିସ୍‌ମିସ୍ କରିବାକୁ ହେବ ।' ମୁଁ କହିଲି, କରଦିଜିଏ ଡିସ୍‌ମିସ୍ । ସେ କହିଲେ, 'ନାଇଁ ନାଇଁ, ଏଇଟା କଂଗ୍ରେସ ଗଭର୍ଣ୍ଣମେଣ୍ଟ, ସେଇଟା ବି କଂଗ୍ରେସ ଗଭର୍ଣ୍ଣମେଣ୍ଟ୍ । ଡିସ୍‌ମିସ୍ କରିବାଟା ଭଲ ହେବନି । ତୁ ରିଜାଇନ୍ କରିଦେ ।' ମୁଁ ତାଙ୍କୁ ବହୁତ ବୁଝାଇ କହିଲି, ମୁଁ ପରା ଗୋଟେ ମିଟିଂ ଢେଙ୍କାନାଳରେ ଆଜି ଡାକିଦେଇଛି । ମୁଁ ଏଇକ୍ଷଣି ମିଟିଂକୁ ଯାଉଛି । କହିଦେଇ ଢେଙ୍କାନାଳ ପଳେଇଲି । ସେଠାରେ ମିଟିଂ କଲାବେଳକୁ ସେଠାକାର କିଛି ଲୋକମାନେ ମୋ ରିଜାଇନ୍ ବିଷୟରେ

Digitized by PPRACHIN, SOA

ସୂଚନା ପାଇସାରିଥିଲେ । ମୁଁ ବକ୍ତୃତା କଲାବେଳେ ଲୋକେ କାନ୍ଦି ପକାଇଲେ । ସେଠାରୁ ମିଟିଂ ସାରି ଫେରିଲି । ୟାଭିତରେ ଦିଲ୍ଲୀରୁ ପଚାଶ ଟେଲିଫୋନ୍ ଆସିଛି, ଯେ ମୁଁ କୁଆଡ଼େ ଅଣ୍ଡର ଗ୍ରାଉଣ୍ଡ ଚାଲିଗଲି । ସେଠି ଓମ୍ ମେହେଟ୍ଟା ବୋଲି ଗୋଟେ କିଏ ଥିଲା State Minister, Home Officers ର । ସିଏ ସଂଜୟର ସାଙ୍ଗ । ସେ ବାରମ୍ବାର ମୋତେ ଖୋଜୁଛି, କୁଆଡ଼େ ଗଲେ, ରେଜିଗ୍ନେସନ୍ ଦେଲେ କି ନାହିଁ । ଏଣେ ମତେ ଗଭର୍ଣ୍ଣର ଟେଲିଫୋନ୍ କରୁଛନ୍ତି ଯେ, ଏମିତି ଟେଲିଫୋନ୍ ଦିଲ୍ଲୀରୁ ଆସୁଛି ବାରମ୍ବାର, ତୁମେ ରିଜାଇନ୍ କଲ କି ନାହିଁ । ସେତେବେଳେ ଓଡ଼ିଶାରେ ଗଭର୍ଣ୍ଣର କେହି ନଥିଲେ ବୋଲି ହାଇକୋର୍ଟର ଚିଫ୍ ଜଷ୍ଟିସ Acting Governor ଥାନ୍ତି । ମୁଁ ତାଙ୍କୁ କହିଲି, ମୁଁ ଯାଉଛି ମୋର କ୍ୟାବିନେଟ୍ କଲିଗ୍‌ମାନଙ୍କ ସାଙ୍ଗରେ କଥାବାର୍ତ୍ତା କରିବି । ଗଭର୍ଣ୍ଣମେଣ୍ଟ କାଲିକି ନଥିବ, ସେମାନଙ୍କୁ ଜଣେଇବିନି ? ତା'ପରେ ମୁଁ ଗଙ୍ଗାଧର ମହାପାତ୍ର, ଯଦୁନାଥ ଦାଶ ମହାପାତ୍ର ଏବଂ ଅନ୍ୟ ସମସ୍ତଙ୍କୁ ଡକେଇଲି । ସେତେବେଳକୁ ସଂଧ୍ୟା ହୋଇଗଲାଣି । ତାଙ୍କୁ ସବୁ ପଚାରିଲି ଯେ, ମୁଁ ରିଜାଇନ୍ କରିବି କି ନାହିଁ ? ସେତେବେଳକୁ ସି.ଆର.ପି., ବର୍ଡ଼ର ସିକ୍ୟୁରିଟୀ ଫୋର୍ସ ଆସି ଭୁବନେଶ୍ୱରରେ ଭର୍ତ୍ତି ହେଇଗଲେଣି । ଯେମିତି ବାଂଲାଦେଶ ଯୁଦ୍ଧ ହେଉଛି, ସେମିତି ଗୋଟିଏ Atmosphere ସୃଷ୍ଟି ହେଇଯାଇଥିଲା । ସମସ୍ତେ ଭୟରେ ଯେଝା ଘରେ କବାଟ ବନ୍ଦ କରି ରହିଛନ୍ତି । ମୁଁ ସେଇଠୁ କହିଲି, କିଛି ତ କାରଣ ନାହିଁ, ରିଜାଇନ୍ ନକଲେ କ'ଣ ହେବ ? କାହିଁକି ରିଜାଇନ୍ କରିବି ? ପ୍ରଧାନମନ୍ତ୍ରୀ ତ ମୋତେ କିଛି କାରଣ କହିଲେନି ? ସମସ୍ତେ କହିଲେ ସେ କହୁଛନ୍ତି ରିଜାଇନ୍ କରିବା ପାଇଁ, କରିଦିଅନ୍ତୁ । ଏମାନେ ସମସ୍ତେ ଆସି ଗଦା ହେଲେଣି । ମୁଁ କହିଲି, କ'ଣ ହେବ ? ଆରେଷ୍ଟ କରିବେ ତ, କରନ୍ତୁ । ତିହାର ଜେଲକୁ ନେବେ ତ; ଯିବା । ସେଇ କଥାଟା ସେମାନଙ୍କୁ ଭାରି କଷ୍ଟ ହେଲା । କୁଆଡ଼େ ଯିବେ ସେମାନେ ? କେଉଁ ଜେଲକୁ ଯିବେ । ମୁଁ କହିଲି, ହୋଲ ଗଭର୍ଣ୍ଣମେଣ୍ଟଟା ଆରେଷ୍ଟ ହେବ ତ, ଗୋଟେ ନୂଆ କଥାଟେ ହେବ ଭାରତ ବର୍ଷରେ । ସେମାନେ କିନ୍ତୁ କହିଲେ, ନାଇଁ ଆଜ୍ଞା ରିଜାଇନ୍ କରିଦିଅନ୍ତୁ । ମୁଁ ଦେଖିଲି ଏମାନେ ଡରିକରି ଏକଦମ୍ ଛାନିଆଁ ହେଇଗଲେଣି । ତା'ପରେ ରେଜିଗ୍ନେସନଟା ଲେଖି ଗଲି ଗଭର୍ଣ୍ଣରଙ୍କ ପାଖକୁ । ମୁଁ ଯେଉଁ ଗାଡ଼ିରେ ଯାଉଥାଏ, ସେ ଗାଡ଼ିରେ ରେଡ଼ିଓଟା ବାଜୁଥିଲା । ରେଡ଼ିଓରେ କହୁଥାଏ, ନିଶ୍ଚିନ୍ତ କୋଇଲିର ଜନୈକ ଯୁବ କଂଗ୍ରେସ ନେତା କହିଛନ୍ତି ଯେ, ଅଗଣତାନ୍ତ୍ରିକ ଭାବରେ ନନ୍ଦିନୀ-ଶତପଥୀ କ୍ଷମତାକୁ ଜାବୋଡ଼ି ଧରିଛନ୍ତି । ସେ ତୁରନ୍ତ ଇସ୍ତଫା ଦେବା ଦରକାର । ଏହା ଶୁଣି ମୁଁ କହିଲି ଯାଃ ନିଶ୍ଚିନ୍ତ କୋଇଲିର ଜନୈକ ଯୁବ କଂଗ୍ରେସ ନେତା କହିଲେଣି ଯେତେବେଳେ, ମୁଁ ଇସ୍ତଫା ଦେଇଦେବି । ସେତେବେଳେ ମୋ

Digitized by PPRACHIN, SOA

ଡ୍ରାଇଭର ଥିଲା ବିଶ୍ୱାଳ । ଏବେ ବି ସେ ମୁଖ୍ୟମନ୍ତ୍ରୀଙ୍କ ଡ୍ରାଇଭର ଅଛି । ସେ ସେତେବେଳ ଯାଏ ଜାଣି ନଥାଏ ଯେ ମୁଁ ରିଜାଇନ୍ କରିବାକୁ ଯାଉଛି । ସେ କାବା ହୋଇ ଖାଲି ମୋ ମୁହଁକୁ ଚାହୁଁଥାଏ । ତାପରେ ଗଭର୍ଣ୍ଣରଙ୍କୁ ଇସ୍ତଫା ପତ୍ର ଦେଲି । ଗଭର୍ଣ୍ଣର ଚାର୍ଜରେ ତ ଥାନ୍ତି ଚିଫ୍ ଜଷ୍ଟିସ । ସେ ଏକଦ୍‌ମ ବ୍ୟତିବ୍ୟସ୍ତ ହୋଇପଡ଼ିଲେଣି । ସେ କହିଲେ ଯେ, କିଛି କଥା ନାହିଁ, ବାର୍ତ୍ତା ନାହିଁ, ଛାଡ଼ିବାର କିଛି କାରଣ ନାହିଁ ଆପଣଙ୍କର, କାହିଁକି ସେମାନେ ଏତେ ବାଧ୍ୟ କରୁଛନ୍ତି ? ମୁଁ ସେଇଠୁ କହିଲି, କହୁଛନ୍ତି ତ ଦେଇଦେବା ଆଉ କ'ଣ ? ସେ ବିଚରା ଇସ୍ତଫା ତ ନେଲେ, କିନ୍ତୁ ସେଇ କଷ୍ଟରେ ତାଙ୍କର ହାର୍ଟ ଆଟାକ୍ ହେଇଗଲା । ରାଜଭବନରୁ ଫେରି ଘରେ ଆସି ଦେଖିଲା ବେଳକୁ ବହୁ କଂଗ୍ରେସ କର୍ମୀ ଏବଂ ଅନ୍ୟ କିଛି ଲୋକ ସମସ୍ତେ ଭୋ ଭୋ ହୋଇ କାନ୍ଦୁଛନ୍ତି । ମୁଁ ସେମାନଙ୍କୁ ବୁଝାଇ କହିଲି, ବ୍ୟସ୍ତ କାହିଁକି ହେଉଛ, ସରକାର ଏମିତି ଆସେ, ଯାଏ । ଏହାପରେ ଅନ୍ୟ କିଏ ଜଣେ ଚିଫ୍‌ମିନିଷ୍ଟର ହେବ ତ ଆଉ କ'ଣ ? କିଛ ସମୟ ପରେ ସମସ୍ତେ ଶାନ୍ତ ହେଇ ଗଲେ ।

ମୁଁ ଇସ୍ତଫା ଦେବା ଆଗରୁ ଡ଼ିଫେନ୍‌ସ ପ୍ଲେନ୍ ରେ ଆନ୍ତୁଲେ, ଜାନକୀବାବୁ, ରାମକ୍ରିଷ୍ଣ ଆୟାର ପ୍ରମୁଖ ସମସ୍ତେ ଏଠାରେ ଆସି ପହଞ୍ଚି ଯାଇଥାନ୍ତି । ସେମାନେ ଗଭର୍ଣ୍ଣରଙ୍କୁ କହୁଥାନ୍ତି ଯେ, ମୁଁ ଆରେଷ୍ଟ ହେବା ଦରକାର । ଗଭର୍ଣ୍ଣର କହିଲେ, କାରଣ କ'ଣ, କାହିଁକି ଆରେଷ୍ଟ କରିବି ? ସେମାନେ କହିଲେ ବହୁତ ଗଣ୍ଡଗୋଳ ହେବ । ଗଭର୍ଣ୍ଣର କହିଲେ କିଛି ତ ନାହିଁ, କେମିତି ତାଙ୍କୁ ଆରେଷ୍ଟ କରିବି, ଗଣ୍ଡଗୋଳ କେଉଁଠି ବି କିଛି ନାହିଁ । ଏମିତି ହେଇ ଶେଷକୁ ମୋତେ ଆରେଷ୍ଟ କରି ପାରିଲେ ନାହିଁ । ମୁଁ କିନ୍ତୁ ଆରେଷ୍ଟ ହେବା ପାଇଁ ରେଡ୍ଡି ହୋଇଥିଲି । ମୋର ମୋ ଉପରେ ଦୃଢ଼ ବିଶ୍ୱାସ ଥିଲା ଯେ, ମୁଁ କିଛି ଅନ୍ୟାୟ କରିନି । ଯାହା ଯାହା କରିଛି ଠିକ୍ କାମ କରିଛି ।''

ନନ୍ଦିନୀ ଦେବୀଙ୍କ ଇସ୍ତଫା ନାଟକ ସରିବା ପରେ ପରେ ଏଥିରେ ଭାଗନେଇଥିବା କୁଚକ୍ରୀ ଗୋଷ୍ଠୀ ତ ନିଶ୍ଚୟ ଆନନ୍ଦ ଲାଭ କରିଥିବେ । କିନ୍ତୁ ଓଡ଼ିଶାବାସୀଙ୍କର ଅନେକ ସ୍ୱପ୍ନ ଅପୂରଣୀୟ ହୋଇ ରହିଯାଇଛି ଆଜିପର୍ଯ୍ୟନ୍ତ,ଯାହାକି ନନ୍ଦିନୀ ଦେବୀଙ୍କ ଶାସନ ତଥା ସେ ଏଠି ଆରମ୍ଭ କରିଥିବା ଉନ୍ନତିମୂଳକ କାର୍ଯ୍ୟର ଏବେବି ସ୍ମୃତିଚାରଣ କରନ୍ତି ଓଡ଼ିଶାବାସୀ ଏ । ଏହାର କିଛିଦିନ ପର୍ଯ୍ୟନ୍ତ ରାଷ୍ଟ୍ରପତି ଶାସନ ଜାରି ରହିଲା ଏବଂ ଖୁବ୍ ନିକଟରେ ଇନ୍ଦିରା ଗାନ୍ଧୀ ଏମରଜେନସୀ ଉଠାଇ ଦେଲେ ।

Digitized by PPRACHIN, SOA

ଏହି ଘଟଣାର ଠିକ୍ ପରେ ପରେ ଏବେ ଯେଉଁଟା ଇନ୍ଦିରା ପାର୍କ ହେଇଛି, ସେଠି ଏକ ନିର୍ବାଚନୀ ସଭା ହେଲା । ସେଇ ସଭାରେ ଘଟିଥିବା ଏକ ଘଟଣାର ଉଦାହରଣ ଦେଇ ନନ୍ଦିନୀ ଦେବୀ କହନ୍ତି, ''ଜଗଜ୍ଜୀବନ ରାମ, ମୋରାର୍ଜୀ ଦେଶାଇ ଇତ୍ୟାଦି ନେତାମାନେ ପ୍ଲେନ୍‌ରେ ଦିଲ୍ଲୀରୁ ଆସି ଭୁବନେଶ୍ୱରରେ ପହଞ୍ଚିଥାନ୍ତି । ତାଙ୍କ ସାଙ୍ଗରେ ବିଜୁ ପଟ୍ଟନାୟକ ବି ଆସିଥାନ୍ତି । ମିଟିଂ ହେଲା,ସେମାନେ ସମସ୍ତେ ମଞ୍ଚଉପରେ ବସିଥାନ୍ତି । ମୁଁ ଯେତେବେଳେ ମଞ୍ଚ ଉପରକୁ ଗଲି ସେତେବେଳେ ମଞ୍ଚକୁ ଯିବା ବାଟରେ ଅଶୋକ ଦାସ ବସିଥାନ୍ତି । ଯିଏକି ଏବେ ଜନତା ଦଳର ସଭାପତି ଅଛନ୍ତି । ସେ ହଠାତ୍ ଉଠିପଡ଼ି ମୋତେ ଉପରକୁ ଯିବାକୁ ମନାକଲେ । ମୁଁ କ'ଣ କରିବି,ଆସି ତଳେ ଠିଆ ହୋଇ ରହିଲି । କିଛି ସମୟ ପରେ ଜଗଜ୍ଜୀବନ ବାବୁ ଏବଂ ମୋରାର୍ଜୀ ଦେଶାଇ ମୋତେ ମଞ୍ଚକୁ ଡାକିଲେ । ତା'ପରେ ମୁଁ ମଞ୍ଚକୁ ଗଲି । ମୁଁ ଯେମିତି ମଞ୍ଚ ଉପରେ ଠିଆ ହୋଇ ଯାଇଛି, ଲୋକମାନେ ତାଳିମାରି ଜିନ୍ଦାବାଦ୍ କରି ସେ ଜାଗାକୁ କମ୍ପାଇ ଦେଲେ । ଲୋକମାନେ ମୋ ଉପରେ ଏତେ ଖୁସୀ ଯେ କହିଲେ ନସରେ ।''

ପ୍ରକୃତରେ ସବୁ ସରକାରର କିଛି ଖରାପ ଦିଗ ଥାଏ ଆଉ କିଛି ଭଲ ଦିଗ ବି ଥାଏ । ହେଲେ ନନ୍ଦିନୀ ଦେବୀଙ୍କ ଶାସନକାଳ ସବୁଦିନ ପାଇଁ ଅବିସ୍ମରଣୀୟ ହୋଇ ରହିବ, ଏହା ନିଃସନ୍ଦେହ ।

କଂଗ୍ରେସରୁ କଂଗ୍ରେସ ଫର ଡେମୋକ୍ରାସୀ

ରାଷ୍ଟ୍ରପତି ଶାସନ ଅନ୍ତେ ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ହେଲେ ବିନାୟକ ଆଚାର୍ଯ୍ୟ । ତା'ପରେ ୧୯୭୭ ମସିହାରେ ବିଧାନସଭା ନିର୍ବାଚନ ପାଇଁ ପ୍ରସ୍ତୁତି ଚାଲିଲା । ସେତେବେଳକୁ ଦେବେନ୍ଦ୍ର ଶତପଥୀ ଥାନ୍ତି ଲୋକସଭା ସଦସ୍ୟ । ସେ ରହୁଥାନ୍ତି ଦିଲ୍ଲୀର ୬୦, ଲୋଧି ଇଷ୍ଟେଟ୍‌ରେ । ନନ୍ଦିନୀ ଦେବୀ ଦିଲ୍ଲୀ ଯାଇ ତାଙ୍କ ପାଖରେ ରହୁଥାନ୍ତି । ସେଠାରେ ତାଙ୍କୁ ଜଗଜ୍ଜୀବନ ରାମ ବାରମ୍ବାର ଖବର ପଠାଇଲେ ଏବଂ ଏଚ.ଏନ. ବହୁଗୁଣା ଆସି ତାଙ୍କୁ ଜିଦ୍ କରି କହିଲେ ଯେ ଆମେ ଗୋଟେ କଂଗ୍ରେସ ଫର ଡେମୋକ୍ରାସୀ (C.F.D.) ଦଳ ଗଢ଼ିବୁ । ତୁମେ ସେଥିରେ ମିଶିବା ଦରକାର । ଅନେକ ବାଧ କଲେ ତାଙ୍କୁ । ନନ୍ଦିନୀ ଦେବୀ ବଡ଼ ଅଡୁଆରେ ପଡ଼ିଗଲେ । ଏପଟେ କଂଗ୍ରେସ ପାର୍ଟି, ବିଶେଷ କରି ଇନ୍ଦିରା ଗାନ୍ଧୀଙ୍କୁ ଛାଡ଼ିଯିବାକୁ ଇଚ୍ଛା ନଥାଏ ତାଙ୍କର । ସେପଟେ କିନ୍ତୁ କିଛି କଂଗ୍ରେସୀ ନେତା ଏବଂ ସଂଜୟ ଗାନ୍ଧୀଙ୍କ କାର୍ଯ୍ୟକଳାପ ତାଙ୍କୁ ଅସହ୍ୟ

Digitized by PPRACHIN, SOA

ଲାଗୁଥାଏ । ଏତିକିବେଳେ ପୁଣି ଏ ଦୁଇ ତୁଙ୍ଗ ନେତା କହୁଥାନ୍ତି, ତୁମେ ନ ମିଶିଲେ ଆମେ କିଛି କରିପାରିବୁ ନାହିଁ । ବଡ଼ ଦ୍ୱନ୍ଦରେ ପଡ଼ିଗଲେ ନନ୍ଦିନୀ ଦେବୀ । ଏହାଶୁଣି ଦେବେନ୍ଦ୍ର ବାବୁ ମଧ୍ୟ ବ୍ୟସ୍ତ ହୋଇପଡ଼ିଲେ । ସେ ନନ୍ଦିନୀ ଦେବୀଙ୍କୁ ପରାମର୍ଶ ଦେଲେ ଯେ, ତୁ ଯାହା ଠିକ୍ ବୋଲି ଭାବୁଛୁ ତାହା ହିଁ କର । କ'ଣ କ୍ଷତି ହେଉଛି C.F.D. ରେ ମିଶିଗଲେ ? ନନ୍ଦିନୀ ଦେବୀ କିନ୍ତୁ ଇନ୍ଦିରା ଗାନ୍ଧୀଙ୍କୁ ଛାଡ଼ି ଯିବାକୁ ତଥାପି ବି ଚାହୁଁ ନଥିଲେ । ଜଗଜ୍ଜୀବନ ବାବୁ କିନ୍ତୁ ତାଙ୍କ ଉପରେ ପ୍ରବଳ ଚାପ ପକାଉଥାନ୍ତି । ଶେଷରେ ବାଧ୍ୟ ହୋଇ ନନ୍ଦିନୀ ଦେବୀ ଗଲେ ତାଙ୍କ ନିକଟକୁ ଏବଂ କଂଗ୍ରେସରୁ ରିଜାଇନ୍ କରି କଂଗ୍ରେସ ଫର ଡେମୋକ୍ରାସୀରେ ମିଶିଲେ । ଜଗଜ୍ଜୀବନ ବାବୁ ଦଳର ସଭାପତି ଆଉ ବହୁଗୁଣା ଏବଂ ନନ୍ଦିନୀ ଦେବୀ ସଂପାଦକ ରୂପେ ନିର୍ବାଚିତ ହେଲେ । ଏହା ପରେ ଅନେକ ନେତା C.F.D. ରେ ଜଏନ୍ କରିଥିଲେ । ବିଭିନ୍ନ ରାଜ୍ୟରୁ ମଧ୍ୟ କିଛି ଏମ.ଏଲ.ଏ., ଏମ.ପି. ମିଶିଗଲେ । ପ୍ରକୃତରେ ନନ୍ଦିନୀ ଦେବୀ ଆଜିକାଲିର ଦଳ ବଦଳ ପରି କଂଗ୍ରେସ ଛାଡ଼ି ନଥିଲେ । ବରଂ ପରିସ୍ଥିତିରେ ପଡ଼ି ସେ କଂଗ୍ରେସ ଛାଡ଼ିବା ପାଇଁ ବାଧ୍ୟ ହୋଇଥିଲେ ।

ଆପଣ ତ ଆମ ମା

ନନ୍ଦିନୀ ଦେବୀ କଂଗ୍ରେସ ଫର ଡ଼େମୋକ୍ରାସୀ (C.F.D.) ରେ ମିଶିବା ପରେ ପରେ ୧୯୭୭ ମସିହା ଫେବୃୟାରୀ ମାସରେ ରାଜ୍ୟ ବିଧାନସଭା ପାଇଁ ନିର୍ବାଚନ ହେଲା । ଏହି ନିର୍ବାଚନରେ ଜନତା ଦଳ ସହିତ ସି.ଏଫ.ଡି. ର ମିଶ୍ରଣ ଘଟିଲା । ଏଠାରେ ଗୋଟିଏ କଥା ଉଲ୍ଲେଖ କରିବାକୁ ଉଚିତ ମନେ କରୁଛି ଯେ ନନ୍ଦିନୀ ଦେବୀ ତାଙ୍କ ରାଜନୈତିକ ଜୀବନରେ କେବେ ହେଲେ ଘନଘନ କରି କିମ୍ବା ନିଜର ସ୍ୱାର୍ଥ ସାଧନ ପାଇଁ ଅଥବା କ୍ଷମତାରେ ରହିବା ପାଇଁ ଦଳ ବଦଳ କରିନାହାନ୍ତି । ବରଂ ସବୁ କଥାରେ କେନ୍ଦ୍ରରେ ଦଳୀୟ ହାଇକମାଣ୍ଡ ପ୍ରଥାର ବିରୁଦ୍ଧରେ ଅସହିଷ୍ଣୁ ହୋଇ ସେ 'ଜାଗ୍ରତ ଓଡ଼ିଶା' ନାମରେ ଏକ ଆଞ୍ଚଳିକ ଦଳ ଗଠନ କରିଥିଲେ । ଏ ସଂପର୍କରେ ନନ୍ଦିନୀ ଦେବୀ କହନ୍ତି, ''ମୁଁ କଂଗ୍ରେସ ଦଳଛାଡ଼ି ଯେତେବେଳେ ଜନତା ଦଳରେ ମିଶିଛି ବା ଜାଗ୍ରତ ଓଡ଼ିଶା ନାମରେ ଏକ ରାଜ୍ୟ ପାର୍ଟି କରିଛି ସେ ସବୁର ଲୋକ ଭାବରେ ମତେ ଜନସାଧାରଣ ଗ୍ରହଣ କରିପାରିନାହାନ୍ତି । ଅବଶ୍ୟ ବ୍ୟକ୍ତିଗତ ଭାବରେ ସବୁ ନିର୍ବାଚନରେ ମୁଁ ଜିଣି ଆସିଛି ଏବଂ ସାଧାରଣତଃ ଲୋକମାନେ ମୋତେ କଂଗ୍ରେସ ଲୋକଭାବରେ

Digitized by PPRACHIN, SOA

ହିଁ ଭାବି ନିଅନ୍ତି । ସେଥିପାଇଁ ନିର୍ବାଚନରେ ଯେତେ ପ୍ରକାର ଚିହ୍ନ ବଦଳିଲେ ବି ଲୋକମାନେ ନନ୍ଦିନୀ ଶତପଥୀ ଭାବରେ ମୋତେ ଜିଣାଇ ଦେଇଛନ୍ତି । ମୁଁ ଭାବେ ଏହା ମୋ ପାଇଁ ଭଗବାନଙ୍କର ଆଶୀର୍ବାଦ ଏବଂ ଲୋକମାନଙ୍କର ସ୍ନେହ ଶ୍ରଦ୍ଧା ଯୋଗୁଁ ସମ୍ଭବ ହେଇଛି । ନିଜର ସ୍ୱାର୍ଥପାଇଁ କୌଣସି ସମୟରେ ମୁଁ ପାର୍ଟି ବଦଳେଇ ନାହିଁ ଏବଂ ଯେତେବେଳେ ଯେଉଁ ପାର୍ଟିରୁ ଜିଣିଛି ଅନ୍ୟମାନଙ୍କ ଭଳି ମୁଁ କେବେହେଲେ ମନ୍ତ୍ରୀପଦ ପାଇବା ପାଇଁ ଚେଷ୍ଟାକରିନାହିଁ କି କାହାକୁ ଖୁସାମନ୍ଦ କରିନାହିଁ ବା ନିଜପାଇଁ ଲବି ମଧ୍ୟ ଆଜି ପର୍ଯ୍ୟନ୍ତ କରିନାହିଁ। ମୁଁ ଯେଉଁଠିଥିଲି ସେଇଠି ଅଛି। ମତେ ଖୁସି ଲାଗୁଛି ଯେ ଆଜିପର୍ଯ୍ୟନ୍ତ ଓଡ଼ିଶା ଲୋକେ ମତେ ଭୁଲିନାହାନ୍ତି ଏବଂ ସମଗ୍ର ଭାରତ ବର୍ଷରେ ଏଯାଏଁ ବି ଅନେକ ଲୋକ ଅଛନ୍ତି ଯେଉଁମାନେ ମତେ ମନେରଖିଛନ୍ତି ।''

ଯାହାହେଉ ନନ୍ଦିନୀ ଦେବୀ ଜନତା ଦଳର ଟିକେଟ୍‌ରେ ଢେଙ୍କାନାଳ ବିଧାନ ସଭା ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ ହେଲେ । ଏହି ସମୟରେ ତାଙ୍କ ବିରୁଦ୍ଧରେ ରାଜ୍ୟର ପ୍ରାୟ ସଂଖ୍ୟାଧିକ ତୁଙ୍ଗ ନେତା ଏକାଠି ହୋଇଯାଇଥାନ୍ତି । ଏହି ନିର୍ବାଚନରେ ନନ୍ଦିନୀ ଦେବୀ ତାଙ୍କର ଅଭିଜ୍ଞତା ବର୍ଣ୍ଣନା କରି କହନ୍ତି,''ମୁଁ ଯେତେବେଳେ ପ୍ରଥମେ ପ୍ରଚାର କରିବାକୁ ଢେଙ୍କାନାଳ ଗଲି ସେତେବେଳେ ଲୋକମାନଙ୍କୁ ସିଧା ସିଧା କହିଲି ଯେ, ତୁମେମାନେ ମୋତେ ଭୋଟ ଦିଅ ବୋଲି ମୁଁ ଏଠାକୁ କହିବାକୁ ଆସିନି । ତୁମମାନଙ୍କର ଯାହାକୁ ଇଚ୍ଛା ତୁମେ ତାକୁ ହିଁ ଭୋଟ ଦିଅ । ଆଉ ଯଦି ମୋତେ ଭୋଟ ଦେବାକୁ ଭାବୁଥାଅ, ତେବେ ମୁଁ ଆଗରୁ ତୁମମାନଙ୍କୁ କହିରଖୁଛି ଜମା ଆଶା କରନି ଯେ, ମୁଁ କିଛି ପଦ ପଦବୀରେ ରହିବିବୋଲି । ଏହା ଶୁଣି ସେମାନେ କହିଲେ, 'ଆପଣ ପଦ ପଦବୀରେ ରୁହନ୍ତୁ କି ନରୁହନ୍ତୁ ଆପଣଙ୍କ ଯୋଗୁଁ ତ ଢେଙ୍କାନାଳକୁ ସାରା ଭାରତ ଜାଣିଲା । 'ଆପଣ ତ ଆମ ମା', ଆପଣଙ୍କ ଛଡ଼ା ଆଉ କାହାକୁ ଆମେ ଭୋଟ ଦେବୁ ?' ଓଲଟି ଏମିତି ପ୍ରଶ୍ନ ମୋତେ ପଚାରିଲେ ସେମାନେ । ସେମାନଙ୍କର ଏତେ ଭଲପାଇବା ମୁଁ କଦାପି ଭୁଲିପାରିବିନି ।

କିନ୍ତୁ ଦେଖିଲା ବେଳକୁ ମୋ ବିରୁଦ୍ଧରେ ଠିଆ କରେଇଛନ୍ତି ମାଳତୀ ଦେବୀଙ୍କୁ । ସେ ରାଜନୀତି କରନ୍ତି ନାହିଁ । ସେ ହେଉଛନ୍ତି ନବକୃଷ୍ଣ ଚୌଧୁରୀଙ୍କ ସ୍ତ୍ରୀ । ମୁଁ ଶୁଣିଲି ତାଙ୍କୁ କୁଆଡ଼େ ଜୟପ୍ରକାଶ ନାରାୟଣ ସମର୍ଥନ କରୁଥିଲେ । ସେତେବେଳେ ଚନ୍ଦ୍ରଶେଖର ଥାନ୍ତି ଜନତା ଦଳର ସଭାପତି । ଜୟପ୍ରକାଶ ନାରାୟଣ ସେତେବେଳକୁ ବମ୍ବେର ଯଶଲୋକ ହସପିଟାଲରେ ରହି ଚିକିତ୍ସିତ ହେଉଥାନ୍ତି । ତାଙ୍କର Blood Dylosis ଚାଲିଥାଏ । ଓଡ଼ିଶାରୁ ପ୍ରଦ୍ୟୁମ୍ନ ବଳ, ମନମୋହନ ଚୌଧୁରୀ ପ୍ରମୁଖ ସେଠାକୁ ଯାଇ

Digitized by PPRACHIN, SOA

ମୋ ବିରୁଦ୍ଧରେ ଏକ ଲେଖାରେ ତାଙ୍କଠାରୁ ଦସ୍ତଖତ ନେଇ ଆସିଲେ । ମୁଁ ଏକଥା କିପରି ଜାଣିଲି କି, ସେତେବେଳେ ମଧୁଲିମା ବୋଲି ଜଣେ ଏମ.ପି. କିମ୍ବା ଏକ୍ସ-ଏମ୍.ପି. ଠିକ୍ ମନେ ପଡୁନି, ସେ ଜୟପ୍ରକାଶ ନାରାୟଣଙ୍କର ଜଣେ ବଡ଼ ଭକ୍ତ ଥିଲେ । ସେ ଏ ବିଷୟରେ ଜାଣିଲା ପରେ ସଙ୍ଗେ ସଙ୍ଗେ ଜୟପ୍ରକାଶଙ୍କୁ କହିଲେ, ଏମିତି ଗୋଟେ ଆଜ୍ଞା କ'ଣ ଲେଖିଦେଲେ ? ଆମ ପାର୍ଟି (ଜନତା ଦଳ) ପରା ନନ୍ଦିନୀ ଦେବୀଙ୍କୁ ଟିକଟ ଦେଇଛି ! ସେଇ ମଧୁଲିମା ମୋତେ ଏକଥା କହିଲେ । ଜୟପ୍ରକାଶ ବାବୁ ବିଚରା ଆଉ କ'ଣ କରିବେ, ଦସ୍ତଖତ ତ କରିସାରିଲେଣି । ସେଇ ଲେଖାକୁ ଆଣି ଏମାନେ ତାକୁ ବଡ଼ ବଡ଼ ପୋଷ୍ଟର କରି ଢେଙ୍କାନାଳର ଚାରିଆଡ଼େ ଲଗାଇଲେ । ଏହାଛଡ଼ା ନବକୃଷ୍ଣ ଚୌଧୁରୀ, ମନମୋହନ ଚୌଧୁରୀ, ହରେକୃଷ୍ଣ ମହତାବ ପ୍ରମୁଖ ତୁଙ୍ଗ ନେତାମାନେ ମାଳତୀ ଦେବୀଙ୍କୁ ଜିତାଇବା ପାଇଁ ଢେଙ୍କାନାଳରେ ସମବେତ ହୋଇଥାନ୍ତି । ଏମାନଙ୍କ ଛଡ଼ା ପୁଣି ଜର୍ଜ ଫର୍ଣ୍ଣାଡ଼ିଜଙ୍କ ଶାଶୁ ଆସିଲେ ମାଳତୀ ଦେବୀଙ୍କ ପାଇଁ ପ୍ରଚାର କରିବାକୁ । ମୋର ଅବଶ୍ୟ ଏହି ନିର୍ବାଚନରେ ଅସୁବିଧା କିଛି ହୋଇନାହିଁ । ହେଲେ ମୋ ପାଇଁ ପ୍ରଚାର କରିବାକୁ କେହି ଆସିନାହାନ୍ତି । ମୋ ପାଖରେ ଏତେ ପଇସା ବି ନଥାଏ । ମୁଁ କାନ୍ଧରେ ଗୋଟେ ଝୁଲାମୁଣି ପକାଇ ଥାଏ, ଯେଉଁ ଗାଁକୁ ମୁଁ ଯାଏ ସେ ଗାଁରେ ପାଞ୍ଚ ଟଙ୍କାରୁ ପାଞ୍ଚଶହ ଟଙ୍କା ପର୍ଯ୍ୟନ୍ତ ଯିଏ ଯାହା ପାରନ୍ତି ସେଇ ଝୁଲାମୁଣିରେ ପକାନ୍ତି । ସବୁ ଗାଁରୁ ଦୁଇଶହ, ତିନିଶହ ହେଇ ସେ ସମୟରେ ମୋତେ କୋଡ଼ିଏ ହଜାର ଟଙ୍କା ମିଳିଥିଲା । ମୋତେ କେହି ପଇସାଟିଏ ବି ମାଗିଲେନି । ମୋର ଦୁଇଟି ମାତ୍ର ଜିପ୍ ଥାଏ । ମୁଁ ଗୋଟିକରେ ଯାଏ ଏବଂ କର୍ମୀମାନେ ଗୋଟିଏ ଜିପ୍ ନେଇ ପ୍ରଚାର କରିବାକୁ ଯାଆନ୍ତି । ଅଧିକ ଗାଡ଼ି ମୋର ଦରକାର ମଧ ପଡ଼ିନାହିଁ । ମୁଁ ତ ଆଶ୍ଚର୍ଯ୍ୟ ହେଉଛି ଆଜିକାଲିର ନିର୍ବାଚନ ଦେଖି । କେଉଁଠୁ ଏତେ ଟଙ୍କା ଆଉଛନ୍ତି ? ଯାହା ହେଉ ଏମିତି ହୋଇ ବହୁତ କଷ୍ଟରେ ନିର୍ବାଚନ ସରିଲା । ଭୋଟଗଣା ହେଲା ଦିନ ମୋ ବିରୁଦ୍ଧରେ କିଛି ଲୋକ ସ୍ଲୋଗାନ୍ ଦେଇଚାଲିଥାନ୍ତି । ଶେଷରେ ଫଳାଫଳ ବାହାରିଲା ବେଳକୁ ଅନ୍ୟମାନେ ତ ଛାଡ, ମାଳତୀ ଚୌଧୁରୀ ମାତ୍ର ତିନିହଜାର ଭୋଟ ପାଇ ଡିପୋଜିଟ୍ ହରାଇଲେ । ମୁଁ ପ୍ରାୟ ତିରିଶ ହଜାର ଅଧିକ ଭୋଟ ପାଇ ସେହି ନିର୍ବାଚନରେ ଜିତିଥିଲି ।''

ସେତେବେଳକୁ ଭାରତର ପ୍ରଧାନମନ୍ତ୍ରୀ ହୋଇଥାନ୍ତି ମୋରାର୍‌ଜୀ ଦେଶାଇ । ସଦ୍ୟ ନିର୍ବାଚନରେ ବିଜୟ ଲାଭ କରି ନନ୍ଦିନୀ ଦେବୀ ଦିଲ୍ଲୀ ଯାଇଥାନ୍ତି । ସେଠାରେ ସେ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କରି କହିଲେ, 'ମୁଁ ଜିତିଗଲି ।' ମୋରାର୍‌ଜୀ ଦେଶାଇ

Digitized by PPRACHIN, SOA

ତାଙ୍କୁ ପଚାରିଲେ, 'ମାଳତୀ ଦେବୀ କେତେ ଭୋଟ ପାଇଲେ ?' ନନ୍ଦିନୀ ଦେବୀ କହିଲେ, 'ସେ ମାର୍ଜିନ୍ ବି ପାଇଲେନି । ମୁଁ ତେତିଶ ହଜାର ଭୋଟରେ ଜିତିକରି ଆସିଲି । ଏହା ଶୁଣିବା ପରେ, ମଧ୍ୟ ସେ ପୁଣି ଥରେ ଏଇ କଥାକୁ ରିପିଟ୍ କରି ପଚାରିଲେ । କାରଣ ତାଙ୍କର ବିଶ୍ୱାସ ହେଉ ନଥିଲା ଯେ ମାଳତୀ ଦେବୀ ଏତେ କମ୍ ଭୋଟ୍ ପାଇଛନ୍ତି ବୋଲି । ସେତେବେଳର ନିର୍ବାଚନରେ ନନ୍ଦିନୀ ଦେବୀଙ୍କର ଏଇଟା ଥିଲା ସବୁଠାରୁ ବଡ଼ ମାର୍ଜିନ୍ । ସେହଦିନ ଠାରୁ ଆଜି ଯାଏ ଢେଙ୍କାନାଳ ବାସୀଙ୍କର ଏଇ ମହୀୟସୀ ନାରୀ ମା' ନନ୍ଦିନୀଙ୍କ ପ୍ରତି ସମସ୍ତ ସ୍ନେହ ମମତା ଅତୁଟ ରହିଆସିଛି ।

ପରାଜୟ ବରଣ କରିନଥିବା ବ୍ୟକ୍ତି

ନିଜକୁ ସର୍ବଦା ଜୟ ପରାଜୟର ଭାବନାଠାରୁ ଊର୍ଦ୍ଧ୍ୱରେ ରଖି ଅନ୍ୟାୟ, ଅତ୍ୟାଚାର , ଶୋଷଣ ବିରୁଦ୍ଧରେ ଲଢ଼େଇ କରିଆସିଛନ୍ତି ଏହି ଦୃଢ଼ମନା ନନ୍ଦିନୀ ଶତପଥୀ । ଜୀବନରେ କେବେ ପରାଜୟ କ'ଣ ଜାଣିନଥିବା ନନ୍ଦିନୀ ଦେବୀ କୁହନ୍ତି, ''ମୁଁ ବିଜୟୀ ହେବାଟାକୁ ଆଖି ଆଗରେ ରଖି କୌଣସି କଥାରେ ଲଢ଼େ ନାହିଁ । ମୁଁ ଯେଉଁ କଥା ପାଇଁ ଲଢ଼ିବାକୁ ନିଷ୍ପତ୍ତି ନିଏ ତାକୁ ହିଁ ଗୁରୁତ୍ୱ ଦିଏ । ମୋତେ ଏ କାମଟାକୁ କରିବାକୁ ପଡ଼ିବ, ତେଣୁ ମୁଁ ସେଇ କାମ ପାଇଁ ଲଢ଼େଇ କରେ । ହାରିବା କିମ୍ବା ଜିତିବାଟା ବଡ଼ କଥା ନୁହେଁ । ଫଳାଫଳ ଭଗବାନଙ୍କର ବିଚାର । କ'ଣ ଗୋଟେ ହେବା ପାଇଁ ମୁଁ ଆଜିଯାଏ କେବେବି ଲଢ଼େଇ କରିନି । ମୋତେ କିନ୍ତୁ ଯେତେବେଳେ ଯେଉଁ ଦାୟିତ୍ୱ ମିଳିଛି ମୁଁ ସେହି କାମକୁ ଅତ୍ୟନ୍ତ ନିଷ୍ଠାପର ଭାବରେ କରିବାକୁ ଚେଷ୍ଟା କରିଛି ।''

ପିଲାଦିନେ ବାପା ମା'ଙ୍କ ହୃଦୟ, ଛାତ୍ରାବସ୍ଥାରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ହୃଦୟ ଜୟ କରି ଯୁବାବସ୍ଥାରେ ଏକଦା ବିପ୍ଳବିଣୀ ରୂପରେ ନିଜକୁ ଆବିଷ୍କାର କରିଥିଲେ ଏହି ଆଇରନ୍ ଲେଡି ନନ୍ଦିନୀ ଶତପଥୀ । ପରାଜୟ ଶତ ଚେଷ୍ଟା କରି ମଧ୍ୟ ତାଙ୍କ ଦ୍ୱାରଦେଶ ପର୍ଯ୍ୟନ୍ତ ପହଞ୍ଚି ପାରି ନଥିଲା । ଏକଦା ପିଲାଦିନେ ସେ ଯାହା ଜିଦ୍ କରୁଥିଲେ ତାହାହିଁ ହେଉଥିଲା । ସେ ବହୁତ ଜିଦ୍‌ଖୋର ଥିଲେ । ଅତି ସାନ ବେଳେ ଟିଣରୁ ଯଦି ବିସ୍କୁଟ ସରି ଯାଉଥିଲା ତେବେ ସେ ଖାଲି ଟିଣଟିକୁ ଧରି ଶିଶୁସୁଲଭ ଗୁଣରେ କାନ୍ଦି ଉଠୁଥିଲେ 'ହାମନା ନାହିଁ, ନାହିଁ ହାମନା'। ଯେତେ ବୁଝାଇଲେ ବା ଅନ୍ୟ କିଛି ଖାଦ୍ୟ ଜିନିଷ ଦେଲେ ସେ ତଥାପି ବୁଝୁ ନଥିଲେ । ଶେଷକୁ ବାପା ଆସି ବିସ୍କୁଟ ଆଣିଲେ ଯାଇ ତାଙ୍କର କାନ୍ଦ ବନ୍ଦ ହେଉଥିଲା । ଛାତ୍ରୀ ଅବସ୍ଥାରେ ମଧ୍ୟ ଠିକ୍ ସେହିଭଳି ଥିଲେ ।

Digitized by PPRACHIN, SOA

ଥରକର ଘଟଣା । ସେତେବେଳେ ସେ ରେଭେନ୍ସା ଗାର୍ଲ ସ୍କୁଲର ଛାତ୍ରୀ ଥାନ୍ତି । ସେହି ସ୍କୁଲରେ ବହୁତ ଧର୍ମର ପିଲା ପାଠ ପଢୁଥାନ୍ତି । ଥରେ ସରସ୍ୱତୀ ପୂଜାର ସମୟ ଆସିଗଲା । ସେହି ସ୍କୁଲରେ ସେ ପର୍ଯ୍ୟନ୍ତ ସରସ୍ୱତୀ ପୂଜା କି ଗଣେଶ ପୂଜା ଇତ୍ୟାଦି ପାଳିତ ହେଉ ନଥିଲା । ନନ୍ଦିନୀ ଦେବୀ ଙ୍କ ମୁଣ୍ଡରେ ହଠାତ୍ ପଶିଗଲା ଯେ ସରସ୍ୱତୀ ତ ସ୍ୱୟଂ ବିଦ୍ୟାଦାତ୍ରୀ । ବିଦ୍ୟାରେ ପୁଣି ଧର୍ମ ଫର୍ମ ଗୋଟେ କ'ଣ ? ତାଙ୍କର ପୂଜା କାହିଁକି ନହେବ ? ସେ ମନେମନେ ସ୍ଥିର କଲେ ଯେ ଏକଥା ସେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମିସ୍ ବାନାର୍ଜୀଙ୍କୁ କହିବେ । ମିସ୍ ବାନାର୍ଜୀ ଟିକେ କଡ଼ା ସ୍ୱଭାବର ଲୋକ । ସେଇଠୁ ବିଚାରବିମର୍ଶ ଚାଲିଲା ସାଙ୍ଗମାନଙ୍କ ସହ । ଦିନେ ସବୁ ପିଲାଙ୍କୁ ଏକାଠି କରି ପ୍ରଧାନ ଶିକ୍ଷୟିତ୍ରୀଙ୍କ ନିକଟକୁ ଯାଇ ସେ କହିଲେ, 'ଆଜ୍ଞା ସବୁ ଧର୍ମ ତ ସମାନ । ଏଠି ସରସ୍ୱତୀ ପୂଜା ଓ ଗଣେଶ ପୂଜା କାହିଁକି ହେବନି ? ଦୟାକରି ଆମକୁ ପୂଜା କରିବା ପାଇଁ ସୁଯୋଗ ଦିଅନ୍ତୁ । ସବୁ ସ୍କୁଲରେ ପୂଜା ହେଉଛି, ଆମକୁ ଦୁଃଖ ଲାଗୁଛି । ' ମିସ୍ ବାନାର୍ଜୀ ଏମିତି ଗୋଟେ କଥା ଶୁଣି ଆଶ୍ଚର୍ଯ୍ୟ ହୋଇଗଲେ । ଏଡ଼ିକି ଟିକିଏ ପିଲା, ଅଥଚ ବଳିଷ୍ଠ ଯୁକ୍ତି ସାଙ୍ଗକୁ ଶାନ୍ତ ଏବଂ ଶୃଙ୍ଖଳିତ ଛାତ୍ରୀଟିଏ ଭଳି ସେ ଯେପରି ପ୍ରଧାନ ଶିକ୍ଷୟିତ୍ରୀଙ୍କ ହୃଦୟକୁ ଜୟ କରିଗଲେ ସେ ସେଥିରେ ସ୍ତମ୍ଭୀଭୂତା ହୋଇଗଲେ । ସେ ହଠାତ୍ କହି ପକାଇଲେ, ତୁମେ ପିଲାଟିଏ ହେଲେ କ'ଣ ହେବ, ତୁମର ବୁଦ୍ଧି ନିକଟରେ ମୁଁ ଆଜି ହାର ମାନିଗଲି । ତୁମେ ମୋ ଆଖି ଖୋଲିଦେଲ । ଏଥରକ ମୁଁ ତୁମମାନଙ୍କୁ ଅନୁମତି ଦେଲି ତୁମେ ଯାଇ ପୂଜା ଆୟୋଜନ କର । ସେହିଦିନଠାରୁ ରେଭେନ୍ସା ଗାର୍ଲ ସ୍କୁଲରେ ସବୁ ପୂଜା ପାଳନ କରାଗଲା ।

ତା' ପରେ ଆରମ୍ଭ ହୋଇଗଲା ତାଙ୍କର କଲେଜ ଜୀବନ । କଟକ ରେଭେନ୍ସା କଲେଜରୁ ଓଡ଼ିଆରେ ଏମ. ଏ. ପାସ୍ କରିସାରିବା ବେଳକୁ ସେ ଦେଶସେବା କାର୍ଯ୍ୟରେ ସମ୍ପୂର୍ଣ୍ଣ ବୁଡ଼ି ଯାଇଥିଲେ । ସେତେବେଳ ପର୍ଯ୍ୟନ୍ତ କୌଣସି ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳରେ ବିଧିବଦ୍ଧ ଭାବରେ ସେ ନିଜକୁ ସାମିଲ ନକରିଥିଲେ ମଧ୍ୟ ରାଜ୍ୟର ତୁଙ୍ଗ ନେତୃବୃନ୍ଦମାନଙ୍କର ଦୃଷ୍ଟି ନିବଦ୍ଧ ଥିଲା ସେଇ ବିପ୍ଳବିଣୀ ଝିଅଟି ଉପରେ । ଗାନ୍ଧୀଆନ ନୀତିରେ ପ୍ରଥମରୁ ଅନୁପ୍ରାଣିତ ହୋଇ ନନ୍ଦିନୀ ଦେବୀ ଗୋଟେ ସମୟରେ ଖଦଡ଼ ପିନ୍ଧିବା ସତ୍ତ୍ୱେ ସାମ୍ୟବାଦୀ ଚିନ୍ତାଧାରାରେ ଆପ୍ଳୁତା ହୋଇଯାଇଥିଲେ ଏବଂ ସମାଜବାଦ ପ୍ରତି ଗଭୀର ଭାବରେ ଆକର୍ଷିତା ହୋଇଥିଲେ । ୧୯୬୨ ମସିହାରେ ରାଜ୍ୟସଭାକୁ ଯିବାପୂର୍ବରୁ ସେ ଅନେକ ସଂଗଠନ,ମହିଳା ଅନୁଷ୍ଠାନ, ଛାତ୍ରସଂଘ ଇତ୍ୟାଦିର କର୍ମକର୍ତ୍ତା ଭାବରେ ଗୁରୁଦାୟିତ୍ୱ ବହନ କରିଥିଲେ । ଯେତେବେଳେ ରାଜ୍ୟସଭା ସଭ୍ୟ ହୋଇ

Digitized by PPRACHIN, SOA

ଦିଲ୍ଲୀ ଯିବାକୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁପଟ୍ଟନାୟକ ତାଙ୍କୁ ପ୍ରସ୍ତାବ ଦେଲେ, ସେ ଏହି ପଦ ପାଇଁ ପ୍ରଥମେ ପ୍ରଥମେ ବିମୁଖ ଭାବ ପୋଷଣ କରିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ରାଜି ହୋଇ ରାଜ୍ୟସଭା ସଦସ୍ୟା ପଦରେ ଯୋଗ ଦେଇଥିଲେ । ସେଇଠାରୁ ଖୋଲା ହୋଇଯାଇଥିଲା ତାଙ୍କ ପାଇଁ ବିଜୟର ଦ୍ୱାର । ପରାଜୟ ତାଙ୍କୁ ଆଉ ଛୁଇଁ ପାରିନଥିଲା କିମ୍ୱା ସେ ଆଉ ପଛକୁ ଫେରି କେବେ ଚାହିଁନଥିଲେ ।

ରାଜ୍ୟସଭାରେ ପ୍ରଥମ ହୋଇ ଏକ ସାରଗର୍ଭକ ବକ୍ତୃତା ଦେବା ଅବସରରେ ନନ୍ଦିନୀ ଦେବୀ ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଜବାହରଲାଲ ନେହେରୁଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ସେଦିନର ଯାଚକ ଲେନ୍‌ର ସେଇ ଛୋଟିଆ ଶିଶୁଟି ପ୍ରଥମ ଥର ପାଇଁ ଜାତୀୟ ସ୍ତରର ସର୍ବୋଚ୍ଚ ବ୍ୟକ୍ତିଙ୍କ ହୃଦୟରେ ସିଂହାସନ ଥାପି ଦେଇଥିଲା । ଏହାପରେ କେନ୍ଦ୍ର ରାଜନୀତିରେ ସେ ଅନେକ ଜନନେତା ଓ ନେତ୍ରୀଙ୍କର ପ୍ରିୟ ନନ୍ଦିନୀ ରୂପେ ପରିଚିତା ହୋଇଗଲେ । ଏହାର କିଛିଦିନ ପରେ କେନ୍ଦ୍ରରେ ମନ୍ତ୍ରୀପଦ ତାଙ୍କର ଦ୍ୱାର ଠକ୍ ଠକ୍ କରି ତାଙ୍କୁ ସ୍ୱାଗତ କରିଥିଲା । ଏଥିପାଇଁ ଯଦିଓ ତାଙ୍କୁ କାହା ସାଙ୍ଗରେ କିଛି ଲଢେଇ କରିବାକୁ ପଡ଼ିନଥିଲା । ଏହି ମନ୍ତ୍ରୀପଦ ତାଙ୍କୁ ଆପେ ଆପେ ଧରା ଦେଇଥିଲା । ତାଙ୍କ କାର୍ଯ୍ୟଧାରାରେ ଆକୃଷ୍ଟ ହୋଇ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ସ୍ୱର୍ଗତା ଇନ୍ଦିରା ଗାନ୍ଧୀ ତାଙ୍କ ମନ୍ତ୍ରିମଣ୍ଡଳରେ ନନ୍ଦିନୀ ଦେବୀଙ୍କୁ Information & Broad Casting ମନ୍ତ୍ରୀ କଲେ । ଏହାର କିଛି ବର୍ଷ ପରେ ତାଙ୍କ ପାଇଁ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଏକ ସ୍ୱତନ୍ତ୍ର ବିଭାଗ ଖୋଲାଯାଇ ତାଙ୍କୁ Minister attach to Prime Minister କରାଗଲା । ତାପରେ ନନ୍ଦିନୀ ଦେବୀଙ୍କ ଜୀବନରେ ବିଜୟର ବାନା ଲମ୍ବି ଲମ୍ବି ଯାଇଥିଲା ।

୧୯୭୨ ମସିହା ଜୁନ୍ ୧୪ ତାରିଖରେ ନନ୍ଦିନୀ ଦେବୀଙ୍କ ଅନିଚ୍ଛା ସତ୍ତ୍ୱେ ତାଙ୍କୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଦରେ ଅଧିଷ୍ଠିତା କରାଗଲା । ଦଶବର୍ଷ ସଂସଦ ଜୀବନର ଅଭିଜ୍ଞତା ବର୍ଣ୍ଣନା କରି ସେ କହନ୍ତି "ମୋର ଗୋଟେ ପରମ ସୌଭାଗ୍ୟ ଥିଲା ଯେ, ମୁଁ ତିନି ତିନି ଜଣ ମୂଲ୍ୟବୋଧସମ୍ପନ୍ନ ପ୍ରଧାନମନ୍ତ୍ରୀ, ଯଥା ଜବାହରଲାଲ ନେହେରୁ, ଲାଲ ବାହାଦୁର ଶାସ୍ତ୍ରୀ ଏବଂ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ଭଳି ବ୍ୟକ୍ତିମାନଙ୍କ ସଂସ୍ପର୍ଶରେ ଆସିବାର ସୁଯୋଗ ଲାଭ କରିଛି । "

ପ୍ରକୃତରେ ଏହି ସୁଯୋଗ ତାଙ୍କ ପାଇଁ ଏକ Advantage ଥିଲା । ଏହାପରେ ନନ୍ଦିନୀ ଦେବୀ ଯେତେବେଳେ ପ୍ରଥମ ଥର ପାଇଁ ରାଜ୍ୟ ବିଧାନସଭା ପଦ ନିମନ୍ତେ କଟକ ଆସନରୁ ପ୍ରାର୍ଥୀ ହେଲେ, ଓଡ଼ିଶା ଜନସାଧାରଣଙ୍କର ତାଙ୍କ ପାଇଁ ଭଲ ପାଇବା ଦେଖି ସେ ବିହ୍ୱଳିତ ହୋଇପଡ଼ିଥିଲେ । ସେହି ନିର୍ବାଚନରେ ସେ ଭଲ ମାର୍ଜିନ ରଖି

Digitized by PPRACHIN, SOA

ବିଜୟ ଲାଭ କଲେ । ତାପରେ କିନ୍ତୁ ଯେତେଥର ନିର୍ବାଚନରେ ପ୍ରାର୍ଥୀ ହୋଇଛନ୍ତି ସେ ସବୁଥର ହିଁ ଜିତିଛନ୍ତି । ଜିତିବା ଯେପରି ଥିଲା ତାଙ୍କର ଏକ ଜନ୍ମଗତ ଅଧିକାର । ୧୯୭୨, ୧୯୭୪, ୧୯୭୭, ୧୯୮୦, ୧୯୮୫, ୧୯୯୦, ୧୯୯୫ ମସିହାର ପ୍ରତ୍ୟେକ ନିର୍ବାଚନରେ ନନ୍ଦିନୀ ଦେବୀ ଆଜି ପର୍ଯ୍ୟନ୍ତ ଜିତି ଆସିଛନ୍ତି । ଓଡ଼ିଶାରେ କୌଣସି ନାରୀନେତ୍ରୀ ଏଭଳି ଲଗାତର ଭାବରେ ଜିତିବା ଆଜିପର୍ଯ୍ୟନ୍ତ ଦୃଷ୍ଟିଗୋଚର ହୁଏ ନାହିଁ ।

ଏତଦ୍ ବ୍ୟତୀତ ୧୯୭୭ ମସିହାରେ ନନ୍ଦିନୀ ଦେବୀଙ୍କୁ ଆଉ ଏକ ଧର୍ମ ଯୁଦ୍ଧକୁ ମଧ୍ୟ ଟାଣି ନିଆଯାଇଥିଲା ତାଙ୍କ ଘର ରେଡ୍ କରିବା ପରିପ୍ରେକ୍ଷୀରେ । ଏହି ଘଟଣାରେ ନନ୍ଦିନୀ ଦେବୀ ଅତ୍ୟନ୍ତ ମର୍ମାହତ ହୋଇପଡ଼ିଥିଲେ । ଖାସ୍ ଏଇଥିପାଇଁ ଯେ, କୌଣସି ଏକ ନିର୍ଦ୍ଦିଷ୍ଟ ଅଭିଯୋଗ ନଥାଇ,ଦୁର୍ନିତିର ସଂଜ୍ଞା ନିର୍ଦ୍ଧାରଣ ନକରି ତାଙ୍କ ନିଜ ଘର ସମେତ, ବନ୍ଧୁବାନ୍ଧବ ଚିହ୍ନା ପରିଚିତ ଇତ୍ୟାଦି ସମସ୍ତଙ୍କ ଘର ରେଡ୍ କରିପକେଇଲେ । ଏଥିରେ ନନ୍ଦିନୀ ଦେବୀ ଆଦୌ ଦବି ନଯାଇ ପ୍ରମାଣ କରିଦେବାକୁ ଚାହିଁଲେ ଯେ, ଏତେଦିନଯାଏ କ୍ଷମତାରେ ରହିବା ପରେ ମଧ୍ୟ ଗୋଟିଏ ଟଙ୍କା ବି ସେ ଅସଦ୍ ଉପାୟରେ ଠୁଳ କରିନାହାନ୍ତି କି କାହାଠାରୁ ଗ୍ରହଣ ମଧ୍ୟ କରିନାହାନ୍ତି । ତାଙ୍କ ବିରୁଦ୍ଧରେ କେଶ୍ ଚାଲିଲା । ତଳ କୋର୍ଟରୁ ଉପର କୋର୍ଟ ଏବଂ ଉପର କୋର୍ଟରୁ ତଳ କୋର୍ଟ ଏହିଭଳି କେଶ୍‌ଟି ବୁଲି ବୁଲି ଯାଇ ସୁପ୍ରିମକୋର୍ଟରେ ପଡ଼ିଲା । ଦୀର୍ଘ ବାର ବର୍ଷର ଏକ ଲମ୍ବା ପ୍ରତୀକ୍ଷା ପରେ ଶେଷକୁ ମାନ୍ୟବର ସୁପ୍ରିମକୋର୍ଟଙ୍କ ଦ୍ୱାରା ନନ୍ଦିନୀ ଦେବୀ ବିଜୟିନୀ ଘୋଷିତା ହେଲେ ।

ଇଏତ ଗଲା ତାଙ୍କ ରାଜନୈତିକ ଏବଂ ସାମାଜିକ ଜୀବନର ବିଜୟ । ଏହା ବାଦ ତାଙ୍କର ଆଧ୍ୟାତ୍ମିକ ଜୀବନରେ ମଧ୍ୟ ପରାଜୟର ନଜିର ଦେଖିବାକୁ ମିଳେ ନାହିଁ । ନନ୍ଦିନୀ ଦେବୀ ପ୍ରଥମ ହୋଇ ୧୯୬୧ ମସିହାରେ ଶ୍ରୀ ଅରବିନ୍ଦ ଏବଂ ଶ୍ରୀମାଙ୍କ ପ୍ରତ୍ୟକ୍ଷ ସାନ୍ନିଧ ଲାଭ କରିବା ଆଶାରେ ପଣ୍ଡିଚେରୀ ଆସିଥିଲେ । ଏହା ପୂର୍ବରୁ ସେ ଆଶ୍ରମରୁ ପ୍ରକାଶିତ ନବଜ୍ୟୋତି ପତ୍ରିକା ମଗାଇ ପଢୁଥିଲେ ଏବଂ ଶ୍ରୀ ଅରବିନ୍ଦ, ଶ୍ରୀମାଙ୍କର ଡିଭୋଟିମାନଙ୍କ ଠାରୁ କିଛି କିଛି ଶୁଣିଥିଲେ । ମାତ୍ର ଯେତେବେଳେ ସେ ଆଶ୍ରମ ଆସି ମା'ଙ୍କର ପ୍ରତ୍ୟକ୍ଷ ସାନ୍ନିଧ ଲାଭ କଲେ ହଠାତ୍ ତାଙ୍କର ମନେ ହେଇଥିଲା ଭଗବାନ ସାକ୍ଷତ ମା'ଙ୍କ ରୂପରେ ଆବିର୍ଭୂତା । ବାସ୍ ! ଏହାପରେ ସେ ଅନେକଥର ପଣ୍ଡିଚେରୀ ଆଶ୍ରମକୁ ଯାଆସ କରିଛନ୍ତି, ମା'ଙ୍କର ପ୍ରତ୍ୟକ୍ଷ ସାନ୍ନିଧ ଲାଭ କରିଛନ୍ତି । ଶେଷରେ ତାଙ୍କର ଯାଦୁକରୀ ବ୍ୟକ୍ତିତ୍ୱର ଆକର୍ଷଣରେ ସେ ମା'ଙ୍କ ହୃଦୟକୁ ଜୟ କରି ତାଙ୍କର ଅତ୍ୟନ୍ତ ନିକଟବର୍ତ୍ତୀ ହୋଇପାରିଥିଲେ ।

Digitized by PPRACHIN, SOA

ସାହିତ୍ୟରେ ମଧ୍ୟ ସେଇ ଏକା କଥା । ଅବଶ୍ୟ ଏ କ୍ଷେତ୍ରରେ ନନ୍ଦିନୀ ଦେବୀଙ୍କର ଦୃଷ୍ଟିଭଙ୍ଗୀ ଅନ୍ୟମାନଙ୍କ ଅପେକ୍ଷା ଭିନ୍ନ । ତାଙ୍କ ବିଚାରରେ ସାହିତ୍ୟ କଳ୍ପନା ପ୍ରସୂତ ନହୋଇ ବାସ୍ତବଧର୍ମୀ ହେବା ଉଚିତ । କୌଣସି ପୁରସ୍କାର ପାଇବାର ଆଶା ମନଭିତରେ ପୋଷଣ କରି ସାହିତ୍ୟ ଲେଖିବାକୁ ସେ ପସନ୍ଦ କରନ୍ତି ନାହିଁ । ଯଦିଓ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରଠାରୁ ଆରମ୍ଭ କରି ଅନ୍ୟାନ୍ୟ ବହୁ ଅନୁଷ୍ଠାନ ତରଫରୁ ପୁରସ୍କୃତା ହୋଇଛନ୍ତି କିନ୍ତୁ ସେ ଏଥିରେ ସନ୍ତୁଷ୍ଟ ନୁହନ୍ତି । ତାଙ୍କ ମତରେ 'ଯେଉଁ ସାହିତ୍ୟ ମାନବର ଜୀବନଧାରାକୁ ପ୍ରଭାବିତ ନ କରିପାରିବ ଏବଂ ସମାଜର ସଂସ୍କୃତିକୁ ଏକ ଉନ୍ନତ ଦିଗରେ ଆଗେଇ ନେଇ ନପାରିବ ତାହା ସାହିତ୍ୟ ନୁହେଁ । ସାହିତ୍ୟ ପୁରସ୍କାରଧର୍ମୀ ନହୋଇ ଜୀବନ ଧର୍ମୀ ହେବା ଉଚିତ ।

ଦେଖିବାକୁ ଗଲେ ନନ୍ଦିନୀ ଦେବୀ ସାହିତ୍ୟ କ୍ଷେତ୍ରରେ ମଧ୍ୟ ପରାଜୟ ସ୍ୱୀକାର କରିନାହାନ୍ତି । ଏ ସବୁ ଦିଗରୁ ବିଚାର କଲେ ନନ୍ଦିନୀ ଦେବୀ ଆଜି ପର୍ଯ୍ୟନ୍ତ ସବୁଠି ବିଜୟର ବାନା ଉଡ଼ାଇ ଚାଲିଛନ୍ତି । ତାଙ୍କ ଭଳି ପରାଜୟର ସ୍ୱାଦ ଚାଖିନଥିବା ବ୍ୟକ୍ତି ସଚରାଚର ଖୋଜିବସିଲେ ଖୁବ୍ କ୍ୱଚିତ୍ ମିଳିବେ ।

ବିଚାରପତି ଆସନରେ ମୁହୂର୍ତ୍ତେ

ବିଚାରପତି ଆସନରେ ବସିବାକୁ ହେଲେ କେବଳ ଯେ ଶିକ୍ଷାଗତ ପ୍ରମାଣ ପତ୍ର ଯଥେଷ୍ଟ, ତା' ନୁହେଁ । ଏଥିପାଇଁ ବ୍ୟକ୍ତିର କେତେଗୁଡ଼ିଏ ମୌଳିକ ଗୁଣ ଥିବା ନିତାନ୍ତ ପ୍ରୟୋଜନ । ବଳିଷ୍ଠ ବ୍ୟକ୍ତିତ୍ୱ, ସଚ୍ଚୋଟତା, ନିର୍ଭୀକତା, ସ୍ପଷ୍ଟବାଦିତା ଏବଂ ସତ୍ୟବାଦିତା ଭଳି ଗୁଣବାନ୍ ବ୍ୟକ୍ତି ଏହି ପଦବୀ ପାଇଁ ଉପଯୁକ୍ତ । ଆଉ ଏ ସମସ୍ତ ଗୁଣାବଳୀ ନନ୍ଦିନୀ ଦେବୀଙ୍କ ବ୍ୟକ୍ତିତ୍ୱରେ ଖୁବ୍ କମ୍ ବୟସରୁ ଫୁଟି ଉଠିଥିଲା । ଯାହା ଫଳରେ ଓଡ଼ିଶାର ମହାନାୟକ ସ୍ୱର୍ଗତ ବିଜୟାନନ୍ଦ ପଟ୍ଟନାୟକ ନିଜର ଜଣେ ସହକର୍ମୀ ତଥା ରାଜ୍ୟର ଜଣେ ବରିଷ୍ଠ ମନ୍ତ୍ରୀଙ୍କ ବିରୁଦ୍ଧରେ ଆରୋପ ହୋଇଥିବା ଏକ ଅଭିଯୋଗର ତଦନ୍ତ ଭାର ନନ୍ଦିନୀଙ୍କ ଉପରେ ନ୍ୟସ୍ତ କରିଥିଲେ ।

ସେଦିନ ଥାଏ ପୂର୍ବାହ୍ନ ଏଗାରଟା ସମୟ । ନନ୍ଦିନୀ ଦେବୀଙ୍କ ନାତି ସୁପର୍ଣ୍ଣୋ ଭୁବନେଶ୍ୱର ଗୋପବନ୍ଧୁ ଛକ ନିକଟସ୍ଥ ତାଙ୍କ ରେଷ୍ଟୋରାଁରେ କାର୍ଯ୍ୟବ୍ୟସ୍ତ । ଏତିକିବେଳେ ଟେଲିଫୋନଟି ବାଜିଉଠିଲା । ସୁପର୍ଣ୍ଣୋ ରିସିଭରଟିକୁ ଉଠାଇବାକ୍ଷଣି ଏକ ଗୁରୁଗମ୍ଭୀର

Digitized by PPRACHIN, SOA

ସ୍ୱରରେ ଶୁଣିଲା, 'କିଏ ? ନନ୍ଦିନୀ ଅଛି ?' ସୁପର୍ଣ୍ଣୋ ଟିକେ ବ୍ୟତିବ୍ୟସ୍ତ ହୋଇପଡ଼ିଲା, ତା' ଦେହରେ ଏକ ବିଜୁଳିର ଝଲକ ଖେଳିଗଲା । କାରଣ ତାର ହେତୁ ହେଲାଦିନୁ ତା' ଜେଜେମା'ଙ୍କୁ ଏପରି ସମ୍ବୋଧନ କରି ଏମିତ ଅର୍ଡ଼ର ଦେବା ଭଙ୍ଗୀରେ କେହି କେବେ କଥାବାର୍ତ୍ତା କି ଟେଲିଫୋନ କରିବା ସେ ଜାଣି ନଥିଲା । ସେ ପଚାରିଲା, 'କିଏ କହୁଛନ୍ତି ?' ସେପଟୁ ସେଇ ଗୁରୁଗମ୍ଭୀର ସ୍ୱରରେ ଭାସି ଆସିଲା, 'ମୁଁ ବିଜୁ ପଟ୍ଟନାୟକ କହୁଛି, ତୁ କିଏ ?' ସୁପର୍ଣ୍ଣୋ ଟିକେ ପ୍ରକୃତିସ୍ଥ ହୋଇ ନମସ୍କାର କରି କହିଲା, 'ମୁଁ ତାଙ୍କ ନାତି କହୁଛି ।'

'କିଏ ବୁନୁ କହୁଛୁ ?'

'ଆଜ୍ଞା ।'

'ମା'କୁ ଡାକିଦେ ।'

'ମା ଏଠାରେ ନାହିଁ ଆଜ୍ଞା, ମା'ର ଟେଲିଫୋନଟି କଟିଯାଇଛି । ମୁଁ ଯାଇ ତାଙ୍କୁ ଏଠାକୁ ଡାକିଆଣିବି ?'

'ହଁ, ମୁଁ ପନ୍ଦର ମିନିଟ ପରେ ପୁଣି ଫୋନ୍ କରିବି । '

ଏଠାରେ ସୂଚନା ଦିଆଯାଇପାରେ ଯେ, କିଛି ଦିନ ଆଗରୁ ନନ୍ଦିନୀ ଦେବୀଙ୍କ ଟେଲିଫୋନ୍ ଲାଇନ୍‌ଟି ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା କାଟି ଦିଆଯାଇଥିଲା । କାରଣ ଲାଗ୍ ଲାଗ୍ ତିନୋଟି ବିଲ୍‌ରେ ତାଙ୍କ ଟେଲିଫୋନ୍ ନାମରେ ପାଖାପାଖି ଅଢ଼େଇ ଲକ୍ଷ ଟଙ୍କା ବକେୟା ଥିବା ଦର୍ଶାଯାଇଥିଲା । ଯାହା ଅବିଶ୍ୱାସର ପ୍ରଶ୍ନ ଥିଲା । ସେତେବେଳେ ନନ୍ଦିନୀ ଦେବୀ ତାଙ୍କ ଘରେ ଏକୁଟିଆ ରହୁଥିଲେ ଏବଂ କେବଳ ବିଧାନ ସଭାର ସଭ୍ୟା ଥିଲେ । ତା' ଛଡ଼ା ଏହା ପୂର୍ବରୁ କିମ୍ବା ପରେ (ଆଜି ପର୍ଯ୍ୟନ୍ତ) ତାଙ୍କର ଏତେ ପରିମାଣର ବିଲ୍ ଆସି ନଥିବାର ତାଙ୍କ ଠାରୁ ପ୍ରକାଶ । ଏହା କେବଳ କିଛି ଟେଲିକମ୍ କର୍ମଚାରୀମାନଙ୍କ ଖାମ୍‌ଖିଆଲି ନୀତି ଯୋଗୁ ହିଁ ସମ୍ଭବ ହୋଇଥିଲା । ସେ ଯାହାହେଉ, ସୁପର୍ଣ୍ଣୋ ତତ୍‌କ୍ଷଣାତ୍ ନନ୍ଦିନୀ ଦେବୀଙ୍କ ୟୁନିଟ୍ - ୬ ରେ ଥିବା ସରକାରୀ ବାସଭବନକୁ ଆସି ମା'କୁ ଏକଥା ଜଣାଇଲା । ହଠାତ୍ କାହିଁକି ମୁଖ୍ୟମନ୍ତ୍ରୀଙ୍କ ଡକରା ଆସିଲା ଟିକେ ଚିନ୍ତା କରି ନନ୍ଦିନୀ ଦେବୀ ସଙ୍ଗେ ସଙ୍ଗେ ବାହାରି ପଡ଼ିଲେ । ବାହାରେ ଆସି ଦେଖନ୍ତି ତ ଡ୍ରାଇଭର ଏ ଯାଏଁ ବି ଆସି ନାହିଁ । ହାତରେ ଆଉ ମାତ୍ର ପାଞ୍ଚ ମିନିଟ୍ ସମୟ । ଅଗତ୍ୟା ସେଇ ନାତିର ମୋଟର ବାଇକ୍‌ରେ ବସି ରେସ୍ତୋରାଁକୁ ଆସିଲେ ।

Digitized by PPRACHIN, SOA

ଠିକ୍ ପନ୍ଦର ମିନିଟ୍ ପୂର୍ଣ୍ଣ ହେବା ମାତ୍ରେ ବିଜୁବାବୁ ନିଜେ ସିଧାସଳଖ ଫୋନ୍ କଲେ । ନନ୍ଦିନୀ ଦେବୀ ନମସ୍କାର ଜଣେଇ ଡାକିବାର କାରଣ ପଚାରିଲେ । ବିଜୁବାବୁ କହିଲେ, 'ଦାମ ରାଉତ (ମୋ ପଞ୍ଚାୟତ ରାଜ ମନ୍ତ୍ରୀ) ସୁନ୍ଦରଗଡ଼ର କୁତ୍ରାବ୍ଲକରେ ଏକ କମ୍ୟୁନିଟି ସେଣ୍ଟର ଉଦ୍‌ଘାଟନ୍ କରିବାକୁ ଯାଇଥିଲା । ସେଠାରେ ବ୍ଲକ୍‌ର ପଞ୍ଚାୟତ ସମିତି ଚେୟାରମ୍ୟାନ ବାସନ୍ତି ବାରା ନାମରେ ଜଣେ ସ୍ତ୍ରୀ ଲୋକ ଅଛି, ତାଙ୍କୁ ଦାମ ରାଉତ ଅସୌଜନ୍ୟ ବ୍ୟବହାର କରିଥିବାର ଅଭିଯୋଗ ଉଠିଛି । ତେଣୁ ମୁଁ ଚାହୁଁଛି ତୁ ଏହି ଘଟଣାର ତଦନ୍ତ କରିବାକୁ । ତତେ One man Commission ନିଯୁକ୍ତି କରାଯିବ । ଆଉ ମୋର ବିଶ୍ୱାସ ତୁ ହିଁ କେବଳ ଠିକ୍ ରିପୋର୍ଟ ଦେଇପାରିବୁ ।'

ଯେଉଁ ବ୍ୟକ୍ତି ପିଲାଦିନୁ କୌଣସି କାର୍ଯ୍ୟକୁ କଷ୍ଟଭାବି ଛାଡ଼ିଦେଇ ନାହାନ୍ତି, ଏପରି ଏକ ସ୍ପର୍ଶକାତର ବିଷୟକୁ ଛାଡ଼ିଦେବେ ବା କିପରି ? ନନ୍ଦିନୀ ଦେବୀ ସଙ୍ଗେ ସଙ୍ଗେ ହଁ ମାରିଦେଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଏହି ଘଟଣାଟି ସେତେବେଳେ ବହୁତ ହଇଚଇ ସୃଷ୍ଟି କରିଥିଲା ଏବଂ ଦେଶର ପ୍ରମୁଖ ଖବରକାଗଜଗୁଡ଼ିକର ଫ୍ରଣ୍ଟ ଲାଇନ୍‌ରେ ସ୍ଥାନିତ ହୋଇଥିଲା । ଯାହାଫଳରେ କି କେନ୍ଦ୍ରରେ କ୍ଷମତାସୀନ କଂଗ୍ରେସ ଦଳର ସାଂସଦ ସୁଶ୍ରୀ ମମତା ବାନାର୍ଜୀ ତାଙ୍କ ଓଡ଼ିଶା ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ବିଜୁବାବୁଙ୍କୁ ଲିଖିତ ଅନୁରୋଧ କରିଥିଲେ ଯେ ବିରୋଧୀ ଦଳରେ ଥିବା ନନ୍ଦିନୀ ଶତପଥୀଙ୍କୁ ଏହି ତଦନ୍ତ ଭାର ଦେବା ପାଇଁ । ଶେଷରେ ସେଇଆ ହିଁ ହେଲା ।

ଆନୁଷ୍ଠାନିକ ଭାବେ ନନ୍ଦିନୀ ଦେବୀଙ୍କୁ ଓ୍ୱାନ୍ ମ୍ୟାନ୍ କମିଶନ ନିଯୁକ୍ତି କରାଯିବାପରେ ସେ ତଦନ୍ତ କାର୍ଯ୍ୟ ଆରମ୍ଭକଲେ । ସେ ଯେତେବେଳେ ତଦନ୍ତ କାର୍ଯ୍ୟରେ ପ୍ରଥମ ଥରପାଇଁ ରାଜଗାଙ୍ଗପୁର ଗଲେ, ସେଠାକାର କେତେକ ବ୍ୟକ୍ତି ତାଙ୍କୁ ବିରୋଧକରି କୁତ୍ରା ବ୍ଲକ୍ ସାମ୍ନାରେ କଳା ପତାକା ଦେଖାଇ ବିଭିନ୍ନ ସ୍ଲୋଗାନ୍ ଦେଲେ । ବିଜୁ, ବିରେନ୍ ଓ ମହତାବଙ୍କ ଭଳି ମୁଖ୍ୟମନ୍ତ୍ରୀମାନଙ୍କୁ ବିଧାସନଭାର ବିରୋଧୀଦଳ ଆସନରେ ଏକା ସାଙ୍ଗରେ ସାମ୍ନା କରିଥିବା ନନ୍ଦିନୀ ଦେବୀ ଏଇ କେତେଜଣ ବିକ୍ଷୋଭକାରୀଙ୍କ ନିକଟରେ ଦବିଯିବାର ବ୍ୟକ୍ତି ନଥିଲେ । ତାଙ୍କ ସାଙ୍ଗରେ ଥାଆନ୍ତି ଷ୍ଟେନୋ ପତିତପାବନ ନାୟକ ଏବଂ ଜଣେ ସହଯୋଗୀ ସରୋଜ ପଣ୍ଡା । ଏହା ଦେଖି ନନ୍ଦିନୀ ଦେବୀ ହଠାତ୍ କାର୍‌ର ଡୋର୍ ଖୋଲି ସେମାନଙ୍କ ଭିତରକୁ ଯିବାକୁ ବାହାରିଲେ । ଏତିକିବେଳେ ତାଙ୍କ ସାଙ୍ଗରେ ଥିବା ପୁଲିସବାଲା ମଧ୍ୟ ତାଙ୍କୁ ବାରଣ କଲେ । କହିଲେ, 'ସେମାନେ ଆଜ୍ଞା ବିଭିନ୍ନ ଧମକ ଦେଉଛନ୍ତି, ଆପଣ ଦୟାକରି ସେଠାକୁ ଯାଆନ୍ତୁନାହିଁ ।' ତାଙ୍କ ସାଙ୍ଗରେ ଥିବା ଦୁଇ ସହାୟକ ମଧ୍ୟ ତାଙ୍କୁ ଅନେକ ବାରଣ କଲେ । ମାତ୍ର

Digitized by PPRACHIN, SOA

ଦୃଢ଼ମନା ନନ୍ଦିନୀ ଦେବୀ ଛାଡ଼ିବାର ପାତ୍ରୀ ନଥିଲେ । ସମସ୍ତଙ୍କୁ ଆଡ଼େଇଦେଇ ସିଧାଗଲେ ବିକ୍ଷୋଭକାରୀଙ୍କ ନିକଟକୁ । ସେମାନଙ୍କ ପାଖକୁଯାଇ କହିଲେ, ତୁମକୁ ଏହି କଳାପତାକା ଦେଖାଇବାକୁ କିଏ କହିଛି ସେ କଥା ମୁଁ ଜାଣିଛି । ତୁମେମାନେ ଏବେ କ'ଣ ଚାହୁଁଛ ? ମୁଁ ତଦନ୍ତ କରିବି ଏବଂ ଯାହା ସତ୍ୟ ତାହାହିଁ ରିପୋର୍ଟ ଦେବି । ଏଇ କଥା ପଦକ ତାଙ୍କ ମୁହଁରୁ ଯେମିତି ବାହାରିଛି, ନିମିଷକ ମଧ୍ୟରେ ସମସ୍ତ କଳା ପତାକା ଲୁଚିଗଲା । ପାଞ୍ଚମିନିଟ୍ ଆଗରୁ ମୁର୍ଦ୍ଦାବାଦ ସ୍ଲୋଗାନ୍ ଦେଉଥିବା ଲୋକମାନେ ସଙ୍ଗେ ସଙ୍ଗେ ନନ୍ଦିନୀ ଦେବୀ ଜିନ୍ଦାବାଦ ଧ୍ୱନିରେ ସାରା ବ୍ଲକ ପରିସରକୁ କମ୍ପାଇ ଦେଲେ ।

ପରବର୍ତ୍ତୀ ସମୟରେ ନନ୍ଦିନୀ ଦେବୀ ତନ୍ନତନ୍ନ କରି ଘଟଣା ସହ ସଂପୃକ୍ତ ସବୁ ବ୍ୟକ୍ତିଙ୍କଠାରୁ ସାକ୍ଷ୍ୟ ଗ୍ରହଣ କରିଛନ୍ତି । ଘଟଣାଟି ଘଟିଥିବା ସ୍ଥାନରେ ଉପସ୍ଥିତ ଥିବା ସାଧାରଣ ଲୋକଙ୍କ ଠାରୁ ଆରମ୍ଭକରି ପୁଲିସର ବରିଷ୍ଠ କର୍ମକର୍ତ୍ତାଙ୍କ ପର୍ଯନ୍ତ । ମିଟିଂର ଭିଡ଼ିଓ କ୍ୟାସେଟ୍ ମଗାଇ ବାରମ୍ବାର ନିରୋଳାରେ ଏକୁଟିଆ ବସି ଦେଖିଛନ୍ତି । ବାସନ୍ତୀ ବାରାଙ୍କୁ ସମ୍ପୂର୍ଣ୍ଣ ଅଭୟ ପ୍ରଦାନ କରି ସତକଥା ବୁଝିବାକୁ ପ୍ରୟାସ କରିଛନ୍ତି । ଥରକରେ ତାଙ୍କ ମନ ନ ବୁଝିବାରୁ ଦିତୀୟଥର ବି ରାଉରକେଲା ହାଉସକୁ ବାସନ୍ତୀଙ୍କୁ ଡକାଇ ତାଙ୍କଠାରୁ ଏବଂ ତାଙ୍କ ସ୍ୱାମୀଙ୍କ ଠାରୁ ସାକ୍ଷ୍ୟ ଗ୍ରହଣ କରିଛନ୍ତି । ଶେଷରେ ମନ୍ତ୍ରୀ ଡାଃ. ରାଉତଙ୍କୁ ଦୁଇ ଦୁଇ ଥର ଜେରା କରିଛନ୍ତି । ତାପରେ ସରକାରଙ୍କୁ ତାଙ୍କ ରିପୋର୍ଟ ପ୍ରଦାନ କରିଛନ୍ତି ।

ଏ ସମସ୍ତ କାର୍ଯ୍ୟ ସେ ଜଣେ ପଲିଟିକାଲ ବ୍ୟକ୍ତି ଭାବେ କରିନାହାନ୍ତି ବରଂ ଜଣେ ବିଚାରପତିର ସମସ୍ତ ଦାୟିତ୍ୱବୋଧ ନେଇ ସମ୍ପାଦନ କରିଛନ୍ତି । ତଦନ୍ତ କାର୍ଯ୍ୟ ଚାଲିଥିବା ବେଳେ ମୁଖ୍ୟମନ୍ତ୍ରୀ ମେଧ ଦୁଇଦୁଇ ଥର ତାଙ୍କ ବାସ ଭବନକୁ ସକାଳୁ ସକାଳୁ ବିନା ସିକ୍ୟୁରିଟୀରେ ଆସିଛନ୍ତି, ହେଲେ ତାଙ୍କ ମନ୍ତ୍ରୀଙ୍କ ସପକ୍ଷରେ ରିପୋର୍ଟ ଦେବାପାଇଁ ସେ ନନ୍ଦିନୀ ଦେବୀଙ୍କୁ କେବେ ବି ଅନୁରେଧ କରିନାହାନ୍ତି । ତା'ଛଡ଼ା ତଦନ୍ତ କାର୍ଯ୍ୟରେ କୌଣସି ହସ୍ତକ୍ଷେପ ନ କରିବା ସହିତ ସମସ୍ତ ସହଯୋଗ ପ୍ରଦାନ କରିଛନ୍ତି । କେବଳ ରିପୋର୍ଟଟି ସମ୍ପୂର୍ଣ୍ଣ ନିରପେକ୍ଷ ଭାବରେ ଶୀଘ୍ର ଦେବାପାଇଁ ତାଙ୍କୁ ଅନୁରୋଧ କରି ଚାଲିଯାଇଛନ୍ତି । ଏହି କମିଶନ ପାଇଁ ନନ୍ଦିନୀ ଦେବୀ ସରକାଙ୍କଠାରୁ କୌଣସି ପାରିଶ୍ରମିକ ମଧ ନେଇନାହାନ୍ତି । ବରଂ ନିଜର ବହୁମୂଲ୍ୟ ସମୟ ଦେଇ ନିଜର ସାମାଜିକ ଦାୟିତ୍ୱ ବୋଧକୁ ସଂପର୍ଣ୍ଣ କରିବା ପାଇଁ ଆଗେଇ ଆସିଛନ୍ତି । ତାଙ୍କର ଏହି ଗୌରବରେ ଅସହିଷ୍ଣୁ ହୋଇ ରାଜ୍ୟର କିଛି ତଥାକଥିତ କଂଗ୍ରେସ ନେତା ଓ

Digitized by PPRACHIN, SOA

ନେତ୍ରୀ ତାଙ୍କୁ ନନ୍ଦିତ କରିବା ପାଇଁ ବିବୃତି ମାନ ଦେଇଛନ୍ତି । ହେଲେ କୌଣସି ନିନ୍ଦା-ପ୍ରଶଂସା-ଲୋଭ କିମ୍ବା ଡ଼ର-ଭୟ-ଧମକ ତାଙ୍କୁ ସ୍ପର୍ଶ ସୁଦ୍ଧା କରିପାରି ନାହିଁ । ଜଣେ ବିଚାରପତିର ଡ଼ିଗ୍ରୀ ନଥାଇ ବି ନନ୍ଦିନୀ ଦେବୀ ଯେପରି ଏ କ୍ଷେତ୍ରରେ ଏକ ବଳିଷ୍ଠ, ନିରପେକ୍ଷ ନ୍ୟାୟ ପ୍ରଦାନ କରିଛନ୍ତି ତାହା ତାଙ୍କ କାର୍ଯ୍ୟଧାରା ନ ଦେଖିଲେ ବିଶ୍ୱାସ କରିହେବନି ।

ଅରମା ପଥର ଯାତ୍ରୀ

ନନ୍ଦିନୀ ଦେବୀଙ୍କ ଜୀବନ ସଂଗ୍ରାମ କଥା ଭାବିଲା ବେଳକୁ ରାଧାମୋହନ ଗଡ଼ନାୟକଙ୍କ 'ଅପଥଗାମୀ' କବିତାର ଗୋଟିଏ ପଦ ସ୍ୱତଃ ମନଭିତରକୁ ପଶିଆସୁଛି ।

'ଅପଥେ ମୁଁ ଯିବି ଅପଥେ ମୁଁ ଯିବି

କର ମୋତେ ପଛେ ତିରସ୍କାର
ନେପଥ୍ୟେରେ ଅଛି ଯେତେଯାହା ସବୁ
କରିବି ମୁଁ ତାର ଆବିଷ୍କାର
ମଥାପାତି ନେବି ମାନ ଅପମାନ
ବୁକୁ ପାତି ନେବି ଝଞ୍ଜା ତୋଫାନ
ସମୟ ଆସିବ ଯେଉଁଦିନ ତୁମେ
ଯାଚିଦେବ ମୋତେ ପୁରସ୍କାର ।'

ନନ୍ଦିନୀ ଦେବୀଙ୍କ ଜୀବନର ଇତିହାସ ସହିତ ଏହି କବିତାଟିର ଭାବାର୍ଥ ଅନେକ ପରିମାଣରେ ମିଶିଯାଏ । ସେ ସର୍ବଦା ଯେଉଁ ପଥଟି ଠିକ୍ ବୋଲି ଭାବି ଆସିଛନ୍ତି ସେହି ପଥରେ ହିଁ ଆଗେଇଛନ୍ତି । ଆଉ ଥରେ ସେ ଯେଉଁ ପଥରେ ପାଦ ଦେଇଛନ୍ତି କେହି ଚେଷ୍ଟାକରି ମଧ୍ୟ ସେ ପଥରୁ ତାଙ୍କୁ ନିବୃତ୍ତ କରାଇ ପାରିନାହାନ୍ତି । ଏହା ହିଁ ବୋଧହୁଏ ତାଙ୍କ ଜୀବନର ଏକ ପ୍ରଧାନ ବିଶେଷତ୍ୱ । ଜୀବନର ଯାତ୍ରାପଥରେ ସମସ୍ତେ ଯୁଆଡ଼େ ଯିବାପାଇଁ ମନା କରନ୍ତି ସେହିପଟେ ଯାଇଛନ୍ତି ନନ୍ଦିନୀ ଦେବୀ । ସେ ଭାବି ନେଇଥିଲେ ଯେ ଏ ସମାଜର ଅନ୍ଧାରୁଆ ଦିଗଟିରେ ଯେଉଁସବୁ ସତ୍ୟ ଲୁକ୍କାୟିତ ଭାବରେ ରହିଅଛି, ସେହି ସତ୍ୟକୁ ତାଙ୍କୁ ହିଁ ଉଦ୍‌ଘାଟିତ କରିବାକୁ ପଡ଼ିବ । ସାମାଜିକ ରକ୍ଷଣଶୀଳତାର ମୁଖା ଖୋଲି ଦେଇ ନିଜକୁ ସେ ଜଣେ ବ୍ୟକ୍ତି ଭାବରେ ପ୍ରତିପାଦିତ

Digitized by PPRACHIN, SOA

କରିଛନ୍ତି । ସେ ପ୍ରମାଣିତ କରିଦେଇଛନ୍ତି ଯେ, ଜଣେ ନାରୀ ଭାବରେ ନୁହେଁ ଅଧିକନ୍ତୁ ନନ୍ଦିନୀ ଶତପଥୀ ଭାବରେ ସେ ସାରା ଭାରତବର୍ଷରେ ପରିଚିତା । ବାପା ତାଙ୍କର ଚାହିଁଥିଲେ ଝିଅ ଗୋଟେ ଭଲ ଡାକ୍ତର ହେଉ, କିନ୍ତୁ ସେ ଆଜି ଜଣେ ରାଷ୍ଟ୍ରନୀତିଜ୍ଞା ଭାବରେ ସର୍ବଜନବିଦିତ । ଏଥିପାଇଁ ଯେ ତାଙ୍କୁ କିଛି ଲାଞ୍ଛନା ସହିବାକୁ ପଡ଼ିନି ତା' ନୁହେଁ । ଅନେକ ମାନ ଅପମାନ ତାଙ୍କୁ ସହିବାକୁ ପଡ଼ିଛି ।

ନନ୍ଦିନୀ ଦେବୀ ସେତେବେଳେ କମ୍ୟୁନିଷ୍ଟରେ କାମ କରୁଥାନ୍ତି । ସେ ତାଙ୍କ କାର୍ଯ୍ୟରେ ଏତେ ମଜ୍ଜି ଯାଇଥାନ୍ତି ଯେ, ରାତିଦିନ କ'ଣ ଜାଣିପାରନ୍ତିନି । ଥରେ ତାଙ୍କର ଏକ ତିକ୍ତ ଅଭିଜ୍ଞତାରୁ କହନ୍ତି, ''ଆମେ ସେତେବେଳେ କମ୍ୟୁନିଷ୍ଟ ପାର୍ଟିର ବିଭିନ୍ନ ସ୍ଲୋଗାନ ଥିବା ପୋଷ୍ଟର ଚାରିଆଡ଼େ ଲଗାଉଥାଉ । ଦିନରେ ସଭାକରୁ, ରାତିରେ ପୋଷ୍ଟର ମାରୁ । ମୋ ସହିତ ଗଙ୍ଗାଧର ରଥଙ୍କ ଶଳା-ବୁଢ଼ା, ଲକ୍ଷଣ ମଳିକ, ଦେବେନ୍ଦ୍ର ଶତପଥୀ ପ୍ରମୁଖ ଥାନ୍ତି । ଦିନେ ରାତିରେ ପୋଷ୍ଟର ମାରି ବୁଢ଼ାର ମୋର ତା' ସାଇକେଲରେ ଫେରୁଛୁ, ଚାରିଛଅ ଜଣ ଗୁଣ୍ଡା ଆମକୁ ଅଟକାଇ ମୋତେ ପିଟିଲେ । ମୁଁ ମୁଣ୍ଡକୁ ତଳକୁ କରି ବସି ପଡ଼ିଲି । ସେମାନେ ବୁଢ଼ାକୁ ବି ଧରିପକେଇଲେ । ଶନିଆ ବାରିକ ବୋଲି ଜଣେ ଲୋକ ଆମ ଘରକୁ ଯାଏ ନଖ କାଟିବାକୁ । ତା' ଘରଟି ସେଇ ପାଖରେ । ମୋତେ ସେମାନେ ପିଟୁଥାନ୍ତି । ମୁଁ ଉପାୟ ନପାଇ ଖୁବ୍ ଜୋରରେ ପାଟି କଲି । ମୋ ପାଟି ଶୁଣି ଶନିଆ ବାରିକ, ତା'ପିଲାଛୁଆ ଓ ସେ ସାହିର ସବୁ ଲୋକ ଦୌଡ଼ି ଆସିଲେ । ତାଙ୍କୁ ଦେଖି ଗୁଣ୍ଡାମାନେ ଛାଟିପିଟି ହେଇ ପଳେଇଲେ । ମୁଁ ଘରକୁ ନଫେରିବା ପର୍ଯ୍ୟନ୍ତ ବାପା ଲେଖାଲେଖି କରୁଥିବେ । ମୁଁ ଆସିଲେ କବାଟ ଫିଟେଇବେ । ମୋତେ ସେଦିନ ଗୋଟେ ଖୁବ୍ ଭୟ ହେଇଯାଇଥିଲା । ମୋ ମୁହଁ ବି ଶୁଖିଯାଇଥାଏ । ରାତି ଦୁଇଟାରେ ଯେତେବେଳେ ଘରକୁ ଫେରିଲି, ବାପା ମୋତେ ଦେଖି ପଚାରିଲେ, କ'ଣ ହେଲା ? ମୁଁ କହିଲି ମୋତେ ବାଡ଼େଇଲେ । ବାପା କହିଲେ, 'ତୁ ବୀରେନ ମିତ୍ର ବିରୁଦ୍ଧରେ ଏଜିଟେସନ କରିବୁ, ସେମାନେ ବାଡ଼େଇବେନି ? ତୁ କ'ଣ ଡରିଗଲୁ କି ? ଯା, ଖାଇପିଇ ଶୋଇବୁ ।' ସେହିସବୁ ସମୟ ମୋ ପାଇଁ ଭୟଙ୍କର ସଂଗ୍ରାମର ଦିନ ଥିଲା ।''

ଗୋଟିଏ ସମୟରେ ବାପାଙ୍କର ମୃତ୍ୟୁ ଏବଂ ସ୍ୱାମୀଙ୍କର ବିଦାୟ ତାଙ୍କ ଜୀବନରେ ଘୋର ଆଲୋଡ଼ନ ସୃଷ୍ଟି କରିଥିଲା । ତଥାପି ସେ ନିଜ କର୍ତ୍ତବ୍ୟ ପଥରୁ ଓହରି ନଥିଲେ । ଯେତେ ସଙ୍କଟ ଆସିଲେ ମଧ୍ୟ ସେ ସେହି ପଥରେ ଦୁର୍ବାର ଗତିରେ ଚାଲିବାକୁ ପଶ୍ଚାତ୍‌ପଦ ହେଉନଥିଲେ । ତାଙ୍କର ଏହି ମୁହୂର୍ତ୍ତଟି ଏକ ଅଗ୍ନିପରୀକ୍ଷାର

Digitized by PPRACHIN, SOA

ମୁହୂର୍ତ୍ତ ଥିଲା । ସେତେବେଳେ ଢେଙ୍କାନାଳ ଲୋକସଭା ନିର୍ବାଚନମଣ୍ଡଳୀର ଉପନିର୍ବାଚନର ସମୟ । ଏହା ପୂର୍ବରୁ ୧୯୯୧ ମସିହା ମାର୍ଚ୍ଚମାସରେ ଦେଶରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଯାଇଥାଏ । ଏହି ନିର୍ବାଚନରେ ସେଠାରେ ଜଣେ ପ୍ରାର୍ଥୀଙ୍କର ମୃତ୍ୟୁ ହେବାରୁ ନିର୍ବାଚନକୁ ସ୍ଥଗିତ ରଖାଯାଇ ପରେ ୧୯୯୨ ମସିହା ନଭେମ୍ବର ମାସରେ ନିର୍ବାଚନ କରାଗଲା । ଏହା ପୂର୍ବରୁ ଢେଙ୍କାନାଳ ଲୋକସଭା ନିର୍ବାଚନ ମଣ୍ଡଳୀରୁ ସେଠାକାର ତତ୍‌କାଳୀନ ରାଜା ଶଙ୍କର ପ୍ରତାପ ସିଂଦେଓଙ୍କ ପୁତ୍ର କାମାକ୍ଷା ପ୍ରସାଦ ସିଂଦେଓ ପ୍ରତିନିଧିତ୍ୱ କରୁଥିଲେ । ଏଥରକ ମଧ୍ୟ ସେ ହିଁ ସେଠାରେ କଂଗ୍ରେସ ଦଳରୁ ଲୋକସଭା ପଦ ପାଇଁ ପ୍ରାର୍ଥୀ ହୋଇଥିଲେ । ଅନ୍ୟାନ୍ୟ ଦଳରୁ ଏବଂ ସ୍ୱାଧୀନ ଭାବରେ ଯେଉଁମାନେ ପ୍ରାର୍ଥୀ ହୋଇଥିଲେ ସେମାନଙ୍କ ସ୍ଥିତି କାମାକ୍ଷା ବାବୁଙ୍କ ପାଖରେ ଅତ୍ୟନ୍ତ ଦୁର୍ବଳ ଥିଲେ ବି, ତାଙ୍କର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଥିଲେ ନନ୍ଦିନୀ ଦେବୀଙ୍କ କନିଷ୍ଠ ପୁତ୍ର ତଥା ଜନତା ଦଳର ପ୍ରାର୍ଥୀ ଶ୍ରୀଯୁକ୍ତ ତଥାଗତ ସତପଥୀ । ତଥାଗତ ବାବୁ ମଧ୍ୟ ସେତେବେଳକୁ ଢେ଼ଙ୍କାନାଳ ସଦରରୁ ରାଜ୍ୟ ବିଧାନସଭା ପାଇଁ ପ୍ରତିନିଧିତ୍ୱ କରୁଥାନ୍ତି । ସେ ଜନତା ଦଳରୁ ଦଳୀୟ ଟିକଟ ପାଇ ଠିଆହୋଇଥିଲେ ମଧ୍ୟ ଢେଙ୍କାନାଳ ରାଜନୀତିରେ ଶତପଥୀ ପରିବାରର ଏକ ଅଖଣ୍ଡ ପ୍ରଭାବ ରହିଆସିଛି । କାରଣ ଏହା ପୂର୍ବରୁ ନନ୍ଦିନୀ ଦେବୀଙ୍କ ସ୍ୱାମୀ ସ୍ୱର୍ଗତ ଦେବେନ୍ଦ୍ର ଶତପଥୀ ୧୯୭୧ ମସିହାରେ କଂଗ୍ରେସ ଟିକଟରେ ଏବଂ ୧୯୭୭ ମସିହାରେ କଂଗ୍ରେସ ଫର୍ ଡେମୋକ୍ରାସୀ ଦଳର ଟିକଟରେ କାମାକ୍ଷା ପ୍ରସାଦଙ୍କୁ ଦୁଇଦୁଇ ଥର ହରାଇ ଲୋକସଭାକୁ ନିର୍ବାଚିତ ହୋଇଥିଲେ । ନନ୍ଦିନୀ ଦେବୀ ମଧ୍ୟ ଢେ଼ଙ୍କାନାଳ ସଦର ନିର୍ବାଚନ ମଣ୍ଡଳୀରୁ କେ.ପି.ଙ୍କୁ ହରାଇ ବିଧାନସଭାକୁ ନିର୍ବାଚିତା ହୋଇଥିଲେ । ୧୯୮୦ ମସିହାରେ ଯେତେବେଳେ ସାଧାରଣ ନିର୍ବାଚନ ହେଲା ସେତେବେଳେ ଦେବେନ୍ଦ୍ର ବାବୁ ଏବଂ ନନ୍ଦିନୀ ଦେବୀ କେହି କଂଗ୍ରେସରେ ନଥିଲେ । ସେହି ସମୟରେ କେ.ପି. କଂଗ୍ରେସରେ ମିଶିଗଲେ । ଦେବେନ୍ଦ୍ର ବାବୁ ତ ଏମ.ପି. ଥାଆନ୍ତି । ସେ ଦିଲ୍ଲୀର ୬୦,ଲୋଧି ଇଷ୍ଟେଟ୍ ରେ ରହୁଥାନ୍ତି । କେ.ପି.ସିଂଦେଓ ଏବଂ ତାଙ୍କ ଶ୍ୱଶୁର ପି.କେ.ଦେଓ ଯାଇ ପଚାରିଲେ ଯେ, ଆପଣ ଏଥରକ ନିର୍ବାଚନ ଲଢ଼ିବେ କି ନାହିଁ । ସେ ମନା କରିଦେଲେ । ନନ୍ଦିନୀ ଦେବୀ ମଧ୍ୟ ସେଠାରେ ଥିଲେ । ପି.କେ.ଦେଓ ତାଙ୍କୁ ବି ପଚାରିଲେ ସେ ଲଢିବେ କି ନାହିଁ । ଦୁଇଜଣଯାକ ମନା କରିଦେବାପରେ ସେ କହିଲେ ତା'ହେଲେ ଆପଣମାନଙ୍କର ଆଶୀର୍ବାଦ ରହିଲା । ସେହି ନିର୍ବାଚନରେ କେ.ପି.ସିଂଦେଓ ଦେବେନ୍ଦ୍ର ଶତପଥୀ ଏବଂ ନନ୍ଦିନୀ ଦେବୀଙ୍କର ଆଶୀର୍ବାଦ ନେଇ ନିର୍ବାଚନ ଲଢ଼ିଲେ ଏବଂ ଜିତିଲେ । ସେ ନିର୍ବାଚନରେ ଏ ଦୁଇଜଣଯାକ ଢେଙ୍କାନାଳ ଥରୁଟିଏ ବି ଯାଇନାହାନ୍ତି ।

Digitized by PPRACHIN, SOA

ଏହି ସୁଯୋଗରେ କେ.ପି.ସିଂଦେଓ ଢେଙ୍କାନାଳ ଲୋକସଭା ଆସନଟି ନିଜ ଅକ୍ତିଆରକୁ ନେଇଆସିଲେ । ଏହାପୂର୍ବରୁ ନନ୍ଦିନୀ ଦେବୀ ଏବଂ ତାଙ୍କ ପରିବାର ସମସ୍ତଙ୍କର ରାଜାମାନଙ୍କୁ ଖୁବ୍ ନାପସନ୍ଦ ଥିଲା । ଶୁଣାଯାଏ ଢ଼େଙ୍କାନାଳ ରାଜା ଥିଲେ ସବୁଠୁ ଅତ୍ୟାଚାରୀ । ସେଥିପାଇଁ ନନ୍ଦିନୀ ଦେବୀ ଢ଼େଙ୍କାନାଳର ବୋହୂ ହେବା ପରଠାରୁ ରାଜାଙ୍କ ଅତ୍ୟାଚାରରୁ ଲୋକମାନଙ୍କୁ ମୁକ୍ତ କରିବାପାଇଁ ତଥା ଢ଼େଙ୍କାନାଳ ପରି ଗୋଟିଏ ଅନୁନ୍ନତ ଜିଲ୍ଲାର ସକଳ ଉନ୍ନତି ପାଇଁ ଆଜିଯାଏ ପ୍ରାଣପଣେ ଚେଷ୍ଟା କରିଆସିଛନ୍ତି । ତା'ଛଡ଼ା ନନ୍ଦିନୀ ଦେବୀଙ୍କ କକେଇ ଭଗବତୀ ପାଣିଗ୍ରାହୀ ଏବଂ ତାଙ୍କ ସ୍ୱାମୀ ଦେବେନ୍ଦ୍ର ବାବୁ ଢ଼େଙ୍କାନାଳର ଗଡ଼ଜାତ ପ୍ରଜା ଆନ୍ଦୋଳନରେ ଭାଗ ନେଇ ଅନେକ କାମ କରିଥିଲେ । ଯାହା ଫଳରେ ଢ଼େଙ୍କାନାଳବାସୀଙ୍କର ଶତପଥୀ ପରିବାର ପାଇଁ ଏକ ବିଶେଷ ସ୍ନେହ ରହିଆସିଛି । ତେଣୁ ଏହି ନିର୍ବାଚନରେ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱିତା ଥିଲା ରାଜା ପରିବାର ଏବଂ ଶତପଥୀ ପରିବାର ମଧ୍ୟରେ । କିନ୍ତୁ ନନ୍ଦିନୀ ଦେବୀଙ୍କ ପାଇଁ ଅସୁବିଧାଟା ଥିଲା ଯେ, ସେ କଂଗ୍ରେସ ପାର୍ଟିରେ ଥିବାବେଳେ ତାଙ୍କ ପୁଅ ତଥାଗତ ବାବୁ ଥିଲେ ଜନତା ଦଳରେ । ଆଉ କେ.ପି.ସିଂଦେଓ କଂଗ୍ରେସ ପାର୍ଟିର ଟିକଟରେ ଲଢୁଛନ୍ତି । ନନ୍ଦିନୀ ଦେବୀ କଂଗ୍ରେସ ବିରୋଧୀ ନଥିଲେ; ସେ ଥିଲେ ପ୍ରକୃତରେ ରାଜାବିରୋଧୀ । ସେ ନିଜ ଚେଷ୍ଟାରେ ସେଠାରେ ରଜାଙ୍କୁ ଦୀର୍ଘଦିନ ଧରି କ୍ଷମତା ରାଜନୀତିରୁ ଦୂରେଇ ରଖିଥିଲେ । ଆଉ ମଧ୍ୟ ଭାବିଥିଲେ ଯେ ପରବର୍ତ୍ତୀ ସମୟରେ ଢେଙ୍କାନାଳରେ ନୂତନ ନେତୃତ୍ୱ ସୃଷ୍ଟି ହୋଇ ରାଜାଙ୍କୁ କୌଣସିମତେ କ୍ଷମତା ଦଖଲ କରିବାକୁ ଦେବେ ନାହିଁ । କିନ୍ତୁ ଢ଼େଙ୍କାନାଳରେ କେ.ପି.ଙ୍କ ସଙ୍ଗେ ଟକ୍କର ଦେବାଭଳି ନେତୃତ୍ୱ ନଥିଲା ଏବଂ ଏଥି ସହିତ ପରମୁହୂର୍ତ୍ତରେ ସେ ଲକ୍ଷ୍ୟ କଲେ ଯେ ରାଜାଙ୍କର ସ୍ଥିତି କ୍ରମଶଃ ସୁଦୃଢ଼ ହେବାରେ ଲାଗିଛି । ଏହି ପରିସ୍ଥିତିରେ ସେ ନିଜେ ଯାଇ ଦଳୀୟ ବ୍ୟକ୍ତିଙ୍କ ବିରୁଦ୍ଧରେ ପ୍ରଚାର କରିପାରିବେ ନାହିଁ । ଅନ୍ୟ ପକ୍ଷରେ ରାଜା ଜିତିଗଲେ ଢ଼େଙ୍କାନାଳବାସୀ ପୁଣି ଯେଉଁ ତିମିରେ କୁ ସେଇ ତିମିରେ ।

ଏପଟେ ମାରିଲେ ଗୋ ହତ୍ୟା-ସେପଟେ ମାରିଲେ ବ୍ରହ୍ମ ହତ୍ୟା । ଏହିପରି ଦ୍ୱନ୍ଦ୍ୱରେ ପଡ଼ି ସେ ଢେଙ୍କାନାଳକୁ ଆଦୌ ଯିବେ ନାହିଁ ବୋଲି ନିଷ୍ପତ୍ତି କଲେ । ଭୁବନେଶ୍ୱରରେ ରହିଲେ ସିନା କିନ୍ତୁ ମନଟା ଥାଏ ଢେଙ୍କାନାଳରେ । ସମରବାଦ୍ୟ ଶୁଣି ବିପ୍ଲବିଣୀ କ'ଣ ଚୁପ୍ ହୋଇ ରହିପାରେ ? ନିଜଭିତରେ ତାଙ୍କର ସ୍ୱାଭିମାନର ବହ୍ନି ଜଳିଉଠିଲା । ହେଲେ ନିଜେ ନିଜକୁ ଦେଇଥିବା ପ୍ରତିଶ୍ରୁତିକୁ ଭାଙ୍ଗି ପାରିଲେନି । ସେଇ ଟେନ୍‌ସନ୍‌ରେ ସେ ଭୀଷଣ ଶାରୀରିକ ଅସୁସ୍ଥତାରେ ପଡ଼ି ରାଜଧାନୀ ଡାକ୍ତରଖାନାରେ

Digitized by PPRACHIN, SOA

ଭର୍ତ୍ତିହେଲେ । ସେଠାରେ ଡାକ୍ତର ପ୍ରମୋଦ ଆଚାର୍ଯ୍ୟ ଏବଂ ଡାଃ ମୂର୍ତ୍ତି ତାଙ୍କୁ ଦେଖୁଥାନ୍ତି । ସବୁଆଡ଼େ କିନ୍ତୁ ପ୍ରଚାର ଚାଲିଥାଏ ଯେ ନନ୍ଦିନୀ ଶତପଥୀ ନିଜ ପୁଅ ତଥାଗତବାବୁଙ୍କ ପାଇଁ ନିର୍ବାଚନ ପ୍ରଚାର କରୁଛନ୍ତି । ଏତିକିବେଳେ ଏମ. ଏମ. ଜାକୋବ ଅଖିଳ ଭାରତୀୟ କଂଗ୍ରେସ କମିଟି ତରଫରୁ ଓଡ଼ିଶାକୁ ପର୍ଯ୍ୟବେକ୍ଷକ ରୂପେ ଆସିଥାନ୍ତି । ସେ ସେତେବେଳେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର Minister of State ଥାନ୍ତି । ତାଙ୍କ ନିକଟରେ ମଧ୍ୟ ଓଡ଼ିଶା କଂଗ୍ରେସର କିଛି ନେତା ଉପରୋକ୍ତ ଅଭିଯୋଗଟି କରିଥିଲେ । ଏହି ସମୟରେ ଜାକୋବ କେଉଁ ସୂତ୍ରରୁ ଜାଣିପାରିଲେ ଯେ ନନ୍ଦିନୀ ଦେବୀ କ୍ୟାପିଟାଲ ହସପିଟାଲର ଆ.ସି.ସି.ୟୁ. ରେ ରହିଛନ୍ତି । ସେତେବେଳକୁ ନିର୍ବାଚନ ଆଉମାତ୍ର ଦୁଇ ଚାରିଦିନ ବାକିଥାଏ । ଦିନେ ସକାଳ ଦଶଟା ସମୟରେ ଜାକୋବ ମହାଶୟ ନନ୍ଦିନୀ ଦେବୀଙ୍କୁ ଦେଖିବା ପାଇଁ କ୍ୟାପିଟାଲ ହସପିଟାଲରେ ଆସି ପହଞ୍ଚିଗଲେ । ନନ୍ଦିନୀ ଦେବୀଙ୍କ ଶଯ୍ୟା ନିକଟରେ ପ୍ରାୟ ଅଧଘଣ୍ଟାଏ ପର୍ଯ୍ୟନ୍ତ ବସି ତାଙ୍କ ସ୍ୱାସ୍ଥ୍ୟ ବିଷୟରେ ବୁଝାବୁଝି କଲେ । ଗଲାବେଳକୁ କେବଳ ଏତିକି କହିଗଲେ ଯେ, ମୁଁ ବୁଝିପାରୁଛି ଆପଣଙ୍କ ମନର ଅବସ୍ଥାକୁ ।

ନିର୍ବାଚନ ସରିଲା । ତଥାଗତ ବାବୁଙ୍କୁ ମାତ୍ର ପାଖାପାଖି ଚାଳିଶ ହଜାର ଭୋଟ ବ୍ୟବଧାନରେ ପରାସ୍ତ କରି କେ.ପି.ସିଂ ଦେଓ ନିର୍ବାଚନ ଜିତିଲେ । ସେତେବେଳେ ତଥାଗତବାବୁଙ୍କୁ ହରାଇବା ପାଇଁ ରାଜ୍ୟ କଂଗ୍ରେସର ବହୁ ତୁଙ୍ଗ ନେତାମାନେ ଲାଗିପଡ଼ିଥାନ୍ତି । ଏପରିକି ପ୍ରଧାନମନ୍ତ୍ରୀ ନରସିଂହ ରାଓ ମଧ୍ୟ ପୂର୍ବ ପରମ୍ପରା ଭାଙ୍ଗି ସେହି ନିର୍ବାଚନରେ କେ.ପି. ଙ୍କ ପାଇଁ ପ୍ରଚାର କରିବାକୁ ଆସିଥିଲେ । ସେଇ ଜନତା ଦଳର କିଛି ନେତା ବି ତଥାଗତବାବୁଙ୍କ ଆବିର୍ଭାବକୁ ଡରି ଭିତିରିଆ ତାଙ୍କ ବିରୁଦ୍ଧରେ କାର୍ଯ୍ୟ କରିଥିବାର ଜଣାଯାଏ । ଏ ସମସ୍ତ ସତ୍ତ୍ୱେ ଯଦି ଏକମାତ୍ର ନନ୍ଦିନୀ ଦେବୀ ଦୁଇଟି ଦିନ ଢେଙ୍କାନାଳରେ ତଥାଗତବାବୁଙ୍କ ସପକ୍ଷରେ ପ୍ରଚାର କରିଥାନ୍ତେ ତେବେ ସୁନିଶ୍ଚିତ କେ.ପି.ସିଂ ଦେଓ ଯେତିକି ଭୋଟ ବ୍ୟବଧାନରେ ଜିତିଲେ, ସେତିକି କିମ୍ବା ତା'ଠାରୁ ଅଧିକ ଭୋଟ ବ୍ୟବଧାନରେ ହାରିଥାନ୍ତେ । କିନ୍ତୁ ଦୃଢ଼ମନା ନନ୍ଦିନୀ ଦେବୀ ଥରେ ଯେଉଁ ନିଷ୍ପତ୍ତି ନିଅନ୍ତି, ଶତବାଧା ସତ୍ତ୍ୱେ ବି ସେଥିରୁ ଓହରନ୍ତି ନାହିଁ । ଏହା ତାଙ୍କ ଜୀବନର ଅନ୍ୟ ଏକ ବ୍ୟତିକ୍ରମ ।

କେବଳ ଏତିକି ନୁହେଁ, ଅନେକ କଣ୍ଟକିତ ପଥରେ ଚାଲି ଚାଲି ଆସି ସେ ଏବେବି ଥକିପଡ଼ି ନାହାନ୍ତି । ଆଉ ମଧ୍ୟ ସେ ଅରମା ପଥକୁ ବି ଛାଡ଼ି ପାରିନାହାନ୍ତି । ବିପଦର ସମ୍ଭାବନା ଜାଣି ମଧ୍ୟ ସେ ସେହି ପଥରେ ଦୁର୍ବାର ଭାବରେ ଆଗେଇ ଚାଲିଛନ୍ତି ।

Digitized by PPRACHIN, SOA

ନାରୀ : ନାରୀ ନୁହେଁ ବ୍ୟକ୍ତି

ନାରୀ, ନାରୀ ନୁହେଁ ସେ ବ୍ୟକ୍ତି, ସେ ମଣିଷ । ଏଇ କଥାଟିକୁ ବାରମ୍ବାର ବିଭିନ୍ନ ସଭାସମିତିରେ, ଖବରକାଗଜରେ, ଟିଭି ରେଡିଓରେ ଏବଂ ସର୍ବୋପରି ଦୈନନ୍ଦିନ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତିମାନଙ୍କୁ, ବିଶେଷ କରି ନାରୀମାନଙ୍କୁ ଚେତାଇ ଦିଅନ୍ତି ସେହି ମହୀୟସୀ ମହିଳା ନନ୍ଦିନୀ ଶତପଥୀ । ଏହା ସେ କଥାରେ ନୁହେଁ, କାର୍ଯ୍ୟରେ କରି ଅନେକ ବାର ପ୍ରମାଣିତ କରିଦେଇଛନ୍ତି ମଧ୍ୟ । ଶାସ୍ତ୍ରରେ କୁହାଯାଇଥିବା 'ବିନାଶ୍ରୟେ ନ ବର୍ତ୍ତନ୍ତି କବିତା ବନିତା ଲତା' କଥାଟିର ସେ ଘୋର ବିରୋଧ କରନ୍ତି । ଏହା ବ୍ୟତୀତ ବିଭିନ୍ନ ଶାସ୍ତ୍ରରେ ନାରୀକୁ ଅବଳା ଦୁର୍ବଳା ବୋଲି ଯେଉଁ ଚିତ୍ରଣ କରାଯାଇଛି, ତା' ଉପରେ ନନ୍ଦିନୀ ଦେବୀ ଘୋର ଆପତ୍ତି ମଧ୍ୟ ଉଠାନ୍ତି । 'ନାରୀ କେବେ ବି ଦୁର୍ବଳା ନଥିଲା, ଏବେ ବି ନୁହଁ, ଆଉ କେବେ ବି ଦୁର୍ବଳା ହୋଇ ରହିବନି ।' ଆଉ ଗୋଟେ କଥା ସେ ସ୍ୱୀକାର କରନ୍ତି ଯେ, 'କିଛି ନାରୀ ମୁହଁରେ ଓଠରେ ନାଲି ନୀଳ ରଙ୍ଗ ଲଗାଇ, ଅର୍ଦ୍ଧନଗ୍ନ ପୋଷାକ ପିନ୍ଧି, ବଜାର ବୁଲି ଆଧୁନିକତା ବୋଲି ଦେଖାଇ ହୁଅନ୍ତି, ଅବଶ୍ୟ ରୂପରେ ଆଧୁନିକ ହେବା କିଛି ଖରାପ ନୁହେଁ । କିନ୍ତୁ ଏଇଟା ଏକ ଦୁର୍ବଳ ମସ୍ତିଷ୍କର ରୁଗ୍ଣ ମାନସିକତା ନହେଉ । ଆଧୁନିକତାର ମାନେ ନୁହେଁ ନିଜର ରୂପକୁ ସଜେଇ କେବଳ ଅନ୍ୟର ଦୃଷ୍ଟି ଆକର୍ଷଣ କରିବା । ଆଧୁନିକତାଟା ମନରେ ବି ହେବା ଦରକାର । ବିଦ୍ୟା, ବୁଦ୍ଧି, ଗୁଣରେ ଆଧୁନିକତା ଆସିଲେ ତାହା ସମାଜର ହିତରେ ଲାଗିବ । ନାରୀଟିଏ ଯେ କୌଣସି କାର୍ଯ୍ୟ କରୁ, ତାର କାର୍ଯ୍ୟ ଓ କଥାରେ ଶାଳୀନତା ରହିବା ବାଞ୍ଛନୀୟ ।'

ସ୍ୱାଧୀନତାର ପଚାଶ ବର୍ଷ ପରେ ଭାରତୀୟ ନାରୀ ଶୀର୍ଷକରେ ସେ କହିଛନ୍ତି – ''ଆମ ଦେଶ ସ୍ୱାଧୀନତା ପାଇବାର ପଚାଶ ବର୍ଷ ହୋଇଗଲା । ଏହି ବର୍ଷଟିକୁ ଦେଶ ସାରା ମହା ସମାରୋହରେ ପାଳନ କରାଯାଉଛି । ମଣିଷ ଅର୍ଦ୍ଧଶତାବ୍ଦୀ ବଞ୍ଚି ରହିବା ପରେ ପଛକୁ ଚାହିଁ ଏତେ ବର୍ଷ କ'ଣ କଲା, କେତେ ଭୁଲ ବା କେତେ ଠିକ୍ କଲା ତାହା ବିଚାର କରିବା ସ୍ୱାଭାବିକ କଥା । ଏ ବିଚାର ମନ ଭିତରେ ହୁଏ । ନିଜର ଦୋଷ ଗୁଣ ଜାଣି ଆପଣାର ମୂଲ୍ୟବୋଧ ଅନୁସାରେ ଯାହା ସବୁ ଭୁଲ କରିଯାଇଛି ସେଗୁଡ଼ିକୁ ସୁଧାରିବା ପାଇଁ ଯତ୍ନ କରେ । ସବୁ ମଣିଷ ଏକଥା କରନ୍ତି ନାହିଁ । ଯେଉଁମାନଙ୍କର ବିଚାରବୁଦ୍ଧି ଅଛି ଏବଂ କିଛି ମୂଲ୍ୟବୋଧ ଅଛି, ସେହିମାନେ ହିଁ ଏଭଳି କରିଥାଆନ୍ତି । ଅବଶ୍ୟ ସେମାନଙ୍କର ସଂଖ୍ୟା ମୁଷ୍ଟିମେୟ ହେଉପଛେ, ସେଇ ଲୋକଙ୍କ ଚିନ୍ତାଧାରାରୁ

Digitized by PPRACHIN, SOA

ସାଧାରଣ ଲୋକଙ୍କୁ ଏକ ଦିଗ୍‌ଦର୍ଶନ ମିଳିଥାଏ । ପ୍ରକୃତ ଅର୍ଥରେ ସେହିଭଳି ଲୋକମାନେ ହିଁ ଦେଶର ଚିନ୍ତାନାୟକ ଏବଂ ପଥପ୍ରଦର୍ଶକ ରୂପରେ ଗଣିତ ହୁଅନ୍ତି ।

ପଚାଶ ବର୍ଷ ପରେ ଅର୍ଥାତ୍, ଦେଶ ଲୋକେ ବ୍ରିଟିଶ କବଳରୁ ଦେଶକୁ ମୁକ୍ତ କରିବା ପରେ ଆଜି ଆମେ ଆଉ ଅର୍ବାଚୀନ ହୋଇ ରହିନାହୁଁ । ପୃଥିବୀର ବିଭିନ୍ନ କ୍ଷେତ୍ରରେ ଯେତେ ପ୍ରକାର ପରିବର୍ତ୍ତନ ହେଉଛି, ତାହାର ପ୍ରଭାବ ଆମ ଉପରେ ନିଶ୍ଚିତ ଭାବରେ ପଡ଼ିବାଟା ସ୍ୱାଭାବିକ । ଏହି ପରିବର୍ତ୍ତନର ସମ୍ମୁଖୀନ ହେଉଛନ୍ତି ଉଭୟ ନାରୀ ଓ ପୁରୁଷ । ପୁରୁଷ ଏବଂ ନାରୀମାନଙ୍କର ଶାରୀରିକ ଗଠନରେ ତଫାତ୍ ଅଛି ନିଶ୍ଚୟ । କିନ୍ତୁ ଉଭୟେ ହେଉଛନ୍ତି ମଣିଷ । ତେଣୁ ଏହି ପଚାଶବର୍ଷ ମଧ୍ୟରେ ଯେତେ ଯାହା ଘଟିଗଲା ବା ଘଟୁଛି ସବୁଥିରେ ନାରୀ ଓ ପୁରୁଷ ସମାନ ଭାବରେ ଜଡ଼ିତ । ଆଜି ଯଦି ନାରୀ ସ୍ୱାଧୀନତା ପ୍ରଶ୍ନ ଉଠାଯିବ ତେବେ ମୁଁ କହିବି କେତେବେଳେ ନାରୀମାନଙ୍କର ସ୍ୱାଧୀନତା ନଥିଲା । ସ୍ୱାଧୀନତା ସଂଗ୍ରାମରେ ଅସଂଖ୍ୟ ନାରୀ ଅଂଶ ଗ୍ରହଣ କରିଛନ୍ତି । କଂଗ୍ରେସର ସଭାପତି ହୋଇଛନ୍ତି ନେଲି ସେନ୍‌ଗୁପ୍ତା । ସେହିଭଳି ଆନିବେସାନ୍ତ, ଭଗିନୀ ନିବେଦିତା ପ୍ରମୁଖ ଆମ ଦେଶର ସ୍ୱାଧୀନତା ପାଇଁ ଲଢ଼ାଇ କରିଛନ୍ତି । ସ୍ୱତନ୍ତ୍ର ଭାବରେ ଏମାନଙ୍କ ନାମ ଉଲ୍ଲେଖ କାରିବାର କାରଣ ହେଉଛି ଆମ ଦେଶରେ ଜନ୍ମ ନ ହୋଇ ମଧ୍ୟ ଏ ଦେଶକୁ କେତେ ଭଲ ସେମାନେ ପାଉନଥିଲେ ? ଆଉ ଭାରତୀୟ ନାରୀଙ୍କ କଥା । କସ୍ତୁରବା ଗାନ୍ଧୀ, ସରୋଜିନୀ ନାଇଡୁ, ମୀରା ବେନ୍‌ଙ୍କ ଠାରୁ ଆରମ୍ଭ କରି ଇନ୍ଦିରା ଗାନ୍ଧୀଙ୍କ ପର୍ଯ୍ୟନ୍ତ, ପୁଣି ବଙ୍ଗଳାର ଚିଟାଗଙ୍ଗ ଅସ୍ତ୍ରାଗାର ଲୁଣ୍ଠନ କେଶ୍‌ରେ ଗିରଫ ହୋଇ ଫାଶୀ ପାଇଥିବା ମହିଳାମାନେ ମାତଙ୍ଗିନୀ ଦେବୀ, ବୀଣା ଦାସ ପ୍ରମୁଖ, ଓଡ଼ିଶାର ରମା ଦେବୀ, ମାଳତୀ ଦେବୀ, ସରଳା ଦେବୀ, ଅନ୍ନପୂର୍ଣ୍ଣା ମହାରଣା ଓ ଅସଂଖ୍ୟ ନାରୀ ଏହି ସ୍ୱାଧୀନତା ସଂଗ୍ରାମରେ ଭାଗ ନେଇ ବହୁ କଷ୍ଟ ବରଣ କରିଛନ୍ତି । ବିଭିନ୍ନ ରାଜ୍ୟମାନଙ୍କରେ ମଧ୍ୟ ବହୁ ନାରୀ ଏହି ଲଢ଼େଇରେ ନାନା ପ୍ରକାରର କଷ୍ଟ ସହ୍ୟ କରିଛନ୍ତି । ଯାହା ଆଜିର ନାରୀମାନଙ୍କ ପକ୍ଷରେ କଳ୍ପନା କରିବା ମଧ୍ୟ ସମ୍ଭବ ନୁହେଁ । ସେମାନଙ୍କୁ କିଏ ସ୍ୱାଧୀନତା ଦେଇଥିଲା ? 'ଅସୂର୍ଯ୍ୟଂପଶ୍ୟା' ଜମିଦାର ଘରର ବୋହୂ, ଝିଅ ଏବଂ ବିରାଟ ଧନୀଘରର ଉଚ୍ଚଶିକ୍ଷିତା ଝିଅମାନଙ୍କୁ କେଉଁଠୁ ପ୍ରେରଣା ମିଳିଲା ମଦ ଦୋକାନ ଆଗରେ ସତ୍ୟାଗ୍ରହ କରିବାକୁ ? ଲବଣ ସତ୍ୟାଗ୍ରହରେ ଭାଗନେବା ପାଇଁ ? ବହୁ ମୂଲ୍ୟବାନ୍ ବିଦେଶୀ ବସ୍ତ୍ରସବୁ ଜାଳି ଦେବାକୁ ? କମଳା ନେହେରୁଙ୍କ ଭଳି ସୁନ୍ଦରୀ ଶିକ୍ଷିତା କ୍ଷୀଣାଙ୍ଗୀ ମହିଳାଙ୍କୁ ମୋଟା ଖଦଡ଼ ପିନ୍ଧି ପୁଲିସ ଲାଠି ଆଗରେ ମୁଣ୍ଡ ପତାଇ ଦେବାକୁ ? ବ୍ରିଟିଶ ଜେଲର ନିର୍ଯାତନା ଭିତରେ ମାସ

Digitized by PPRACHIN, SOA

ମାସ ଧରି ସଢ଼ିବା, ସେମାନଙ୍କର ମନୋବଳ, ଅଙ୍ଗୀକାରବଦ୍ଧତା ଏବଂ ଆଦର୍ଶ ସମ୍ମୁଖରେ ସମସ୍ତ କଷ୍ଟ ତୁଚ୍ଛ ହୋଇଯାଇଥିଲା । ଏହି ନାରୀମାନଙ୍କୁ କେହି ସ୍ୱାଧୀନତା ଦେଇନଥିଲେ । ନିଜର ଶକ୍ତିବଳରେ ଦେଶ ସ୍ୱାଧୀନ ହେବା ପୂର୍ବରୁ ସେମାନେ ନିଜକୁ ସ୍ୱାଧୀନ କରିସାରିଥିଲେ ଏବଂ ଅନ୍ୟମାନଙ୍କୁ ସେମାନଙ୍କ ଆଦର୍ଶରେ ଅନୁପ୍ରାଣିତ କରିପାରିଥିଲେ ।

ସ୍ୱାଧୀନତା ପାଇବାର ପଚାଶ ବର୍ଷ ପରେ ଅନେକ ପରିବର୍ତ୍ତନ ନିଶ୍ଚୟ ଘଟିଛି । ପରିବର୍ତ୍ତନର ଦୁଇଟି ଦିଗ ଅଛି । ଭଲ ଦିଗରେ ପରିବର୍ତ୍ତନ ଏବଂ ସମାଜ ଉପରେ କୁପ୍ରଭାବ ପକାଇବା ପାଇଁ ପରିବର୍ତ୍ତନ । ଭଲ ଦିଗଟି କଥା ଆଗ ଦେଖିବା । ଏଇ ପଚାଶ ବର୍ଷ ଭିତରେ ବହୁଳ ଭାବରେ ନାରୀଶିକ୍ଷାର ପ୍ରସାର ଘଟିଛି । ଗାଁ ଗାଁ ରେ ସ୍କୁଲ, ପଞ୍ଚାୟତମାନଙ୍କରେ ଏକାଧିକ କଲେଜ, ଝିଅମାନଙ୍କ ପାଇଁ ପଲିଟେକ୍‌ନିକ୍ ଇତ୍ୟାଦି ଇତ୍ୟାଦି ।

ଏଇ ଅର୍ଦ୍ଧଶତାବ୍ଦୀ ଭିତରେ ଅନେକ ମହିଳା ଶିକ୍ଷୟିତ୍ରୀ, ଅଧ୍ୟାପିକା, ଡାକ୍ତର, ନର୍ସ, ପୁଲିସ, ସେନାବାହିନୀ ପାଇଲଟ୍ ଓ ରାଜନୀତି କ୍ଷେତ୍ରରେ ପ୍ରବେଶ କଲେଣି । ରାଜନୀତିରେ ତ କେତେ ମହିଳା ଏମ୍.ଏଲ.ଏ., ଏମ.ପି., ମୁଖ୍ୟମନ୍ତ୍ରୀ ଇତ୍ୟାଦି ହୋଇସାରିଲେଣି । ସୁଚେତା କୃପାଳିନୀଙ୍କ ଠାରୁ ଆରମ୍ଭ କରି ରାବିଡ଼ୀ ଦେବୀଙ୍କ ପର୍ଯ୍ୟନ୍ତ । ପୁଣି ଏତେ ବଡ଼ ଦେଶକୁ ସତର ବର୍ଷ କାଳ ଶାସନ କରିଦେଲେ ଜଣେ ମହିଳା ପ୍ରଧାନମନ୍ତ୍ରୀ - ଶ୍ରୀମତୀ ଇନ୍ଦିରା ଗାନ୍ଧୀ । ସାହିତ୍ୟ କ୍ଷେତ୍ରରେ ମହିଳାମାନଙ୍କର ଦକ୍ଷତା ପ୍ରମାଣିତ ହୋଇଯାଇଛି । ଯେହେତୁ ଆମ ଦେଶରେ ଏବଂ ବିଭିନ୍ନ ରାଜ୍ୟମାନଙ୍କରେ ସାହିତ୍ୟ ଏକାଡ଼େମୀମାନ ପ୍ରତିଷ୍ଠା ହୋଇଯାଇଛି ଏବଂ ସେଠାରୁ ଅନେକ ମହିଳାମାନେ ପୁରସ୍କାର ପାଇସାରିଲେଣି । ସେଥିରୁ ପ୍ରମାଣିତ ହୋଇଯାଇଛି କୌଣସି ଗୋଟିଏ ଦିଗରେ ମଧ୍ୟ ସ୍ତ୍ରୀ ଲୋକମାନେ ପଛରେ ପଡ଼ିଯାଇ ନାହାନ୍ତି । ମହାଶ୍ୱେତା ଦେବୀ ତ ତାଙ୍କର ବିଭିନ୍ନ ପ୍ରକାର ଲେଖା ପାଇଁ ପାଇଲେ ଏବେ ଜ୍ଞାନପୀଠ ପୁରସ୍କାର । ପୁଣି ଜନସେବା କ୍ଷେତ୍ରରେ ତାଙ୍କର ଅପୂର୍ବ ଅବଦାନ ପାଇଁ ମାଗାସେସ୍ ପୁରସ୍କାର ମଧ୍ୟ ତାଙ୍କୁ ମିଳିଲା । ଖାଲି ଯେ ନିଜ ନିଜ ମାତୃଭାଷାରେ ଲେଖି ସେମାନେ ସମ୍ମାନିତା ହେଉଛନ୍ତି ତାହା ନୁହେଁ, ଇଂରାଜୀ ଭାଷାରେ ଲେଖି ମଧ୍ୟ ସମଗ୍ର ପୃଥିବୀର ପାଠକ ପାଠିକାଙ୍କ ନିକଟରେ ଆଦୃତା ହେଉଛନ୍ତି । ଏବେ ତ ଅରୁନ୍ଧତୀ ରାୟ ତାଙ୍କର ପ୍ରଥମ ଏବଂ ଏକମାତ୍ର ଉପନ୍ୟାସ 'The God of small things' ଇଂରାଜୀରେ ଲେଖି 'ବୁକ୍‌ର' ପ୍ରାଇଜ୍ ଭଳି ଏକ ସମ୍ମାନଜନକ ପୁରସ୍କାର ଲାଭ କରିଛନ୍ତି । ଭାରତର ନାରୀ ବା ପୁରୁଷ କୌଣସି ଲେଖକ ଏହି ପ୍ରାଇଜ ଆଜି ପର୍ଯ୍ୟନ୍ତ ପାଇନାହାନ୍ତି । ଏଭଳି

Digitized by PPRACHIN, SOA

ଏକ ସମ୍ମାନଜନକ ପୁରସ୍କାର ପ୍ରଥମ କରି ଜଣେ ଭାରତୀୟ ମହିଳା ପାଇବାଟା ଏ ଦେଶର ନାରୀସମାଜ ପାଇଁ ନିଶ୍ଚିତ ଭାବେ ଗୌରବର କଥା ।

ଆଉ ଅଫିସ୍ କଚେରି ତଥା ପ୍ରଶାସନର ସବୁ କ୍ଷେତ୍ରରେ ଏଇ ପଚାଶ ବର୍ଷ ଭିତରେ ଅନେକ ନାରୀ ନିଜର ପାରଦର୍ଶିତା ଦେଖାଇ ସାରିଲେଣି । ଏମିତି ତ ଅଫିସ୍‌ରେ କିରାଣି ଠାରୁ ଆରମ୍ଭ କରି ବଡ଼ ହାକିମ ପର୍ଯ୍ୟନ୍ତ କେତେ ମହିଳା କାମ କରୁଛନ୍ତି । ପୁଲିସ ବିଭାଗରେ ମଧ୍ୟ ସେମାନେ ନିଜ ନିଜ ଦକ୍ଷତା ପ୍ରମାଣ କରୁଛନ୍ତି । ଜଣେ କିରଣ ବେଦୀ ଏପରି କାମ କଲେ ଯେ ଯାହା ଫଳରେ ତାଙ୍କୁ ତାଙ୍କର ଅନେକ ସାଥୀ ବିରୋଧ ଓ ହଇରାଣ କରୁଥିଲେ ମଧ୍ୟ ସେ ମାଗାସେସ୍ ପୁରସ୍କାର ପାଇଲେ । ପୁରସ୍କାର ପାଇବାଟା ବଡ଼ କଥା ବୋଲି ମୁଁ ବିଚାର କରେ ନାହିଁ । କିନ୍ତୁ ଯେଉଁ କେତେକ ନାରୀ ଏହି ପଚାଶ ବର୍ଷ ଭିତରେ ବିଭିନ୍ନ କ୍ଷେତ୍ରରେ ନିଜର ଦକ୍ଷତା ପ୍ରମାଣିତ କରି ଭାରତବର୍ଷକୁ ଗର୍ବବୋଧ କରିବାର ସୁଯୋଗ ଆଣିଦେଲେ ସେମାନେ ସମସ୍ତେ ଆମ ପାଇଁ ନମସ୍ୟା । ଏହି ସବୁ ବ୍ୟତୀତ ପରିବେଶ ସୁରକ୍ଷା ପାଇଁ ମେଧା ପଟ୍ଟେକର ଯେଉଳି ଏକାଗ୍ରତାର ସହିତ କାର୍ଯ୍ୟ କରିଚାଲିଛନ୍ତି ଏବଂ ସେଥିପାଇଁ ବିଭିନ୍ନ କଷ୍ଟର ସମ୍ମୁଖୀନ ମଧ୍ୟ ହେଉଛନ୍ତି ତାହା କିଛି କମ୍ ବଡ଼ କଥା ନୁହେଁ । ସେହିଭଳି ଚଳଚ୍ଚିତ୍ର କ୍ଷେତ୍ରରେ ମଧ୍ୟ ନିଜର ଉତ୍କର୍ଷତା ପ୍ରମାଣିତ କରି ନର୍ଗିସ୍ ଏବଂ ଶବାନା ଆଜମୀ ଭଳି ଅଭିନେତ୍ରୀମାନେ ରାଷ୍ଟ୍ରପତିଙ୍କ ଦ୍ୱାରା ରାଜ୍ୟସଭାକୁ ମନୋନୀତ ହୋଇଛନ୍ତି । ଦୀପିକା ଚିଖିଲିଆ ଓ ଜୟପ୍ରଦାଙ୍କ ଭଳି ଆଉ କେତେକ ଅଭିନେତ୍ରୀ ମଧ୍ୟ ନିର୍ବାଚନ ଲଢ଼ି ଲୋକସଭାକୁ ଆସିବା ପାଇଁ ସକ୍ଷମ ହୋଇପାରିଛନ୍ତି । ସେମାନଙ୍କର ଲୋକପ୍ରିୟତା ମୁଖ୍ୟତଃ ସେମାନଙ୍କ ଅଭିନୟର ନିପୁଣତା ଉପରେ ନିର୍ଭର କରେ । ଆମର ସୌଭାଗ୍ୟକୁ ଏହି ସମୟ ଭିତରେ ମଦର ଟେରେସାଙ୍କ ଭଳି ବ୍ୟକ୍ତିମାନେ ବିଦେଶରୁ ଆସି ଏ ଦେଶର ଅନାଥ, ଅକ୍ଷମ, ରୋଗୀ, ଶିଶୁ ଏବଂ ନିରାଶ୍ରୟ ଲୋକମାନଙ୍କ ପାଇଁ ବହୁ କାର୍ଯ୍ୟ କରିଦେଇଗଲେ । ଏହିପରି ଭାବରେ ସ୍ୱାଧୀନତାର ଅର୍ଦ୍ଧଶତାବ୍ଦୀ ଭିତରେ କେତେକ ନାରୀ ସବୁକ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି ।

ଏଥର ଅନ୍ୟ ଦିଗଟି ପ୍ରତି ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରୁଛି । ଏହି ସମୟ ଭିତରେ ନାରୀ ଧର୍ଷଣ, ବଧୂହତ୍ୟା ଇତ୍ୟାଦିର ପରିମାଣ ବିଶେଷ ଭାବରେ ବୃଦ୍ଧି ପାଇଛି । ପୂର୍ବାପେକ୍ଷା ବର୍ତ୍ତମାନର ନାରୀମାନେ ଅଧିକରୁ ଅଧିକ ପଣ୍ୟଦ୍ରବ୍ୟ ହିସାବରେ ବ୍ୟବହୃତ ହେଉଛନ୍ତି । ଦେଶରେ ବାରଙ୍ଗନାମାନଙ୍କର ସଂଖ୍ୟାବୃଦ୍ଧି ସଙ୍ଗେ ସଙ୍ଗେ ସେମାନଙ୍କର ସଂଗଠନ ସବୁ ଗଢ଼ାଯାଇଛି । ପୋଷାକ ପରିଛଦ ଏବଂ ସାଜସଜ୍ଜା ଦିଗରେ କିଶୋରୀ,

Digitized by PPRACHIN, SOA

ଯୁବତୀ ଏବଂ ମହିଳାମାନେ ଅଧିକ ମନୋନିବେଶ କରୁଥିବାର ଦେଖିବାକୁ ମିଳୁଛି । ଏହାକୁ ମୁଁ ଖରାପ କଥା ବୋଲି କହୁନାହିଁ । ସେମାନେ ଯୁଗ ସହିତ ପାଦ ପକାଇ ଚାଲୁଛନ୍ତି । କିନ୍ତୁ ଏଇସବୁ କାମରେ ଯେତିକି ସମୟ ଏବଂ ଅର୍ଥ ବ୍ୟୟ କରୁଛନ୍ତି ସେମାନେ ସେତିକି ଯଦି ଅଧ୍ୟୟନ ବା ସମାଜର ଉପକାର ହେଲାଭଳି ଅନ୍ୟ କୌଣସି ପ୍ରକାର କାମରେ ନିଜର ନିଷ୍ଠା ପ୍ରଦର୍ଶନ କରୁଥାଆନ୍ତେ ତେବେ ଅସଂଖ୍ୟ ଲୋକ ଉପକୃତ ହୁଅନ୍ତେ । ଯୌତୁକ ପାଇଁ ବଧୂହତ୍ୟାରେ ଶାଶୁମାନେ ମୁଖ୍ୟ ଅଂଶ ଗ୍ରହଣ କରୁଛନ୍ତି । ସେହିପରି ଆଜିର ଶିକ୍ଷା ପ୍ରଣାଳୀରୁ ସମ୍ଭୂତା ବଧୂମାନେ ଶାଶୁମାନଙ୍କ ଉପରେ କିଛି କମ୍ ଅତ୍ୟାଚାର କରୁନାହାନ୍ତି । ଅର୍ଥାତ୍ ଆମର ଶିକ୍ଷା ବ୍ୟବସ୍ଥା ଏବଂ ସାମାଜିକ ଚଳଣି ଏପରି ଏକ ଧାରଣା ନେଇଛି ଯଦ୍ଵାରା ନିଜ ଯୋଗ୍ୟତା ବଳରେ ପ୍ରତିଷ୍ଠିତା ହୋଇଥିବା ନାରୀମାନଙ୍କ ବ୍ୟତୀତ ଏ ଦେଶର କୋଟି କୋଟି ନାରୀ ବର୍ତ୍ତମାନ ମଧ୍ୟ ଅଜ୍ଞାନ ଅନ୍ଧକାରରେ ବୁଡ଼ି ରହିଛନ୍ତି । ଦେଶର ନାରୀ ସମାଜକୁ ଉନ୍ନତ କରିବା ପାଇଁ ଯେ ଯୋଜନା କରାନଯାଉଛି ତାହା ନୁହଁ, ବିଭିନ୍ନ ନିର୍ବାଚନରେ ନାରୀମାନଙ୍କ ପାଇଁ ଆସନ ସଂରକ୍ଷଣ କରାଯାଇଛି । ପଞ୍ଚାୟତ ଓ ଜିଲ୍ଲା ପରିଷଦମାନଙ୍କରେ, ଗାଁ ଗଣ୍ଡାର ଅନେକ ନାରୀ ସଂରକ୍ଷିତ ଆସନମାନଙ୍କରୁ ଜିତିଛନ୍ତି । କିନ୍ତୁ ସେମାନଙ୍କ ମଧ୍ୟରୁ କେତେଜଣ ଅଛନ୍ତି, ଯେଉଁମାନେ ପଞ୍ଚାୟତ ବା ଜିଲ୍ଲା ପରିଷଦ ଉଦ୍ଦେଶ୍ୟ ବୁଝନ୍ତି ? ଏମାନଙ୍କ ଭିତରୁ ଅଧିକାଂଶ କିଭଳି ଜବାହର ରୋଜଗାର ଯୋଜନା ଏବଂ ଅନ୍ୟାନ୍ୟ ଗ୍ରାମ୍ୟ ଉନ୍ନୟନ ଯୋଜନାମାନଙ୍କରେ ନିଜେ ବା ନିଜ ଲୋକଙ୍କୁ ଲଗାଇ କାମ କରିବେ, ସେହି ଚିନ୍ତାରେ ରହିଛନ୍ତି । ଅର୍ଥାତ୍ ଉନ୍ନୟନ ଯୋଜନା ଏବଂ ଉଦ୍ଦିଷ୍ଟ କାର୍ଯ୍ୟମାନଙ୍କରୁ କେତେ ଅଧିକ ଅଂଶ ସେମାନଙ୍କ ହାତକୁ ଆସିବ, ତାହା ହିଁ ସେମାନଙ୍କ ଭିତରୁ ଅଧିକାଂଶଙ୍କର ମୁଖ୍ୟ ଉଦ୍ଦେଶ୍ୟ ହୋଇଛି । ଗୋଟିଏ ବାକ୍ୟରେ କହିଲେ ଠିକ୍ ହେବ ପଚାଶ ବର୍ଷ ମଧ୍ୟରେ ଯେଭଳି ସବୁ ସ୍ତରରେ ଦୁର୍ନୀତି ବ୍ୟାପିଯାଇଛି ନାରୀମାନେ ମଧ୍ୟ ସେଥିରୁ ମୁକ୍ତ ହୋଇ ନାହାନ୍ତି । ଶେଷରେ ଏତିକି କୁହାଯାଇପାରେ ଯେ ପଚାଶ ବର୍ଷ ଭିତରେ ଦେଶର ଉନ୍ନତି ପାଇଁ ଯେତିକି କାମ କରାହୋଇଛି ତାହା ଛପିଯାଇଛି ଦୁର୍ନୀତି, ଅତ୍ୟାଚାର, ବ୍ୟଭିଚାର ଇତ୍ୟାଦିର ବିରାଟ କାୟା ତଳେ । ଅନ୍ୟାନ୍ୟ ସବୁ ଲୁଚିଯାଇଛି । ନାରୀମାନେ ଏଥିରୁ ବାଦ୍ ପଡ଼ିବେ କିପରି ? ସେମାନେ ତ ଏହି ସମାଜର ଏକ ବିଶିଷ୍ଟ ଅଙ୍ଗ ।''

୧୯୯୭ ମସିହାରେ ନନ୍ଦିନୀ ଦେବୀଙ୍କ ଉପରୋକ୍ତ ବକ୍ତବ୍ୟଟି କଟକ, ଆକାଶବାଣୀ କେନ୍ଦ୍ରରୁ ସିଧା ପ୍ରସାରିତ ହୋଇଥିଲା । ତାଙ୍କର ଏହି ବକ୍ତବ୍ୟରୁ ସ୍ପଷ୍ଟ ଅନୁମେୟ ଯେ ସମଗ୍ର ଭାରତବର୍ଷରେ ଆଜି ନାରୀର ସ୍ଥାନ କେଉଁଠି । ଭାରତୀୟ

Digitized by PPRACHIN, SOA

ନାରୀ ଆଜି ସର୍ବକ୍ଷେତ୍ରରେ ବିଦ୍ୟମାନ । ଯେଉଁ ସମୟରେ ଏକ ରକ୍ଷଣଶୀଳ ମନୋଭାବ ଭାରତୀୟମାନଙ୍କୁ ଆଚ୍ଛାଦିତ କରି ରଖିଥିଲା, ଠିକ୍ ସେତିକିବେଳେ ଅର୍ଥାତ୍ ଚାଳିଶ ଦଶକରେ ଏହି ନନ୍ଦିନୀ ଦେବୀ ନିଜ ଘରୁ ଯଥେଷ୍ଟ ପ୍ରେରଣା ଲାଭକରି ଆଜି ଇତିହାସରେ ତାଙ୍କ ନାମଟିକୁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରିବା ପାଇଁ ସମୟକୁ ଏକ ପ୍ରକାର ବାଧ୍ୟ କରିଦେଇଛନ୍ତି । ତାଙ୍କ ନାମକୁ ବାଦ୍ ଦେଲେ ଓଡ଼ିଶାର ରାଜନୈତିକ ଇତିହାସ ଲେଖା ଅସମ୍ପୂର୍ଣ୍ଣ ରହିଯିବ ।

ଝିଅଟିଏ ବିବାହ କରି ଶାଶୁଘରକୁ ଗଲାପରେ ସାଧାରଣତଃ ସେ ନିଃସଙ୍ଗ ଅନୁଭବ କରେ । ତେଣୁ ସେ ଚାହେଁ ସ୍ୱାମୀ ଅଧିକାଂଶ ସମୟ ତା'ପାଖେ ପାଖେ ରହନ୍ତୁ । ନନ୍ଦିନୀ ଦେବୀ ଏଇ କଥାଟିକୁ ଆଦୌ ପସନ୍ଦ କରନ୍ତି ନାହିଁ । ସେ କହନ୍ତି, ''ନାରୀମାନେ କିଛି କିଛି କାର୍ଯ୍ୟ କରିବା ଉଚିତ । ସେ ଘର କାମ ହେଉ, ଚାକିରି ହେଉ ବା ଦେଶ କାମ ହେଉ । ଏସବୁ ନକରି କିଛି ନାରୀ ଅଛନ୍ତି, ଯେଉଁମାନେ କି ସ୍ୱାମୀର କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି କରି ତାଙ୍କ ପଛେ ପଛେ ଘୂରିବୁଲୁଥିବେ ।'' ଏତଦ୍ ବ୍ୟତୀତ ସେ ମହିଳାମାନଙ୍କ ପାଇଁ ଦାବି କରାଯାଉଥିବା ସଂରକ୍ଷଣ ପ୍ରଥାକୁ ନାପସନ୍ଦ କରନ୍ତି । ସେ ସର୍ବଦା କହିଆସିଛନ୍ତି ଯେ, ''କାହାର ଦୟାର ପାତ୍ର ନହୋଇ ନିଜ ଚେଷ୍ଟାରେ କିଛି କରିବା ଶ୍ରେୟସ୍କର । ସଂରକ୍ଷଣ ଦ୍ୱାରା ବିଭେଦ ସୃଷ୍ଟି ହୁଏ । ଏହାଛଡା ସଂରକ୍ଷଣ ଶ୍ରେଣୀଭୁକ୍ତ ଯେ କୌଣସି ସ୍ୱାଭିମାନୀ ବ୍ୟକ୍ତିର ମନ୍‌ରେ ଏକ ହୀନମନ୍ୟତା ବି ଉଦ୍ରେକ ହୁଏ ।'' ବିଭିନ୍ନ ସଭାରେ, ଆସେମ୍ବ୍ଲିରେ ନନ୍ଦିନୀ ଦେବୀ ଏହି ନାରୀ ସଂରକ୍ଷଣକୁ ବିରୋଧ ମଧ୍ୟ କରିଛନ୍ତି । ସେ ଖୁବ୍ ଗର୍ବର ସହିତ କହନ୍ତି, ''ମୁଁ ଆଜି ପର୍ଯ୍ୟନ୍ତ ଯାହା ବି ହେଇଛି, କେବଳ ମୋ ନିଜ ଚେଷ୍ଟାରେ । ମୁଁ କାହାରି ଦୟାରେ କିଛି ହୋଇନାହିଁ କିମ୍ବା କୌଣସି ରିଜର୍ଭେସନରେ ଏଯାଏ ଆସିନି । ମୁଁ କାମ ଉପରେ ସର୍ବଦା ଗୁରୁତ୍ୱ ଦେଇଆସିଛି । ଯେ କୌଣସି କାମ କରିବାରେ ରିଜର୍ଭେସନ୍ କ'ଣ ନିହାତି ଦରକାର ? ମୁଁ ଏପରି ଗୋଟେ ସମୟରେ ମୁଖ୍ୟମନ୍ତ୍ରୀ ଥିଲି ଯେ, ଯେଉଁ ସମୟରେ ଓଡ଼ିଶାର ସବୁ ତୁଙ୍ଗ ନେତାମାନେ ବିରୋଧୀ ଦଳ ଆସନରେ ବସିଥାନ୍ତି । ସେମାନଙ୍କ ଭିତରୁ ରାଜ ନାରାୟଣ ସିଂଦେଓ, ବିଜୁ ପଟ୍ଟନାୟକ, ନୀଳମଣି ରାଉତରାୟ, ହରେକୃଷ୍ଣ ମହତାବ୍ ପ୍ରମୁଖ ପୂର୍ବତନ ମୁଖ୍ୟମନ୍ତ୍ରୀମାନେ ମଧ୍ୟ ଥାନ୍ତି । କିନ୍ତୁ ମୁଁ ତ କେବେ ବି କୌଣସି କାର୍ଯ୍ୟରେ ଡରିଯାଇନି ? ଆଉ ୧୯୯୦ ମସିହାରେ ବିଜୁ ପଟ୍ଟନାୟକ ଯେତେବେଳେ ଦ୍ୱିତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ହେଲେ ସେତେବେଳେ ମୁଁ କେବଳ ଏମ.ଏଲ.ଏ. ଟିଏ ଥାଏ । ବିଜୁବାବୁ ଆସେମ୍ବ୍ଲିରେ ତାଙ୍କର ବକ୍ତୃତା ଦେଲାବେଳେ

Digitized by PPRACHIN, SOA

କଥାପ୍ରସଙ୍ଗରେ ଅନେକ ଥର ମୋ ଆଡକୁ ଆଙ୍ଗୁଳି ଦେଖାଇ କହନ୍ତି, 'ସେଠି ଜଣେ ଲେଡି ଚିଫ୍‌ମିନିଷ୍ଟର ବସିଛନ୍ତି ।' ମୁଁ ସଙ୍ଗେ ସଙ୍ଗେ ଏହାର ମୃଦୁ ପ୍ରତିବାଦ କରି କହେ ଯେ ଗୋଟେ ରାଜ୍ୟରେ ଏକା ସାଙ୍ଗରେ କ'ଣ ଦୁଇଜଣ ମୁଖ୍ୟମନ୍ତ୍ରୀ ରହିଥାନ୍ତି କି ? ତାପରେ ଚିଫ୍‌ମିନିଷ୍ଟର ତ ଚିଫ୍‌ମିନିଷ୍ଟର, ପୁଣି ଲେଡି ଚିଫ୍‌ମିନିଷ୍ଟର ଗୋଟେ କ'ଣ ? ମୁଁ ନିଜକୁ କେବେ ଲେଡି ଫେଡି ବୋଲି ଭାବିପାରେନି । ସର୍ବଦା ମୁଁ ନିଜକୁ ଜଣେ ବ୍ୟକ୍ତି ବୋଲି ଭାବିଆସିଛି । I am a person । ପୁରୁଷ ଓ ନାରୀ ମଧ୍ୟରେ ଶାରୀରିକ ସାମଞ୍ଜସ୍ୟ ଥିଲେ ବି ମାନସିକ ସ୍ତରରେ ଯେ କିଛି ପାର୍ଥକ୍ୟ ଥିବ, ସେ ବିଷୟରେ ମୁଁ ଆଦୌ ଚିନ୍ତା କରେନି । ମୁଁ ନିଜକୁ ସବୁବେଳେ ମଣିଷ ବୋଲି ଭାବି ଆସିଛି ।''

ଏସବୁ ସତ୍ତ୍ୱେ ନନ୍ଦିନୀ ଦେବୀଙ୍କ ମନରେ ଏକ କ୍ଷୋଭ ହୁଏ ଯେ ନାରୀମାନେ ଯେଭଳି ଭାବରେ ନିଜକୁ ତିଆରି କରିବା କଥା ତାହା ଏଯାଏଁ ବି ହୋଇପାରିନାହିଁ । 'ଓଡ଼ିଶାର ନାରୀମାନେ ସଚେତନ ହୋଇ କାମ କରିବା ମୁଁ କାହିଁକି ଦେଖିପାରୁନାହିଁ' ବୋଲି ୧୯୯୯ ମସିହା ଜାନୁଆରୀ ମାସରେ 'ଆଜିର ଓଡ଼ିଶା' ଟିଭି କାର୍ଯ୍ୟକ୍ରମକୁ ଏକ ସାକ୍ଷାତକାର ଦେଇ ନନ୍ଦିନୀ ଦେବୀ ନିଜ ମନର କ୍ଷୋଭକୁ ପ୍ରକାଶ କରିଥିଲେ ।

ବ୍ୟକ୍ତି ନୁହେଁ ଜାତୀୟ ସମ୍ପତ୍ତି

ଜଣେ ବ୍ୟକ୍ତି ଯେତେବେଳେ ଜାତି, ଧର୍ମ, ବର୍ଣ୍ଣ ଊର୍ଦ୍ଧ୍ୱରେ ରହି କେବଳ ସମାଜ ପାଇଁ ଓ ଦେଶ ପାଇଁ ନିଜକୁ ଉତ୍ସର୍ଗ କରିଦିଏ ସେତେବେଳେ ସେ ଆଉ ବ୍ୟକ୍ତିଗତ ଭାବେ କାହାରି ବାପା, ମା, ଭାଇ, ଭଉଣୀ, ଭାର୍ଯ୍ୟା ବା ସନ୍ତାନ ରୂପେ ବିବେଚିତ ହୁଏ ନାହିଁ । ତାର ରକ୍ତ ସମ୍ପର୍କୀୟଙ୍କର ତା'ଉପରେ ଯେତିକି ଅଧିକାର ଥାଏ ତା'ଠାରୁ ବେଶି ଥାଏ ସାଧାରଣ ଜନତାଙ୍କର । ସେ ହୋଇଯାଏ ଦେଶ ତଥା ଜାତିର ସମ୍ପତ୍ତି । ଏହି ଦୃଷ୍ଟିରୁ ବିଚାର କଲେ ନନ୍ଦିନୀ ଶତପଥୀ ଏବେ ଆଉ ବ୍ୟକ୍ତି ଭାବରେ ପରିଚିତା ନୁହନ୍ତି କି କାହାରି ବ୍ୟକ୍ତିଗତ ସମ୍ପର୍କୀୟା ଭାବରେ ବି ପରିଚିତା ନୁହନ୍ତି । ତାଙ୍କ ଜୀବନ ଓ ତାଙ୍କ କାର୍ଯ୍ୟାବଳୀ କେବେଠାରୁ ଜାତୀୟ ସମ୍ପତ୍ତି ହୋଇସାରିଛି ।

ନନ୍ଦିନୀ ଦେବୀ ଏବେ ବହୁ ଅନୁଷ୍ଠାନ ସହିତ ସଂଶ୍ଳିଷ୍ଟା । ତା'ଛଡ଼ା ଅନେକ ଗୁଡ଼ିଏ ଅନୁଷ୍ଠାନ ଦ୍ୱାରା ସମ୍ମାନିତା ମଧ୍ୟ । ସେ ଅକ୍ଷମ ପିଲାମାନଙ୍କ ଉନ୍ନତି ନିମନ୍ତେ ଢେଙ୍କାନାଳଠାରେ ଏକ ଅକ୍ଷମ କଲ୍ୟାଣ ସଂଘ ଗଠନ କରି ଅନ୍ଧ,ମୂକ,ବଧିର ଏବଂ

Digitized by PPRACHIN, SOA

ମାନସିକ ଅନଗ୍ରସର ପିଲାମାନଙ୍କ ଶିକ୍ଷା ପାଇଁ ବିଦ୍ୟାଳୟ ଖୋଲିଥିଲେ । ସେଥିରେ ଏବେ ଶତାଧିକ ଅକ୍ଷମ ଛାତ୍ରଛାତ୍ରୀ ଶିକ୍ଷାଲାଭ କରିବା ସଂଗେ ସଂଗେ ଅନେକ ଦୃଷ୍ଟିହୀନ ଏବଂ ବଧିର ବ୍ୟକ୍ତି କର୍ମସଂସ୍ଥାନ ମଧ୍ୟ ପାଇ ପାରିଛନ୍ତି । ଉକ୍ତ ଅନୁଷ୍ଠାନର ସଭାପତି ରହିଥିଲେ ମଧ୍ୟ ସେହି ବିଦ୍ୟାଳୟ ନିମନ୍ତେ ସେ ସର୍ବଦା ସତତ ଜାଗ୍ରତ ଏବଂ ଅକ୍ଷମ ପିଲାମାନଙ୍କ ସୁଖ ଦୁଃଖରେ ନିଜକୁ ଏ ପର୍ଯ୍ୟନ୍ତ ଭାଗୀଦାର କରିଆସିଛନ୍ତି । ସେହିପରି ଭୁବନେଶ୍ୱରର ଶହୀଦ୍‌ନଗର ସ୍ଥିତ 'ଦି ଇନଷ୍ଟିଚ୍ୟୁଟ ଫର ହେଲପିଙ୍ଗ ଦି ଡିସେବଲଡ଼୍' ଅନୁଷ୍ଠାନର ମଧ୍ୟ ଅଧକ୍ଷା ରୂପେ ସେ କାର୍ଯ୍ୟ କରୁଛନ୍ତି । ଏଥି ସହିତ ସେ ଏବେ ଚିନ୍ତା ଓ ଚେତନାର ଆଜୀବନ ଅଧକ୍ଷା, ଇଣ୍ଡିଆନ କାଉନ୍‌ସିଲ ଫର ଚାଇଲଡ୍ ୱେଲ୍‌ଫେୟାରର ଆଜୀବନ ସଦସ୍ୟା, ଓଡ଼ିଶା ଲେଖିକା ସଂସଦର ଆଜୀବନ ସଭ୍ୟା, ରେଡ଼କ୍ରସର ସଭ୍ୟା ଏବଂ ଏହିପରି ଅନେକ ଛୋଟ ବଡ଼ ଅନୁଷ୍ଠାନ ସହ ସଂଶ୍ଳିଷ୍ଟ ଅଛନ୍ତି । ତାଙ୍କ ପିଲାଦିନରୁ ଆଜିଯାଏ ସେ ଯେତେ ସବୁ ଅନୁଷ୍ଠାନ ଗଢ଼ିଛନ୍ତି ଏବଂ କର୍ମକର୍ତ୍ତାଭାବେ କାର୍ଯ୍ୟକରି ଆସିଛନ୍ତି ତାହା ଲେଖିବସିଲେ ଏକ କ୍ଷୁଦ୍ର ପୁସ୍ତିକାଟିଏ ହେଇଯିବ ।

ଏହା ବ୍ୟତୀତ ନନ୍ଦିନୀ ଦେବୀ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ଏ.ଆଇ.ସି.ସି, କାର୍ଯ୍ୟକାରୀ କମିଟିର ସଭ୍ୟା, ସାଂସଦ ଏବଂ ବିଧାନସଭାର ଅନେକ ଗୁଡ଼ିଏ କମିଟିର ସଭ୍ୟା ତଥା ଚେୟାରମ୍ୟାନ ଦାୟିତ୍ୱରେ ରହିବା ସଙ୍ଗେସଙ୍ଗେ ଏକାଧିକ ଥର ରାଜ୍ୟ ଯୋଜନା ବୋର୍ଡ଼ର ଅଧକ୍ଷା ପଦବୀରେ ବସି ସେ ସଫଳତାର ସହିତ କାର୍ଯ୍ୟ କରିଆସିଛନ୍ତି । ଗତ ୧୯୯୫ ମସିହା ଠାରୁ ସେ ରାଜ୍ୟ ଯୋଜନା ବୋର୍ଡ଼ର ଅଧକ୍ଷାରୂପେ କାର୍ଯ୍ୟରତା ।

ବେଳେବେଳେ ତାଙ୍କର ଅନିଚ୍ଛା ସତ୍ତ୍ୱେ ମଧ୍ୟ କେତେ ଗୁଡ଼ିଏ ଅନୁଷ୍ଠାନ ତାଙ୍କ ନାମକୁ ସେମାନଙ୍କ ଅନୁଷ୍ଠାନର କର୍ମକର୍ତ୍ତା ତାଲିକାରେ ଯୋଡ଼ି ଦେଉଛନ୍ତି । ସେ କିନ୍ତୁ ଯେତିକି ପାରୁଛନ୍ତି ସେତିକ କରି ଚାଲିଛନ୍ତି । ଦୈନନ୍ଦିନ ଯେଉଁ ଲୋକସବୁ ତାଙ୍କ ପାଖକୁ ଆସୁଛନ୍ତି, ସେ ସମସ୍ତଙ୍କୁ ସାକ୍ଷାତ କରି ସେମାନଙ୍କୁ ଯଥା ସମ୍ଭବ ସାହାଯ୍ୟ ଏବଂ ପରାମର୍ଶ ଦେଉଛନ୍ତି ।

ନନ୍ଦିନୀ ଦେବୀଙ୍କର ଦୀର୍ଘ କର୍ମମୟ ଜୀବନ ଓ ସାଧାରଣ ଲୋକମାନଙ୍କ କଲ୍ୟାଣାର୍ଥେ ସେ କରିଆସିଥିବା କାର୍ଯ୍ୟବଳୀ ସମୂହକୁ ସମୀକ୍ଷା କରି ଶେଷରେ ଏତିକି ଅନ୍ତତଃ କୁହାଯାଇପାରେ ଯେ, ସେ ବ୍ୟକ୍ତିଟିଏ ହୋଇ ମାଟିକୁ ଆସିଥିଲେ ମଧ୍ୟ ଆଉ ବ୍ୟକ୍ତିହୋଇ ରହିନାହାନ୍ତି । ସେ ହୋଇଉଠିଛନ୍ତି ଏ ଜାତି ପାଇଁ ଏକ ଅମୂଲ୍ୟ ଏବଂ ଅମ୍ଳାନ ସମ୍ପତ୍ତି ।

Digitized by PPRACHIN, SOA

ସାଧନାର ପଥେ

ଯେ କୌଣସି ବ୍ୟକ୍ତି ହୁଅନ୍ତୁ ନା କାହିଁକି, ଯଦି ଜଣେ ଗୋଟିଏ କାର୍ଯ୍ୟ କରିବାକୁ ଦୃଢ଼ ସଂକଳ୍ପ ନେବ ଓ ମନପ୍ରାଣ ଢାଳି ସେହି କାମଟିରେ ଲାଗି ପଡ଼ିବ ତେବେ ତାହା ଅଚିରେ ହୋଇପାରିବ । ଏହି କଥା ପଦକ ସବୁବେଳେ କହି ଆସିଛନ୍ତି, ସେଇ ନମସ୍ୟା, ମାତୃତୁଲ୍ୟା ନନ୍ଦିନୀ ଶତପଥୀ । ସେ ଏପରି ଜଣେ ବ୍ୟକ୍ତି ଯିଏକି କେବେ କୌଣସି କାର୍ଯ୍ୟରେ ହାର ମାନିବା କେହି ଦେଖି ନାହାନ୍ତି । ଶିକ୍ଷା ହେଉ, ରାଜନୀତି ହେଉ, ସମାଜସେବା ହେଉ କି ସାହିତ୍ୟ ହେଉ ସବୁଥିରେ ତାଙ୍କୁ ସଫଳତା ହିଁ ମିଳିଛି । ଏଇ ଯେଉଁ ସଫଳତା ସେ ପାଇଛନ୍ତି, ତାହା କେବଳ ତାଙ୍କର ନିରବଚ୍ଛିନ୍ନ ସାଧନାର ଫଳ ।

ନନ୍ଦିନୀ ଦେବୀ କୁହନ୍ତି, ''ସାଧନାର ଫଳ ଆପେ ଆପେ ଆସେ । ମୋ ପିଲାବେଳ ସମୟରେ ମୋତେ କେଇ ଆଣି କମ୍ୟୁନିଷ୍ଟମାନଙ୍କର ବହି ଦେଉଥିଲେ । ମୁଁ ତାକୁ ପଢ଼ି ବୁଝିବା ସଂଗେ ସଂଗେ ଅନ୍ୟମାନଙ୍କୁ ଯାଇ ବୁଝାଉଥିଲି । ଜର୍ମାନୀ ରୁଷିଆ ଉପରେ ଆକ୍ରମଣ କଲାବେଳେ ରୁଷିଆର ବହୁତ ଝିଅ ତାଙ୍କ ସୈନ୍ୟବାହିନୀରେ ମିଶିଯାଇଥିଲେ । ସେମାନେ ସବୁ ଗରିଲା ନାମରେ ଆକ୍ରମଣ କରୁଥିଲେ । ଏହି ଗରିଲା ଆକ୍ରମଣ ଶତ୍ରୁପକ୍ଷଙ୍କୁ ଅସ୍ତବ୍ୟସ୍ତ କରିପକାଉଥିଲା । ସେତେବେଳେ ସେଇ ଝିଅମାନଙ୍କ ସାହସିକ କାର୍ଯ୍ୟକଳାପ ଉପରେ ଚଟି ବହିମାନ ରୁଷିଆରେ ଛପା ହେଉଥିଲା । ମୁଁ ସପ୍ତମ ଶ୍ରେଣୀରେ ପଢୁଥିବା ସମୟରେ କେଇ ସେ ସବୁ ବହି ଆଣି ସେଥିରୁ ଗୋଟିଏ ଗୋଟିଏ ଗପ ଅନୁବାଦ କରିବା ପାଇଁ ମୋତେ କହୁଥିଲେ । କମ୍ୟୁନିଷ୍ଟମାନଙ୍କର 'ମୁକ୍ତିଯୋଦ୍ଧା' ନାମରେ ଗୋଟିଏ ସାପ୍ତାହିକ ପତ୍ରିକା କଟକରୁ ବାହାରୁଥାଏ । ମୁଁ ଯାହା ଅନୁବାଦ କରେ,ସେଗୁଡ଼ିକ ମୁକ୍ତିଯୋଦ୍ଧାରେ ପ୍ରକାଶିତ ହୁଏ । ସେମାନେ ମୋ ପାଇଁ ଏକ ସ୍ୱତନ୍ତ୍ର କଲମ ରଖିଥିଲେ, 'ମୁକ୍ତି ସେନାଙ୍କ କଲମ' । ସେମିତି ପାର୍ଲାମେଣ୍ଟକୁ ଗଲାପରେ ମୁଁ ସେ ବିଷୟରେ ଅନେକ ବହି ପଢ଼ିଛି । ଆସେମ୍ବ୍ଲିରେ ମଧ୍ୟ ସେଇ ଏକାକଥା । କାରଣ ପାର୍ଲିଆମେଣ୍ଟ ହେଉ କିମ୍ବା ଆସେମ୍ବ୍ଲି ହେଉ, କିଛି କହିବା ପୂର୍ବରୁ ସେ ବିଷୟରେ ଜ୍ଞାନ ଅର୍ଜନ କରିବା ଦରକାର ।''

'ସୁଧନ୍ୟା'ର ୧୯୯୫ ମସିହା ଅକ୍ଟୋବର ସଂଖ୍ୟାରେ ଏକ ସାକ୍ଷାତକାର ଅବସରରେ ସେ କହନ୍ତି, ''ଆପଣଙ୍କୁ କେମିତି କହିବି କିପରି ଲେଖା ଆରମ୍ଭ କଲି । ଏ କଥାଟା ସତେ ଯେମିତି ମୋ ରକ୍ତରେ ଥିଲା । ବାପା ଲେଖୁଥିଲେ ମୁଁ ଦେଖୁଥିଲି, କେବେ କେବେ ମୋତେ ସେ ଡିକ୍ଟେସନ ଦେଉଥିଲେ । ଅତି ପିଲାଦିନେ ବାପାଙ୍କ

Digitized by PPRACHIN, SOA

ଆଲମାରିରେ ସବୁଜ ଯୁଗର ଯେଉଁ ବହିସବୁ ଥିଲା ତାକୁ ପଢ଼ିପକାଉଥିଲି । କ'ଣ ବୁଝେ ସେଥିରୁ କେଜାଣି ! ପାଞ୍ଚ/ସାତ ଜଣ ଲେଖକ ଲେଖିକା ମିଶି 'ବାସନ୍ତୀ' ଉପନ୍ୟାସ ଲେଖିଥିଲେ । ସେତେବେଳେ ୩ୟ/୪ର୍ଥ ଶ୍ରେଣୀରେ ପଢୁଥାଏ, ଯାହା ବହି ପାଏ ତାହା ପଢ଼ି ପକାଏ । ଗୋଟିଏ କଥା ପିଲାଦିନୁ ବାପା ମୋତେ ସବୁବେଳେ କହୁଥିଲେ । ଯଦି ଭଲ ଇଂରାଜୀ ଶିଖିବାକୁ ଇଚ୍ଛା ତେବେ ପ୍ରତିଦିନ Statesman ପଢ଼ । ମୁଁ ପଢ଼େ, କିନ୍ତୁ ବୁଝେ ବା କ'ଣ ? କେଜାଣି ସେଇଦିନୁ ଇଂରାଜୀ ପଢ଼ିବା ପାଇଁ ମୋର ପ୍ରବଳ ଆଗ୍ରହ ।

ଲେଖିଲି ତ ପିଲା ଦିନଠୁଁ । ମୁଁ କଟକରେ ପ୍ରାକ୍ଟିସିଂ ମିଡିଲି ସ୍କୁଲରେ ପଢୁଥାଏ । ଆମ ସ୍କୁଲ ପାଖରେ ଟ୍ରେନିଂ ସ୍କୁଲ । ସେଇ ସ୍କୁଲରୁ ଗୋଟିଏ ମାଗାଜିନ୍ ବାହାରୁଥାଏ । ସେଥିରେ ଆମ ମିଡିଲ ସ୍କୁଲର ପିଲାମାନଙ୍କୁ ଲେଖିବାକୁ ମଧ୍ୟ କୁହାଯାଏ । ମୁଁ ସେଥିରେ ଗୋଟିଏ ଗପ 'ଅନାଥ' ବୋଲି ଲେଖିଥିଲି । ବାପା ମା ନଥିବା ପିଲା । ସେଇଦିନୁ ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ମୋତେ ଘାରୁଥିଲା । ଆଉ ଏବେ ବି ଘାରୁଛି । ଗପଟି ମାଗାଜିନ୍‌ରେ ବାହାରିଗଲା । ଅନ୍ୟମାନଙ୍କ ବାପା ମା ଯେମିତି ପାଠପଢ଼ା ଉପରେ ଚାପ ଦିଅନ୍ତି, ମୋ ବାପା କେବେ ସେମିତି କରି ନାହାନ୍ତି । ଗପ ବାହାରିଲା ପରେ ବାପାଙ୍କୁ ଦେଖାଇଲି । ସେ ଗମ୍ଭୀର ହୋଇ କହିଲେ, ' ଓଃ ! ତୁ ବି ଲେଖିଲୁଣି ।'

ସେତେବେଳେ ଅନେକ ପତ୍ରପତ୍ରିକା ବାହାରୁଥାଏ । 'ଦୈନିକଆଶା', 'ନବୀନ', 'ପ୍ରଭାତ', 'ଚତୁରଙ୍ଗ' ପ୍ରଭୃତି ପତ୍ରିକା ବାହାରୁଥାଏ । ସେଥିରୁ ଅନେକ ଆଜି ଲୁପ୍ତ ହୋଇଗଲାଣି । ଅଷ୍ଟମ ଶ୍ରେଣୀରେ ପଢ଼ିଲା ବେଳେ 'ଦୈନିକ ଆଶା'ର ଗୋଟିଏ ପ୍ରତିଯୋଗିତାରେ ଗପଟିଏ ଲେଖି ପଠାଇଥିଲି । ତାହା ଉତ୍କୃଷ୍ଟ ବିବେଚିତ ହୋଇ ଛପା ହୋଇଗଲା । ମୋର ଆନନ୍ଦ କହିଲେ ନସରେ । ୰ ଡାକ୍ତର କୁଞ୍ଜବିହାରୀ ଦାସ ସେତେବେଳେ ମୋତେ ଖଣ୍ଡିଏ ଚିଠି ଲେଖିଲେ 'ମା' ତୁ ଭଲ ଲେଖୁଛୁ, ଆହୁରି ଲେଖ ।' ମୋ ବାପା ଜଣେ ଅଦ୍ଭୁତ ଲୋକ । ସେ କେବେ ମୁହଁରେ ପ୍ରଶଂସା କରନ୍ତି ନାହିଁ । କିନ୍ତୁ ପରୋକ୍ଷରେ ମୋ କାମ ପାଇଁ ତାଙ୍କର ସବୁବେଳେ ସହାନୁଭୂତି ଥାଏ । ସେଥିପାଇଁ ଯେତେବେଳେ ଏଇସବୁ ପତ୍ରପତ୍ରିକା, ପରେ 'ଝଙ୍କାର' ଏବଂ ଅନ୍ୟ ପତ୍ରିକାରେ ଲେଖିଲି ମୋର ମନେହେଲା ବାପା ଖୁସି ହେଉଛନ୍ତି । କଲେଜରେ ପଢ଼ିଲାବେଳେ ଭିନ୍ନ ଭିନ୍ନ ସମୟରେ ଗପ ଲେଖି ଟେବୁଲ ଉପରେ ରଖିଦେଇ ଯାଇଥାଏ । ବାପା କେତେବେଳେ ଆସି ସେଗୁଡ଼ିକ ପଢ଼ିଦିଅନ୍ତି । ଥରେ ଗୋଟିଏ ଗପ ଲେଖିଥିଲି 'ଏଇ ସହକାର ତଳେ ।' ବିଶିଷ୍ଟ କବି ୰ ମାୟାଧର ମାନସିଂହଙ୍କ ଏହି

Digitized by PPRACHIN, SOA

ନାମରେ ଗୋଟିଏ ଅତି ଛଣାଶୁଣ କବିତା ଅଛି । ମୋ ଗପଟିରେ ମୁଁ ଲେଖିଥିଲି କେମିତି ଆମ୍ବଗଛ ମୂଳେ ଗରିବ ଦମ୍ପତିଟିଏ ପିଲାଛୁଆଙ୍କୁ ଧରି କଷ୍ଟରେ ଜୀବନ ଯାପନ କରୁଛନ୍ତି । କଲେଜରୁ ଫେରିଲା ପରେ ବାପା ମୋତେ କହିଲେ, ତୁ କ'ଣ ମାୟାଧର ମାନସିଂହଙ୍କୁ ଥଟ୍ଟା କରୁଛୁ ? ମୁଁ ଆଶ୍ଚର୍ଯ୍ୟ ହେଲି । କହିଲି, କାହିଁକି ? ସେ କହିଲେ 'ଏଇ ସହକାର ତଳେ'ଶିରୋନାମାରେ ଏମିତି ଲେଖିଛୁ କାହିଁକି ? ମୁଁ ଆଉ ତାଙ୍କୁ କିଛି ଉତ୍ତର ଦେଲି ନାହିଁ । ଖାଲି କହିଲି ଯେ, ତୁମେ କାହିଁକି ଲୁଚି ଛପି ମୋର କାଗଜ ପତ୍ର ପଢୁଛ ? ସେ ହସି ହସି କହିଲେ, ତୁ ତ ମୋର ସବୁ ଚିଠି, ଲେଖା ପଢୁ । ମୁଁ ପଢ଼ିଲେ ଦୋଷ କ'ଣ ?''

ପ୍ରକୃତରେ ନନ୍ଦିନୀ ଦେବୀ ଆଜି ଯେଉଁ ପର୍ଯ୍ୟନ୍ତ ବି ଆସିପାରିଛନ୍ତି, ତାହା କେବଳ ସମ୍ଭବ ହୋଇପାରିଛି ତାଙ୍କ ସାଧନା ଯୋଗୁଁ । ସମାଜ ସେବା, ବିପ୍ଳବ, ରାଜନୀତି ଭିତରେ ଘାଣ୍ଟି ହୋଇ ମଧ୍ୟ ସାହିତ୍ୟକୁ ସେ ଛାଡ଼ି ପାରିନାହାନ୍ତି । ୧୯୬୭ ମସିହା ଦଶହରାରେ ତାଙ୍କର ପ୍ରଥମ ଗଳ୍ପ ସଂକଳନ 'କେତୋଟି କଥା' ପ୍ରକାଶିତ ହେଲା । ଏହି ସଂକଳନଟିରେ ଥିବା ଗଳ୍ପଗୁଡ଼ିକ ଏଭଳି ଆଦୃତ ହେଲା ଯେ, ଇଂରାଜୀ, ବଙ୍ଗଳା, ତେଲଗୁ, ତାମିଲ, ମାଲୟଲମ୍, କନ୍ନଡ଼ ଆଦି ଭାଷାରେ ତାହାର ଅନୁବାଦ ପ୍ରକାଶିତ ହେଲା ଏବଂ ସେହି ଭାଷାଭାଷୀ ଲୋକମାନଙ୍କ ଦ୍ୱାରା ବିଶେଷ ଭାବେ ଆଦୃତ ମଧ୍ୟ ହୋଇଥିଲା । ଏହାପରେ ତାଙ୍କର ଅନ୍ୟାନ୍ୟ ବହିଗୁଡ଼ିକ ମଧ୍ୟରୁ 'ଗାନ୍ଧୀ କଥାମୃତ' (ଅନୁବାଦ), 'ସପ୍ତଦଶୀ' (ଗଳ୍ପ ସଂକଳନ), 'ରେଭିନ୍ୟୁ ଟିକେଟ'(ଅନୁବାଦ), 'ଲଜ୍ଜା' (ଅନୁବାଦ), 'ପେନ୍ ପ୍ରୋଟେଟ ଆଣ୍ଡ ଟ୍ରିବୁଟସ୍ ବାଇ ଗାନ୍ଧୀଜୀ'(ଅନୁବାଦ) 'ଉତ୍ତର ପୁରୁଷ' (କବିତା ସଂକଳନ) ଇତ୍ୟାଦି ପ୍ରକାଶତ ହୋଇସାରିଛି । ଏହାଛଡ଼ା ମହାଶ୍ୱେତା ଦେବୀଙ୍କ 'ପଚାଶଟି ଗଳ୍ପ', ଏକ ବଙ୍ଗଳା ଗଳ୍ପ ସଂକଳନରୁ ପ୍ରାୟ ତିରିଶଟି ଗଳ୍ପ ଅନୂଦିତ ହୋଇ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇସାରିଲାଣି । ଏବେ ଏହା ଏକ ପୁସ୍ତକ ଆକାରରେ ପ୍ରକାଶ ଅପେକ୍ଷାରେ । ଆହୁରି ମଧ୍ୟ 'ଟିକିସୁନା ହଜିଗଲା' ଉପନ୍ୟାସଟି ଖୁବ୍ ନିକଟରେ ପ୍ରକାଶିତ ହେବାକୁ ଯାଉଛି । ଏତଦ୍ ବ୍ୟତୀତ ତାଙ୍କର ଅନେକ କ୍ଷୁଦ୍ର ଗଳ୍ପ, କବିତା, ପ୍ରବନ୍ଧ ଇତ୍ୟାଦି ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶିତ ହୋଇସାରିଲାଣି । ଏହିପରି ତୃତୀୟ ଶ୍ରେଣୀରେ ପଢୁଥିବା ସମୟରୁ 'ଅନାଥ ଠାରୁ ଉତ୍ତର ପୁରୁଷ' ପର୍ଯ୍ୟନ୍ତ ପ୍ରତ୍ୟେକଟି ତାଙ୍କର ଅମୂଲ୍ୟ ସାଧନାର ଫଳ ।

ଛାତ୍ରୀ ଅବସ୍ଥାରୁ ନନ୍ଦିନୀ ଦେବୀ ଅନେକ ସାମାଜିକ କାର୍ଯ୍ୟ ସହ ସମ୍ପୃକ୍ତ ହୋଇପଡ଼ିଥିଲେ । ଆନ୍ଦୋଳନ ବି ଚାଲୁ ରହିଥାଏ । ସେହି ସମୟର ଅଭିଜ୍ଞତା ସବୁ

Digitized by PPRACHIN, SOA

ତାଙ୍କ ଲେଖନୀକୁ ଉଜ୍ଜୀବିତ କରିଥିଲା । ସେ ସୁଧାନ୍ୟାକୁ ସାକ୍ଷାତକାରରେ କୁହନ୍ତି, ‘‘ଛାତ୍ରୀ ଅବସ୍ଥାରେ ମୁଁ ବରାବର ବିଭିନ୍ନ ଲେଖା ଲେଖୁଥାଏ । କିଛି କାଗଜକୁ ପଠାଏ, କିଛି ଲେଖାହୋଇ ପଡ଼ିଥାଏ । ଭାଗ୍ୟକୁ ଯେତେ ଲେଖା ମୁଁ କାଗଜ କୁ ପଠାଇଛି ସବୁ ପ୍ରକାଶିତ ହୋଇଛି । ତା’ପରଠାରୁ ତ ମୁଁ ଲେଖିଚାଲିଛି । କେନ୍ଦ୍ରମନ୍ତ୍ରୀ ମୁଖ୍ୟମନ୍ତ୍ରୀ ଯାହା ବି ଥିଲେ ମୋ ଲେଖା କେବେବି ବନ୍ଦ ହୋଇନାହିଁ । ରାତିରେ ଶୋଇ ଶୋଇ ମୁଁ ଗୋଟିଏ ଗୋଟିଏ ଗପ ପୂରା ସ୍ୱପ୍ନରେ ଦେଖିଦିଏ । ଏମିତି କି ମଝିରୁ ଉଠି ବାଥ୍ରୁମକୁ ଯାଇ ପୁଣି ଆସି ଶୋଇପଡ଼ିଲେ ସେଇ ଗପର ଧାରା ଅବ୍ୟାହତ ରହିଥାଏ । ଅଳସୁଆମି କରି ସେତିକିବେଳେ ଉଠି ଗପଗୁଡ଼ିକ ଲେଖିପାରେନି । କବିତାର ଅବସ୍ଥା ବି ସେଇଆ । ନିଦରେ ଶୋଇଶୋଇ କିବତା କହୁଥାଏ ଆଉ ଉଠି କେତେବେଳେ ଯଦି ଧୈର୍ଯ୍ୟ ରହେ ତେବେ ଲେଖିପକାଏ ।

ଲୋକଙ୍କ ସମସ୍ୟା ବୁଝିବା, ଦରଖାସ୍ତ କରିବା, ଏଇ କାମରେ ସାରାଦିନ ଅତି ବ୍ୟସ୍ତ ଭାବରେ କଟିଯାଏ । ତଥାପି ସେଇ ଅବସ୍ଥାରେ ରାତି ତିନିଟା ବେଳ ପର୍ଯ୍ୟନ୍ତ ଡିକ୍ଟେସନ ଦିଏ । ଏହିଭଳି ଭାବରେ ମାସକ ଭିତରେ ତସଲିମା ନାସରିନ୍ଙ୍କ ‘ଲଜ୍ଜା’ ଉପନ୍ୟାସଟିକୁ ଅନୁବାଦ କରିଦେଲି । କିନ୍ତୁ ଅମ୍ରିତାପ୍ରୀତମ ଙ୍କ ଆତ୍ମକାହାଣୀ ‘ରେଭିନ୍ୟୁ ଟିକଟ’ କୁ ନିଜେ ଲେଖିଲି । ଦୁଇଟିଯାକ ବହି ଛପା ହୋଇଛି । ବହୁତ ପ୍ରଶଂସାର ଚିଠି ବି ପାଇଛି । ସେଗୁଡ଼ିକ ମୋତେ ଉଦ୍‌ବୁଦ୍ଧ କରେ । ତାହା ଆହୁରି ଆହୁରି ଲେଖିବାକୁ ପ୍ରେରଣା ଯୋଗାଏ । ବେଳ କିନ୍ତୁ ସବୁବେଳେ ହୁଏ ନାହିଁ । ସେଥିପାଇଁ ଆପଣ ଭାବିବେ ନାହିଁ ଯେ, କୌଣସି ଅବସ୍ଥାରେ ମୁଁ ଲେଖିବା ଛାଡ଼ିଦେଇଛି ।’’

ନନ୍ଦିନୀ ଦେବୀଙ୍କର ଏଇକ୍ଷଣି ବେଳେ ବେଳେ କ୍ଷୋଭ ହୁଏ ଯେ, ସେ ସାହିତ୍ୟ ପାଇଁ ଯଥେଷ୍ଟ ସମୟ ଦେଇପାରି ନାହାନ୍ତି । କ୍ଷୋଭ ତ ନୁହେଁ, ଏକପ୍ରକାର ଅବଶୋଷ । ତାଙ୍କୁ ଦୂରଦର୍ଶନ, ରେଡ଼ିଓ, ଖବରକାଗଜର ପ୍ରତିନିଧି ଏବଂ ତାଙ୍କର ବ୍ୟକ୍ତିଗତ କେତେକ ବନ୍ଧୁ ସବୁବେଳେ ଗୋଟିଏ ପ୍ରଶ୍ନ ପଚାରିଥାନ୍ତି ଯେ, ଏତେ କାର୍ଯ୍ୟବ୍ୟସ୍ତତା ଭିତରେ ଆପଣ ସାହିତ୍ୟ ଲେଖିବା ପାଇଁ ସମୟ କେତେବେଳେ ପାଆନ୍ତି ? ସେ ଖୁବ୍ ସରଳ ଓ ସହଜ ଭାବରେ ଏହାର ଉତ୍ତରରେ କହନ୍ତି, ‘‘କୌଣସି ମହତ୍ତର କାର୍ଯ୍ୟପାଇଁ ବିବେକର ଅନୁମୋଦନ ସତ୍ତ୍ୱେ ହୃଦୟ ଭିତରୁ ଯେଉଁ ଆହ୍ୱାନ ଆସେ, ଆଉ ସେଇ ଆହ୍ୱାନକୁ ବାସ୍ତବରେ ରୂପାନ୍ତରିତ କରିବାପାଇଁ ମନରେ ଯଦି ନିଷ୍ଠା ଥାଏ, ଏକାଗ୍ରତା ଥାଏ, ତେବେ ଏଥିପାଇଁ ସମୟ ଆପେ ଆସି ଧରାଦେବ, ଏଥିପାଇଁ ଗୋଟିଏ ନିର୍ଦ୍ଦିଷ୍ଟ ସମୟକୁ ଖୋଜିବା ଦରକାର ପଡ଼େନି । କିନ୍ତୁ ଯେଉଁମାନେ କ’ଣଟେ ହେବାପାଇଁ କି ପୁରସ୍କାରଟେ

Digitized by PPRACHIN, SOA

ପାଇବା ପାଇଁ ମନରେ ଧାରଣା ପୋଷଣ କରି କଲମ ଧରନ୍ତି ସେମାନଙ୍କ କ୍ଷେତ୍ରରେ ଅବଶ୍ୟ ଭିନ୍ନ କଥା ।'' ବାସ୍ତବରେ ଏହା କେତେବଡ଼ ନିଷ୍ଠୁର ସତ୍ୟ କଥାଟିଏ କହିଲେ ! ଏଇକ୍ଷଣି ତ କେତେ ନୂଆ ନୂଆ ସାହିତ୍ୟିକ ସବୁ ବାହାରିଲେଣି । ଆଧୁନିକ ଗଳ୍ପ କବିତା ଲେଖି ଅନେକ ପୁରସ୍କାର ବି ପାଉଛନ୍ତି । ଏହାଛଡ଼ା ଏବେ ସାହିତ୍ୟକୁ ଦୁର୍ନୀତି ରାକ୍ଷସ କାବୁ କରିସାରିଲାଣି । କିଏ କାହାର ଲେଖା ଚୋରାଇ ନେଲାଣି ତ କେହି କେହି ପୁରସ୍କାରଟିଏ ପାଇବା ପାଇଁ ପୁରସ୍କାରଲବ୍ଧ ଅର୍ଥର ପରିମାଣ ଠାରୁ ଢ଼େର ଅଧିକ ଅର୍ଥ ଲାଞ୍ଚ ଦେବା ଆଉ ଧରାଧରି କରିବାରେ ଖର୍ଚ୍ଚ କରିସାରିଲାଣି । ଅନ୍ୟପକ୍ଷରେ ସେମାନଙ୍କର ଲେଖା ଅତ୍ୟନ୍ତ ନିମ୍ନମାନର ତଥା ପାଠକଙ୍କ ବୋଧଗମ୍ୟ ହେବା ଭଳି ହେଉନାହିଁ । କେବଳ ନାମ ଦେଖି ସେମାନଙ୍କର ଲେଖାକୁ ସ୍ୱୀକୃତି ମିଳୁଛି । ଅବଶ୍ୟ ଏହି ଶ୍ରେଣୀଭୁକ୍ତ ସାହିତ୍ୟିକମାନଙ୍କ କ୍ଷେତ୍ରରେ ସମୟକୁ ଖୋଜିବାକୁ ପଡ଼ିଥାଏ । କିନ୍ତୁ ଜଣେ ସଚ୍ଚା ସାହିତ୍ୟିକ ଏସବୁର ଊର୍ଦ୍ଧ୍ୱରେ ରହି ନିଜର କର୍ତ୍ତବ୍ୟ ସମ୍ପାଦନ କରିବା ଛଡ଼ା ଅନ୍ୟ କିଛି ଭାବିପାରନ୍ତି ନାହିଁ । ହେଲେ ସବୁଜ ଯୁଗର ମହାନାୟକ ତଥା ମାଟିର ମଣିଷ ରଚୟିତା କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ କନ୍ୟା ନନ୍ଦିନୀ ଶତପଥୀ ଯେଉଁ ସାହିତ୍ୟ ସୃଷ୍ଟି କରିଛନ୍ତି ସେଥିରେ ଅଛି ଅନାଥ ଆତୁରଙ୍କ କାହାଣୀ, ଏକ ସାମାଜିକ ଦାୟିତ୍ୱବୋଧତା । ତାଙ୍କ ସାହିତ୍ୟର ଅନେକ ଭାଗରେ କର୍ତ୍ତବ୍ୟର ଛାପହିଁ ପ୍ରସ୍ଫୁଟିତ ହୋଇଅଛି । ସେ ନିଜେ କେବେ ପୁରସ୍କାର ପାଇବାକୁ ଚିନ୍ତା ସୁଦ୍ଧା କରିନାହାନ୍ତି ଯଦିଓ 'ରେଭିନ୍ୟୁଟିକଟ' ପାଇଁ କେନ୍ଦ୍ର ସହିତ୍ୟ ଏକାଡ଼ମୀ ପୁରସ୍କାର ପାଇଛନ୍ତି, ତଥାପି ବି ସେ ଏଇ ପୁରସ୍କାର ପାଇ ଗର୍ବ କରନ୍ତି ନାହିଁ । ବରଂ ତାଙ୍କର କ୍ଷୋଭ ହୁଏ ଯେ ଯେଉଁ ଜାତି କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ଭଳି ସାହିତ୍ୟିକଙ୍କୁ ଉପଯୁକ୍ତ ସମ୍ମାନ ଦେଇପାରିନାହିଁ, ସେଠାରେ ତାଙ୍କ ପୁରସ୍କାରର ଅର୍ଥ କିଛି ନାହିଁ । ୧୯୯୪ ମସିହାରେ ତାଙ୍କ ଦ୍ୱାରା ଅନୂଦିତ 'ଲଜ୍ଜା' ବହିର ବିକ୍ରୟ ତଥା ଲୋକପ୍ରିୟତା ଏତେ ବଢ଼ିଗଲା ଯେ, ଏହା ପୂର୍ବରୁ କୌଣସି ଟ୍ରାନ୍ସଲେଟେଡ୍ ପୁସ୍ତକ ଏପରି ଲୋକପ୍ରିୟତା ଅର୍ଜନ କରିନଥିଲା ।

ଇଏତ ଗଲା ତାଙ୍କ ସୃଜନଶୀଳତାର ଗୋଟିଏ ଦିଗ । ତାଙ୍କ ଜୀବନର ଅନ୍ୟ ଦିଗଟି ଥିଲା ତାଙ୍କ ପାଇଁ ଖୁବ୍ ରୋମାଞ୍ଚକର ଯାହା ପିଲାଟି ଦିନରୁ ତାଙ୍କ ଉପରେ ସବାର କରି ରହିଅଛି ଆଜିଯାଏଁ । ଏହାକୁ ଦୁର୍ନୀତି, ଅତ୍ୟାଚାର, ଶୋଷଣ ବିରୁଦ୍ଧରେ ସଂଗ୍ରାମ ବୋଲି କୁହାଯାଇ ପାରେ କିମ୍ବା ନିଜ ମା' ମାଟିରେ ବିଦେଶୀମାନଙ୍କ ଦ୍ୱାରା ଶାସିତ ହେବା ବିରୁଦ୍ଧରେ ବିପ୍ଳବ ବୋଲି ମଧ୍ୟ କୁହାଯାଇପାରେ । ଛାତ୍ର ସମୟରୁ ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ନନ୍ଦିନୀ ଦେବୀ କଲେଜ ଜୀବନରେ ଏକ ବିପ୍ଳବିଣୀ

Digitized by PPRACHIN, SOA

ରୂପରେ ସର୍ବତ୍ର ପରିଚିତା ହୋଇଗଲେ । ଗାନ୍ଧିଜୀଙ୍କ ସୂତାକଟା ଅଭିଜାନରେ ସେ ଉତ୍ସାହିତ ହୋଇ ନିଜେ ଘରେ ସୂତା କାଟିବା ଆରମ୍ଭ କରିଦେଇଥିଲେ । ତାଙ୍କର ବିଶ୍ୱାସ ଥିଲା ଯେ, ସେଇ ସୂତାରେ କନା ବୁଣା ହୋଇ ଫ୍ରକ୍ ତିଆରି ହେଲେ ତାହା ହିଁ ସେ ପିନ୍ଧିବେ । ସେଥିଲାଗି ବାପା ତାଙ୍କର ବଜାରରୁ ଝିଅ ପାଇଁ ଖଦଡ଼ ଫ୍ରକ କିଣି ଆଣନ୍ତି ଆଉ ସେ ତାକୁ ପିନ୍ଧନ୍ତି । ମୋଟାମୋଟି ଦେଶ କିପରି ସ୍ୱାଧୀନ ହେବ ଏହି ଚିନ୍ତାଟି ସବୁବେଳେ ତାଙ୍କୁ ଘାରୁଥିଲା । ପିଲାଦିନେ ଚନ୍ଦକା ଜଙ୍ଗଲରେ ତାଙ୍କୁ ଛାଡ଼ିଦିଆଯାଇଛି, ଜେଲ୍‌ର ଅନ୍ଧକାର କୋଠରିରେ ବନ୍ଦ କରିଦିଆଯାଇଛି, ପୋଲିସର ଲାଠିମାଡ଼ରେ ରକ୍ତ ରଂଜିତ ହୋଇଛନ୍ତି – ତଥାପି ସେ ନିଜର କର୍ତ୍ତବ୍ୟ ପଥରୁ କେବେବି ବିଚ୍ୟୁତ ହୋଇନାହାନ୍ତି ।

କେନ୍ଦ୍ରରେ ମନ୍ତ୍ରୀ ଥିଲାବେଳେ ସେ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରାଗାନ୍ଧୀଙ୍କର ଖୁବ ନିକଟତର ହୋଇ ଦେଶ ବିଷୟରେ ଅନେକ ପରାମର୍ଶ ଦେଇଛନ୍ତି । ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇ ମଧ୍ୟ ସେ ରାଜ୍ୟ ପାଇଁ ଅନେକ ଜନହିତକର କାର୍ଯ୍ୟ କରିଛନ୍ତି ଏବଂ ଏବେବି କରି ଚାଲିଛନ୍ତି । ହେଲେ ସେ କୌଣସି ସମୟରେ ବି ନିଜର ଆତ୍ମବିଶ୍ୱାସ କିମ୍ୱା ଧୈର୍ଯ୍ୟ ହରାଇ ନାହାନ୍ତି ।

ଯେପରି ସାଧନାର କେବେହେଲେ ଅନ୍ତ ନଥାଏ ସେହିପରି ନନ୍ଦିନୀ ଦେବୀଙ୍କର ସାଧନା ଆଜି ପର୍ଯ୍ୟନ୍ତ ବି ଅବ୍ୟାହତ ରହିଛି । ଏକ ସୁନ୍ଦର ଭାରତ ଗଠନର ପରିକଳ୍ପନାରେ ସେ ଏବେବି ଚିନ୍ତାମଗ୍ନ । ବର୍ତ୍ତମାନ ରାଜନୀତିର ଛକାପଂଝା ଖେଳଠାରୁ ସେ ନିଜକୁ ଦୂରେଇ ରଖିବାକୁ ଚେଷ୍ଟା କରୁଥିଲେ ମଧ୍ୟ, ତାଙ୍କ ବିଦ୍ରୋହୀ ମନତଳେ ଲୁଚି ରହିଛି ଏକ ନବଭାରତର ନକ୍ସା । ଏବେବି ସେ ବିଭିନ୍ନ ସଭାସମିତିରେ ଅଥବା ବିଧାନ ସଭାରେ ଅପ୍ରିୟ ସତ୍ୟକଥା ପ୍ରକାଶ କରି ଅନେକଙ୍କୁ ଅସୁବିଧାରେ ପକାଇବା ସଙ୍ଗେସଙ୍ଗେ ଖୁବ୍ ଆଶ୍ଚର୍ଯ୍ୟାନ୍ୱିତ ବି କରୁଛନ୍ତି । ସତ୍ୟ ପ୍ରକାଶ କରିବାକୁ ତାଙ୍କର ଯେମିତି ତିଳେହେଲେ କୁଣ୍ଠାନାହିଁ । ପଚାରିଲେ ନିର୍ଭୀକାଭାବେ କୁହନ୍ତି, ''କ'ଣଟେ ହୋଇଯିବ ସେଇଠୁ ? ମୋତେ କିଏ ଦଳରୁ ବାହାର କରିଦେବ ତ ! କରିଦିଅନ୍ତୁ । ସେଥିପାଇଁ ମୁଁ ଖାତିର କରେନି ୮ତା' ଛଡ଼ା ମୋର କିଛି ଦଳ-ଫଳ ନାହିଁ । ଭଗବାନ ପଠାଇଛନ୍ତି କାମ କରିବାକୁ, ତା'ବୋଲି କ'ଣ ଭୁଲ କାମଟା କରିବା ? ଖାଲି କ'ଣ ଗୋଟେ ହେବାପାଇଁ, ଗୋଟିଏ କ୍ଷମତାର ଚଉକି ପାଇଁ ?''

ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ଏବେ ବି ସେ ଶତସିଂହର ବଳ ନେଇ କାମ କରିଯାଉଛନ୍ତି । ଅଧିକାଂଶ ସମୟ ବିତୁଛି ଲେଖାଲେଖିରେ ଏବଂ ଲୋକମାନଙ୍କ

Digitized by PPRACHIN, SOA

ସାଙ୍ଗରେ । କଥାରେ ଅଛି, 'ଅସୀଠାରୁ ବଳୀୟାନ ମସୀ' । ସେ ସେହି ମସୀ ଚାଳନା କରି ସତ୍ୟ ପ୍ରତିଷ୍ଠା ପାଇଁ ଆପ୍ରାଣ ଉଦ୍ୟମ ଜାରି ରଖିଛନ୍ତି ।

ପରିବାରର ଶେଷ ସ୍ୱାଧୀନତା ସଂଗ୍ରାମୀ

ଗୋଟିଏ ପରିବାରରୁ ଏକସଙ୍ଗରେ ତିନିତିନି ଜଣ ବ୍ୟକ୍ତି ଦେଶର ସ୍ୱାଧୀନତା ସଂଗ୍ରାମରେ ଝାସ ଦେବା ଖୁବ୍ ବିରଳ । ଏହାହିଁ ସ୍ୱପ୍ନେଶ୍ୱର ପାଣିଗ୍ରାହୀଙ୍କ ପରିବାରରେ ଜୁଟିଥିଲା । ମଝିଆ ପୁଅ କାଳିନ୍ଦୀ ଚରଣ ପାଣିଗ୍ରାହୀ, ସାନପୁଅ ଭଗବତୀ ଚରଣ ପାଣିଗ୍ରାହୀ ଏବଂ ନାତୁଣୀ ନନ୍ଦିନୀ ପାଣିଗ୍ରାହୀ । ଏ ତିନିଜଣଙ୍କ ଭିତରେ ଥିଲା ପ୍ରଗାଢ଼ ଦେଶଭକ୍ତି । ସ୍ୱାଧୀନତା ପାଇଁ ଲଢ଼େଇ କରିବାର ଢଙ୍ଗ ଏମାନଙ୍କର ଭିନ୍ନ ଭିନ୍ନ ଥିଲେ ମଧ୍ୟ ତାଙ୍କର ଚରମ ଲକ୍ଷ୍ୟଥିଲା ଭାରତ କିଭଳି ସ୍ୱାଧୀନ ହେବ । ଏ ତିନିହେଁ ଥିଲେ ଏକାଧାରରେ ବ୍ରିଟିଶ ବିରୋଧୀ, ରାଜା-ଜମିଦାର ବିରୋଧୀ ଏବଂ ସର୍ବୋପରି ସମସ୍ତ ପ୍ରକାର ପରାଧୀନତା ଓ ଶୋଷଣର ବିରୋଧୀ ।

ଭଗବତୀ ପାଣିଗ୍ରାହୀ ଏବଂ ନନ୍ଦିନୀ ପାଣିଗ୍ରାହୀ ପ୍ରତ୍ୟକ୍ଷ ସଂଗ୍ରାମ ସହ ସଂଶ୍ଳିଷ୍ଟ ଥିବା ବେଳେ କାଳିନ୍ଦୀ ପାଣିଗ୍ରାହୀଙ୍କର ସଂଗ୍ରାମ ଥିଲା ଭିନ୍ନ ପ୍ରକାରର । ଇଂରାଜୀରେ ଗୋଟିଏ କଥା ଅଛି, Pen is mighter than sword. କାଳିନ୍ଦୀ ପାଣିଗ୍ରାହୀ ଏଇ କଥାଟିରେ ବିଶ୍ୱାସ କରୁଥିଲେ ମଧ୍ୟ ସେ ସାନଭାଇର ସାମ୍ୟବାଦୀ ଚିନ୍ତାଧାରା ପ୍ରତି ସମ୍ବେଦନ ଥିଲେ । ତାଙ୍କ ଶରୀରରେ ମଧ୍ୟ ପ୍ରବାହିତ ହେଉଥିଲା ସ୍ୱାଧୀନତାର ଉଷ୍ମ ରକ୍ତ । ତାଙ୍କର ଏହି ଅନ୍ତରର ଆବେଗକୁ ପ୍ରକାଶ କରିବା ପାଇଁ ସେ ରେଭେନ୍ସା କଲେଜରେ ପଢ଼ିବା ବେଳେ ଏକ ପତ୍ରିକା ବାହାର କଲେ । ଏହାର ନାମ ଥିଲା 'ଅବକାଶ' । ଏହି ଅବକାଶ ନାମ କରଣରେ ମଧ୍ୟ ଗୋଟିଏ ଯଥାର୍ଥତା ଥିଲା । ଯେଉଁ ଚାରିଜଣଙ୍କୁ ନେଇ ଏହି ନାମକରଣ କରାଯାଇଥିଲା ସେମାନେ ହେଲେ ଅନ୍ନଦା ଶଙ୍କର ରାୟ, ବୈକୁଣ୍ଠ ନାଥ ପଟ୍ଟନାୟକ, କାଳିନ୍ଦୀ ଚରଣ ପାଣିଗ୍ରାହୀ ଏବଂ ଶରତ ଚନ୍ଦ୍ର ମୁଖାର୍ଜୀ । ଏମାନେ ମିଶି ସୃଷ୍ଟି କଲେ ଏକ ସବୁଜ ଯୁଗ । ସବୁଜ ହେଉଛି ଜୀବନର ପ୍ରତିଛବି । ଆଉ ଏମାନଙ୍କର ସବୁ କବିତାରେ ଜୀବନ ହିଁ ଚିତ୍ରିତ ହୋଇଛି । ଏମାନେ ଦୈବଶକ୍ତିକୁ ବିଶ୍ୱାସ କରୁନଥିଲେ ମଧ୍ୟ କାଳିନ୍ଦୀବାବୁ ଥିଲେ ଆସ୍ତିକ । ମଣିଷ ମନରେ ସେ ପ୍ରଥମେ ସୃଷ୍ଟି କରିଛନ୍ତି ସ୍ୱାଧୀନତାର ଚିନ୍ତା । କାରଣ ସେ ବୁଝିଥିଲେ ଯେ ମଣିଷ ମନର ପ୍ରଥମ ମୂଲ୍ୟାୟନର ବସ୍ତୁ ହେଉଛି ସ୍ୱାଧୀନତା । ସ୍ୱାଧୀନତା କିପରି

Digitized by PPRACHIN, SOA

ପରାଧୀନତା ହୋଇଛି ତାହା ହିଁ କାଳିନ୍ଦୀ ଚରଣ ଦେଖାଇଛନ୍ତି ତାଙ୍କ ଲେଖା ମାଧ୍ୟମରେ । କାଳିନ୍ଦୀବାବୁ ପ୍ରତ୍ୟକ୍ଷ ସଂଗ୍ରାମ କରିନଥିଲେ ମଧ୍ୟ ସେ ଭାରତର ସ୍ୱାଧୀନତା ସଂଗ୍ରାମ ପାଇଁ ମଣିଷ ମନରେ ସ୍ୱାଭିମାନର ଉଦ୍ରେକ କରାଇଛନ୍ତି । ବ୍ରିଟିଶ୍ ଶାସକଙ୍କ ବାହୁ ଛାୟାତଳେ ଆଶ୍ରୟ ନେଇଥିବା ରାଜା-ଜମିଦାରଙ୍କ ମୁଖା ଖୋଲିଦେଇଛନ୍ତି ତାଙ୍କ କଲମମୁନରେ । ତାଙ୍କର ପ୍ରତ୍ୟେକ କବିତାରେ ସେ ଖୋଜିଛନ୍ତି ଜୀବନ ଏବଂ ସ୍ୱାଧୀନତା । ସେ ଚେତାଇ ଦେଇଛନ୍ତି ଯେଉଁଠି ସ୍ୱାଧୀନତା ନାହିଁ ସେଠି ଜୀବନ ମୂଲ୍ୟହୀନ । ସେ ନିଜର କନ୍ୟା ଓ ସାନଭାଇର ସଂଗ୍ରାମ ପଥରେ କେବେ ବି ପ୍ରତିବନ୍ଧକ ସୃଷ୍ଟି କରିନାହାନ୍ତି । ବରଂ ଅଧିକ ପ୍ରେରଣା ଯୋଗାଇ ଦେଇଛନ୍ତି ।

ସେହିଭଳି ଭଗବତୀ ପାଣିଗ୍ରାହୀଙ୍କର ଭାରତର ସ୍ୱାଧୀନତା ସଂଗ୍ରାମ ପାଇଁ ଅବଦାନ ଅବିସ୍ମରଣୀୟ । ସେ ଓଡ଼ିଶାରେ କମ୍ୟୁନିଷ୍ଟ ପାର୍ଟି ଗଠନ କରି ଭାରତୀୟ ସ୍ୱାଧୀନତା ସଂଗ୍ରାମକୁ ଆହୁରି ଉଜ୍ଜୀବିତ କରିଛନ୍ତି । ବ୍ରିଟିଶ ଶାସନ ବିରୁଦ୍ଧରେ ଲଢ଼େଇ କରି ଭଗବତୀବାବୁ ବାରମ୍ବାର ଜେଲ୍ ଯାଇଛନ୍ତି, ପୁଲିସର ଲାଠିମାଡ଼ ସହିଛନ୍ତି । ସେ ତାଙ୍କ ଜୀବଦ୍ଦଶା ମଧ୍ୟରେ ଅନେକ ଆନ୍ଦୋଳନ ସହ ସଂଶ୍ଳିଷ୍ଟ ହୋଇଛନ୍ତି । ଗଡ଼ଜାତ ପ୍ରଜା ଆନ୍ଦୋଳନ ଠାରୁ ଆରମ୍ଭ କରି କୃଷକ ଆନ୍ଦୋଳନ ପର୍ଯ୍ୟନ୍ତ ସବୁଥିରେ ସେ ନେତୃତ୍ୱ ନେଇଛନ୍ତି । ଅତ୍ୟାଚାରୀ ରାଜାମାନଙ୍କ ବିରୁଦ୍ଧରେ ଲୋକମାନଙ୍କୁ ଏକାଠି କରିଛନ୍ତି । ସେଇ ସଂଗ୍ରାମ କରୁକରୁ ଥରେ ଗଂଜାମ ଜିଲ୍ଲାର ଡାକରଡ଼ା ଠାରେ ଏକ କୃଷକ ସମ୍ମିଳନୀରେ ସେ ଅସୁସ୍ଥ ହୋଇ ପଡ଼ିଥିଲେ । ତାଙ୍କୁ ଡାକ୍ତରଖାନା ଅଣାଯାଇଥିଲା । ବହୁ ଚିକିତ୍ସା ଓ ଡାକ୍ତରମାନଙ୍କ ଅକ୍ଳାନ୍ତ ପରିଶ୍ରମ ସତ୍ତ୍ୱେ ସେ ଭଲ ହୋଇନଥିଲେ । ୧୯୪୩ ମସିହା ଅକ୍ଟୋବର ମାସରେ ସବୁଦିନ ପାଇଁ ଆଖି ବୁଜି ଦେଇଥିଲେ ।

ଏହାପରେ ଆସିଲେ ନନ୍ଦିନୀ ପାଣିଗ୍ରାହୀ । ଖୁବ୍ ସାନପିଲା ବେଳେ 'ଇନ୍‌କିଲାବ ଜିନ୍ଦାବାଦ' ଧ୍ୱନି ଯାହା ଅନ୍ତରରେ ଉଦ୍‌ବେଳନ ସୃଷ୍ଟି କରୁଥିଲା ସେଇ ନନ୍ଦିନୀ ପାଣିଗ୍ରାହୀ କକେଇଙ୍କ ମୃତ୍ୟୁରେ ଅତ୍ୟନ୍ତ ମ୍ରିୟମାଣ ହୋଇପଡ଼ିଥିଲେ । ସେ ଏହି ଦୁଃଖରେ ଯେତିକି ଭାଙ୍ଗି ପଡ଼ିଥିଲେ ବ୍ରିଟିଶମାନଙ୍କ ଉପରେ ସେତିକି କ୍ଷୁବ୍ଧ ବି ହୋଇଥିଲେ । କାରଣ ତାଙ୍କ କକେଇଙ୍କ ମୃତ୍ୟୁଥିଲା ଖୁବ୍ ଅସ୍ୱାଭାବିକ । ଜେଲ୍‌ରେ ତାଙ୍କୁ ସ୍ଲୋ-ପଏଜନ ଦିଆଯାଇଥିଲା ବୋଲି ସେତେବେଳେ ସନ୍ଦେହ କରାଯାଇଥିଲା । ସେ ଯେତେବେଳେ ଅସୁସ୍ଥ ହୋଇ କଟକ ଡାକ୍ତରଖାନାକୁ ଆସିଲେ, ତାଙ୍କ ପାଇଁ ସାଲାଇନ୍‌ଟେ ମଧ୍ୟ ମିଳିନଥିଲା । ସେତେବେଳେ ସେଠାରେ ବ୍ରିଟିଶ ସିଭିଲ ସର୍ଜନ ଜଣେ ଥାନ୍ତି । ନନ୍ଦିନୀ ଦେବୀଙ୍କ ଧାରଣା ଦୃଢ଼ୀଭୂତ ହେଲା ଯେ କକେଇଙ୍କୁ ତାଙ୍କର ସାଲାଇନ୍‌ଟେ ଦେବାକୁ ଚାହିଁଲେନି

Digitized by PPRACHIN, SOA

ସେମାନେ । ତେଣୁ ତାଙ୍କର ରାଗ ପଞ୍ଚମକୁ ଉଠିଗଲା । ସେ ଭାବିନେଲେ ଯେ ଯେମିତି ହେଲେ ବ୍ରିଟିଶ୍‌ମାନଙ୍କୁ ଭାରତରୁ ତଡ଼ିବାକୁ ହେବ । ସେ ପିଲାଦିନରୁ ଗାନ୍ଧିବାଦୀ ଥିଲେ । ଏହି ଘଟଣା ପରେ ସେ କମ୍ୟୁନିଷ୍ଟ ହୋଇ Student Federation ରେ ଯୋଗଦେଲେ । ଯେଉଁଠି ସେ ଦେଖିଲେ ଇଂରେଜମାନେ କିଛି କରୁଛନ୍ତି ସେଠି ସେ ସମସ୍ତଙ୍କ ଆଗରେ ରହି ଗଣ୍ଡଗୋଳ କରିବା ଆରମ୍ଭ କରିଦେଲେ । ''ସ୍ୱାଧୀନତା ନ ଆସିଲେ ଆଉ ଭାରତର ଲୋକେ ରହିପାରିବେନି''—ଏମିତି ଗୋଟେ କଥା ତାଙ୍କ ମୁଣ୍ଡରେ ପଶିଗଲା । ସ୍ୱାଧୀନତା ସଂଗ୍ରାମ ପାଇଁ ନନ୍ଦିନୀ ଦେବୀ ପିଲାବେଳେ ପୁଲିସଠାରୁ ଲାଠିମାଡ଼ ଖାଇଛନ୍ତି । ଛାତ୍ରାବସ୍ଥାରେ ଅନେକ ଥର ଜେଲ୍ ଯାଇଛନ୍ତି, ୟୁନିଅନ ଜ୍ୟାକ୍ ତଳକୁ ଟାଣି ଭାରତର ଜାତୀୟ ପତାକା ଉଡ଼େଇବାରେ ମଧ ଭାଗ ନେଇଛନ୍ତି । ସ୍ୱାଧୀନତାର ଲଢ଼େଇରେ ସେ ଥିଲେ ତାଙ୍କ ଘରେ ସର୍ବକନିଷ୍ଠା ଆଉ କମ୍ୟୁନିଷ୍ଟରେ ବି ସର୍ବକନିଷ୍ଠା । କିନ୍ତୁ କୌଣସି ବ୍ୟକ୍ତିଙ୍କ ସାମ୍ନାରେ ନନ୍ଦିନୀ ଦେବୀ ନିଜକୁ କେବେ ସାନ ବୋଲି ମଣୁନଥିଲେ । ସେ କୁହନ୍ତି, ''ମୋତେ ସ୍ୱାଧୀନତା ସଂଗ୍ରାମ ପାଇଁ କେହି ପ୍ରେରଣା ଦେଇନାହାନ୍ତି । ଏଥିପାଇଁ ମୋ ନିଜ ଭିତରୁ ମୁଁ ପ୍ରେରଣା ପାଇଛି । କାହିଁ, ଆମ ଘରେ ମୋର ତ ଅନ୍ୟାନ୍ୟ ଭାଇ ଭଉଣୀମାନେ ବି ଥିଲେ । କେହି ତ ସ୍ୱାଧୀନତା ସଂଗ୍ରାମ ପାଇଁ ଉଦ୍‌ବୁଦ୍ଧ ହୋଇନାହାନ୍ତି ? ଅବଶ୍ୟ ଅନେକ ବ୍ୟକ୍ତିଙ୍କ ପ୍ରଭାବ ମୋ ଉପରେ ପଡ଼ିଛି, ମାତ୍ର ମୋ ନିଜ ମନକୁମନ ମୁଁ ଏ ଦିଗରେ ଆଗେଇଗଲି ।''

ପ୍ରକୃତରେ ଭାରତବର୍ଷର ସ୍ୱାଧୀନତା ପାଇଁ ଏହି ପାଣିଗ୍ରାହୀ ବଂଶଟି ଅଭିନନ୍ଦିତ । ସେ ସମୟରେ ଏହି ପରିବାର ଉପରେ ବ୍ରିଟିଶ ଶାସକମାନଙ୍କର କ୍ରୁର ଦୃଷ୍ଟି ରହିଥିଲା । ତଥାପି ବି କେହି ଦବିଯାଇ ନାହାନ୍ତି । ବିଶ୍ୱନାଥ ଦାସ ଓଡ଼ିଶାର ପ୍ରଧାନମନ୍ତ୍ରୀ ଥିବା ବେଳେ ଭଗବତୀ ବାବୁଙ୍କୁ ଗିରଫ କରାଯାଇ ଜେଲକୁ ପଠାଇ ଦିଆଯାଇଛି । ସେତେବେଳେ କାଳିନ୍ଦୀ ପାଣିଗ୍ରାହୀ ଗଭର୍ଣ୍ଣମେଣ୍ଟ ପ୍ରେସ୍‌ରେ ଏକ ଉଚ୍ଚ ପଦବୀରେ କାର୍ଯ୍ୟରତ । ବିଶ୍ୱନାଥବାବୁ କିନ୍ତୁ କାଳିନ୍ଦୀ ଚରଣକୁ ଖୁବ୍ ଶ୍ରଦ୍ଧା ଓ ସମ୍ମାନ କରୁଥିଲେ । ସେ କାଳିନ୍ଦୀବାବୁଙ୍କୁ ଡାକି କହିଲେ, 'ମୁଁ ଆପଣଙ୍କୁ ଛାଡ଼ିବାକୁ ଚାହୁଁନି । କିନ୍ତୁ ଆପଣଙ୍କ ଉପରେ ବ୍ରିଟିଶମାନେ ନଜର ରଖିଛନ୍ତି ।' କାଳିନ୍ଦୀବାବୁ ସଙ୍ଗେ ସଙ୍ଗେ କହିଲେ, 'ମୁଁ ତେବେ ଆଜି ରିଜାଇନ୍ କରିଦେଉଛି ।' କହି ସେହିଦିନ ଚାକିରି ଛାଡ଼ି ଚାଲିଆସିଥିଲେ । ସେତେବେଳେ ସେ ବହୁତ ଅଭାବ ଭିତରେ ସଢୁଥାନ୍ତି । ଓଡ଼ିଆବଜାରର ଚମାର ସାହିରେ ଛୋଟିଆ ଘର ଖଣ୍ଡେ ଭଡ଼ାନେଇ ଅତ୍ୟନ୍ତ କଷ୍ଟରେ ରହୁଥାନ୍ତି । ଚାକିରି ଛାଡ଼ି ନିଜର ବହିଲେଖାରୁ ତଥା ଗ୍ରନ୍ଥ ମନ୍ଦିର, କଟକ ଷ୍ଟୁଡ଼େଣ୍ଟସ୍

Digitized by PPRACHIN, SOA

ଷ୍ଟୋର ପାଇଁ ଟେଷ୍ଟବୁକ୍ ଲେଖି କିଛି ପଇସା ପାଇ ଘର ଚଳାଉଥାନ୍ତି । ଏହିପରି ଅଭାବ ଏବଂ ଝଡ଼ଝଞ୍ଜା ସତ୍ତ୍ୱେ ଏହି ତିନି ବ୍ୟକ୍ତିତ୍ୱ ସେମାନଙ୍କର ମୂଳ ଲକ୍ଷ୍ୟରୁ କେବେବି ବିଚ୍ୟୁତ ହୋଇନଥିଲେ । ନନ୍ଦିନୀ ଦେବୀ କିନ୍ତୁ ରହିଯାଇଥିଲେ ପରିବାରର ଶେଷ ସ୍ୱାଧୀନତା ସଂଗ୍ରାମୀ ହୋଇ ।

ବଡ଼ ପରିବାର : ତଥାପି ନିଃସଙ୍ଗ

ଏକ ବହୁକୁଟୁମ୍ବୀ ପରିବାରରେ ଜନ୍ମଗ୍ରହଣ କରିଥିଲେ ବି ନନ୍ଦିନୀ ଦେବୀ ତାଙ୍କ ନିଜ ପରିବାରଟିକୁ ଖୁବ୍ ଛୋଟ କରିଦେଇଥିଲେ । ଦୁଇଟି ପୁଅ ଏବଂ ସ୍ୱାମୀଙ୍କୁ ନେଇ ସେ ଗୋଟିଏ ସୁଖୀ ସଂସାର ଗଢ଼ିଥିଲେ । ନନ୍ଦିନୀ ଦେବୀଙ୍କ ଜେଜେବାପା ସ୍ୱପ୍ନେଶ୍ୱର ପାଣିଗ୍ରାହୀଙ୍କର ତିନି ପୁଅ ଏବଂ ଚାରୋଟି ଝିଅ ଥିଲେ । ତିନୋଟି ପୁଅଙ୍କ ମଧ୍ୟରୁ ବଡ଼ ହେଲେ ଦିବ୍ୟସିଂହ ପାଣିଗ୍ରାହୀ, ମଝିଆଁ କାଳିନ୍ଦୀ ଚରଣ ପାଣିଗ୍ରାହୀ ଏବଂ ସାନ ଥିଲେ ଭଗବତୀ ପାଣିଗ୍ରାହୀ । ଏହି ତିନିଭାଇ ଏବଂ ତାଙ୍କର ପିଲାମାନେ ସମସ୍ତେ ଏକାନ୍ନବର୍ତ୍ତୀ ପରିବାରରେ ରହୁଥିଲେ । ଦିବ୍ୟସିଂହବାବୁଙ୍କର ଗୋଟିଏ ପୁଅ ନୀହାର ରଂଜନ ପାଣିଗ୍ରାହୀ ଏବଂ ଦୁଇଟି ଝିଅ । ତାଙ୍କ ତଳ ଭାଇ କାଳିନ୍ଦୀବାବୁଙ୍କର ଦୁଇଟି ପୁଅ ଏବଂ ଦୁଇଟି ଝିଅ ଥିଲେ । ବଡ଼ ଝିଅ ହେଲେ ନନ୍ଦିନୀ ପାଣିଗ୍ରାହୀ, ତାଙ୍କ ତଳେ ଯଶୋଧାରା ମିଶ୍ର(ଲୁଣି) ଏବଂ ପୁଅ ଶିଶିର ପାଣିଗ୍ରାହୀ ଓ ତୁଷାର ପାଣିଗ୍ରାହୀ । ସାନ ଭାଇ ଭଗବତୀବାବୁଙ୍କର କେବଳ ମାତ୍ର ତିନୋଟି ଝିଅ ଥିଲେ । ବଡ଼ ଝିଅ ସୁଷମା ପାଣିଗ୍ରାହୀ, ଚନ୍ଦ୍ରିକା ମହାପାତ୍ର ଏବଂ ସାନ ଝିଅ ତୁତୁଲି ଦେବୀ । ଏତେ ବଡ଼ ପରିବାରରେ ଜନ୍ମଗ୍ରହଣ କରି ନନ୍ଦିନୀ ଦେବୀ ନିଜକୁ ଭାଗ୍ୟବାନ ମନେ କରୁଥିଲେ ବି ଅନ୍ୟପକ୍ଷରେ ତାଙ୍କୁ ତାଙ୍କ ବଡ଼ ଭାଇ ଭଉଣୀଙ୍କ ଆକଟର ସମ୍ମୁଖୀନ ହେବାକୁ ପଡୁଥିଲା ।

ଠିକ୍ ସେହିପରି ତାଙ୍କ ଶାଶୁଘରର ପରିବାରଟି ମଧ୍ୟ ଖୁବ୍ ବଡ଼ ନଥିଲେ ବି ସାନ ନଥିଲା । ତାଙ୍କ ଶ୍ୱଶୁର ବିଶ୍ୱନାଥ ଶତପଥୀଙ୍କର ଚାରିପୁଅ ଏବଂ ଗୋଟିଏ ଝିଅ ଥିଲେ । ପୁଅମାନଙ୍କ ଭିତରେ ବଡ଼ ଥିଲେ ନନ୍ଦିନୀ ଦେବୀଙ୍କ ସ୍ୱାମୀ ଦେବେନ୍ଦ୍ର ଶତପଥୀ, ଏବଂ ଅନ୍ୟତିନି ଭାଇ ବ୍ରଜେନ୍ଦ୍ର ଶତପଥୀ, ନରେନ୍ଦ୍ର ଶତପଥୀ ଏବଂ ରାଜେନ୍ଦ୍ର ଶତପଥୀ । ଏମାନେ ସମସ୍ତେ ବି ଏକାନ୍ନବର୍ତ୍ତୀ ପରିବାରରେ ରହୁଥିଲେ । କିନ୍ତୁ ଏଠାରେ ଉଲ୍ଲେଖଯୋଗ୍ୟ ଯେ, ନନ୍ଦିନୀ ଦେବୀଙ୍କ ବାପା, ଦଦେଇ, କକେଇ ଏବଂ ଭାଇ ଭଉଣୀମାନେ ତଥା ତାଙ୍କ ଦିଅର ଦେଢ଼ଶୁର ପର୍ଯ୍ୟନ୍ତ ସମସ୍ତେ ସ୍ୱକ୍ଷେତ୍ରରେ ପ୍ରତିଷ୍ଠିତ

Digitized by PPRACHIN, SOA

ଥିଲେ । ବିବାହ ପରେ ନନ୍ଦିନୀ ଦେବୀ ସ୍ୱାମୀ ଦେବେନ୍ଦ୍ର ଶତପଥୀଙ୍କ ସହିତ କଟକ ଘରେ ରହୁଥିଲେ । ସଂଗ୍ରାମର ଘଡ଼ିସନ୍ଧି ମୁହୂର୍ତ୍ତରେ ସେହି କଟକ ସହରରେ ହିଁ ତାଙ୍କର ଦୁଇଟି ପୁଅ ଜନ୍ମଲାଭ କରିଥିଲେ । ବଡ଼ପୁଅ ନିଚିକେତା ଶତପଥୀ (ନାନୁ) ଏବଂ ସାନପୁଅ ତଥାଗତ ସତପଥୀ (ବାବଲୁ) । ନଚିକେତାବାବୁଙ୍କ ଜନ୍ମ ସମୟରେ ତାଙ୍କର ଦୁଇଟି ଦାନ୍ତ ଉଠିଯାଇଥିଲା । ଏହା ଦେଖି ସେତେବେଳେ ବିଶିଷ୍ଟ କବି ରାଧାମୋହନ ଗଡ଼ନାୟକ କହିଥିଲେ ଯେ, କୌଟିଲ୍ୟ ଏବଂ ଚାଣକ୍ୟଙ୍କର ତ ଏପରି ଜନ୍ମରୁ ଦାନ୍ତ ଉଠିଥିଲା । ତେଣୁ ଏ ପିଲା ବହୁତ ଜ୍ଞାନୀ ଏବଂ ବୁଦ୍ଧିମାନ ହେବ । ପ୍ରକୃତରେ ବି ନଚିକେତାବାବୁ ପିଲାଟି ଦିନରୁ ଖୁବ୍ ମେଧାବୀ ଥିଲେ । କୃତିତ୍ୱର ସହିତ ଶିକ୍ଷା ଶେଷ କରିବାପରେ ୟୁନିଅନ କାର୍ବାଇଡ଼ ଇଣ୍ଡିଆ ଲିମିଟେଡରେ ଏକ ଉଚ୍ଚପଦସ୍ଥ ଅଫିସର ପଦବୀରେ ନିଯୁକ୍ତି ପାଇ ଚାକିରି ଜୀବନ କଟାଇବା ପାଇଁ ନିଷ୍ପତ୍ତି କରିଥିଲେ । ଅଧୁନା ସେ ସ୍ୱକ୍ଷେତ୍ରରେ ପ୍ରତିଷ୍ଠିତ । ତଥାଗତବାବୁ କିନ୍ତୁ ତାଙ୍କର ଶିକ୍ଷା ସମାପ୍ତି ପରେ ଚାକିରି ଆଡ଼କୁ ମନ ନ ବଳାଇ ସାମାଜିକ ସେବା କ୍ଷେତ୍ରକୁ ପାଦ ବଢାଇଥିଲେ । ମା'ଙ୍କ ସଙ୍ଗେ ପିଲାଟି ଦିନରୁ ଦେଶ ବିଦେଶର ବହୁ ପ୍ରତିଭାବାନ୍ ରାଜନୈତିକ ବ୍ୟକ୍ତିଙ୍କ ସଙ୍ଗେ ମିଶିବାର ସୁଯୋଗ ପାଇ ସେ ରାଜନୀତି ଆଡ଼କୁ ମନ ବଳାଇଥିଲେ । ୧୯୯୦ ମସିହାରେ ପ୍ରଥମ କରି ସେ ରାଜ୍ୟ ବିଧାନସଭାକୁ ଢେଙ୍କାନାଳ ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇ ଆସିଥିଲେ । ଏଇକ୍ଷଣି ସେ ଲୋକସଭାର ସଭ୍ୟ ଭାବରେ କାର୍ଯ୍ୟରତ । ଏହାଛଡ଼ା ଓଡ଼ିଶାର ସର୍ବାଧିକ ଜନପ୍ରିୟ ଦୈନିକ ଖବରକାଗଜ 'ଧରିତ୍ରୀ' ର ସଂପାଦକ ମଧ୍ୟ ।

ମୋଟ ଉପରେ ଦୁଇ ପୁଅ ସେମାନଙ୍କ ନିଜ ନିଜ କର୍ମକ୍ଷେତ୍ରରେ ସୁପ୍ରତିଷ୍ଠିତ । ନନ୍ଦିନୀ ଦେବୀ ଏବେ ରହୁଛନ୍ତି ଏ.ଜି. ଛକ ନିକଟସ୍ଥ ତାଙ୍କ ସରକାରୀ ବାସଭବନରେ, ଏକା ଏକା । ବଡ଼ପୁଅ ନଚିକେତା ଶତପଥୀ ନିଜ ସଂସାର ସହ ରୁହନ୍ତି କଲିକତ୍ତାରେ ଆଉ ସାନପୁଅ ତଥାଗତ ସତପଥୀ ତାଙ୍କ ସଂସାର ସହ ଦିଲ୍ଲୀରେ । ସକାଳଠୁ ସଂନ୍ଧ୍ୟାଯାଏ ଲୋକଙ୍କ ସମସ୍ୟା ବୁଝିବା ଏବଂ ନିଜ ଅଫିସ କାମରେ ବ୍ୟସ୍ତ ରହି ତା'ପରଠାରୁ ରାତି ଏଗାରଟା ବାରଟା ପର୍ଯ୍ୟନ୍ତ ଲେଖାଲେଖି କରିବାରେ ନନ୍ଦିନୀ ଦେବୀ ବ୍ୟସ୍ତ ରୁହନ୍ତି । ଏହି ସମୟ ଭିତରେ ନିଜର ମୌଳିକ ରଚନା ସହ ଭଲ ଲାଗୁଥିବା ପୁସ୍ତକର ଓଡ଼ିଆ ଅନୁବାଦ କରନ୍ତି । ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟରେ ଯେଉଁ ବଳକା ସମୟ ମିଳୁଛି ସେତକ ଯାଉଛି ପଢ଼ାପଢ଼ି, ବନ୍ଧୁଚର୍ଚ୍ଚା ଓ ସଭାସମିତିକୁ ଯିବାରେ । ସ୍ୱାମୀଙ୍କର ମୃତ୍ୟୁ ପରେ ମାନସିକ ସ୍ତରରେ କିଛିଟା ଭାଙ୍ଗିପଡ଼ିଥିଲେ ମଧ୍ୟ ତାଙ୍କ ଦ୍ୱାରା ବହୁ କାମ ବାକିଥିବା ହୃଦୟଙ୍ଗମ କରି ଦୃଢ଼ ମନୋବଳ ନେଇ ଆଗେଇ ଚାଲିଛନ୍ତି । ଏତେ ବଡ଼

Digitized by PPRACHIN, SOA

ଘରଟାରେ ଏକୁଟିଆ ରହୁଥିଲେ ମଧ୍ୟ ହଠାତ୍ ବାହାରୁ କେହି ଦେଖିଲେ ତାଙ୍କଠାରେ ନିଃସଙ୍ଗତାର ଲେଶମାତ୍ର ଚିହ୍ନ ବାରି ପାରନ୍ତି ନାହିଁ । ସଦା ଉତ୍ଫୁଲ୍ଲିତ ଓ ହସହସ ମୁହଁରେ ସମସ୍ତଙ୍କ ସୁଖ ଦୁଃଖ ଶୁଣନ୍ତି ଏବଂ ନିଜର ଶକ୍ତି ଅନୁସାରେ କାହାକୁ କାହାକୁ ସାହାଯ୍ୟ ସହଯୋଗ ମଧ୍ୟ କରନ୍ତି କିମ୍ବା ସୁପରାମର୍ଶ ଦିଅନ୍ତି । ଆଜିଯାଏ କେହି ଜଣେ ହେଲେ ବ୍ୟକ୍ତି ତାଙ୍କର ଦେଖା ନ ପାଇ ଫେରିଯିବାର ଦୃଷ୍ଟାନ୍ତ ମିଳେ ନାହିଁ । କ୍ଷମତାରେ ଥିବା ବେଳେ ନୁହେଁ କି କ୍ଷମତାରେ ନଥିବା ବେଳେ ବି ନୁହେଁ । ଯାହାକି ଅନ୍ୟାନ୍ୟ ରାଜନୈତିକ ବ୍ୟକ୍ତିବିଶେଷଙ୍କ ନିକଟରୁ ବର୍ତ୍ତମାନ ସମୟରେ ଆଶା କରାଯାଇ ପାରୁନାହିଁ । ଏତେ ବଡ଼ ନିଃସଙ୍ଗତା ସତ୍ତ୍ୱେ ତଥାପି ବି ସେ ଖୋଜିଚାଲିଛନ୍ତି ଜୀବନକୁ ସୃଜନର ଅମୃତ ଫସଲ ମଧ୍ୟରେ ।

ଆଗରେ ପଡ଼ିଛି ପଥ ବହୁଦୂର

ଜୁନ୍ ମାସ ୨୬ ତାରିଖ, ୧୯୯୦ ମସିହାରେ ଦେବେନ୍ଦ୍ର ଶତପଥୀଙ୍କ ଆକସ୍ମିକ ମୃତ୍ୟୁ ନନ୍ଦିନୀ ଦେବୀଙ୍କ ହୃଦୟକୁ ଖୁବ୍ ବାଧିଥିଲା । ଏହି ଘଟଣାଟି ଥିଲା ତାଙ୍କ ପକ୍ଷରେ ସମ୍ପୂର୍ଣ୍ଣ ଅପ୍ରତ୍ୟାଶିତ । ମୃତ୍ୟୁର କିଛି ଦିନ ଆଗରୁ ଦେବେନ୍ଦ୍ରବାବୁ ଢ଼େଙ୍କାନାଳସ୍ଥ କୁଞ୍ଜକାନ୍ତ ଘରେ ରହୁଥାନ୍ତି । ୧୯୯୦ ମସିହା ମାର୍ଚ୍ଚ ମାସରେ ରାଜ୍ୟ ବିଧାନସଭା ନିର୍ବାଚନରେ ନନ୍ଦିନୀ ଦେବୀ କଂଗ୍ରେସ ଦଳରୁ ଗଁଦିଆରେ ଏବଂ ତାଙ୍କ ସାନ ପୁଅ ଶ୍ରୀଯୁକ୍ତ ତଥାଗତ ସତପଥୀ ଜନତା ଦଳରୁ ଢ଼େଙ୍କାନାଳ ସଦର ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀ ହୋଇଥାନ୍ତି । ଆଉ ଦେବେନ୍ଦ୍ରବାବୁ ସବୁ ପ୍ରକାର ଦଳୀୟ ରାଜନୀତିର ଊର୍ଦ୍ଧ୍ୱରେ ରହି ଘରେ ଘରକାମ ଦେଖୁଥାନ୍ତି । ନନ୍ଦିନୀ ଦେବୀ ଏବଂ ତଥାଗତବାବୁ ସେହି ନିର୍ବାଚନରେ ଜିତିଗଲା ପରେ ଭୁବନେଶ୍ୱର ଚାଲିଆସିଥିଲେ । କିନ୍ତୁ ଦେବେନ୍ଦ୍ରବାବୁ ସେଦିନଠାରୁ କିଛି ଦିନ ଏକାନ୍ତରେ ରହିବା ପାଇଁ ଇଚ୍ଛା ପ୍ରକାଶ କରି ସେଇଠାରେ ଅବସ୍ଥାନ କରୁଥିଲେ ।

ଦେବେନ୍ଦ୍ରବାବୁଙ୍କ ମୃତ୍ୟୁର ଦୁଇ ତିନିଦିନ ପୂର୍ବରୁ ନନ୍ଦିନୀ ଦେବୀ ଢ଼େଙ୍କାନାଳରେ ଥାଆନ୍ତି । ନାତି ପ୍ରଚେତା ମଧ୍ୟ କପିଳାସ ବୁଲିଯିବା ପାଇଁ ସାଙ୍ଗରେ ଯାଇଥାଏ । ମୃତ୍ୟୁର ଠିକ୍ ପୂର୍ବଦିନ ଅର୍ଥାତ୍ ଜୁନ୍ ୨୫ ତାରିଖ ଦିନ ପ୍ରଚେତା ଜିପ୍‌ଟେ ଧରି ଏକା ଏକା କପିଳାସ ବୁଲି ଯାଇଥିବାରୁ ଦେବେନ୍ଦ୍ରବାବୁଙ୍କର ଖୁବ୍ ଚିନ୍ତା ଥାଏ । ନନ୍ଦିନୀ ଦେବୀ ଏତିକିବେଳେ ଭୁବନେଶ୍ୱର ଆସିବା ପାଇଁ କହିଲେ । ଦେବେନ୍ଦ୍ରବାବୁ ତାଙ୍କୁ କହିଲେ, 'ପ୍ରଚେତା ଫେରୁ, ତୁ ଯିବୁ ।' ନନ୍ଦିନୀ ଦେବୀ କହିଲେ ଯେ, 'ମୁଁ ଆଉ

Digitized by PPRACHIN, SOA

ଅପେକ୍ଷା କରିପାରିବି ନାହିଁ । କାଲି ଆସେମ୍ବ୍ଲିର ଅଧିବେଶନ ଅଛି, ମୁଁ ଯିବି ଭାରି ।' ଭାଗ୍ୟର ବିଡ଼ମ୍ବନା ଯେ ଦେବେନ୍ଦ୍ରବାବୁ ପରଦିନ ଜୁନ୍ ୨୬ ତାରିଖରେ ନାତିକୁ ଛାଡ଼ିବା ପାଇଁ ଦିଲ୍ଲୀ ଯାଇଥାନ୍ତେ । ଏଥିପାଇଁ ଟିକେଟ ମଧ୍ୟ ହୋଇସାରିଥାଏ । ନନ୍ଦିନୀ ଦେବୀ ଯିବା ପାଇଁ କହିବାରୁ ଦେବେନ୍ଦ୍ରବାବୁ ତାଙ୍କୁ କହିଲେ, 'ତେବେ ତୁ ପଳା, ମୁଁ କାଲି ପ୍ରଚେତାକୁ ନେଇ ଯିବି ।' ସେଦିନ ଅପରାହ୍ନରେ ନନ୍ଦିନୀ ଦେବୀ ଭୁବନେଶ୍ୱର ଫେରିଆସିଲେ ।

ନନ୍ଦିନୀ ଦେବୀଙ୍କ ଫେରିବା ପରେ ସେହିଦିନ ସନ୍ଧ୍ୟାରେ ଦେବେନ୍ଦ୍ରବାବୁ ହଠାତ୍ ତାଙ୍କ ମୁଣ୍ଡ ଓ ଛାତିରେ ଯନ୍ତ୍ରଣା ଅନୁଭବ କଲେ । ତାଙ୍କ ଦେହ ହାତ ଅବଶ ହୋଇ ପଡ଼ିଲା । ସାନ ନାତି ପ୍ରଚେତାକୁ ପାଖକୁ ଡାକି ସେ ଦେହ ଛାଡ଼ିବା କଥା ଜଣାଇଦେବା ପରେ ଘର ଭିତରେ ଥିବା ଶ୍ରୀମା, ଶ୍ରୀଅରବିନ୍ଦଙ୍କ ଫଟୋ ପାଖକୁ ଚାଲିଆସିଲେ । ରାତିରେ କାହାରିକୁ ଡିଷ୍ଟର୍ବ ନ କରି ଚୁପ୍‌ଚାପ୍ ରହିଗଲେ । ତା' ପରଦିନ ଦଶଟା ବେଳକୁ ଯନ୍ତ୍ରଣା ଅଧିକ ହେବାରୁ ସେଠାରେ ନନ୍ଦିନୀ ଦେବୀଙ୍କ ଅଫିସ କାମ ବୁଝୁଥିବା ପିଲାଟି ଭୁବନେଶ୍ୱରକୁ ଟେଲିଫୋନ୍ କଲା । ସେତେବେଳକୁ ନନ୍ଦିନୀ ଦେବୀ ଆସେମ୍ବ୍ଲିରେ ଥାଆନ୍ତି । ଭୁବନେଶ୍ୱର ଘରେ ଥିବା ତାଙ୍କ ପ୍ରାଇଭେଟ୍ ସେକ୍ରେଟାରୀ ଏ ଖବର ଶୁଣି ଏକ ଟ୍ୟାକ୍ସି କିମ୍ବା ଜଣାଶୁଣା କାହାରି ଗାଡ଼ିରେ ଦେବବାବୁଙ୍କୁ ଭୁବନେଶ୍ୱର ନେଇ ଆସିବାକୁ କହିଦେଲେ । ଏହିପରି ଭାବରେ କିଛି ସମୟ ଅତିବାହିତ ହୋଇଗଲା । କିଛି ସମୟ ପରେ ନନ୍ଦିନୀ ଦେବୀ ଏ ଖବର ପାଇ ଢେଙ୍କାନାଳ ଟେଲିଫୋନ୍ କରି ବୁଝିଲା ବେଳକୁ, ସେମାନେ ଏକ ଟ୍ୟାକ୍ସିରେ ଦେବେନ୍ଦ୍ରବାବୁଙ୍କୁ ଧରି ଭୁବନେଶ୍ୱର ବାହାରି ଆସିଲେଣି । ନନ୍ଦିନୀ ଦେବୀ ଟିକିଏ ଶଙ୍କିଗଲେ । କାରଣ ସେ ପୂର୍ବଦିନ ଅପରାହ୍ଣରେ ହିଁ ଭଲରେ ଭଲରେ ଢେଙ୍କାନାଳରୁ ଫେରିଛନ୍ତି । ଅନ୍ୟ କିଛି ନଭାବି କ୍ୟାପିଟାଲ ହସପିଟାଲରେ ସବୁପ୍ରକାର ବନ୍ଦୋବସ୍ତ କରି, ଡାକ୍ତରମାନଙ୍କୁ ଆଲର୍ଟ କରି ନନ୍ଦିନୀ ଦେବୀ ଡାକ୍ତର ସେବା ମହାପାତ୍ରଙ୍କୁ ସାଙ୍ଗରେ ଧରି କଟକ ପାଖାପାଖି ଗୋପାଳପୁରଠାରେ ରାସ୍ତା ଉପରେ ଠିଆ ହୋଇ ରହିଲେ । ସେତବେଳକୁ ବର୍ଷା କଚାଡୁଥାଏ । ସେଇ ବର୍ଷାରେ ତିନ୍ତି ନନ୍ଦିନୀ ଦେବୀ ରାସ୍ତାରେ ଅପେକ୍ଷା କରି ରହିଥାନ୍ତି ।

କିଛି ସମୟ ପରେ ଗାଡ଼ି ଆସି ଗୋପାଳପୁରରେ ପହଞ୍ଚିଗଲା । ନନ୍ଦିନୀ ଦେବୀ ସେଠାରୁ ଦେବେନ୍ଦ୍ରବାବୁଙ୍କୁ ସିଧା କ୍ୟାପିଟାଲ ହସପିଟାଲକୁ ନେଇ ଆସିଲେ । ତାପରେ ଯାହା କିଛି ଆଖି ପିଛୁଳାକେ ଘଟିଗଲା, ତାହା ବାସ୍ତବିକ ଏକ ହୃଦୟବିଦାରକ ଦୃଶ୍ୟ ଥିଲା । ପାଞ୍ଚ ମିନିଟ୍ ସମୟ ଭିତରେ ପ୍ରାୟ ପଚିଶ ହଜାର ଟଙ୍କାର ଔଷଧ ସରିଗଲା ।

Digitized by PPRACHIN, SOA

ଡାକ୍ତରଙ୍କ ଆପ୍ରାଣ ଉଦ୍ୟମ ସତ୍ତ୍ୱେ ଦେବେନ୍ଦ୍ରବାବୁ ଚିରଦିନ ପାଇଁ ଆଖି ବୁଜିଦେଲେ । ଆଉ ଏତେ ଲୋକଙ୍କୁ କନ୍ଦାଇଦେଇ ଗଲେ ଯେ ତା'ର ହିସାବ ଦେବା ସମ୍ଭବ ନୁହେଁ । ମୃତ୍ୟୁ ବେଳକୁ ସେ ନିଜର ସ୍ତ୍ରୀ ଓ ପୁଅକୁ ପଦେ କଥା କହିବାକୁ ମଧ୍ୟ ସମୟ ପାଇନଥିଲେ ।

ଓଡ଼ିଶାବାସୀଙ୍କ ପାଖରେ ଆଇରନ୍ ଲେଡି ଭାବେ ପରିଚିତା, ମହାବଳ ବାଘ ସଙ୍ଗେ ଏକତ୍ର ବସିପାରୁଥିବା ସେଇ ନନ୍ଦିନୀ ଶତପଥୀ ଜୀବନରେ ପ୍ରଥମ ଥର ପାଇଁ ଯେପରି ଯମ ପାଖରେ ପରାଜୟ ସ୍ୱୀକାର କଲେ ।

ହଠାତ୍ ସ୍ୱାମୀଙ୍କୁ ହରାଇ ନନ୍ଦିନୀ ଦେବୀ କିଛିଦିନ ପର୍ଯ୍ୟନ୍ତ ସ୍ତବ୍ଧ ହୋଇଯାଇଥିଲେ । ସେ ଅନେକ ବାର ପ୍ରକାଶ କରିଛନ୍ତି ଯେ, "ମୁଁ ଶୋଇଥିବା ଅବସ୍ଥାରେ ବହୁଥର ଉପଲବ୍ଧି କରିଛି ସତେ ଯେପରି ଦେବବାବୁ ଆସି ମୋ ହାତ ଧରି ଟାଣୁଛନ୍ତି ଆଉ କହୁଛନ୍ତି, ଆସ ଦି'ଟା ଖାଇଦେବୁ ।" ଏହି କଥାପଦକ ତାଙ୍କଠାରୁ ଶୁଣିବା ବେଳେ ଆଖି ସ୍ୱତଃ ଛଳଛଳ ହୋଇଉଠେ । ପ୍ରକୃତରେ ଦେବବାବୁ ଥିଲେ ଜଣେ ଦେବପ୍ରତିମ ଲୋକ । ତାଙ୍କର ଶତ୍ରୁ ବହୁତ କମ୍ ଥିଲେ, ଶତ୍ରୁ ଆଦୌ ନଥିଲେ ବୋଲି କହିଲେ ବି ଅତ୍ୟୁକ୍ତି ହେବନାହିଁ ।

ନନ୍ଦିନୀ ଦେବୀଙ୍କର ଖାଇବାରେ ବିଶେଷ ଆଗ୍ରହ ନଥାଏ । ଭୋର ପାଞ୍ଚଟାରୁ ଉଠି ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ସେ କାର୍ଯ୍ୟବ୍ୟସ୍ତ ରୁହନ୍ତି, ଲୋକମାନଙ୍କ କଥା ବୁଝନ୍ତି । କିନ୍ତୁ ଦେବେନ୍ଦ୍ରବାବୁଙ୍କର ଠିକ୍ ସମୟରେ ଖାଇବା ଏବଂ ନିଦ ଆସିବାକ୍ଷଣି ଶୋଇ ପଡ଼ିବା ଅଭ୍ୟାସଗତ ଥିଲା । ତାଙ୍କର ପ୍ରିୟ ଖାଦ୍ୟ ଥିଲା ଆମ୍ବ ଓ ଚିଙ୍ଗୁଡ଼ି ମାଛ । ସେ ପୁଣି, ଏକାଏକା କିଛି ଖାଇବେନି । ଅନ୍ୟମାନଙ୍କୁ ଡାକି ଏକାଠି ଖାଇବେ । ଯିଏ ଯେତେବେଳେ ହାବୁଡ଼େ ପଡ଼ିବ ତାକୁ ଡାକି ଆଗ ଖୁଆଇ ସାରିବା ପରେ ଅନ୍ୟ ଯାହା କଥା । ଏହାଥିଲା ତାଙ୍କ ଜୀବନର ଏକ ବିଶେଷ ଗୁଣ । ଯାହା ଫଳରେ ତାଙ୍କର ସବୁ ପରିଚିତ ବ୍ୟକ୍ତିଙ୍କ ପାଖରେ ସେ ଅମର ହୋଇ ରହିଯାଇଛନ୍ତି ।

ପିଲାଦିନୁ ତ ନନ୍ଦିନୀ ଦେବୀଙ୍କର ବହିଁ ପଢ଼ିବା ଏକ ପ୍ରକାର ନିଶା ଥିଲା । ଦେବେନ୍ଦ୍ରବାବୁଙ୍କ ମୃତ୍ୟୁ ପରେ ସେଇ ବହି ପଢ଼ିବା ନିଶାଟା ବଢ଼ିଗଲା । ଅନ୍ୟାନ୍ୟ କାର୍ଯ୍ୟ ଭିତରେ ବହିକୁ ସେ ନିଜର ସାଥି କରିନେଲେ । ଏହାଛଡ଼ା ସାରସ୍ୱତ ସୃଷ୍ଟି ଉପରେ ସେ ଅଧିକ ଗୁରୁତ୍ୱ ଦେଲେ । କଥାରେ ଅଛି 'ବିପଦ ଯେତେବେଳେ ଆସେ ସାଙ୍ଗସାଥୀମାନଙ୍କୁ ସାଙ୍ଗରେ ଧରି ଆସେ ।' ସେହିପରି ଗୋଟିଏ କ୍ଷତର ଯନ୍ତ୍ରଣା ଲାଘବ

Digitized by PPRACHIN, SOA

ନ ହେଉଣୁ ଆଉ ଗୋଟିଏ କ୍ଷତ ସୃଷ୍ଟି ହେଇଗଲା ନନ୍ଦିନୀ ଦେବୀଙ୍କ ହୃଦୟରେ । ସ୍ୱାମୀଙ୍କ ମୃତ୍ୟୁର ଠିକ୍ ବର୍ଷକ ପରେ ପରେ ବାପା କାଳିନ୍ଦୀ ଚରଣ ପାଣିଗ୍ରାହୀ ଆଖିବୁଜିଲେ । ହଠାତ୍ ରାତି ବାରଟାରେ ସେ ବାପାଙ୍କ ମୃତ୍ୟୁ ଖବର ପାଇ ନିଜକୁ ବିଶ୍ୱାସ କରିପାରିଲେ ନାହିଁ । ନିୟତିର ନିଷ୍ଠୁର ସତ୍ୟକୁ ନୀରବରେ ମାନିନେଲେ ସିନା, ହେଲେ ପିତାଙ୍କର ଅନ୍ତିମ ଶଯ୍ୟାରେ ଦୁଇଟୋପା ଅଶ୍ରୁ ବିସର୍ଜନ କରିବା ପାଇଁ ତାଙ୍କ ଆଖିରେ ଆଉ ଲୁହ ନଥିଲା । କଟକର ସତୀଚଉରାଠାରେ ସେହି ଯୁଗଜୟୀ ପାହାନ୍ତି ତାରା ଭଳି ଝକ୍‌ଝକ୍ କରୁଥିବା ପ୍ରାଣପ୍ରତିମ ପିତାଙ୍କ ଅନ୍ତିମ ସଂସ୍କାର ସାରି ଭୁବନେଶ୍ୱର ଫେରିବା ବାଟରେ ତାଙ୍କୁ ଯେପରି ଚତୁର୍ଦ୍ଦିଗ ଅନ୍ଧକାର ଦେଖାଯାଉଥିଲା । ଯାହାଙ୍କ ଦିଗଦର୍ଶନ ତାଙ୍କୁ ଏତେବାଟ କଢ଼ାଇ ଆଣିଥିଲା, ଯାହାଙ୍କ ଆଦର୍ଶରେ ସେ ସାରା ଦେଶରେ ପରିଚିତା ହୋଇଥିଲେ, ଯାହାଙ୍କ ପ୍ରେରଣାରେ ସେ ଆହୁରି ଆଗକୁ ଆଗକୁ ମାଡ଼ି ଚାଲିଥିଲେ ସେହି କାଳଜୟୀ ପିତା ଏବଂ ପ୍ରିୟତମ ସ୍ୱାମୀଙ୍କୁ ହରାଇ ସେ ନିଜର ଦୁଇ ବାହୁକୁ ହଜେଇ ଦେଲା ଭଳି ମନେ କରିଥିଲେ ।

ଏମିତି ଏକ ମାନସିକ ଯନ୍ତ୍ରଣା ଭିତରେ ଗତି କରି ମଧ୍ୟ ସମାଜିକ ଦାୟିତ୍ୱବୋଧରୁ ସେ ନିଜକୁ ଦୂରେଇ ଦେଇ ପାରିନାହାନ୍ତି । ଅନେକ ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ଅନୁରୋଧ ଆସୁଛି ଲେଖାଟିଏ ପାଇଁ । ବିଭିନ୍ନ ସାଂସ୍କୃତିକ ତଥା ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ଅନୁରୋଧରେ ସଭାସମିତିକୁ ମଧ୍ୟ ଯାଉଛନ୍ତି । ନନ୍ଦିନୀ ଦେବୀ ଜଣେ ସୁବକ୍ତା ଏବଂ ସ୍ପଷ୍ଟବାଦିନୀ । ସରକାରରେ ଥାଆନ୍ତୁ ବା ନଥାନ୍ତୁ କୌଣସି ଜାଗାରେ ସତକଥା କହିବାକୁ ସେ ପାଶ୍ଚାତ୍‌ପଦ ହୁଅନ୍ତି ନାହିଁ । ଏବେ ସେ ବିଧାନସଭାର ସଭ୍ୟା ମଧ୍ୟ ଅଛନ୍ତି । ନିଜ ନିର୍ବାଚନ ମଣ୍ଡଳୀ ଗଁଦିଆର ଜନସାଧାରଣଙ୍କ ପାଇଁ ବିଭିନ୍ନ କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ ରାଜ୍ୟର ତଥା ଦେଶର ଭବିଷ୍ୟତ ଉନ୍ନତି ନିମନ୍ତେ ସେ ଅହରହ ଚିନ୍ତିତ । ଗତ ୧୯୯୫ ମସିହା ମାର୍ଚ୍ଚ ଠାରୁ ନନ୍ଦିନୀ ଦେବୀ ବର୍ତ୍ତମାନ ରାଜ୍ୟର ଯୋଜନା ବୋର୍ଡ଼ ଅଧ୍ୟକ୍ଷା ରୂପେ କାର୍ଯ୍ୟରତ । ରହୁଛନ୍ତି ଏ.ଜି. ଛକ ନିକଟସ୍ଥ ସରକାରୀ ବାସଭବନରେ । ସକାଳଠୁ ସଂନ୍ଧ୍ୟାଯାଏ ଲୋକଙ୍କର ସୁଖଦୁଃଖରେ ସମୟ କଟଉଛନ୍ତି । ସେମାନଙ୍କ କଥା ଧୈର୍ଯ୍ୟର ସହ ଶୁଣି ଆବଶ୍ୟକ ସାହାଯ୍ୟ ଓ ପରାମର୍ଶ ଦେଉଛନ୍ତି । ତାରି ଭିତରେ ସମୟ ଦେଇ ଲେଖାଲେଖି ଓ ପଢ଼ାପଢ଼ିରେ ନିଜକୁ ବ୍ୟସ୍ତ ରଖୁଛନ୍ତି । ଗତବର୍ଷ ନିଜ ମା'ଙ୍କ ଦେହାନ୍ତରେ ଟିକେ ଭାଙ୍ଗିପଡ଼ିଥିଲେ ସୁଦ୍ଧା ଦେଶର ଆଗାମୀ ପିଢି ପାଇଁ ଏବେ ମଧ୍ୟ ସେ ସଂଗ୍ରାମ କରିଚାଲିଛନ୍ତି ।

Digitized by PPRACHIN, SOA

ଅଳ୍ପ ଅଳ୍ପ

ସାହିତ୍ୟ କୃତୀ-

ଅନାଥ : ୧୯୪୨ ମସିହାରେ ପ୍ରାକ୍ଟିସିଙ୍ଗ ମିଡ଼ିଲ ସ୍କୁଲରେ ସପ୍ତମ ଶ୍ରେଣୀରେ ପଢ଼ିବା ବେଳେ କଟକର ଟ୍ରେନିଂ ସ୍କୁଲ ମାଗାଜିନରେ ଏହି ଗଳ୍ପଟି ସ୍ଥାନିତ ହୋଇଥିଲା । ଏହାଥିଲା ନନ୍ଦିନୀ ଦେବୀଙ୍କ ଲିଖିତ ପ୍ରଥମ ଗଳ୍ପ । ବାପା ମା'ନଥିବା ଏକ ଗରିବ ପିଲାର ଚରିତ୍ରକୁ ନେଇ ଏହାର ସୃଷ୍ଟି ।

କେତୋଟି କଥା : ୧୯୬୭ ମସିହାରେ ପ୍ରକାଶିତ ଗଳ୍ପ ସଂକଳନ । ଏଥିରେ ପ୍ରକାଶିତ ଗଳ୍ପଗୁଡ଼ିକ ଇଂରାଜୀ, ହିନ୍ଦୀ, ବଙ୍ଗଳା, ତାମିଲ, ତେଲଗୁ ଏବଂ ମାଲୟଲମ ଭାଷାରେ ଅନୂଦିତ ହୋଇଅଛି । ଏହି ଗଳ୍ପ ସଂକଳନ ରେ ସ୍ଥାନ ପାଇଥିବା 'ବାବୁଲ' ଏବଂ 'ଗାୟତ୍ରୀ' ଗଳ୍ପ ଦୁଇଟି ଦୂରଦର୍ଶନରେ ଟେଲିଫିଲ୍ମ ଭାବରେ ଅନେକ ଥର ପ୍ରସାରିତ ହୋଇଅଛି ।

ଗାନ୍ଧୀ କଥାମୃତ : କ୍ରିଷ୍ଣା କ୍ରିପାଳିନୀଙ୍କ 'ଅଲ୍‌ମେନ୍ ଆର ବ୍ରଦର୍ସ' ର ଓଡ଼ିଆ ଅନୁବାଦ । ୧୯୭୦ ମସିହାରେ ଏହି ଅନୁବାଦ ପୁସ୍ତକଟି କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଦ୍ୱାରା ପ୍ରକାଶିତ ।

ସପ୍ତଦଶୀ : ୧୯୮୮ ମସିହାରେ ପ୍ରକାଶିତ ଗଳ୍ପ ସଂକଳନ ।

ରେଭିନ୍ୟୁଟିକଟ : ୧୯୯୦ ମସିହାରେ ପ୍ରକାଶିତ । ଜ୍ଞାନପୀଠ ପୁରସ୍କାର ପ୍ରାପ୍ତ ଏବଂ ଭାରତୀୟ ସାହିତ୍ୟ ଏକାଡ଼େମୀ ଦ୍ୱାରା ସମ୍ମାନିତା ତଥା ବହୁ ଅନୁଷ୍ଠାନ ଦ୍ୱାରା ପୁରସ୍କୃତା ଅମୃତା ପ୍ରୀତମ୍‌ଙ୍କ ଦ୍ୱାରା ଲିଖିତ ତାଙ୍କ ଆତ୍ମଜୀବନୀ ରେଭିନ୍ୟୁଟିକଟର ଓଡ଼ିଆ ଅନୁବାଦ କରିଛନ୍ତି ନନ୍ଦିନୀ ଦେବୀ । ୧୯୯୫ ମସିହା ଡିସେମ୍ବର ୧୫ ତାରିଖ ଦିନ ଏହି ପୁସ୍ତକ (ରସିଦ୍ ଟିକଟ)ଟିର ଓଡ଼ିଆ ଅନୁବାଦ ପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ଲାଭ କରିଛନ୍ତି ।

Digitized by PPRACHIN, SOA

ଲଜ୍ଜା : ସାରା ବିଶ୍ୱରେ ଚହଳ ସୃଷ୍ଟି କରିଥିବା ବଙ୍ଗଳା ଦେଶର ଲେଖିକା ତସ୍‌ଲିମା ନସରିନ୍‌ଙ୍କ ବଙ୍ଗଳା ବହିର ଓଡ଼ିଆ ଅନୁବାଦ । ଏହା ୧୯୯୩ ମସିହାରେ ପ୍ରକାଶିତ ।

ପେନ ପ୍ରୋଟେଟ୍ ଏଣ୍ଡ ତ୍ରିବୁଟସ୍

ବାଇ ଗାନ୍ଧିଜୀ : ଉକ୍ତ ଇଂରାଜୀ ପୁସ୍ତକର ଓଡ଼ିଆ ଅନୁବାଦ ।

ଉତ୍ତର ପୁରୁଷ : ୧୯୯୮ ରେ ପ୍ରକାଶିତ କବିତା ସଂକଳନ । ଏଥିରେ ପ୍ରକାଶିତ ' ଠିକଣା ହଜିଗଲା ' କବିତାଟି ଭୁବନେଶ୍ୱର ଦୂରଦର୍ଶନରେ ପ୍ରସାରିତ ହୋଇ ବହୁ ପ୍ରଶଂସିତ ହୋଇଥିଲା ।

କୋଡ଼ିଏଟି ଗଳ୍ପ : ଜ୍ଞାନପୀଠ ପୁରସ୍କାର ଏବଂ ମାଗାସେସ୍ ପୁରସ୍କାର ବିଜେତା କଲିକତାର ବିଶିଷ୍ଟ ସାହିତ୍ୟିକା ମହାଶ୍ୱେତା ଦେବୀଙ୍କ ପଚାଶୋଟି ଗଳ୍ପ ଶୀର୍ଷକ ବଙ୍ଗଳା ପୁସ୍ତକରୁ ଓଡ଼ିଆରେ ଅନୂଦିତ ଏହି 'କୋଡ଼ିଏଟି ଗଳ୍ପ' ବହିଟି ଏବେ ପ୍ରକାଶ ଅପେକ୍ଷାରେ । ଏହି ଅନୂଦିତ ଗଳ୍ପଗୁଡ଼ିକ ମଧ୍ୟ ସୁଚରିତା, ସାବିତ୍ରୀ, ସୁଧନ୍ୟା, ଇତ୍ୟାଦି ପତ୍ରିକାରେ ପ୍ରକାଶିତ ।

ଟିକିସୁନା ହଜିଗଲା : ଏହି ଉପନ୍ୟାସ ପୁସ୍ତକଟି ବର୍ତ୍ତମାନ ପ୍ରକାଶ ଅପେକ୍ଷାରେ ।

ଜମି ଯେବେ ଜାଗିଉଠେ: କୃଷନ ଚନ୍ଦରଙ୍କ ଏହି ଉପନ୍ୟାସଟିର ଓଡ଼ିଆ ଅନୁବାଦ କରିସାରିଛନ୍ତି ନନ୍ଦିନୀ ଦେବୀ । ଏହା ଏବେ ପ୍ରକାଶ ଅପେକ୍ଷାରେ ।

ଏହାଛଡ଼ା ବହୁ କ୍ଷୁଦ୍ରଗଳ୍ପ, କବିତା, ପ୍ରବନ୍ଧ ଓ ଅନ୍ୟାନ୍ୟ ଲେଖା ବିଭିନ୍ନ ଓଡ଼ିଆ ପତ୍ର ପତ୍ରିକା ତଥା ଇଂରାଜୀରେ 'ଇଲଷ୍ଟ୍ରେଟେଡ୍ ଉଇକିଲ ଅଫ୍ ଇଣ୍ଡିଆ', ହିନ୍ଦୀରେ ସାରିକା ପତ୍ରିକା ଏବଂ ତେଲଗୁ ପତ୍ରିକା ପ୍ରଭୃତିରେ ପ୍ରକାଶିତ ହୋଇଅଛି ।

Digitized by PPRACHIN, SOA

ରାଜନୈତିକ ଜୀବନ :

ରାଜ୍ୟସଭା ସଦସ୍ୟା : ୧୯୬୨-୧୯୬୮ ମସିହା ।

କେନ୍ଦ୍ରରେ ସୂଚନା ଓ ପ୍ରସାରଣ ବିଭାଗ ଉପମନ୍ତ୍ରୀ : ୧୯୬୬ ରୁ ୧୯୬୮ ମସିହା
ରାଜ୍ୟସଭା ସଦସ୍ୟା : ୧୯୬୮ ରୁ ୧୯୭୨ ମସିହା ।

କେନ୍ଦ୍ରରେ ମିନିଷ୍ଟର ଆଟାଚ୍ ଟୁ ପ୍ରାଇମିନିଷ୍ଟର : ୧୯୬୮ ରୁ ୧୯୭୨ ମସିହା ।

ନିଖିଳ ଭାରତ କଂଗ୍ରେସ କାର୍ଯ୍ୟକାରିଣୀ କମିଟିର ସଦସ୍ୟା : ୧୯୭୨ ମସିହା ।

ଓଡ଼ିଶା ବିଧାନସଭା ସଦସ୍ୟା : କଟକ ସଦର ନିର୍ବାଚନ ମଣ୍ଡଳୀରୁ
୧୯୭୨ ରୁ ୧୯୭୪ ମସିହା ।

ଓଡ଼ିଶାର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ : ୧୯୭୨ ରୁ ୧୯୭୩ ମସିହା ।

ଓଡ଼ିଶା ବିଧାନସଭା ସଦସ୍ୟା : ଢେଙ୍କାନାଳ ନିର୍ବାଚନ ମଣ୍ଡଳୀରୁ
୧୯୭୪ ରୁ ୧୯୭୭ ମସିହା ।

ଦ୍ୱିତୀୟ ଥର ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ :
୧୯୭୪ ରୁ ୧୯୭୬ ମସିହା ପର୍ଯ୍ୟନ୍ତ ।

ଓଡ଼ିଶାର ବିଧାନସଭା ସଦସ୍ୟା : ଢେଙ୍କାନାଳ ନିର୍ବାଚନ ମଣ୍ଡଳୀରୁ
୧୯୭୭ ରୁ ୧୯୮୦ ମସିହା ।

ଓଡ଼ିଶା ବିଧାନସଭା ସଦସ୍ୟା : ଢେଙ୍କାନାଳ ନିର୍ବାଚନ ମଣ୍ଡଳୀରୁ
୧୯୮୦ ରୁ ୧୯୮୫ ମସିହା ।

ଓଡ଼ଶା ବିଧାନସଭା ସଦସ୍ୟା : ଢେଙ୍କାନାଳ ନିର୍ବାଚନ ମଣ୍ଡଳୀରୁ
୧୯୮୫ ରୁ ୧୯୯୦ ମସିହା ।

ଅଧ୍ୟକ୍ଷା, ରାଜ୍ୟ ଯୋଜନା ବୋର୍ଡ଼ : ୧୯୮୯ ରୁ ୧୯୯୦ ମସିହା ।

ଓଡ଼ିଶା ବିଧାନସଭା ସଦସ୍ୟା : ଗଁଦିଆ ନିର୍ବାଚନ ମଣ୍ଡଳୀରୁ
୧୯୯୦ ରୁ ୧୯୯୫ ମସିହା ।

ଓଡ଼ିଶା ବିଧାନସଭା ସଦସ୍ୟା : ଗଁଦିଆ ନିର୍ବାଚନ ମଣ୍ଡଳୀରୁ
୧୯୯୫ ମସିହା ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଅଛନ୍ତି ।

୧୯୯୫ ମସିହା ଠାରୁ ସଂପ୍ରତି ରାଜ୍ୟ ଯୋଜନା ବୋର୍ଡ଼ର ଅଧ୍ୟକ୍ଷା ରୂପେ
କାର୍ଯ୍ୟରତା ।

Digitized by PPRACHIN, SOA

ବିଦେଶ ଭ୍ରମଣ

ୟୁ. ଏସ. ଏ.	:	ଜାତିସଂଘର ରୌପ୍ୟ ଜୟନ୍ତୀ ଉତ୍ସବରେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ସହ ଯୋଗଦାନ ।
ସୋଭିଏତ୍ ରୁଷ	:	୧୯୬୮, ୧୯୭୧ ଏବଂ ୧୯୭୭ ମସିହାରେ ଚଳଚ୍ଚିତ୍ର ଓ ସଂସ୍କୃତିକ ବିଭାଗର ପ୍ରତିନିଧି ଦଳର ନେତୃତ୍ୱ ଭାବରେ ଅଂଶ ଗ୍ରହଣ ।
ଫ୍ରାନ୍ସ	:	୧୯୬୮ ମସିହାରେ ୟୁନେସ୍କୋକୁ ପ୍ରତିନିଧି ଭାବେ ଭ୍ରମଣ ।
ଇଂଲାଣ୍ଡ	:	ପ୍ରେସ ପରିଚାଳନା ସଂପର୍କିତ ଅଧ୍ୟୟନ ।
ପୂର୍ବଜର୍ମାନୀ	:	୧୯୭୭ ମସିହାରେ ସାଂସ୍କୃତିକ ଦଳରେ ପ୍ରତିନିଧି ହୋଇ ।
ମେକ୍ସିକୋ	:	ୱାରଲଡ୍ ଉଇମେନ୍ ପାର୍ଲାମେଣ୍ଟାରିଆନ୍ ଫର ପିସ୍‌ରେ ଯୋଗଦାନ ।
ସିଙ୍ଗାପୁର	:	୧୯୮୯ ।

ସମ୍ମାନ ଓ ପୁରସ୍କାର

ଏଇ ନିକଟରେ ଏକ ମନୋରମ ସାରସ୍ୱତ ସମାରୋହରେ 'ଗଙ୍ଗାଧର ରଥ ଫାଉଣ୍ଡେସନ୍' ପକ୍ଷରୁ ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗରେ ସାମଗ୍ରିକ କୃତିତ୍ୱ, ବିଶେଷତଃ ଅନୁବାଦ କ୍ଷେତ୍ରରେ ପରାକାଷ୍ଠା ପାଇଁ ନନ୍ଦିନୀ ଦେବୀଙ୍କୁ 'ସାହିତ୍ୟ ଭାରତୀ ସମ୍ମାନ' ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯିବା ସଙ୍ଗେ ସଙ୍ଗେ ଏକ ଲକ୍ଷ ଟଙ୍କାର ଉପାୟନ ଦିଆଯାଇଅଛି ।

ଏହା ପୂର୍ବରୁ ନନ୍ଦିନୀ ଦେବୀ ଅନେକ ଗୁଡ଼ିଏ ଅନୁଷ୍ଠାନ ପକ୍ଷରୁ ବହୁ ସମ୍ମାନ ଓ ପୁରସ୍କାର ଲାଭ କରିଅଛନ୍ତି । ରାଜନୀତି କ୍ଷେତ୍ର ଅପେକ୍ଷା ସାହିତ୍ୟ କ୍ଷେତ୍ରରେ ହିଁ ସେ ବହୁ ପୁରସ୍କାର ଓ ସମ୍ମାନର ଅଧିକାରିଣୀ । ସାହିତ୍ୟ କୃତି ପାଇଁ ସେ 'ପ୍ରଜାତନ୍ତ୍ର ପ୍ରଚାର ସମିତ', 'ଓଡ଼ିଶା ସାହିତ୍ୟ ଏକାଡ଼େମୀ', 'କେନ୍ଦ୍ରୀୟ ସାହିତ୍ୟ ଏକାଡ଼େମୀ', ଚିନ୍ତା ଓ ଚେତନା ପକ୍ଷରୁ 'ବୈଶାଖୀ ସାହିତ୍ୟ ପୁରସ୍କାର' ଇତ୍ୟାଦି ସମ୍ମାନଜନକ ପୁରସ୍କାର ମଧ୍ୟ ପାଇଛନ୍ତି ।

ଏତଦ୍ ବ୍ୟତୀତ ରାଜ୍ୟସ୍ତରୀୟ ସମ୍ମାନଜନକ 'ଲିଙ୍ଗରାଜ ପୁରସ୍କାର', 'କାର୍ତ୍ତୀକେୟ ପୁରସ୍କାର', ବି ପାଇଛନ୍ତି ।

Digitized by PPRACHIN, SOA

ଜଣେ ସ୍ୱାଧୀନତା ସଂଗ୍ରାମୀ ହିସାବରେ ଭାରତ ସ୍ୱାଧୀନତା ପ୍ରାପ୍ତିର ସୁବର୍ଣ୍ଣ ଜୟନ୍ତୀ ସମାରୋହ ପାଳନ ଅବସରରେ ସୂଚନା ଓ ଲୋକ ସଂପର୍କ ବିଭାଗ, ଓଡ଼ିଶା ସରକାର ଏବଂ ଚିନ୍ତା ଓ ଚେତନା ପକ୍ଷରୁ ଅଗଷ୍ଟ ନଅ, ୧୯୯୭ ମସିହାରେ ନନ୍ଦିନୀ ଦେବୀଙ୍କୁ ଜାତୀୟ ସମ୍ବର୍ଦ୍ଧନା ମଧ୍ୟ କରାଯାଇଅଛି । ଏହାଛଡ଼ା ରେଭେନ୍ସା ବାଳିକା ବିଦ୍ୟାଳୟ ତରଫରୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ପ୍ରବୀଣା ରାଜନୀତିଜ୍ଞା, ସୁସାହିତ୍ୟିକା, ନାରୀନେତ୍ରି ହିସାବରେ ସମ୍ବର୍ଦ୍ଧନା ମଧ୍ୟ ଦିଆଯାଇଛି । 'ଓଡ଼ିଶା ଲେଖିକା ସଂସଦ' ଗଞ୍ଜାମ, ରେଭେନ୍ସା ମହାବିଦ୍ୟାଳୟର ନୂତନ ଛାତ୍ରାବାସର ଅନ୍ତେବାସୀମାନଙ୍କ ପକ୍ଷରୁ, ନାଟ୍ୟାଚାର୍ଯ୍ୟ କବି ବାଲକୃଷ୍ଣ ସ୍ମାରକ ସମିତି ପକ୍ଷରୁ, ଏହିପରି ବହୁ ଅନୁଷ୍ଠାନ ଦ୍ୱାରା ନନ୍ଦିନୀ ଦେବୀ ସମ୍ମାନିତା ହୋଇଛନ୍ତି ।

ବ୍ୟକ୍ତିଗତ ପରିଚିତି :

ଶ୍ରୀମତୀ ନନ୍ଦିନୀ ଶତପଥୀ

ଜନ୍ମ ତାରିଖ	:	୯ ଜୁନ୍ , ୧୯୩୧ ମସିହା ।
ଜନ୍ମ ସ୍ଥାନ	:	କଟକ ଖ୍ରୀଷ୍ଟିଆନ ସାହିର ଯାଚକ ଲେନ୍ ।
ବାପାଙ୍କ ନାମ	:	ସ୍ୱର୍ଗତ ପଦ୍ମଭୂଷଣ କାଳିନ୍ଦୀ ଚରଣ ପାଣିଗ୍ରାହୀ ।
ସ୍ୱାମୀଙ୍କ ନାମ	:	ସ୍ୱର୍ଗତ ଦେବେନ୍ଦ୍ର ଶତପଥୀ ।
ପରିବାର	:	ଦୁଇ ପୁଅ- ୧. ନଚିକେତା ଶତପଥୀ ୨. ତଥାଗତ ସତପଥୀ
ଶିକ୍ଷା	:	ରେଭେନ୍ସା କଲେଜରେ ଓଡ଼ିଆ ଭାଷା ସାହିତ୍ୟରେ ଏମ.ଏ. ।
ଜାଣିଥିବା ଭାଷା	:	ଓଡ଼ିଆ, ଇଂରାଜୀ, ହିନ୍ଦୀ, ବଂଗଳା ।
ମୁଖ୍ୟକର୍ମ	:	ସମାଜ ସେବା ।
ଅନ୍ୟାନ୍ୟ ରୁଚି	:	ପଢ଼ିବା, ଲେଖିବା ଓ ରୋଷେଇ କରିବା ।
ବିଶେଷ ଆଗ୍ରହ	:	ବଗିଚା କାମ ଓ ଭ୍ରମଣ ।
ସ୍ଥାୟୀ ଠିକଣା	:	୧୦୭, ସୂର୍ଯ୍ୟନଗର, ଭୁବନେଶ୍ୱର ।

Digitized by PPRACHIN, SOA

ଫ୍ରେଣ୍ଡସ୍ ପବ୍ଲିଶର୍ସ

ISBN 81-7401-282-6

Digitized by PPRACHIN, SOA